ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୩୦/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 30/2022 Page 16 ₹ 7.00 ★★★★

୪୮ଶ ଭାଗ ୧୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



**ସନ୍ତରଣରେ ଆର୍ମଷ୍ଟ୍ରଙ୍ଗଙ୍କ ବିଶ୍ୱ ରେକର୍ଡ**
ଆମେରିକାର ହଣ୍ଟର ଆର୍ମଷ୍ଟ୍ରଙ୍ଗ୍ ପୁରୁଷ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ବିଶ୍ୱ ରେକର୍ଡ କରିଛନ୍ତି। ୦୮

୦୨ **ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ବିଦାହେବେ**
ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟର ସମାଧାନ ଲାଗି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ପ୍ରଧାନମନ୍ତ୍ରୀ ପଦରୁ ମହିନ୍ଦା ରାଜପାକ୍‌ସେଙ୍କୁ ହଟାଇବା ପାଇଁ ରାଜି ହୋଇଛନ୍ତି।



# ୯ରେ ସମ୍ଭାବ୍ୟ ବାତ୍ୟା

- ୫ରେ ଲଘୁଚାପ
- ଉପକୂଳରେ ପ୍ରବଳ ବର୍ଷା
- ବୌଦ୍ଧରେ ୪୫ ଡିଗ୍ରୀ
- ୧ରୁ ଉପକୂଳରେ କମିବ ତାତି

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଡରାଇବା ଆରମ୍ଭ କଲାଣି। ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖରେ ଆସନ୍ତା ମେ’ ୫ରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଅଧିକ ଘନୀଭୂତ ହୋଇ ଆସନ୍ତା ୯ ତାରିଖ ବେଳକୁ ବାତ୍ୟା ରୂପ ଧାରଣ କରିପାରେ। ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିଲୋମିଟର ହୋଇପାରେ ବୋଲି ଅନୁମାନ କରାଯାଇଛି। ବାତ୍ୟାର ଗତି ଯଦି ଉତ୍ତର ପଶ୍ଚିମ ଦିଗକୁ ରହିବ ତେବେ ତାହା ଗଞ୍ଜାମ କିମ୍ବା ପୁରୀ ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ନଚେତ୍ ବାତ୍ୟା ଆନ୍ଧ୍ର ଉପକୂଳ, ପଶ୍ଚିମବଙ୍ଗର ସୁନ୍ଦରବନ କିମ୍ବା ବାଂଲାଦେଶ ଆଡ଼କୁ ମୁହାଁଇପାରେ ବୋଲି ପୂର୍ବାନୁମାନ କରାଯାଇଛି। ହେଲେ ଉପକୂଳ ଓଡ଼ିଶାରେ ବାତ୍ୟାର ପ୍ରଭାବ ଅନୁଭୂତ ହୋଇପାରେ। ବିଶେଷ କରି ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ତେବେ ସମ୍ଭାବ୍ୟ ବାତ୍ୟାର ରୂପରେଖ କିପରି ହେବ ଓ ଏହା କେଉଁ ଆଡ଼କୁ ଗତି କରିବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଆସନ୍ତା ୨/୩ ଦିନ ମଧ୍ୟରେ ଏ ନେଇ ସୂଚନା ଦିଆଯିବ ବୋଲି କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛି ବର୍ଷ ହେବ ମେ’ ମାସରେ ସୃଷ୍ଟି ହେଉଥିବା ବାତ୍ୟା ଓଡ଼ିଶା ମୁହାଁ ହେଉଛି। ୨୦୧୯ ମେ’ ୩ରେ ଫନୀ ବାତ୍ୟା ପୁରୀ ଉପକୂଳ ଦେଇ ଅତିକ୍ରମ କରିଥିଲା। ଏହାର ବେଗ ୨୦୦ କିଲୋମିଟରକୁ ଟପି ଯାଇଥିଲା। ଏହାଦ୍ୱାରା ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ ଆଦି ଜିଲାରେ ତାଣ୍ଡବ ରଚିଥିଲା। ୧୪ ଜିଲା ଏହା ଦ୍ୱାରା ପ୍ରଭାବିତ ହୋଇଥିଲା। ଏହାପରେ ୨୦୨୦ ମେ’ ୨୦ରେ ଅମ୍ଫନ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିଥିଲା। ଏହାର ପ୍ରଭାବରେ ୧୦ଟି ଜିଲାର ୪୪.୪୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ତେବେ ଚଳିତ ବର୍ଷ ଆଉ ଏକ ବାତ୍ୟା ବଙ୍ଗୋପସାଗରରେ ଦାନା ବାନ୍ଧୁଛି।

ଅନ୍ୟପକ୍ଷରେ ଗତ କିଛିଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୫ ଡିଗ୍ରୀକୁ ଛୁଇଁଲାଣି। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାଜ୍ୟର ସର୍ବାଧିକ ତାପମାତ୍ରା ବୌଦ୍ଧରେ ୪୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଅନ୍ୟ ୨୫ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ୯ ସ୍ଥାନରେ ପାରଦ ୪୩ ଡିଗ୍ରୀ ଏବଂ ୫ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଅନୁଗୋଳରେ ସର୍ବାଧିକ ୪୪.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଦେବଗଡ଼ ୪୪.୬, ତାଳଚେର ୪୪.୫, ବଲାଙ୍ଗୀର ୪୪, ଝାରସୁଗୁଡ଼ା ୪୩.୪, ଟିଟିଲାଗଡ଼ ୪୩.୮, ସୋନପୁର ୪୩.୬, କଟକ ୪୦.୧, ଭୁବନେଶ୍ୱର ୪୦.୨, କେନ୍ଦୁଝର ୪୨, ସମ୍ବଲପୁର ୪୨.୮, ହୀରାକୁଦ ୪୨.୪, ଭବାନୀପାଟଣା ୪୨.୬, ଫୁଲବାଣୀ ୪୧.୬, ରାୟଗଡ଼ା ୪୧,୨, ଭଦ୍ରକ ୪୧, ଯାଜପୁର ୪୧.୨, ଢେଙ୍କାନାଳ ୪୨.୮, ବରଗଡ଼ ୪୨.୫, ନୂଆପଡ଼ା ୪୧.୫, କେନ୍ଦ୍ରାପଡ଼ା ୪୦.୨, ନୟାଗଡ଼ ୪୧.୫ ଏବଂ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ☞ପୃଷ୍ଠା-୪

## ସାରା ଦେଶରେ ଗ୍ରୀଷ୍ମ ଲହରି

- ପ୍ରୟାଗରାଜରେ ୪୭ ଡିଗ୍ରୀ ପାରଦ

ନୂଆଦିଲ୍ଲୀ,୨୯।୪(ପି.ଟି.)

ଭାରତର ବିଭିନ୍ନ ରାଜ୍ୟରେ ଗ୍ରୀଷ୍ମ ଲହର ଜାରି ରହିଛି। ପାଣିପାଗ ବିଭାଗ ପୂର୍ବାନୁମାନ ଅନୁଯାୟୀ ଆଗାମୀ ଦୁଇଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇବା ଆକଳନ କରାଯାଇଛି। ଉତ୍ତରପ୍ରଦେଶର ପ୍ରୟାଗରାଜରେ ଶୁକ୍ରବାର ସର୍ବାଧିକ ତାପମାତ୍ରା ୪୭ ଡିଗ୍ରୀ ରେକର୍ଡ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ଏପ୍ରିଲରେ ଏହା ସର୍ବାଧିକ ତାପମାତ୍ରା ବୋଲି କୁହାଯାଉଛି। ୧୯୯୯ ଏପ୍ରିଲ ୩୦ରେ ସର୍ବାଧିକ ତାପମାତ୍ରା ୪୬.୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା।

ଦିଲ୍ଲୀରେ ଗତ ୧୨ ବର୍ଷ ମଧ୍ୟରେ ଏଥର ଏପ୍ରିଲ ସବୁଠୁ ଉତ୍ତପ୍ତ ଅନୁଭୂତ ହୋଇଛି। ଚଳିତ ମାସରେ ହାରାହାରି ତାପମାତ୍ରା ୪୦.୨ ଡିଗ୍ରୀ ସେଲ୍‌ସିୟସ ରହିଛି, ଯାହା ୨୦୧୦ରୁ ଇତିମଧ୍ୟରେ ସର୍ବାଧିକ। ଦିଲ୍ଲୀର ସଫଦରଜଙ୍ଗରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଛି ଯାହା ସ୍ୱାଭାବିକଠାରୁ ୫ ଡିଗ୍ରୀ ଅଧିକ। ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ହରିୟାଣା, ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଓଡ଼ିଶା, ତେଲଙ୍ଗାନା ଓ ପଶ୍ଚିମବଙ୍ଗରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଜାରି ରହିଛି।

## ପଶ୍ଚିମ ଦ୍ୱାରରେ ଦର୍ଶନ ଆରମ୍ଭ

ପୁରୀ ଅଫିସ,୨୯।୪: ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଦର୍ଶନ ବ୍ୟବସ୍ଥା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସମେତ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଦାରୁଦିଅଁଙ୍କୁ ଦର୍ଶନ କରିଛନ୍ତି। ସେମାନେ ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାର ଦେଇ ବାହାରିଥିଲେ। ପୂର୍ବରୁ କେବଳ ପୁରୀ ସହରବାସୀଙ୍କୁ ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବାର ଅନୁମତି ରହିଥିଲା। ପଶ୍ଚିମଦ୍ୱାର ନିକଟରେ ଭକ୍ତଙ୍କ ପାଇଁ ଶେଡ୍ ନିର୍ମାଣ ସହ ମେଟାଲ୍ ଡିଟେକ୍ଟର ଓ ସାନିଟାଇଜର ବ୍ୟବସ୍ଥା ହୋଇଛି। ଉତ୍ତର ଓ ପୂର୍ବଦ୍ୱାରରେ ପାଦଚଲା ମ୍ୟାଟ୍ ପକାଯାଇଛି। ଜିଲାପାଳ ସମର୍ଥ ବର୍ମା ଏହି ଦର୍ଶନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଆଗାମୀ ରଥଯାତ୍ରା ଓ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।




## ପ୍ରକାଶ ପାଇଲା ଦଶମ ଏକକ ବିଷୟ ପରୀକ୍ଷା ଫଳ

କଟକ ଅଫିସ,୨୯।୪

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ଓଡ଼ିଆ ପ୍ରଥମ ଏକକ ବିଷୟ ଏବଂ ଅଷ୍ଟମ ଶ୍ରେଣୀ ଓଡ଼ିଆ ବିଷୟର ପ୍ରଥମ ଷାଣ୍ମାସିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ମାର୍ଚ୍ଚ ୭ତାରିଖରେ ବୋର୍ଡ ପକ୍ଷରୁ ୨୦ଟି ପରୀକ୍ଷା କେନ୍ଦ୍ରରେ ଦଶମ ଶ୍ରେଣୀ ଏକକ ବିଷୟ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷା ପାଇଁ ୩ ହଜାର ୧୩ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୨୮୯୭ ଜଣ ପରୀକ୍ଷା ଦେଇଥିଲେ। ୧୧୬ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨ହଜାର ୮୨୯ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬୮ଜଣ ଫେଲ୍ ହୋଇଛନ୍ତି। ସେହିପରି ଗତ ମାର୍ଚ୍ଚ ୭ରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଷାଣ୍ମାସିକ ପରୀକ୍ଷା ହୋଇଥିଲା। ମୋଟ ୫୯୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିଲେ। ୫୩୩ ଜଣ ପରୀକ୍ଷା ଦେଇଥିବାବେଳେ ୫୮ଜଣ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୪୯୩ ଜଣ ପାସ୍ କରିଥିବାବେଳେ ୪୦ଜଣ ଫେଲ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**
**ପଦବୀ ପୂରଣ ପଦକ୍ଷେପ**

## ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

- ବଦଳିଲେ କଟକ, ଭୁବନେଶ୍ୱର ଡିସିପି
- ମନୋଜ ଛାବ୍ରା ଜେଲ୍ ଡିଜି
- ସନ୍ତୋଷ ଉପାଧ୍ୟାୟ ଅଗ୍ନିଶମ ଡିଜି

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଭୁବନେଶ୍ୱର, କଟକ ଡିସିପିଙ୍କୁ ବଦଳି କରାଯାଇଛି। ୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ତଥା ଏସ୍‌ଏପି ସ୍ପେଶାଲ ଡିଜିପି ମନୋଜ ଛାବ୍ରାଙ୍କୁ ଜେଲ୍ ବିଭାଗ ଡିଜି ଭାବେ ବଦଳି କରାଯାଇଛି। ସେହିପରି ଜେଲ୍ ଡିଜି ଥିବା ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ସନ୍ତୋଷ ଉପାଧ୍ୟାୟଙ୍କୁ ଅଗ୍ନିଶମ ସେବା ଡିଜି ଭାବେ ବଦଳି କରାଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ଏଡିଜି ଥିବା ୧୯୯୪ ବ୍ୟାଚ୍ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ, ୧୯୯୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ପରିବହନ କମିଶନର ଅରୁଣ ବୋଥ୍ରାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏଡିଜି ଭାବେ ବଦଳି କରାଯାଇଛି। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର ଏସ.କେ. ଈଶ୍ୱରଦାସ ଗଜଭିୟେଙ୍କୁ ଆଇଜିପି କମ୍ୟୁନିକେଶନ୍ ଭାବେ ବଦଳି କରାଯାଇଥିବା ବେଳେ ୨୦୦୩ ବ୍ୟାଚ ଆଇପିଏସ୍ ଅଫିସର ତଥା ହୋମଗାର୍ଡ ଡିଜି ଥିବା ଶଫିନ ଅହମଦଙ୍କୁ ଆଇଜିପି, ଏଚ୍‌ଆରପିସି, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସଙ୍କୁ କମିଶନରେଟ୍ ପୋଲିସର ଅତିରିକ୍ତ ସିପି ଦାୟିତ୍ୱ ଦିଆଯାଇଛି। କଟକ ଡିସିପି ପ୍ରତୀକ ସିଂଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି। ଆଡିଶନାଲ ସିପି ନୀତି ଶେଖରଙ୍କୁ ରାଉରକେଲା ଡବ୍ଲ୍ୟୁଆର ଡିଆଇଜି ଭାବେ ବଦଳି କରାଯାଇଥିବା ବେଳେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି। ନବରଙ୍ଗପୁର ଏସ୍‌ପି ପରମାର ସ୍ମିତ ପାରସୋତ୍ତମଦାସଙ୍କୁ ବରଗଡ଼ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ବରଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ଝାରସୁଗୁଡ଼ା ଏସ୍‌ପି , କଳାହାଣ୍ଡି ଏସ୍‌ପି ଡକ୍ଟର ସର୍ଭଣ ବିବେକଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି । ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି ଏସ. ସୁଶ୍ରୀଙ୍କୁ ନବରଙ୍ଗପୁର ଏସ୍‌ପି, ଏସ୍‌ଟିଏଫ୍ ନାର୍କୋଟିକ ଏସ୍‌ପି ଅଭିଳାଷ ଜିଙ୍କୁ କଳାହାଣ୍ଡି ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଖୋର୍ଦ୍ଧା ଏସ୍‌ପି ଅଲେଖ ପହିଙ୍କୁ ନୟାଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି।






# ପ୍ରେମ ପାଇଁ ୯୭ ଲକ୍ଷ ହଡ଼ପ

- ବାର୍ଷିକ ଅଡିଟ୍‌ରୁ ଧରାପଡ଼ିଲା ହେରଫେର
- ପ୍ରେମିକଙ୍କୁ ଧରିବାକୁ ଝାଡ଼ଖଣ୍ଡ ଯିବ ପୋଲିସ

**ଜେଲ ଗଲେ ଶିକ୍ଷାନୁଷ୍ଠାନର ମହିଳା ଆକାଉଣ୍ଟାଣ୍ଟ**



ପାୟଲ ମହାପାତ୍ର

ଭୁବନେଶ୍ୱର, ୨୯।୪ (ବ୍ୟୁରୋ)

ପ୍ରେମରେ ଅନ୍ଧ ହୋଇ ଏକ ଘରୋଇ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ୯୭ଲକ୍ଷ ଟଙ୍କା ହଡ଼ପ କରିଥିଲେ ମହିଳା ଆକାଉଣ୍ଟାଣ୍ଟ। ଉକ୍ତ ଟଙ୍କାକୁ ପ୍ରେମିକଙ୍କ ପାଖକୁ ପଠାଇ ନିଜ ସ୍ୱପ୍ନକୁ ସାକାର କରିବାକୁ ଚାହିଁ ବସିଥିଲେ। ହେଲେ ଯାହା ପାଇଁ ମାଲିକଙ୍କ ବିଶ୍ୱାସରେ ବିଷ ଦେଇ ଟଙ୍କା ହଡ଼ପ କରିଥିଲେ, ସେ ମଧ୍ୟ ଶେଷରେ ଧୋକାଦେଲେ। ତେବେ ଶିକ୍ଷାନୁଷ୍ଠାନ ପକ୍ଷରୁ ଅଭିଯୋଗ ପରେ ଶେଷରେ ବନ୍ଧା ହୋଇଛନ୍ତି ସମ୍ପୃକ୍ତା ଆକାଉଣ୍ଟାଣ୍ଟ। ସେ ହେଲେ ତମାଣ୍ଡୋ ଅଞ୍ଚଳରେ ଥିବା ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର ଆକାଉଣ୍ଟାଣ୍ଟ କଟକ ଜିଲା ୪୨ମୌଜାର ପାୟଲ ମହାପାତ୍ର (୨୭)। ପୋଲିସ ମାମଲା (ନଂ.୧୧୦/୨୨) ରୁଜୁ କରି ଅଭିଯୁକ୍ତା ପାୟଲଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଟଙ୍କା ନେଇଥିବା ପ୍ରେମିକ ଝାଡ଼ଖଣ୍ଡ ରାଞ୍ଚିର ବିକାଶ କୁମାର ବୋଲି ଜଣାପଡ଼ିଛି। ତାଙ୍କୁ ଗିରଫ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡ ଯିବ ବୋଲି ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ପାୟଲ ସିଭି ରମଣ ବିଶ୍ୱବିଦ୍ୟାଳୟରେ ୨୦୧୭ ଫେବୃୟାରୀରୁ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ତେବେ ୨୦୧୯ରେ ପାସ୍ ଆଉଟ୍ ଛାତ୍ର ବିକାଶ କୁମାରଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ପାୟଲଙ୍କୁ ପ୍ରେମ ଜାଲରେ ଫସାଇଥିଲେ ବିକାଶ। ଉଭୟ ☞ପୃଷ୍ଠା-୪



## ସଂକ୍ଷେପରେ

### କାବୁଲ ମସ୍‌ଜିଦରେ ବିସ୍ଫୋରଣ: ୧୦ ମୃତ

**କାବୁଲ,୨୯।୪:** ଆଫଗାନିସ୍ତାନ ରାଜଧାନୀ କାବୁଲର ଏକ ମସ୍‌ଜିଦରେ ଶୁକ୍ରବାର ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହେବା ସହ ୧୫ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପଶ୍ଚିମ କାବୁଲସ୍ଥିତ ଖଲିଫା ସାହିବ ମସ୍‌ଜିଦରେ ଅପରାହ୍ନ ୨ଟାରେ ନମାଜ ପାଠ ବେଳେ ବିସ୍ଫୋରଣ ଘଟିଥିଲା।

### ଏଲ୍‌ଓସିରେ ମାଇନ୍ ବିସ୍ଫୋରଣ: ୩ ଯବାନ ଆହତ

**ଜମ୍ମୁ,୨୯।୪ (ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଶୁକ୍ରବାର ମାଇନ୍ ବିସ୍ଫୋରଣରେ ଭାରତୀୟ ସେନା ମେଜରଙ୍କ ସମେତ ୩ ଯବାନ ଆହତ ହୋଇଛନ୍ତି। କ୍ରିଷ୍ଣା ଗାଡ଼ି ସେକ୍ଟରରେ ସେନାର ନିୟମିତ ପାଟ୍ରୋଲିଂ ସମୟରେ ମାଇନ ବିସ୍ଫୋରଣ ହୋଇଥିଲା। ଆହତ ମେଜର ଗୁରୁଙ୍ଗ, ନାଏବ ସୁବେଦାର ଦଲବୀର ଏବଂ ହାବିଲଦାର ହୁକୁମଙ୍କୁ ଉଧାମପୁରର କମାଣ୍ଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଭୁଲ୍‌ବଶତଃ ଜଣେ ଯବାନ ମାଇନ ଉପରେ ଗୋଡ଼ ପକାଇଦେବାରୁ ଏହା ବିସ୍ଫୋରଣ ହୋଇଥିଲା ବୋଲି ପୋଲିସ କହିଛି।

### ନାବାଳିକା ବଳାତ୍କାର ହତ୍ୟା ମାମଲାରେ ୨ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ

**ଜୟପୁର,୨୯।୪ :** ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାରେ ରାଜସ୍ଥାନର ବୁନ୍ଦି ଜିଲାର ସ୍ୱତନ୍ତ୍ର ପୋକ୍ସୋ (ଶିଶୁ ଯୌନ ଅପରାଧ ସୁରକ୍ଷା) ଅଦାଲତ ୨ ଅପରାଧୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଏହା ବ୍ୟତୀତ ଉଭୟଙ୍କୁ ୧,୨୦,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଗତବର୍ଷ ଡିସେମ୍ବର ୨୩ରେ ଜିଲାର ବାସୋଲି ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟାଙ୍କୁ ଛୋଟୁଲାଲ୍ (୬୫) ଓ ଜଣେ ନାବାଳକ ଗଣବଳାତ୍କାର କରିବା ପରେ ତଣ୍ଟିଚିପି ହତ୍ୟା କରିଥିଲେ। ଜଙ୍ଗଲରୁ ପୀଡ଼ିତାଙ୍କ ମୃତଦେହ ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୨୨ ସାକ୍ଷୀଙ୍କ ବୟାନ ଏବଂ ୭୯ଟି ପ୍ରମାଣକୁ ଭିତ୍ତି କରି ପୋକ୍ସୋ ଅଦାଲତ ୨ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

### ବିଧାୟକ ଜିଗ୍ନେଶ ମେଭାନିଙ୍କୁ ଜାମିନ

**ଗୁଆହାଟୀ,୨୯।୪ :** ଗୁଜରାଟ ବିଧାୟକ ଜିଗ୍ନେଶ ମେଭାନିଙ୍କୁ ଆସାମର ଏକ ଅଦାଲତ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ଟୁଇଟ୍ ମାମଲାରେ ଜାମିନ ପାଇବାର କିଛି ସମୟ ପରେ ଜଣେ ମହିଳା ପୋଲିସଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗତ ୨୫ ତାରିଖରେ ମେଭାନିଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଲାଗି ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଏହା ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଥିଲେ। ମେଭାନିଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର, ଉପାସନା ସ୍ଥଳରେ ଉତ୍ତେଜନା ସୃଷ୍ଟି କରିବା, ଲୋକଙ୍କୁ ଉତ୍ତେଜନା କରି ଶାନ୍ତି ଭଙ୍ଗ ଉଦ୍ୟମ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି।

### ବି.ଏସ୍. ରାଜୁ ହେବେ ସେନା ଉପମୁଖ୍ୟ



**ନୂଆଦିଲ୍ଲୀ,୨୯।୪:** ସାମରିକ ଅଭିଯାନ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ବି.ଏସ୍. ରାଜୁ ଦେଶର ପରବର୍ତ୍ତୀ ସେନା ଉପମୁଖ୍ୟ (ଭିସିଓଏଏସ୍) ହେବାକୁ ଯାଉଛନ୍ତି। ସେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ପାଣ୍ଡେଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ପାଣ୍ଡେଙ୍କୁ ନୂଆ ସେନାମୁଖ୍ୟ ନିଯୁକ୍ତ କରାଯାଇଛି। ସେନା କମାଣ୍ଡର ନ ଥାଇ ସୈନ୍ୟବାହିନୀର ଉପମୁଖ୍ୟ ହେବା ବିରଳ ଘଟଣା ବୋଲି କୁହାଯାଉଛି।



## ରୁଷିଆର ୟୁକ୍ରେନ୍ ଆକ୍ରମଣ

**୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେବା ପରଠୁ ଏଯାଏ ଅନେକ ନିରୀହଙ୍କ ଜୀବନ ଯାଇଛି। ଏପରି କି ନିଜ ଜୀବନକୁ ବାଜି ଲଗାଇ ଯୁଦ୍ଧର ଘନଘଟାକୁ ଲୋକଲୋଚନକୁ ଆଣୁଥିବା ସାମ୍ବାଦିକ ଓ ଫଟୋଜର୍ନାଲିଷ୍ଟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ରୁଷୀୟ ସୈନ୍ୟଙ୍କ ଗୁଳି, କ୍ଷେପଣାସ୍ତ୍ର ମାଡ଼ରେ ୮ ଖବରଦାତା ଓ ଗଣମାଧ୍ୟମ କର୍ମୀ ନିଜ ଦାୟିତ୍ୱ ତୁଲାଇବାବେଳେ ନିହତ ହୋଇଛନ୍ତି। ଅନେକ ଖବରଦାତା ଏବେ ବି ନିଖୋଜ। ମୃତକଙ୍କ ମଧ୍ୟରେ ଆମେରିକୀୟ ଡକ୍ୟୁମେଣ୍ଟାରିଷ୍ଟ (ବୃତ୍ତଚିତ୍ର ନିର୍ମାତା) ବ୍ରେଣ୍ଟ ରେନାଉଡ୍, ୟୁକ୍ରେନୀୟ ଫଟୋଜର୍ନାଲିଷ୍ଟ ମାକ୍ସ ଲେଭିନ୍, ଲିଥୁଆନିଆର ଫଟୋଜର୍ନାଲିଷ୍ଟ ମଣ୍ଟାସ୍ କେଡାରାଭିସିୟସ୍ ପ୍ରମୁଖ ରହିଛନ୍ତି। ରୁଷିଆ ଆକ୍ରମଣର ସଦ୍ୟ ଶିକାର ହୋଇଛନ୍ତି ୟୁକ୍ରେନ୍‌ର ରେଡିଓ ଲିବର୍ଟି ପାଇଁ କାମ କରୁଥିବା ଭିରା ହିରିଚ୍। ରାଜଧାନୀ କିଭ୍‌ରେ ଗୁରୁବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସାକ୍ଷାତ୍ କରୁଥିବାବେଳେ ରୁଷିଆ ପକ୍ଷରୁ ମାଡ଼ କରାଯାଇଥିବା ରକେଟ ଭିରାଙ୍କ ଘର ଉପରେ ପଡ଼ିଥିଲା।**

# ଗଲାଣି ୮ ଖବରଦାତାଙ୍କ ଜୀବନ



**ଭିରା ହିରିଚ୍:** ଏପ୍ରିଲ ୨୮ରେ ରେଡିଓ ଲିବର୍ଟି ଜର୍ନାଲିଷ୍ଟ ତଥା ପ୍ରଡ୍ୟୁସର ଭିରା ହିରିଚ୍ ରହୁଥିବା କିଭ୍‌ସ୍ଥିତ ନିଜ ଆପାର୍ଟମେଣ୍ଟରେ ଶୋଇବାକୁ ଯାଉଥିବାବେଳେ ରୁଷୀୟ ସୈନ୍ୟ ଆକାଶମାର୍ଗରୁ ରକେଟ୍ ମାଡ଼ କରିଥିଲେ। ଏଥିରେ ୨୫ ମହଲା ବିଶିଷ୍ଟ ଉକ୍ତ ଆପାର୍ଟମେଣ୍ଟର ପ୍ରଥମ ଓ ଦ୍ୱିତୀୟ ମହଲା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଅନ୍ୟ କେତେକ ମହଲା ମଧ୍ୟ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଛି। ଭିରାଙ୍କ ଘରର ଭଗ୍ନାବଶେଷ ତଳୁ ଶୁକ୍ରବାର ତାଙ୍କ ମୃତଦେହ ଠାବ କରାଯାଇଛି। ଫଟୋଜର୍ନାଲିଷ୍ଟ ଓଲେକ୍‌ସାଣ୍ଡର ଡେମ୍‌ଚେଙ୍କୋ ଏନେଇ ନିଜ ଫେସ୍‌ବୁକ୍ ପୋଷ୍ଟରେ ଲେଖିଛନ୍ତି, ରାତିରେ 'ବିଶ୍ୱାସ'କୁ ହତ୍ୟା କରାଯାଇଛି। ୧୯୬୭ରେ ଜନ୍ମିତ ଭିରା ପୂର୍ବରୁ ୟୁକ୍ରେନ୍‌ର ପ୍ରମୁଖ ଟିଭି ଚ୍ୟାନେଲ ଏକ୍ସପ୍ରେସୋ ପାଇଁ କାମ କରୁଥିଲେ। ସେ ୨୦୧୮ରେ ରେଡିଓ ଲିବର୍ଟିରେ ଯୋଗଦେଇଥିଲେ। ରୁଷିଆର ଏହି ଆକ୍ରମଣକୁ ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ନିନ୍ଦା କରିବା ସହ ଭିରାଙ୍କ ନିଧନକୁ ନେଇ ଶୋକ ବ୍ୟକ୍ତ କରିଛି।



**ମଣ୍ଟାସ୍ କେଡାରାଭିସିୟସ୍:** ଲିଥୁଆନିଆର ବୃତ୍ତଚିତ୍ର ପ୍ରଯୋଜକ ମଣ୍ଟାସ୍ ଏପ୍ରିଲ ୨ରେ ମାରିଉପୋଲ ସହର ଛାଡୁଥିବାବେଳେ ଆକ୍ରମଣରେ ଟଳିପଡ଼ିଥିଲେ। ମୃତ୍ୟୁ ବେଳେ ତାଙ୍କ ହାତରେ ଏକ କ୍ୟାମେରା ରହିଥିଲା। ରୁଷୀୟ ସୈନ୍ୟ ତାଙ୍କୁ ଅପହରଣ କରି ହତ୍ୟା କରିଥିଲେ ଏବଂ ମୃତଦେହକୁ ରାସ୍ତା ଉପରେ ଫିଙ୍ଗିଦେଇଥିଲେ ବୋଲି ୟୁକ୍ରେନ୍ ମାନବାଧିକାର ସଂସ୍ଥା ପକ୍ଷରୁ କୁହାଯାଇଛି। ୨୦୧୧ରେ ଚେଚନ୍ୟା ଯୁଦ୍ଧ ଉପରେ ଡକ୍ୟୁମେଣ୍ଟାରି ନିର୍ମାଣ କରି ମଣ୍ଟାସ୍ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପୁରସ୍କାର ପାଇଥିଲେ।



**ମାକ୍ସ ଲେଭିନ୍:** ମିଡିଆ ଆଉଟ୍‌ଲେଟ୍ ଏଲ୍‌ବି.ୟୁଏ ପାଇଁ କାର୍ଯ୍ୟରତ ୟୁକ୍ରେନୀୟ ଫଟୋଜର୍ନାଲିଷ୍ଟ ମାକ୍ସ ଲେଭିନ୍ ମାର୍ଚ୍ଚ ୧୩ରେ ହଠାତ୍ ନିଖୋଜ ହୋଇଯାଇଥିଲେ। ଏପ୍ରିଲ୍ ୧ରେ ତାଙ୍କ ମୃତଦେହ କିଭ୍ ନିକଟସ୍ଥ ହୁଟା-ମେଝିହିର୍‌ସ୍କା ଗ୍ରାମରୁ ମିଳିଥିଲା। ମାକ୍ସ ଏକ ପ୍ରେସ୍ ଜାକେଟ୍ ପିନ୍ଧି ରିପୋର୍ଟିଂ କରୁଥିବାବେଳେ ରୁଷୀୟ ସୈନ୍ୟମାନେ ତାଙ୍କୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିବା ୟୁକ୍ରେନୀୟ ପ୍ରସିକ୍ୟୁଟର ଜେନେରାଲଙ୍କ ଅଫିସ ପକ୍ଷରୁ କୁହାଯାଇଛି। ମାକ୍ସ ଏହା ପୂର୍ବରୁ ବିବିସି, ଆସୋସିଏଟେଡ୍ ପ୍ରେସ୍ ଭଳି ପ୍ରମୁଖ ଗଣମାଧ୍ୟମ ପାଇଁ କାମ କରିଥିଲେ। ତାଙ୍କ ଡକ୍ୟୁମେଣ୍ଟାରି ପ୍ରୋଜେକ୍ଟଗୁଡ଼ିକ ୟୁକ୍ରେନ୍ ଯୁଦ୍ଧ ଉପରେ ପର୍ଯ୍ୟବସିତ ଥିଲା। ତାଙ୍କ ସହ ନିଖୋଜ ହୋଇଯାଇଥିବା ଅନ୍ୟ ଜଣେ ଫଟୋଜର୍ନାଲିଷ୍ଟ ଓଲେକ୍‌ସି ଚେର୍ନିଶୋଭ୍‌ଙ୍କ ପତ୍ତା ଏଯାଏ ମିଳିନାହିଁ।

**ପିଏରେ ଜାକ୍ରଜେଓ୍ୱସ୍କି ଏବଂ ଓଲେକ୍‌ସାଣ୍ଡ୍ରା କୁଭ୍‌ଶିନୋଭା:** ଆୟର୍ଲାଣ୍ଡର ଫଟୋଜର୍ନାଲିଷ୍ଟ ପିଏରେ ଏବଂ ୟୁକ୍ରେନ୍‌ର ମହିଳା ଫ୍ରିଲାନ୍ସର ଓଲେକ୍‌ସାଣ୍ଡ୍ରା ଫକ୍ସ ନ୍ୟୁଜ୍‌ରେ କାର୍ଯ୍ୟରତ ଥିଲେ। ମାର୍ଚ୍ଚ ୧୪ରେ ଉଭୟେ ଏକ ଗାଡ଼ିରେ ହୋରେନ୍‌କାକୁ ଯାଉଥିଲେ। ରୁଷିଆର ଆକ୍ରମଣରେ ସେମାନଙ୍କ କାର୍‌ରେ ନିଆଁ ଲାଗିଯାଇଥିଲା। ଉଭୟେ ପ୍ରାଣ ହରାଇଥିବାବେଳେ ସେମାନଙ୍କ ସହ ଯାଉଥିବା ବ୍ରିଟିଶ୍ ଖବରଦାତା ବେଞ୍ଜାମିନ୍ ହଲ୍ ଆହତ ହୋଇଥିଲେ। ପିଏରେଙ୍କ ଆଫଗାନିସ୍ତାନ ଯୁଦ୍ଧ ଓ ସିରିଆ ଗୃହଯୁଦ୍ଧ ରିପୋର୍ଟିଂ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚପ୍ରଶଂସିତ ହୋଇଥିଲା। ନିଜ ମୃତ୍ୟୁର କିଛି ସମୟ ପୂର୍ବରୁ ପିଏରେ କିଭ୍ ରାସ୍ତାରେ ଏକ ଶିଶୁକୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ।





**ଓକ୍‌ସାନା ବଉଲିନା:** ରୁଷୀୟ ସାମ୍ବାଦିକା ଓକ୍‌ସାନା ବଉଲିନା ଇନ୍‌ସାଇଡର ୱେବ୍‌ସାଇଟ୍ ପାଇଁ ଅନୁସନ୍ଧାନମୂଳକ ରିପୋର୍ଟିଂ କରୁଥିଲେ। ମାର୍ଚ୍ଚ ୨୩ରେ ସେ କିଭ୍‌ର ପୋଡିଲ୍‌ସ୍କି ଜିଲାରେ ଖବର ସଂଗ୍ରହ କରୁଥିବାବେଳେ ନିଜ ଦେଶର ସୈନ୍ୟଙ୍କ ରକେଟ ମାଡ଼ରେ ନିହତ ହୋଇଥିଲେ। ଏକ ଶପିଙ୍ଗ୍ ସେଣ୍ଟର ଉପରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣ ଥିଲା ସେହିଦିନ ତାଙ୍କ ରିପୋର୍ଟିଂର ବିଷୟବସ୍ତୁ। ଏହା ପୂର୍ବରୁ ସେ ଫ୍ୟାଶନ ଏଡିଟର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିରଙ୍କ ଘୋର ବିରୋଧୀ ଭାବେ ଜଣାଶୁଣା ଆଲେକ୍ସି ନଭାଲନିଙ୍କ ଦୁର୍ନୀତି ନିରୋଧୀ ସଙ୍ଗଠନରେ ଓକ୍‌ସାନା ୨୦୧୬ରେ ଆକ୍ଟିଭିଷ୍ଟ ଥିଲେ।



**ବ୍ରେଣ୍ଟ ରେନାଉଡ୍:** ଆମେରିକୀୟ ଡକ୍ୟୁମେଣ୍ଟାରିଷ୍ଟ ତଥା ଜଣାଶୁଣା ସାମ୍ବାଦିକ ବ୍ରେଣ୍ଟ ରେନାଉଡ୍ ପୂର୍ବରୁ ନ୍ୟୁୟର୍କ ଟାଇମ୍ସରେ ନିୟୋଜିତ ଥିଲେ। ଶରଣାର୍ଥୀ ଓ ପ୍ରତ୍ୟର୍ପିତଙ୍କୁ ନେଇ ତାଙ୍କ ଫିଲ୍ମଗୁଡ଼ିକ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଥିପାଇଁ ତାଙ୍କୁ ପିବଡ଼ ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ମାର୍ଚ୍ଚ ୨୩ରେ ବ୍ରେଣ୍ଟ ୟୁକ୍ରେନ୍‌ର ଇରପିନ୍‌ସ୍ଥିତ ଏକ ଚେକ୍‌ପଏଣ୍ଟ ଦେଇ ଯାଉଥିବାବେଳେ ରୁଷୀୟ ସୈନ୍ୟଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ।

**ୟେଭ୍‌ହେନି ସକୁନ୍:** ରୁଷିଆର ଦ୍ୱିତୀୟ ପର୍ଯ୍ୟାୟ ଆକ୍ରମଣ ବେଳେ ଗତ ମାର୍ଚ୍ଚ ୧ରେ ୟୁକ୍ରେନ୍‌ର ଫଟୋଜର୍ନାଲିଷ୍ଟ ୟେଭ୍‌ହେନି ସକୁନ୍‌ଙ୍କ ଜୀବନ ଯାଇଥିଲା। ସକୁନ୍ ହେଉଛନ୍ତି ରୁଷୀୟ ସୈନ୍ୟଙ୍କ ରକେଟ୍ ମାଡ଼ରେ ପ୍ରାଣ ହରାଇଥିବା ପ୍ରଥମ 'ୱାର୍ ଭିକ୍ଟିମ୍ ଜର୍ନାଲିଷ୍ଟ'। ସେ ଲାଇଭ୍ ଚ୍ୟାନେଲ ପାଇଁ କାମ କରୁଥିଲେ। କିଭ୍ ଟିଭି ଟାୱାରକୁ ରୁଷୀୟ ସୈନ୍ୟ ଟାର୍ଗେଟ କରି ଉଡ଼ାଇଦେଇଥିବାବେଳେ ସକୁନ୍ ଏଥିରୁ ବର୍ତ୍ତିପାରି ନ ଥିଲେ। ଏହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା।




## ଖଲିସ୍ତାନ ବିରୋଧୀ ବିକ୍ଷୋଭ ବେଳେ ପଟିଆଲାରେ ଗୋଷ୍ଠୀସଂଘର୍ଷ

**ପଟିଆଲା,୨୯।୪**

### ପୋଲିସର ଫାଙ୍କା ଗୁଳିଚାଳନା

ପଞ୍ଜାବର ପଟିଆଲାରେ ଶୁକ୍ରବାର ଖଲିସ୍ତାନ ବିରୋଧୀ ବିକ୍ଷୋଭ ଶୋଭାଯାତ୍ରା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୨ ଜଣ ଆହତ ହୋଇଛନ୍ତି। ଶିବସେନା ଏବଂ ଖଲିସ୍ତାନୀ ସପକ୍ଷବାଦୀ ଗୋଷ୍ଠୀର ସଦସ୍ୟମାନେ ପରସ୍ପରକୁ ଢେଲାମାଡ଼ କରିବା ସହ ଖଣ୍ଡା ବୁଲାଇଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଫାଙ୍କା ଗୁଳିଚାଳନା କରିଥିଲା। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଘଟଣାକୁ ଦୁର୍ଭାଗ୍ୟଜନକ କହିବା ସହ ରାଜ୍ୟରେ କାହାକୁ ବିଶୃଙ୍ଖଳା ସୃଷ୍ଟି କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। ଏଥିସହିତ ସେ ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ବୈଠକ ଡାକି ସ୍ଥିତି ସମୀକ୍ଷା କରିଛନ୍ତି। ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ପଟିଆଲାରେ କର୍ଫ୍ୟୁ ଜାରି କରାଯାଇଛି।

ଶିବସେନା (ବାଲ୍ ଠାକ୍‌ରେ) ସଂଗଠନ ପକ୍ଷରୁ ଖଲିସ୍ତାନ ବିରୋଧୀ ଶୋଭାଯାତ୍ରା ବାହାରିଥିବାବେଳେ ବହୁସଂଖ୍ୟାରେ ଏହାର ପ୍ରତିବାଦରେ ଶତାଧିକ ଶିଖ୍ କଟ୍ଟରପନ୍ଥୀ ରାସ୍ତାକୁ ଓହ୍ଲାଇଥିଲେ। ପଟିଆଲାର ଆର୍ଯ୍ୟ ସମାଜ ଚୌକ୍‌ରୁ କାଳୀ ଦେବୀ ମନ୍ଦିର ପର୍ଯ୍ୟନ୍ତ ବିଚ୍ଛିନ୍ନତାବାଦ ବିରୋଧୀ ଶୋଭାଯାତ୍ରାରେ ଖଲିସ୍ତାନ ମୁର୍ଦ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା। ପଞ୍ଜାବ କିମ୍ବା ଦେଶର କୌଣସିଠାରେ ଖଲିସ୍ତାନ ହେବାକୁ ଶିବସେନା ଦେବନାହିଁ ବୋଲି ଏହାର କାର୍ଯ୍ୟକାରୀ ସଭାପତି ହରିଶ ସିଙ୍ଗଲା କହିଥିଲେ। ସଂଘର୍ଷ ପରେ ସିଙ୍ଗଲାଙ୍କୁ ପଞ୍ଜାବ ଶାଖା କାର୍ଯ୍ୟକାରୀ ସଭାପତି ପଦରୁ ଶିବସେନା ବହିଷ୍କାର କରିଛି। ସେହିପରି ସଂଘର୍ଷରେ ସମ୍ପୃକ୍ତ ଥିବା କେତେଜଣ କର୍ମୀଙ୍କୁ ମଧ୍ୟ ଦଳ ନିଲମ୍ବନ କରିଛି।

## ଚାଇନା ଫେରିବେ ଭାରତୀୟ ଛାତ୍ରୀଛାତ୍ର

**ବେଜିଂ,୨୯।୪**

### ୨ ବର୍ଷ ପରେ ଭିଜା

କୋଭିଡ୍ ମହାମାରୀ ବେଳେ ଚାଇନାରୁ ପଳାଇଆସିଥିବା ଭାରତୀୟ ଛାତ୍ରୀଛାତ୍ର ଏବେ ସେଠାକୁ ଫେରିବାର ସୁଯୋଗ ପାଇବେ। ଏଥିପାଇଁ ଶୁକ୍ରବାର ବେଜିଂ ଏକ ଯୋଜନା ଘୋଷଣା କରିଛି। ଭିଜା ଓ ବିମାନ କଟକଣା ଯୋଗୁ ଏହି ଛାତ୍ରୀଛାତ୍ର ୨ ବର୍ଷ ହେଲା ଭାରତରେ ଅଟକି ରହିଛନ୍ତି। ଭାରତୀୟ ପିଲାମାନେ ପଢ଼ିବା ପାଇଁ ଭାରତ ଫେରିବା ଉପରେ ଚାଇନା ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସେଠାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଗଣମାଧ୍ୟମକୁ କହିଛନ୍ତି। ସେମାନଙ୍କ ଫେରିବା ଲାଗି କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରକୃତରେ ଯେଉଁମାନେ ଚାଇନା ଫେରିବାକୁ ଚାହୁଁଛନ୍ତି, ଭାରତ ସରକାର ସେମାନଙ୍କ ତାଲିକା ପଠାଇବାକୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବରରେ କରୋନା ମହାମାରୀ ଆରମ୍ଭ ହେବାରୁ ଚାଇନାର ବିଭିନ୍ନ ମେଡିକାଲ କଲେଜରେ ଡାକ୍ତରୀ ପଢୁଥିବା ୨୩,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଘରକୁ ଚାଲିଆସିଥିଲେ। ସଂକ୍ରମଣ ରୋକିବା ଲାଗି ଚାଇନା ସରକାରଙ୍କ କଟକଣା ଯୋଗୁ ସେମାନେ ଏପର୍ଯ୍ୟନ୍ତ ଫେରିପାରି ନାହାନ୍ତି।

## ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ବିଦାହେବେ

**କଲମ୍ବୋ,୨୯।୪**


ମହିନ୍ଦା ରାଜପାକ୍‌ସେ

### ସବୁ ଦଳକୁ ନେଇ ଗଢ଼ାହେବ ଅନ୍ତରୀଣ ସରକାର

ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କାରେ ସୃଷ୍ଟ ରାଜନୈତିକ ଅଚଳାବସ୍ଥାର ସମାଧାନ ଲାଗି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍‌ସେଙ୍କୁ ହଟାଇବା ପାଇଁ ଶୁକ୍ରବାର ରାଜି ହୋଇଛନ୍ତି। ପାର୍ଲାମେଣ୍ଟର ସବୁ ଦଳକୁ ନେଇ ଏକ ଅନ୍ତରୀଣ ସରକାର ଗଠନ କରାଯିବ। ନୂଆ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଚୟନ କରିବା ଲାଗି ଏକ ଜାତୀୟ ପରିଷଦ ଗଢ଼ାଯିବ। ରାଷ୍ଟ୍ରପତିଙ୍କ ସହ ବୈଠକ ପରେ ସାଂସଦ ମୈତ୍ରୀପାଳ ସିରିସେନା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସରକାରୀ ଦଳର ଏମ୍‌ପି ଥିବା ସିରିସେନା ଚଳିତ ମାସରେ ପାଖାପାଖି ୪୦ ଏମ୍‌ପିଙ୍କ ସହ ଦଳ ବଦଳାଇଥିଲେ।

ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଗମ୍ଭୀର ସ୍ଥିତିରେ ପହଞ୍ଚିଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଓ ଆକାଶଛୁଆଁ ଦରଦାମ୍ ବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ରାଷ୍ଟ୍ରପତି ଗୋଟାବାୟା ଓ ପ୍ରଧାନମନ୍ତ୍ରୀ ମହିନ୍ଦାଙ୍କ ସମେତ ରାଜପାକ୍ସେ ପରିବାରର ସମସ୍ତ ସଦସ୍ୟଙ୍କୁ ସରକାରରୁ ବହିଷ୍କାର କରିବା ଲାଗି ଦୁଇମାସ ହେଲା ସେଠାରେ ଆନ୍ଦୋଳନ ଜାରି ରହିଛି। ଅତ୍ୟଧିକ ବିଦେଶୀ ଋଣ ବୋଝ, କ୍ରମାଗତ ଲକ୍‌ଡାଉନ, ଇନ୍ଧନ ଅଭାବ, ବିଦେଶୀ ବିନିମୟ ଭଣ୍ଡାର ହ୍ରାସ ଏବଂ ମୁଦ୍ରା ଅବମୂଲ୍ୟାୟନକୁ ନେଇ ଆର୍ଥିକ ସଙ୍କଟ ଜଟିଳ ହୋଇଛି। ଏଥିପାଇଁ ରାଜପାକ୍‌ସେ ପରିବାରକୁ ଦାୟୀ କରାଯାଇଆସୁଛି। ଉକ୍ତ ପରିବାର ରାଜନୀତି ଛାଡ଼ନ୍ତୁ ବୋଲି ୯୦ ପ୍ରତିଶତ ଶ୍ରୀଲଙ୍କାବାସୀ ଚାହୁଁଥିବା ଏକ ସର୍ଭେରୁ ଜଣାପଡ଼ିଛି।



SMART STORES
Reliance
Presents
5 ଦିନ ତାକ୍ ଧୀନା ଦିନ୍ ସେଲ୍
5 ଡେଜ୍ ଅଫ୍ ମହାସେଭିଂସ୍
30th April - 4th May
ନିକଟତମ ଷ୍ଟୋରକୁ ଯାଆନ୍ତୁ
SMART SUPERSTORE
SMART POINT
କିମ୍ବା JioMart.com ରେ ଅନଲାଇନ୍ ଶପିଂ କରନ୍ତୁ
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ଠାରୁ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹120 ଠାରୁ
ପର୍ଯ୍ୟନ୍ତ 50% ଛାଡ଼
କୋକା କୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ 750 ml
BUY 3 GET 1 FREE
MRP ₹40 ଠାରୁ
ଫର୍ଚ୍ୟୁନ୍ ଏଭରେଡ଼ୀ ବାସମତୀ ରାଇସ୍ 5 kg + ଫର୍ଚ୍ୟୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍ଥ ଅଏଲ୍ 5 ℓ
ଆମ ମୂଲ୍ୟ ₹1249
କମ୍ବାଇନ୍ଡ MRP ₹1890
ସଞ୍ଚୟ ₹641
ଚକି ଅଟା 5 kg
ଆମ ମୂଲ୍ୟ ₹142.50
(₹28.50 /kg)
MRP ₹180
ସଞ୍ଚୟ ₹37.50
ଡଭ୍ / ପେୟର୍ସ / ଫିଆମା 125 g x 4+1 / ସିଂଥଲ୍ ଲାଇମ୍ 150 g x 5 / ଗୋଦରେଜ୍ No 1 150 g x 4 / ଲକ୍ସ 150 g x 3 ଘୁନିଟ୍ ସୋପ୍ (ମଲ୍ଟି ପ୍ୟାକ୍)(ନିର୍ଦ୍ଦିଷ୍ଟ ରେଞ୍ଜ)
BUY ANY 2 GET ANY 1 FREE
MRP ପ୍ରତ୍ୟେକ ର ₹159 ଠାରୁ
ଟାଇଡ୍ ପ୍ଲସ୍ / ସର୍ଫ ଏକ୍ସେଲ ଇଜୀ ୱାଶ୍ 5 kg / ଲିକ୍ୱିଡ୍ 2 ℓ / ଏରିଅଲ୍ ମେଟିକ୍ 4 + 2 kg ଫ୍ରୀ (ଟପ୍/ ଫ୍ରଣ୍ଟ ଲୋଡ୍) (ନିର୍ଦ୍ଦିଷ୍ଟ ରେଞ୍ଜ)
25% ଛାଡ଼
MRP ₹390 ଠାରୁ
ଆମ ମୂଲ୍ୟ ₹293 ଠାରୁ
ଗୋଟା ମସଲା (ସବୁ ରେଞ୍ଜ)
BUY ANY 2 GET ANY 1 FREE
*MRP ଉପରେ
ଅର୍ଗାନିକ୍ ଷ୍ଟାପଲ୍ସ (ସବୁ ରେଞ୍ଜ)
BUY ANY 2 GET ANY 1 FREE
*MRP ଉପରେ
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹349/ ₹389
MRP ₹549 / ₹499
ସଞ୍ଚୟ ₹200 / ₹110
ହରଡ଼ / ତୁର୍ ଡାଲି 2 kg
PULSES
SUPER SAVER
ଆମ ମୂଲ୍ୟ ₹202
(₹101 /kg)
MRP ₹270
ସଞ୍ଚୟ ₹68
ସୁପର ସର୍ବୋତ୍ତମ ରାଇସ୍ ବ୍ରାନ ଅଏଲ 1 ℓ
ଆମ ମୂଲ୍ୟ ₹159
MRP ₹199
ସଞ୍ଚୟ ₹40
ହେରିଟେଜ୍ କାଓ ଘି 1 ℓ
COW GHEE
ଆମ ମୂଲ୍ୟ ₹419
MRP ₹739
ସଞ୍ଚୟ ₹320
ଚିଙ୍ଗସ ସିକ୍ରେଟ୍ / ୟିପୀ / ଟପ୍ ରାମେନ୍ / ସ୍ନାକ୍ୟାକ୍ ନୁଡୁଲ୍ସ 240 g ଠାରୁ (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 50% ଛାଡ଼
MRP ₹60 ଠାରୁ
ପ୍ରଭୁଜୀ ନମକୀନ୍ 350 g ଠାରୁ (ନିର୍ଦ୍ଦିଷ୍ଟ ରେଞ୍ଜ)
BUY 1 GET 1 FREE
MRP ₹130 ଠାରୁ
ଟାଟା ଟି ପ୍ରିମିଅମ୍ ଡଷ୍ଟ ଚା' 500 g
ସଞ୍ଚୟ ₹25
MRP ₹190
ଆମ ମୂଲ୍ୟ ₹165
ବି ନେଚୁରାଲ୍ ଜୁସ୍ 1 ℓ (ନିର୍ଦ୍ଦିଷ୍ଟ ରେଞ୍ଜ) / ସ୍ଲାଇସ୍ 1.75 ℓ
MRP ₹95 ଠାରୁ
ପର୍ଯ୍ୟନ୍ତ 50% ଛାଡ଼
ଡାଏରୀ, ଫ୍ରୋଜନ୍ ଏବଂ ବେକରୀ ପ୍ରଡକ୍ଟସ
ସର୍ବନିମ୍ନ 25% ଛାଡ଼
*MRP ଉପରେ
କ୍ଲୋଜ୍ ଅପ୍ ରେଡ୍ /କୋଲଗେଟ୍ ମ୍ୟାକ୍ସଫ୍ରେଶ /ମେସୱାକ୍ /ପେପ୍ସୋଡେଣ୍ଟ ଟୁଥପେଷ୍ଟ 300 g (ନିର୍ଦ୍ଦିଷ୍ଟ ରେଞ୍ଜ)
BUY ANY 2 GET ANY 1 FREE
MRP ପ୍ରତ୍ୟେକ ର ₹138 ଠାରୁ
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଲୋରିଅଲ୍ / ପ୍ୟାଣ୍ଟିନ୍ / ଟ୍ରେସେମ୍ ଶାମ୍ପୁ 580 ml ଠାରୁ (ନିର୍ଦ୍ଦିଷ୍ଟ ରେଞ୍ଜ)
BUY ANY 1 GET ANY 1 FREE
MRP ₹610 ଠାରୁ
ମେନ୍ସ ଆଣ୍ଡ ଓମେନ୍ସ ଡିଓ 135 ml ଠାରୁ (ନିର୍ଦ୍ଦିଷ୍ଟ ରେଞ୍ଜ)
BUY ANY 1 GET ANY 1 FREE
MRP ₹225 ଠାରୁ
ଅଞ୍ଜଳୀ ପାଓ୍ୱର ଫ୍ରୀ ବ୍ଲେଣ୍ଡର ସ୍ତ୍ରିଙ୍ଗ୍
ଆମ ମୂଲ୍ୟ ₹99
MRP ₹179
ସଞ୍ଚୟ ₹80
ପଲିସେଟ୍ ଷ୍ଟାର୍ କଣ୍ଟେନର ସେଟ୍ ଅଫ୍ 3 (5ℓ, 7ℓ,10ℓ) (ବ୍ଲୁ, ବ୍ରାଉନ, ପିଙ୍କ)
ଆମ ମୂଲ୍ୟ ₹249
MRP ₹499
ସଞ୍ଚୟ ₹250
ଓମେନ୍ସ ଏବଂ ମେନ୍ସ ଟି ଶାର୍ଟସ
ଆମ ମୂଲ୍ୟ ₹149 ଠାରୁ
ବଏଜ୍ ଏବଂ ଗ୍ରାର୍ଲସ ଟି-ଶାର୍ଟସ
ଆମ ମୂଲ୍ୟ ₹129 ଠାରୁ
10% EXTRA CASHBACK*
SBI Debit Card | SBI card
#Min. Trxn: ₹2,500; Max. Cashback: ₹500 per card account.
Validity: 30 Apr - 04 May 2022. T&C Apply.
ଭୁବନେଶ୍ୱର • କଟକ • ଢେଙ୍କାନାଳ • ଭଦ୍ରକ • ଯାଜପୁର ରୋଡ୍ • ସେମିଳିଗୁଡ଼ା • ଅନୁଗୁଳ • ବାଲେଶ୍ୱର • ବାରିପଦା • ବଲାଙ୍ଗୀର • ଝାରସୁଗୁଡ଼ା • ସୁନ୍ଦରଗଡ • ପୁରୀ • ରାୟଗଡ଼ା • ରାଉରକେଲା • ସମ୍ବଲପୁର • ଖୋର୍ଦ୍ଧା • କେନ୍ଦ୍ରାପଡା • ବରଗଡ଼
ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ୍ ଏବଂ ୱାଲେଟ୍ ଅଫର୍ କେବଳ ସ୍ମାର୍ଟ ସୁପରଷ୍ଟୋର, ସ୍ମାର୍ଟ ପଏଣ୍ଟ ବୈଧ ଅଟେ । ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ଉତ୍ପାଦଗୁଡିକର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟରେ ପ୍ରଦର୍ଶିତ ଅଟେ । ସମସ୍ତ ଉତ୍ପାଦର ଏମ୍ଆରପିରେ ସମସ୍ତ ଟ୍ୟାକ୍ସ ସାମିଲ ଅଟେ । ସମସ୍ତ ଅଫର୍ 4 ମଇ 2022 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇ ସ୍ଥିତ କୋର୍ଟର ସ୍ୱତନ୍ତ୍ର ବିଚାର ଅଧିକାର ଅଧୀନ ଅଟେ ।

**ଆଜିର ମନ୍ତବ୍ୟ**

ଦେଶବ୍ୟାପୀ ଶକ୍ତି ସଙ୍କଟ ସୃଷ୍ଟି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଘୃଣାର ବୁଲଡୋଜର' ମଡ଼ାଇବା ବନ୍ଦ କରି ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରନ୍ତୁ।
–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଅଂଶୁମାନ
ପରିବାରବର୍ଗ


ବିଶ୍ୱଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

କୁଆମରା,୨୯।୪(ଡି.ଏନ.ଏ)– ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ଅଧୀନ ସାନବେଲାକୁଟି ଗ୍ରାମର ଜଣେ ପଞ୍ଚମ ଶ୍ରେଣୀ ଛାତ୍ର ଶୁକ୍ରବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶନିବାର ନବୋଦୟ ପରୀକ୍ଷା ଥିବାରୁ ସେ ଘର ପାଖ ଏକ ନିମ୍ବ ଗଛ ମୂଳରେ ପାଠ ପଢୁଥିଲେ। ତେବେ ହଠାତ୍ ଗଛ ଉପରେ ଚଢ଼ିଯାଇ ବେକରେ ରଶି ବାନ୍ଧି ଝୁଲି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ଖାଇବା ପାଇଁ ତାଙ୍କୁ ଡାକିବାକୁ ଯାଇଥିବା ବେଳେ ସେ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୫/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲ ଗଛର ପୋଲ;**
**ଅନ୍ନ କଷ୍ଟରେ ପିଞ୍ଜରା ଦିଶିଲା,**
**ଜର କଲା ବୋଲି ବୋଲ ।**

ଓଲୁଅ ଗଛ କାଣ୍ଡ ପୋଲା। ଉପରଟା ଛାପ ଛାପିକିଆ, ସାପ ପରି ଦିଶୁଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ଖାଇବାକୁ ନ ପାଇ ଉପାସ ରହି ଅସ୍ଥି କଙ୍କାଳମୟ ଦିଶୁଥିବା ବ୍ୟକ୍ତି ସତକଥାକୁ ଲୁଚାଇବା ପାଇଁ ଜ୍ୱରରେ ପଡ଼ି ପିଞ୍ଜରା ହାଡ଼ ସବୁ ଦେଖାଯାଉଥିବାର ମିଛ ବାହାନା କରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଢ଼ଣା ପଡ଼ିଚି ନାକ ସରିକି**
**ତୁଣ୍ଡ ଶୁଭୁଅଛି ଚଉପାଢ଼ିକି ।**

ଲଜ୍ଜା ନାରୀର ଭୂଷଣ। ଶାଶୁଘରେ ନୂଆକରି ପାଦ ଥାପିଥିବା ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଇଥାଏ। ତେବେ କିଛି ବୋହୂ ଅତି ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇଥାନ୍ତି। ଏପରିସ୍ଥଳେ ଉକ୍ତ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦୋଷୀଙ୍କୁ ଆଜୀବନ ଜେଲ୍

■ ଟାଙ୍ଗିଆରେ ହାଣି ୩ ଜଣଙ୍କୁ ହତ୍ୟା ମାମଲା

ବାରିପଦା ଅଫିସ, ୨୯।୪– ମୟୂରଭଞ୍ଜ ଜିଲା କରଞ୍ଜିଆ ଅତିରିକ୍ତ ଜିଲା ଓ ଦୌରା ଜଜ ପ୍ରଶାନ୍ତ କୁମାର ମିଶ୍ର ଶୁକ୍ରବାର ଏକ ଟ୍ରିପଲ୍ ମର୍ଡର ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୨୫ହଜାର ଟଙ୍କା ଜରିମାନା ଓ ଅନାଦାୟ ୪ବର୍ଷ ଅଧିକ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଯଶିପୁର ଥାନା ମହୁଲିଆଶୁଳି ଗ୍ରାମର ରତନ ମୁଣ୍ଡା।

ମାମଲାର ବିବରଣୀ ଅନୁଯାୟୀ, ୨୦୧୩ ମାର୍ଚ୍ଚ ୩୧ ଅପରାହ୍ନରେ ରତନ ମାନସିକ ଭାରସାମ୍ୟ ହରାଇ ନିଜ ପୁଅ ସୁରଜ ମୁଣ୍ଡା ଓ ସମ୍ପର୍କୀୟ ଜୟନ୍ତୀ ମହାନ୍ତ ଏବଂ ବୁଧୁନି ତିରିଆଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଆକ୍ରମଣରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମୁଣ୍ଡା, ଅନ୍ୟତମ ସମ୍ପର୍କୀୟ ଚିତ୍ତ ରଞ୍ଜନ ମହାନ୍ତ, ଶାନ୍ତିଲତା ତାଇସାମ ଓ ଜିତେନ୍ଦ୍ର ତାଇସାମ ମଧ୍ୟ ଗୁରୁତର ହୋଇଥିଲେ। ସେହି ଗ୍ରାମର ରବୀନ ତିରିଆଙ୍କ ଅଭିଯୋଗ କ୍ରମେ ଯଶିପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ସନ୍ତୋଷ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ


ଉଦ୍ଧାର ହୋଇଥିବା ଯୁବକଙ୍କ ମୃତଦେହ।

## ହତ୍ୟା ମାମଲା ରୁଜୁ, ୨ ଗିରଫ

ସମ୍ବଲପୁର, ୨୯।୪(ବ୍ୟୁରୋ)– ସମ୍ବଲପୁର ଜିଲା ବୁର୍ଲାର ପାୱାର ଚ୍ୟାନେଲରୁ କ୍ଷେତରାଜପୁର ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଜବତ କରିଛି। ସେ ହେଲେ ସଦର ଥାନା ବଡସାହିର ସୁବିନ୍ଦ କୁଅଁର (୩୦)। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା (ନଂ.୧୨୧/୨୨) ରୁଜୁ କରିଛି। ତଦନ୍ତ ପରେ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତ ସୁଜିତ ବାଦୀ ଓ ରାଧାକାନ୍ତ ସୁନାଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁସାରେ ସୁବିନ୍ଦଙ୍କ ସେହି ଅଞ୍ଚଳର ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଗତ ୨୬ ତାରିଖରେ ମହିଳା ଜଣଙ୍କ ସୁବିନ୍ଦଙ୍କୁ ଫୋନ କରି ଡାକିଥିଲେ। ଉଭୟ ସମଲେଇ ମନ୍ଦିରରେ ଭେଟ ହେବା ପରେ ଘରକୁ ଫେରିଥିଲେ। ମହିଳାଙ୍କ ପରିବାର ଏହା ଜାଣିବା ପରେ ସୁବିନ୍ଦଙ୍କୁ ମାରପିଟ କରିଥିଲେ। ପ୍ରବଳ ମାଡ଼ ଯୋଗୁ ଗୁରୁତର ହୋଇ ସୁବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତମାନେ ପଥରରେ ହାତଗୋଡ଼ ବାନ୍ଧି ପାୱାର ଚ୍ୟାନେଲରେ ଫିଙ୍ଗି ଦେଇଥିଲେ। ଜେରା ପରେ ଗିରଫ ଦୁଇ ଅଭିଯୁକ୍ତ ଏହାକୁ ସ୍ୱୀକାର କରିଥିଲେ। ଏଣେ ସୁବିନ୍ଦ ଘରକୁ ନ ଫେରିବାରୁ ପରିବାର ବର୍ଗ ଖୋଜାଖୋଜି କରି ପୂର୍ବରୁ ସଦର ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସେମାନେ ହତ୍ୟା କରାଯାଇଥିବା ଜାଣିବା ପରେ ଗୁରୁବାର ରାତିରେ ଥାନା ଘେରାଉ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ହୋଇଯିବାରୁ ପୋଲିସ ଉଦ୍ଧାର କାର୍ଯ୍ୟ କରିପାରି ନ ଥିଲା। ଶୁକ୍ରବାର ସକାଳୁ ପୋଲିସ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ। ତେବେ ପରକୀୟା ପ୍ରୀତି ଯୋଗୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି।

# ପାୱାର ଚ୍ୟାନେଲରେ ଭାସିଯାଇ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ


ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ଛାତ୍ର।

ସମ୍ବଲପୁର,୨୯।୪(ବ୍ୟୁରୋ)–ସମ୍ବଲପୁର ଜିଲା ବୁର୍ଲାର ପାୱାର ଚ୍ୟାନେଲରେ ଭାସିଯାଇ ଶୁକ୍ରବାର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁର୍ଲା ଭିସୁଟର ମେକାନିକାଲ ଇଞ୍ଜିନିୟରିଂ ପଢୁଥିବା ଦ୍ୱିତୀୟ ବର୍ଷ ଛାତ୍ର ତ୍ରିଲୋଚନ ମହାରଣା (୨୩)। ତାଙ୍କ ଘର ଫୁଲବାଣୀ ଜିଲାରେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଅପରାହ୍ନରେ ଭିସୁଟର ୧୮ଜଣ ଛାତ୍ର ଗାଧୋଇବା ପାଇଁ ପାୱାର ଚ୍ୟାନେଲକୁ ଯାଇଥିଲେ। ଗାଧୋଇବା ସମୟରେ ତ୍ରିଲୋଚନ ପାଣି ସୋତ୍ରରେ ଭାସିଯାଇ ଥିଲେ। ଅନ୍ୟ ସାଙ୍ଗମାନେ ଖୋଜାଖୋଜି କରି ନ ପାଇବାରୁ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଭିସୁଟ୍ କୁଳପତି ଡ. ବଂଶୀଧର ମାଝି ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ବହୁ ସମୟ ଖୋଜାଖୋଜି କରି ତ୍ରିଲୋଚନଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଭିମ୍‌ସାର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଭିମ୍‌ସାର ଫ୍ରିଜର୍‌ରେ ରଖାଯାଇ ପରିବାର ବର୍ଗଙ୍କୁ ଖବର ଦିଆଯାଇଛି। ସେମାନେ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ୯ରେ ସମ୍ଭାବ୍ୟ...

ସେଲସିୟସ ରେକର୍ଡ କରାଯାଇଛି। ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧ ତାରିଖରୁ ଉପକୂଳ ଓଡ଼ିଶାରେ ପାଗରେ ପରିବର୍ତ୍ତନ ହେବ। ଉତ୍ତର ଓଡ଼ିଶା ଜିଲା, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି।

### ପ୍ରେମ ପାଇଁ ୯୭ ...

ପରସ୍ପରକୁ ଭଲ ପାଇ ବସିଥିଲେ। ପାଠପଢ଼ା ସରିବା ପରେ ବିକାଶ ଝାଡ଼ଖଣ୍ଡ ଚାଲିଯାଇଥିଲେ ମଧ୍ୟ ପାୟଲଙ୍କ ସହ ସବୁବେଳେ ଯୋଗାଯୋଗରେ ରହୁଥିଲେ। ବାପା ଓ ମା'ଙ୍କ ଦେହ ଖରାପ କହି ବିକାଶ ପ୍ରେମିକା ପାୟଲଙ୍କୁ ବାରମ୍ବାର ଟଙ୍କା ମାଗିଥିଲେ। ପ୍ରେମରେ ଅନ୍ଧ ହୋଇଯାଇଥିବା ପାୟଲ ଟଙ୍କା ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜେ ବିଶ୍ୱବିଦ୍ୟାଳୟର ଟଙ୍କା କାରବାର ଦାୟିତ୍ୱରେ ଥିବାରୁ ତାହାକୁ ହଡ଼ପ କରିବାକୁ ସେ ଚିନ୍ତା କରିଥିଲେ। ତାଙ୍କ କାର୍ଯ୍ୟଥିଲା ଛାତ୍ରୀଛାତ୍ରଙ୍କଠାରୁ ଫି' ସଂଗ୍ରହ କରି ଜେନେରାଲ ମ୍ୟାନେଜରଙ୍କୁ (ଆକାଉଣ୍ଟସ) ଜଣାଇ ଶିକ୍ଷାନୁଷ୍ଠାନ ଆକାଉଣ୍ଟରେ ଜମା କରିବା। କିନ୍ତୁ ସେ ପିଲାଙ୍କ ଟଙ୍କାକୁ ଉକ୍ତ ଆକାଉଣ୍ଟରେ ନ ରଖି ନିଜ ନାମରେ ଥିବା ୟୁନିଅନ ବ୍ୟାଙ୍କ ମହୁରା ଶାଖା ଓ ଆକ୍ସିସ୍ ବ୍ୟାଙ୍କ୍ ବାଦାମବାଡ଼ି ଶାଖା ଆକାଉଣ୍ଟରେ ଜମା କରୁଥିଲେ। ତାହାକୁ ଫୋନ୍ ପେ' ଓ ଇ-ଟ୍ରାଞ୍ଜାକ୍ସନ ମାଧ୍ୟମରେ ପ୍ରେମିକ ବିକାଶ ପାଖକୁ ପଠାଉଥିଲେ। ଅଭିଯୋଗର ୭ଦିନ ପୂର୍ବରୁ ବିଶ୍ୱବିଦ୍ୟାଳୟର ବାର୍ଷିକ ଅଡିଟ୍ ସମୟରେ ଟଙ୍କା ଜମାରେ ହେରଫେର ହୋଇଥିବା ଜଣାପଡିଥିଲା। ଏହାପରେ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଏନେଇ ପଚରାଉଚରା କରିବାରୁ ପାୟଲ ଟଙ୍କା ନେଇଥିବା ମାନିଥିଲେ। ଏନେଇ ବିଶ୍ୱବିଦ୍ୟାଳୟର ଜେନେରାଲ ମ୍ୟାନେଜର (ଆକାଉଣ୍ଟସ) ଫିରୋଦ କୁମାର ଶତପଥୀଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ପାୟଲଙ୍କୁ ତାଙ୍କ ଅଫିସରୁ ଗିରଫ କରିଥିଲା। ପୋଲିସ ପଚରାଉଚୁରାବେଳେ ସେ ବିକାଶଙ୍କ ପାଖକୁ ୯୭ଲକ୍ଷ ଟଙ୍କା ପଠାଇଥିବା କହିଥିଲେ। ଫଳରେ ପୋଲିସ ପାୟଲଙ୍କ ପ୍ରେମିକ ବିକାଶଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିବା ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମାନସିକ ଅଶାନ୍ତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ । ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାକୁ ବଢ଼ାଇଦେବ। ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ**
ଧର୍ମକାର୍ଯ୍ୟ ସକାଶେ ଉତ୍ସାହିତ ରହିବେ। ବିବାଦୀୟ ପରିସ୍ଥିତିରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ଚେଷ୍ଟା କରୁଥିବା କାର୍ଯ୍ୟ ହାସଲ କରିନେବା ସକାଶେ ନୂତନ ଦିଗ ପ୍ରତି ଚିନ୍ତା କରିପାରନ୍ତି।

**କର୍କଟ**
ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବେ ରହିପାରିବେ ନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**
ମନରେ ସାହସ ବାନ୍ଧି କୌଣସି ନୂଆ କାମ ଆରମ୍ଭ କଲେ ଅବଶ୍ୟ ସଫଳତା ପାଇବେ। ବନ୍ଧୁମାନେ ଈର୍ଷାନ୍ୱିତ ହୋଇପାରନ୍ତି। କିନ୍ତୁ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିପାରନ୍ତି। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେବ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିପାରନ୍ତି। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି । ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**
ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ଝଡ଼ ଉଠିପାରେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଏକାଧିକ ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ଆଜି ଅଫିସ୍ କାମର ଜଞ୍ଜାଳ ବଳିଯିବ ଓ ଟେନସନ୍ ମଧ୍ୟ ଲାଗି ରହିବ । ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ।

**ଧନୁ**
ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ୍ୟ ହେବେ । ମନ ଭଲ ନଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ଯାତ୍ରା, ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ବେଶ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର**
ଆଜି ଦିନରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଅବଶ୍ୟ ବହୁତ ଭଲ ହେବ । ବନ୍ଧୁମାନଙ୍କ ସହାୟତାରେ ନିଶ୍ଚିତ ସମସ୍ୟାମୂଳକ ଅସୁବିଧାରୁ ମୁକୁଳିଯାଇ ପାରନ୍ତି । ସାୟାହ୍ନରେ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଆଲୋଚନା, ଗଠନମୂଳକ କାମ,ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ**
ଆଜି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସହକର୍ମୀଙ୍କ ସହାୟତାରେ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବାଣିଜ୍ୟ ଓ ପରିବହନ, ନିର୍ମାଣ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ । ପୂର୍ବ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ତରରେ କଷ୍ଟ ଅନୁଭବ କରିବେ।

**ମୀନ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦର ଆଶଙ୍କା ରହିଛି । ପାରିବାରିକ ସ୍ତରରେ ନିଜ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି । ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। ପ୍ଲଟିଙ୍ଗ କାରବାର,ଜମିଜମା, ଦୂରଯାତ୍ରା,ଆନୁଷ୍ଠାନିକ କାମ ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ।


# classifieds Everyday
0674-2580101, 2549302

real estate

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା -Xavier University (sqft.-250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**Single owner 1500square feet gharabari plot having boundarywall yellowzone sthitiban BDA/BMC, North/ East facing, ward number 4 sale near Audi Showroom service centre, Bhubaneswar. Contact: 8260114933.** D-258

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

2000sqft. ପ୍ଲଟ୍‌8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.-650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

Bhubaneswar Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71982

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

Plot for sale 10,000sqft. near Rasulgarh, Bhubaneswar. 8480204021. D-282

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

2Guntha land emergency sale, 10,00,000/- per Guntha, backside of Tata Showroom, Samantarapur, Bhubaneswar, 40' Gangua Canal road side 1.1km. from main road. Contact: 9937945505. D-73311

Email ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

to-let

**2BHK well located modern flat available for rent Rs.-14,000/- (negotiable) with conditions on GGP Pandra road in Avantika Apartment near Gokul Residency. Contact: 8984692488 during Office hour.** D-71630

Jagamara (Sidhi Vihar), 3BHK (Ground Floor) for rent. Mob: 9437963953. D-257

healthcare

All types body massage with high profile smart Lady room service available. 9142145769. D-71345

Newly open SPA positively health benifit with expert. Contact: 7749976301. D-71980

Newly open SPA positively health benefits expert therapist, kalpana. 7846814019. D-71500

**AFFIDAVIT**

Before Notary Public Berhampur I Bibhuti Prasad Sahu, Aurobindanagar, 1st lane, Berhampur say that my minor daughter's name wrongly mentioned in her Passport Vide No.-M7630011 as Anwesha instead of Anwesha Sahu as per Birth Certificate and Aadhaar Card (631041891738) as actual name. Both Anwesha and Anwesha Sahu one and same person. She shall be use as Anwesha Sahu in future ambiguity. D-28


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୨୩,୯୪,୨୩୫ | ୬୨,୫୭,୧୬୩ | ୪୬,୬୬,୨୨,୧୬୬ |
| ଭାରତ | ୪,୩୦,୭୨,୪୮୬ | ୫,୨୩,୭୫୩ | ୪,୨୫,୩୦,୬୨୨ |
| ଓଡ଼ିଶା | ୧୨,୮୮,୦୩୪ | ୯୧୨୪(+୫୩) | ୧୨,୭୮,୭୮୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ତାଳଚେର ବନ୍ଦ, ଅର୍ଥନୈତିକ ଅବରୋଧ ଚେତାବନୀ

## ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବିରେ ଗଣ ସମାବେଶ

ତାଳଚେର,୨୯।୪(ଡି.ଏନ.ଏ.)

ଆସନ୍ତା ୭ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରା ନ ଗଲେ ମେ ୧୩ ତାରିଖରେ ତାଳଚେରରେ ବନ୍ଦ ପାଳନ କରାଯିବ। ଏଥିସହିତ ଆଗାମୀ ଜୁନ୍ ୧ରୁ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତାଳଚେରବାସୀଙ୍କ ତରଫରୁ ଅନୁଷ୍ଠିତ ଗଣସମାବେଶରେ ଚେତାବନୀ ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ଏମ୍‌ସିଏଲ୍ ପକ୍ଷରୁ ତାଳଚେର ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଦୀର୍ଘ ୪ ବର୍ଷ ତଳୁ ଶେଷ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ କାର୍ଯ୍ୟକ୍ଷମ କରୁନାହାନ୍ତି। ଏ ନେଇ ତାଳଚେରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ମେଡିକାଲ କଲେଜ ସରକାର ଚଳାଇବା ଦାବି ନେଇ ସକାଳୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଲୋକ ଗଣଧାରଣା ଦେଇଥିଲେ। ତାଳଚେର କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ପୂର୍ବତନ ଏମ୍‌ପି ରବିନାରାୟଣ ପାଣି, ପୂର୍ବତନ ବିଧାୟକ ବିଭୁଧେନ୍ଦ୍ର ପ୍ରତାପ ଦାସ, ଜାତୀୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ସସ୍ମିତା ବେହେରା, ଓଡ଼ିଶା କୋଲିୟରିଜ ମଜଦୁର ସଂଘ ସମ୍ପାଦକ ସୌଭାଗ୍ୟ ପ୍ରଧାନ, ତାଳଚେର ଓକିଲ ସଂଘ ସଭାପତି ସନ୍ତୋଷ ସାହୁ, ପ୍ରେସ୍ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବସ୍ ମାଲିକ ସଂଘ ସଭାପତି ଶ୍ରୀକାନ୍ତ ପାଣି, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, କ୍ଷୀରୋଦ ସାହୁ, ମାନସ ଆଚାର୍ଯ୍ୟ, ମନୋଜ ପ୍ରଧାନ, ଧନେଶ୍ୱର ସାହୁ, ମାନସୀ ସ୍ୱାଇଁ, ଜ୍ୟୋତ୍ସ୍ନା ସ୍ୱାଇଁ, ନିଲମ ଲାଲ୍, ଜେମାମଣି ନାଏକ, ଭୁପେନ ଥମ୍ବ, ଶୋଭାଗିନୀ ଦାସ, ସ୍ୱାଧୀନ ଥମ୍ବ, ବାପି ମହାନ୍ତି, ଅର୍ଜୁନ ଭୂତିଆ ପ୍ରମୁଖ ଯୋଗଦେଇ ତାଳଚେର ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଳଚେରରୁ ସରକାର ବାର୍ଷିକ ସହସ୍ରାଧିକ କୋଟି ଟଙ୍କାର ରାଜସ୍ୱ ପାଉଥିବାବେଳେ ସ୍ୱାସ୍ଥ୍ୟସେବା ଦିଗରେ ଅବହେଳା ନ କରି ତୁରନ୍ତ ମେଡିକାଲ କଲେଜ ପରିଚାଳନା ଦାୟିତ୍ୱ ନେବାକୁ ବକ୍ତାମାନେ ଦୃଢ଼ ଦାବି କରିଥିଲେ।



ଗଣସମାବେଶରେ ଉପସ୍ଥିତ ତାଳଚେରବାସୀ।









# ଅଶ୍ଳୀଳ ଫଟୋ ଏଡିଟ୍ କରି ବ୍ଲାକ୍‌ମେଲ୍

**ଫ୍ରେଣ୍ଡ ରିକ୍ୱେଷ୍ଟ ଦେଇ ଫସାଉଥିଲେ ଯୁବକ**

- ୪୫ ନାବାଳିକାଙ୍କୁ ବ୍ଲାକ୍‌ମେଲ୍ ପାଇଁ କରିଥିଲେ ଯୋଜନା
- ଅଭିଯୁକ୍ତଙ୍କୁ ଗିରଫ କଲା ସାଇବର ଥାନା ପୋଲିସ

କଟକ ଅଫିସ, ୨୯।୪

ନାବାଳିକାଙ୍କ ଅଶ୍ଳୀଳ ଫଟୋ ଏଡିଟିଂ କରି ସେମାନଙ୍କୁ ବ୍ଲାକ୍‌ମେଲ୍ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶୁକ୍ରବାର କଟକ ସାଇବର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ନେମାଳ ଅଞ୍ଚଳର ୨୨ବର୍ଷୀୟ ବିଶ୍ୱଜିତ ଭୂୟାଁ। ଅଧିକ ତଥ୍ୟ ହାସଲ ପାଇଁ ତାଙ୍କୁ ପୋଲିସ ପଚରାଉଚରା କରୁଛି। ଏନେଇ ଜଣେ ଛାତ୍ରୀ କଟକ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଥିବା ଡିସିପି ପ୍ରତୀକ ସିଂ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଡିସିପି ସିଂ କହିଛନ୍ତି ଯେ, ଅଭିଯୁକ୍ତ ବିଶ୍ୱଜିତ ସୋସିଆଲ ମିଡିଆ ମାଧ୍ୟମରେ ନାବାଳିକାମାନଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଉଥିଲେ। ସମ୍ପୃକ୍ତ ନାବାଳିକା ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ପରେ ତାଙ୍କ ଆକାଉଣ୍ଟରେ ଥିବା ଫଟୋଗୁଡ଼ିକୁ ଡାଉନଲୋଡ୍ କରି ଏଡିଟିଂ ଜରିଆରେ ସେଗୁଡ଼ିକୁ ଅଶ୍ଳୀଳ ଫଟୋ ରୂପଦେଇ ଏକ ଫେକ ଆକାଉଣ୍ଟରୁ ସମ୍ପୃକ୍ତ ନାବାଳିକାଙ୍କୁ ପଠାଉଥିଲେ। ପରେ ସେ ନାବାଳିକାଙ୍କୁ ଫେକ୍ ଆକାଉଣ୍ଟରୁ ଭିଡିଓ କଲ ଗ୍ରହଣ କରିବା ପାଇଁ ମେସେଜ କରୁଥିଲେ। ଭିଡିଓ କଲ୍ ବେଳେ ନାବାଳିକାଙ୍କ ଭିଡିଓ ରେକର୍ଡିଂ କରି ବ୍ଲାକମେଲ୍ କରୁଥିଲେ। ଏହିଭଳି ପ୍ରାୟ ୪୫ଜଣ ନାବାଳିକାଙ୍କୁ ବ୍ଲାକମେଲ୍ କରିବା ପାଇଁ ଅଭିଯୁକ୍ତ ମାଷ୍ଟର ପ୍ଲାନ କରିଥିବାବେଳେ ବରିଷ୍ଠ ନାଗରିକ ମଧ୍ୟ ଏହି ଜାଲରୁ ବାଦ୍ ପଡ଼ିନାହାନ୍ତି ବୋଲି ଡିସିପି ସୂଚନା ଦେଇଛନ୍ତି। ଏଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏନେଇ ସତର୍କ ରହିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ନିଜର ଫଲୋର୍ସ ବଢାଇବା ପାଇଁ ଅଜଣା ଲୋକଙ୍କୁ ବନ୍ଧୁତା ନିବେଦନ ନ ପଠାଇବା ସହ ଅଜଣା ଲୋକଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
A sales executive is required urgently for a Dairy Industry in Bhubaneswar.
Contact: 9620086184

Ashirvad Panchakarma Herbal Spa
WANTED THERAPIST (FEMALE)
Keshari Mall, Bhubaneswar
CALL : 8260479492

See Career Appointment on every Wednesday & Saturday

OrissaPOST English daily
WANTED
SENIOR SUB-EDITORS:-
- Applicants must have atleast 3 years editorial experience and proficiency in QuarkXPress. Responsibilities will include copy editing, rewriting stories, fact-checking, prioritising news and writing engaging headlines.

REPORTERS:-
- Minimum 3 years' reporting experience in English media.

Location: BHUBANESWAR
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.


# ହ୍ୱାଟ୍ସଆପ୍ ଡିପିରେ ଜିଲାପାଳଙ୍କ ଫଟୋ ରଖି ମାଗୁଛନ୍ତି ଟଙ୍କା

**ସଚେତନ କରାଇଲା ଜିଲା ପ୍ରଶାସନ**

ଭଦ୍ରକ ଅଫିସ, ୨୯।୪

ଭଦ୍ରକ ଜିଲାପାଳଙ୍କ ଫଟୋକୁ କେହି ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍ ଡିପିରେ ରଖି ଟଙ୍କା ସାହାଯ୍ୟ ମାଗୁଛନ୍ତି। ଏହା ନଜରକୁ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଟୁଇଟର ମାଧ୍ୟମରେ ଫେକ୍ ହ୍ୱାଟ୍ସଆପ୍ ନମ୍ବର ବୋଲି ସଚେତନ କରାଯାଇଛି। ୮୪୦୦୭୫୪୨୨୧ ଏହି ନମ୍ବରରେ ଉକ୍ତ ବ୍ୟକ୍ତି କେତେକ ଲୋକଙ୍କୁ ମେସେଜ କରି ଟଙ୍କା ସାହାଯ୍ୟ ମାଗୁଥିବାର ଚାଟିଂ ଜିଲା ପ୍ରଶାସନ ଟୁଇଟରରେ ଉଲ୍ଲେଖ କରିଛି। ଏପରି ମେସେଜରେ ପ୍ରଭାବିତ ହୋଇ କେହି ଉକ୍ତ ବ୍ୟକ୍ତିଙ୍କୁ ଟଙ୍କା ନ ଦେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏନେଇ ଜିଲାପାଳ ତ୍ରିଲୋଚନ ମାଝି ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

# ଏବେଠୁ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

**କୋଭିଡ୍ ନିୟମ ମାନିବାକୁ ଅନୁରୋଧ**



ଭୁବନେଶ୍ୱର, ୨୯।୪(ବ୍ୟୁରୋ)

ଦିଲ୍ଲୀରେ କରୋନା ସଂକ୍ରମଣ ବଢୁଥିବାରୁ ଆଗକୁ ଓଡ଼ିଶାରେ ବି ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ଏଥିରେ କେହି ଭୟଭୀତ ନ ହେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ସେ କହିଛନ୍ତି, ଏବେ ଆମେ ପାଣ୍ଡେମେସିଟିରୁ ଏଣ୍ଡେମେସିଟି ଆଡ଼କୁ ଯାଉଛେ। ଏହା ଭିତରେ ଏମିତି ଗୋଟେ ଗୋଟେ ସ୍ପାଇକ୍ ଆସିବ, ସେଥିପାଇଁ ଆତଙ୍କିତ ହେବାର ନାହିଁ। ଏ ଭାଇରସ କୁଆଡ଼େ ଯିବନି, କିନ୍ତୁ ତା'ର ରୋଗ କରିବା କ୍ଷମତା କମିଯିବ। ଯଦି ସଂଖ୍ୟା ବଢ଼ିବ, ତେବେ ଏହାର ମୁକାବିଲା ପାଇଁ ଆମକୁ ବିଶେଷ ଅସୁବିଧା ହେବନି। କାରଣ ଆମର ଅଭିଜ୍ଞତା ଅଛି, ଭିତ୍ତିଭୂମି ଅଛି ଓ ଔଷଧ ମଧ୍ୟ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏବେ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ହେଉଛି, ଏଭିଡେନ୍ସ ବେସ୍‌ଡ ଡିସିଶନ ମେକିଙ୍ଗ୍। ଅର୍ଥାତ୍ ଯେଉଁଠି ବଢୁଛି, ସେଇଠି ପଦକ୍ଷେପ ନିଅ। ତେଣୁ ସେହି ଆଧାରରେ ପଦକ୍ଷେପ ନିଆଯିବ। ଏବେ ରାଜ୍ୟର ଦୈନିକ ସଂକ୍ରମଣ ୧୫ ତଳେ ରହିଛି। ମାତ୍ର ୫-୬ଟି ଜିଲାରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସେହିଭଳି ସକ୍ରିୟ ସଂଖ୍ୟା ୧୦୦ ତଳେ ରହିଛି। ଡାକ୍ତରଖାନାରେ କୌଣସି ରୋଗୀ ନାହାନ୍ତି। ଯଦି ସଂଖ୍ୟା ବଢ଼ିବ, ତା' ପାଇଁ ପ୍ରସ୍ତୁତି ଅଛି। ତୁରନ୍ତ ବନ୍ଦୋବସ୍ତ ହୋଇପାରିବ। ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସେମାନେ କଣ୍ଟିନଜେନ୍ସି ପ୍ଲାନ କରି ପ୍ରସ୍ତୁତ ରହିବେ। ଯେଉଁ ଅଞ୍ଚଳରେ ବଢ଼ିବ, ତାକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଅଧିକ ବଢ଼ିବ, ରାଜ୍ୟସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଲୋକମାନଙ୍କୁ ଅନୁରୋଧ କୋଭିଡ୍ ନିୟମ ମାନନ୍ତୁ, ମାସ୍କ ପିନ୍ଧନ୍ତୁ ଏବଂ ସାମାଜିକ ଦୂରତା ରଖନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ମିଶ୍ର ଅନୁରୋଧ କରିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ମୃତ, ୫ ଆହତ

**କେନ୍ଦୁପତ୍ର ବିକ୍ରିକରି ଫେରୁଥିବା ବେଳେ ଦୁର୍ଘଟଣା**

କାଲିମେଲା, ୨୯।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଭେଜାଙ୍ଗିୱାଡା ଓ ବଦଲିଗୁଡା ଗ୍ରାମ ମଧ୍ୟରେ ଶୁକ୍ରବାର ଅପରାହ୍ନ ୧ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟିପଡିଛି। ଫଳରେ ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଏମ୍‌ପିଭି-୨୯ ଗ୍ରାମର ଶ୍ୟାମାପଦ ବୈଦ୍ୟଙ୍କ ପୁଅ ସେନାଶିଷ ବୈଦ୍ୟ (୨୦) ଏବଂ ବ୍ରଜେନ ଢାଲିଙ୍କ ପୁଅ କିଶୋର ଢାଲି (୨୫)। ଏଥିରେ ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କିଶୋର ଢାଲି, ସେନାଶିଷ ବୈଦ୍ୟ, ବିଷ୍ଣୁ ମଣ୍ଡଳ, ଆନିବେସ ଶର୍କରା ଓ ଅନୁପ ମିସ୍ତ୍ରି ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ଜଣ ନାବାଳକ ରହିଛନ୍ତି।

ଖବରରୁ ଜଣାପଡିଛି, କାଲିମେଲା ଥାନା ଭେଙ୍କଟପାଲମ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି-୨୯ ଗ୍ରାମରୁ ୭ ଜଣ ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଭେଜାଙ୍ଗିୱାଡା ପଞ୍ଚାୟତ ବଦଲିଗୁଡା ନିକଟକୁ କେନ୍ଦୁପତ୍ର ବିକ୍ରି କରିବାକୁ ଯାଇଥିଲେ। ସେଠାରୁ ବିକ୍ରି ସାରି ଗ୍ରାମକୁ ଫେରୁଥିବା ସମୟରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଆନିମେସଙ୍କ ବ୍ୟତୀତ ଅନ୍ୟ ୪ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌ଟି ଏମ୍‌ପିଭି- ୨୯ ଗ୍ରାମର କମଲ ମଣ୍ଡଳଙ୍କର ବୋଲି ଜଣାପଡିଛି। କାଲିମେଲା ପୋଲିସ ଗାଡି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।


**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ**
**ସ୍ୱାସ୍ଥ୍ୟ ଗବେଷଣା ବିଭାଗ**
**ଭାରତ ସରକାର**

**ମହାନିର୍ଦ୍ଦେଶକ, ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ (ଆଇସିଏମ୍ଆର୍)-ତଥା-ସଚିବ, ସ୍ୱାସ୍ଥ୍ୟ ଗବେଷଣା ବିଭାଗ ପଦବୀ ନିମନ୍ତେ ଦରଖାସ୍ତ/ନାମାଙ୍କନ ଆହ୍ୱାନ**

ସ୍ୱାସ୍ଥ୍ୟ ଗବେଷଣା ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ଆୟୁର୍ବିଜ୍ଞାନ/ଜୀବବିଜ୍ଞାନ ସ୍ୱାସ୍ଥ୍ୟ ଗବେଷଣା ଏବଂ ତାହାର ପ୍ରଶାସନରେ ପ୍ରମାଣିତ ଟ୍ରାକ୍ ରେକର୍ଡଧାରୀ ଭାରତୀୟ ଆୟୁର୍ବିଜ୍ଞାନୀଙ୍କଠାରୁ ଉପରୋକ୍ତ ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛି ।

୨. ସ୍ୱାସ୍ଥ୍ୟ ଗବେଷଣା ବିଭାଗ (ଡିଏଚ୍ଆର୍) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ବିଭାଗ ଅଟେ । ଡିଏଚ୍ଆର୍‌ର ବିଭିନ୍ନ ଗତିବିଧି ମଧ୍ୟରେ ଗବେଷଣା ପରିଚାଳନାର ଅଗ୍ରଣୀ କ୍ଷେତ୍ରରେ ଭିତ୍ତିଭୂମି, ଲୋକବଳ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ନିଦାନୀୟ ପରୀକ୍ଷଣ ଏବଂ ପରିଚାଳନାଗତ ଗବେଷଣା ସମେତ ମୌଳିକ, ପ୍ରାୟୋଗିକ ଏବଂ ନିଦାନୀୟ ଗବେଷଣାର ପ୍ରସାର ଓ ସମନ୍ୱୟ ଅନ୍ତର୍ଭୁକ୍ତ । ଏହା ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ ଏବଂ ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କ୍ଷେତ୍ରରେ ସରକାରୀ-ଘରୋଇ ଭାଗୀଦାରିତାର ପ୍ରସାର ତଥା ଗବେଷଣାରେ ପ୍ରଶିକ୍ଷଣ ଓ ଅନ୍ତର୍ଜାତୀୟ ସହଯୋଗ ସହିତ ଆୟୁର୍ବିଜ୍ଞାନ ଓ ସ୍ୱାସ୍ଥ୍ୟ ଗବେଷଣାରେ ନୈତିକ ପ୍ରସଙ୍ଗ ଉପରେ ମଧ୍ୟ ଧ୍ୟାନ ଦେଇଥାଏ । ରୋଗ ପ୍ରକୋପର ତଦନ୍ତ ଓ ତାହାର ପ୍ରତିରୋଧ ପାଇଁ ସାଧନ ବିକାଶ କରିବା ମଧ୍ୟ ଡିଏଚ୍ଆର୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଗତିବିଧି ଅଟେ । ଡିଏଚ୍ଆର୍ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଙ୍ଗଠନ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ (ଆଇସିଏମ୍ଆର୍) ସଂକ୍ରାମକ ତଥା ଅଣ-ସଂକ୍ରାମକ ରୋଗ ଏବଂ ମୌଳିକ ଆୟୁର୍ବିଜ୍ଞାନ କ୍ଷେତ୍ରରେ ଆଭ୍ୟନ୍ତରୀଣ ତଥା ବାହ୍ୟ ଗବେଷଣାକୁ ପ୍ରସାର ଓ ସହଯୋଗ ପ୍ରଦାନ କରିଥାଏ । ଭାରତର ବିଭିନ୍ନ ସ୍ଥାନରେ ଆଇସିଏମ୍ଆର୍‌ର ୨୭ଟି ଅନୁଷ୍ଠାନ ରହିଛି ।

ପଦବୀର ଆବଶ୍ୟକତା ନିମ୍ନ ଅନୁଯାୟୀ ଅଟେ:

କ. **ଅତ୍ୟାବଶ୍ୟକ ଯୋଗ୍ୟତା:** ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଏବଂ ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ/ଜାତୀୟ ଆୟୁର୍ବିଜ୍ଞାନ କମିଶନ ଦ୍ୱାରା ଅନୁମୋଦିତ ଏମ୍‌ବିବିଏସ୍, ଏମ୍‌ଡି କିମ୍ବା ତତ୍ତୁଲ୍ୟ ଯୋଗ୍ୟତା ସହିତ ୧୫ ବର୍ଷର ଗବେଷଣା/ଶିକ୍ଷାଗତ/ ନିଦାନୀୟ ଅଭିଜ୍ଞତା ସମେତ ଉପରୋକ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ବୈଜ୍ଞାନିକ ସଫଳତା ଏବଂ ସ୍ୱଭାବଧାରୀ ।

ଖ. **ବାଞ୍ଛନୀୟ ଯୋଗ୍ୟତା:** (i) ଏକ ପ୍ରତିଷ୍ଠିତ ଆୟୁର୍ବିଜ୍ଞାନ ଗବେଷଣା ଅନୁଷ୍ଠାନର ନେତୃତ୍ୱ ନେବାର ଅଭିଜ୍ଞତା ଏବଂ ଆୟୁର୍ବିଜ୍ଞାନ ଗବେଷଣା କ୍ଷେତ୍ରରେ ବିଶାଳ, ବିବିଧ ଏବଂ ବହୁମୁଖୀ ଗତିବିଧିର ଯୋଜନା ପ୍ରସ୍ତୁତ କରିବା, ଦିଗ୍‌ଦର୍ଶନ ଦେବା ଏବଂ କାର୍ଯ୍ୟାନ୍ୱିତ କରିବା କ୍ଷେତ୍ରରେ ପରିଚାଳନାଗତ/ପ୍ରଶାସନିକ ସାମର୍ଥ୍ୟ ପ୍ରଦର୍ଶନ କରିଥିବେ; (ii) ଖ୍ୟାତନାମା ଜାତୀୟ ଏବଂ ଅନ୍ତର୍ଜାତୀୟ ଜର୍ନାଲ୍‌ରେ ଆୟୁର୍ବିଜ୍ଞାନ/ଜୀବବିଜ୍ଞାନ ସ୍ୱାସ୍ଥ୍ୟ ଗବେଷଣାରେ ଲେଖା ପ୍ରକାଶନର ପ୍ରମାଣିତ ରେକର୍ଡ; (iii) ଆୟୁର୍ବିଜ୍ଞାନ ଗବେଷଣାରେ ବଡ଼ ପ୍ରକଳ୍ପଗୁଡ଼ିକର ବୁଝାଶୁଝା ସମ୍ବନ୍ଧୀୟ ବହୁକୈନ୍ଦ୍ରିକ/ବୈଷୟିକ ଗବେଷଣା କାର୍ଯ୍ୟରେ ସମ୍ପୃକ୍ତି; ଏବଂ (iv) ନିୟାମକ ପ୍ରସଙ୍ଗ ଏବଂ ଅନ୍ତର୍ଜାତୀୟ ସହବନ୍ଧନରେ ଅଭିଜ୍ଞତା ।

ଗ. **ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ:** ବିଜ୍ଞାପନ ପ୍ରକାଶନ ତାରିଖରୁ ୨୧ ଦିନ ମଧ୍ୟରେ ।

ଘ. **ଦରଖାସ୍ତ ପ୍ରାପ୍ତିର ଠିକଣା:** ପ୍ରାର୍ଥୀମାନେ ନିମ୍ନଲିଖିତ ଠିକଣାରେ ସାଦା କାଗଜରେ ଦରଖାସ୍ତ ସହିତ ସବିଶେଷ ସି.ଭି. ବିବରଣୀ ପଠାଇପାରିବେ:
ଶ୍ରୀମତୀ ଗୀତା ନାରାୟଣ, ଯୁଗ୍ମ ସଚିବ, ସ୍ୱାସ୍ଥ୍ୟ ଗବେଷଣା ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ୨ୟ ମହଲା, ଇଣ୍ଡିଆନ୍ ରେଡ୍ କ୍ରସ୍ ସୋସାଇଟି ବିଲ୍ଡିଂ, ରେଡ୍ କ୍ରସ୍ ରୋଡ୍, ନୂଆଦିଲ୍ଲୀ-୧୧୦୦୦୧ ।
ଦରଖାସ୍ତ ଏହି ଇମେଲ୍ ଆଇଡିରେ ମଧ୍ୟ ପଠାଯାଇପାରିବ – **geetan@nic.in**

ଙ. **ବେତନ ଓ ପାରିଶ୍ରମିକ:** ସ୍ତର-୧୭ (ଟ.୨,୨୫,୦୦୦/- ସ୍ଥିର) + ଏନ୍‌ପିଏ ଏବଂ ଅନ୍ୟାନ୍ୟ ଅନୁମତିଯୋଗ୍ୟ ଭତ୍ତା ।

davp 17301/11/0004/2223

CENTRAL WAREHOUSING CORPORATION
(A Govt. of India Undertaking)
4/1, Siri Institutional Area,
August Kranti Marg, Hauz Khas, New Delhi-110016
Website: www.cewacor.nic.in, www.cwccareers.in
Warehousing for Everyone

ଶେଷ ତାରିଖ: ୨୪ ମେ ୨୦୨୨

**ବିଜ୍ଞାପନ ନଂ. ସିଡବ୍ଲ୍ୟୁସି/୧-ମ୍ୟାନ୍‌ପାୱାର/ଡିଆର୍/ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର/ଆର୍‌ଇସିଟିଟି/୨୦୨୨/୦୧**

କେନ୍ଦ୍ରୀୟ ପଣ୍ୟାଗାର ନିଗମ, ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ ଅନୁସୂଚୀ-କ, ମିନି ରତ୍ନ, ବର୍ଗ-I, କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ଯାହା କୃଷିଗତ ଇନ୍‌ପୁଟ୍, ଫସଲ ଏବଂ ଅନ୍ୟାନ୍ୟ ଅଧିସୂଚିତ ଦ୍ରବ୍ୟ ପାଇଁ ବୈଜ୍ଞାନିକ ଭଣ୍ଡାର ସୁବିଧା ଯୋଗାଇବା ସମେତ ସିଏଫ୍ଏସ୍/ଆଇସିଡି, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେଶନ, ଏୟାର୍ କାର୍ଗୋ କମ୍ପ୍ଲେକ୍ସ ଇତ୍ୟାଦିକୁ ଆମଦାନୀ-ରପ୍ତାନି କାର୍ଗୋ ପାଇଁ ଲଜିଷ୍ଟିକ୍ସ ଭିତ୍ତିଭୂମି ଯୋଗାଇଥାଏ, ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:-

| ପଦବୀ କୋଡ୍ | ପଦବୀର ନାମ | ଖାଲି ପଦବୀ ସଂଖ୍ୟା |
|---|---|---|
| ୦୧ | ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର | ୨ |

ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା, ମନୋନୟନ ପ୍ରକ୍ରିୟା ଇତ୍ୟାଦି ସମେତ ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ସବିଶେଷ ସୂଚନା ପାଇଁ ଦୟାକରି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ (www.cewacor.nic.in/www.cwccareers.in) ପରିଦର୍ଶନ କରନ୍ତୁ । ସିଡବ୍ଲ୍ୟୁସିର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ସବିଶେଷ ବିଜ୍ଞାପନରେ ସମ୍ବଳିତ ଅନୁଦେଶ ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଲିଙ୍କ୍: https://cwceportal.com/resultsportal ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିବାକୁ ହେବ ।

WANTED
ଧରିତ୍ରୀ DHARITRI Oriya daily
is looking for
HR EXECUTIVE
- MBA Graduates having 2-3 years+ experience in HR & Administration.
- Responsibilities will include:
  - Recruitment, screening, compiling & conducting joining formalities.
  - Well versed with sourcing & job posting on popular job portals & social networking sites.
  - Coordinating/ scheduling interviews & following upon the process status.
  - Administrative duties such as updating employee records and other official registers / documents.
  - Should have excellent verbal / written communication & interpersonal skills.
  - Should be flexible for working hours based on the need.
  - Good analytical skills with grasp on MS Office (Word, Excel, PPT) is a must.

Apply immediately to : recruitment@dharitri.com
Attractive salary commensurate with experience

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ– ପବନରେ ଉଡ଼ିଯାଉଥିବା ପତ୍ରଟିଏ। **–ଶ୍ରୀଅରବିନ୍ଦ**

# ପଦବୀ ପୂରଣ ପଦକ୍ଷେପ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନିକଟରେ ପଦୋନ୍ନତି ଓ କ୍ୟାରିୟର ଭବିଷ୍ୟତକୁ ନେଇ ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ (ସିଏସ୍ଏସ୍) ଅଧିକାରୀମାନେ କରିଥିବା ଆନ୍ଦୋଳନ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ନେବାକୁ ପ୍ରେରିତ କରିଛି। ଏହି ପଦକ୍ଷେପ କଥା ଶୀର୍ଷ ସ୍ତରରୁ ହିଁ ଉଠିଛି। ସମ୍ଭବତଃ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କେନ୍ଦ୍ର ସଚିବମାନଙ୍କ ସହ ଆଲୋଚନା ସମୟରେ ଏହା ଆରମ୍ଭ ହୋଇଛି। ଉକ୍ତ ଆଲୋଚନାରେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ବୃଦ୍ଧି ପାଉଥିବା ଖାଲି ପଦବୀ ସଂଖ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ମଧ୍ୟ ଚିନ୍ତାପ୍ରକଟ କରିଥିଲେ। ଜଣାପଡ଼ିଛି ଯେ, କ୍ୟାବିନେଟ୍ ସଚିବ ରାଜୀବ ଗୌବା ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ମୁଖ୍ୟଙ୍କୁ ଏ ସମ୍ପର୍କରେ ଚିଠି ପଠାଇଛନ୍ତି। ନିର୍ଦ୍ଧାରିତ ପଦବୀଗୁଡ଼ିକ ମଧ୍ୟରୁ ଖାଲି ରହିଥିବା ପଦବୀସବୁକୁ ପୂରଣ କରିବା ପାଇଁ ସେଥିରେ ସେ ନିର୍ଦ୍ଦେଶ ଦେଇଛନ୍ତି। ଏବେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ଅନେକ ଶହ ପଦବୀ ଖାଲିପଡ଼ିଛି, ଯାହା ସରକାରଙ୍କ କାର୍ଯ୍ୟଦକ୍ଷତାରେ ବାଧା ସୃଷ୍ଟିକରୁଛି। ବିଶେଷକରି ସିଏସ୍ଏସ୍ ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାଂଶ ପଦବୀ ଖାଲି ରହିଛି। ଏହି ସବୁପଦବୀରେ ନିଯୁକ୍ତି ନ ହେବା ଯୋଗୁ ଏବେ କାର୍ଯ୍ୟରତ ସିଏସ୍ଏସ୍ ଅଧିକାରୀମାନଙ୍କୁ ଦୁଇଗୁଣ କାମ କରିବାକୁ ପଡୁଛି । କିଛି ସପ୍ତାହ ପୂର୍ବରୁ ସିଏସ୍ଏସ୍ ଅଧିକାରୀମାନଙ୍କ ପ୍ରତିନିଧିମାନେ ପର୍ସୋନେଲ ଏବଂ ପିଏମ୍ଓ ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରି ଏ ବିଷୟରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ତେବେ ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଜଡ଼ିତ ହେଉଥିବାରୁ, ଜଣାପଡୁଛି ଯେ,ସରକାରରେ ଖାଲି ରହିଥିବା ପଦବୀଗୁଡ଼ିକୁ ପୂରଣ କରିବା ଜରୁରୀ ହୋଇପଡ଼ିଛି ଏବଂ ଏହି ବାବୁମାନଙ୍କ ପଦୋନ୍ନତି ପ୍ରସଙ୍ଗରେ ସରକାର ଏକ ସୁଚିନ୍ତିତ ଦୃଷ୍ଟିକୋଣ ଆପଣାଉଛନ୍ତି।

### ନିଯୁକ୍ତି ଆଶଙ୍କା

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍ସି)ର ଅଧ୍ୟକ୍ଷ ଭାବେ ମନୋଜ ସୋନିଙ୍କ ନିଯୁକ୍ତିକୁ ନେଇ ସିଭିଲ ସର୍ଭାଣ୍ଟ, ପବ୍ଲିକ କମେଣ୍ଟେଟର ଏବଂ ଜନସାଧାରଣଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଛି। ଏଥିରେ ସୋନିଙ୍କ ପାଇଁ କିଛି ସମସ୍ୟା ନାହିଁ। କାରଣ ସୋନି ୟୁପିଏସ୍ସିରେ ନୂଆ ନୁହନ୍ତି। ୨୦୧୭ରୁ ସେ ସେଥିରେ ସଦସ୍ୟ ରହିଛନ୍ତି ଏବଂ ଆମେ ଜାଣିବାରେ ତାଙ୍କ ନିଯୁକ୍ତିରେ କୌଣସି ନିୟମ ଭଙ୍ଗ କରାଯାଇନାହିଁ। ତଥାପି ଅସନ୍ତୋଷର ସ୍ୱର ଉଠୁଛି। ଭଦୋଦରା ଏମ୍ଏସ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପୂର୍ବତନ ସ୍ପିଚ୍‌ରାଇଟର୍ ସୋନି ସିଭିଲ ସର୍ଭିସ ସିଷ୍ଟମ ପ୍ରତି ବିପଦ ସୃଷ୍ଟି କରିବେ ବୋଲି ଯେଉଁମାନଙ୍କର ଆଶଙ୍କା ସୃଷ୍ଟି ହୋଇଛି ସେମାନେ ଏଭଳି ସ୍ୱର ଉଠାଉଛନ୍ତି। ସର୍ବ ଭାରତୀୟ ସେବାର ଅଧିକାରୀମାନଙ୍କ ଚୟନ ପାଇଁ ତାଙ୍କୁ ଦାୟୀ କରିବାକୁ ତାଙ୍କ ଗୈରିକ ପୃଷ୍ଠଭୂମିକୁ ଦର୍ଶାଉଛନ୍ତି ଏବଂ ଏହା ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି ବୋଲି ସେମାନେ ଯୁକ୍ତି ବାଢୁଛନ୍ତି। ଉଦାରବାଦୀମାନେ ବି ଚିନ୍ତାପ୍ରକଟ କରିପାରନ୍ତି, କିନ୍ତୁ କେନ୍ଦ୍ର ପାଇଁ ସୋନି ଯାହା ଚାହିଁବେ ତାହା କରିପାରିବେ। ମୋଦିଙ୍କ ଭଳି ଏକ ସାଧାରଣ ପରିବାରରୁ ଆସିଥିବା, ଅତି ପ୍ରଭାବଶାଳୀ ସ୍ୱାମୀନାରାୟଣ ସମ୍ପ୍ରଦାୟ ସହ ସମ୍ପର୍କଥିବା ଜଣେ ଆତ୍ମଘୋଷିତ ବିଦ୍ୱାନ ସନ୍ନ୍ୟାସୀ ସୋନି ଗୁଜରାଟରେ ମୋଦି ମୁଖ୍ୟମନ୍ତ୍ରୀ ଥିଲାବେଳେ ତାଙ୍କର ଜଣେ ଦୃଢ଼ ସମର୍ଥକ ଥିଲେ। କିନ୍ତୁ ସମ୍ଭବତଃ, ସବୁଠୁ ବଡ ଭୟ ଉପରେ ସ୍ୱର ଉଠିନାହିଁ। ପୂର୍ବତନ ୟୁପିଏସ୍ସି ଅଧ୍ୟକ୍ଷମାନେ ପ୍ରତିଷ୍ଠିତ ଶିକ୍ଷାବିତ୍ ଥିଲେ ଓ ସେମାନଙ୍କର ଉତ୍କୃଷ୍ଟ ରେକର୍ଡ ଥିଲା ଏବଂ ଉଲ୍ଲେଖନୀୟ ଯେ, ଆଇଏଏସ୍ ବାବୁମାନେ ହିଁ ପଦବୀରେ ରହୁଥିଲେ। ନିଯୁକ୍ତି ଧାରାର ଏହି ଶେଷ ଭାଗରେ ଅନେକେ ନାରାଜ ହେବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ସିଭିଲ୍ ସର୍ଭିସ ପ୍ରତି ବିପଦ ରହିଛି ବୋଲି ଯେଉଁମାନେ ଭବିଷ୍ୟବାଣୀ କରୁଛନ୍ତି ସୋନି ତାହାକୁ ନିରର୍ଥକ ବୋଲି ପ୍ରମାଣ କରିବେ କି ନାହିଁ ତାହା ଦେଖିବାକୁ ବାକି ରହିଲା।

### ୟୁଟି ବାବୁଙ୍କ ଅଦଳବଦଳ

ନିକଟରେ ୟୁନିୟନ୍ ଟେରିଟୋରି (ୟୁଟି) କ୍ୟାଡର୍‌ର ଏକ ଅଦଳବଦଳରେ ପୂର୍ବତନ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନ୍‌ସିଲ(ଏନ୍‌ଡିଏମ୍‌ସି)ର ଚେୟାରମ୍ୟାନ ନରେଶ କୁମାରଙ୍କୁ ଦିଲ୍ଲୀର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ କୁମାରଙ୍କୁ ତାଙ୍କ ବ୍ୟାଚ୍‌ମେଟ ବିଜୟ କୁମାର ଦେବଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଦେବ ଏବେ ଦିଲ୍ଲୀର ମୁଖ୍ୟ ନିର୍ବାଚନ କମିଶନର ରହିଛନ୍ତି। ତେବେ ଦିଲ୍ଲୀର ତିନି ମ୍ୟୁନିସିପାଲ କର୍ପୋରେଶନର ମିଶ୍ରଣ କାର୍ଯ୍ୟ ଜାରି ରହିଛି ଓ ଏହି ପରିପ୍ରେକ୍ଷୀରେ କୁମାରଙ୍କ ନିଯୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଘଟଣା ଉପରେ ନଜର ରଖିଥିବା ବାବୁମାନେ ବିଚାର କରୁଛନ୍ତି। ଏକ ଏକୀକୃତ ମ୍ୟୁନିସିପାଲ କର୍ପୋରେଶନରେ ଏହାର ସ୍ପେଶିଆଲ ଅଫିସରଙ୍କର ମୁଖ୍ୟ ସଚିବଙ୍କ ତୁଳନାରେ ବହୁ ଅଧିକ କ୍ଷମତା ଓ ସୁବିଧା ସୁଯୋଗ ରହିବ! ମହାରାଷ୍ଟ୍ରରେ ଏଭଳି ହୋଇଛି, ଯେଉଁଠି ମୁମ୍ବାଇ ମ୍ୟୁନିସିପାଲ କମିଶନର ରାଜ୍ୟରେ ସବୁଠୁ ବରିଷ୍ଠ ଅମଲାତନ୍ତ୍ରୀଙ୍କ ତୁଳନାରେ ଅଧିକ କ୍ଷମତା ଉପଭୋଗ କରନ୍ତି। ଅନ୍ୟପକ୍ଷରେ ଏନ୍‌ଡିଏମ୍‌ସିର ଏବକାର ଚେୟାରମ୍ୟାନଙ୍କୁ ଅରୁଣାଚଳ ପ୍ରଦେଶର ମୁଖ୍ୟ ସଚିବ ଭାବେ ଅବସ୍ଥାପିତ କରାଯାଇଛି, ଯାହାକୁ ଏକ ପଦାବନତି ବୋଲି ଅନେକେ ବିଚାର କରୁଛନ୍ତି। କିନ୍ତୁ ଧର୍ମେନ୍ଦ୍ର ଅବସର ପୂର୍ବରୁ ଏକ ମୁଖ୍ୟ ପଦବୀରେ ରହିବାର ସୁଯୋଗ ପାଇଛନ୍ତି ବୋଲି କୁହାଯାଉଛି। ସତ୍ୟ ଗୋପାଳଙ୍କ ସ୍ଥାନରେ ଧର୍ମେନ୍ଦ୍ରଙ୍କୁ ଅବସ୍ଥାପିତ କରାଯାଇଛି। ତେବେ ଅରୁଣାଚଳ ପ୍ରଦେଶର ଏହି ପୂର୍ବତନ ମୁଖ୍ୟ ସଚିବ ଏନ୍‌ଡିଏମ୍‌ସି ଚେୟାରମ୍ୟାନ ଭାବେ ଦିଲ୍ଲୀ ଫେରିବେ ନା ଅନ୍ୟ କୌଣସି ମୁଖ୍ୟ ପଦବୀ ପାଇବେ, ତାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 3 | 5 | | | 8 |
| 5 | 8 | | | 9 | | | | |
| 2 | 1 | 6 | | | | | | |
| | 2 | | | | | | | |
| | | | 8 | | 6 | | | |
| 9 | | | | | | | 5 | |
| | | | | 1 | | | 6 | |
| | 5 | | | | 3 | 9 | | |
| | | | 2 | | 9 | | 1 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 2 | 9 | 3 | 7 | 1 | 8 |
| 1 | 7 | 3 | 5 | 8 | 4 | 6 | 9 | 2 |
| 8 | 2 | 9 | 1 | 6 | 7 | 4 | 5 | 3 |
| 4 | 3 | 5 | 8 | 2 | 6 | 9 | 7 | 1 |
| 7 | 1 | 2 | 3 | 5 | 9 | 8 | 6 | 4 |
| 6 | 9 | 8 | 7 | 4 | 1 | 3 | 2 | 5 |
| 3 | 5 | 6 | 9 | 1 | 8 | 2 | 4 | 7 |
| 2 | 4 | 7 | 6 | 3 | 5 | 1 | 8 | 9 |
| 9 | 8 | 1 | 4 | 7 | 2 | 5 | 3 | 6 |

ଗତକାଲିର ଉତ୍ତର

# ଆଜି ସମସ୍ତେ ଗରିବ



**ଉମାଶଙ୍କର ପ୍ରସାଦ**

ଦାରିଦ୍ର୍ୟ ବ୍ୟକ୍ତିକୁ ଯେପରି ଦୁର୍ବଳ ଚିନ୍ତାଗ୍ରସ୍ତ କରାଇଦିଏ ଦେଶର ସ୍ଥିତିକୁ ସେହିପରି ଦୋହଲାଇ ଦେଇଥାଏ। 'ଦେଶର ଅର୍ଥନୀତି ଦୁର୍ବଳ ହୋଇଗଲେ ଅନ୍ୟ କୌଣସି କ୍ଷେତ୍ରରେ ଦେଶରେ ପ୍ରଗତି ହୁଏ ନାହିଁ। ଦାରିଦ୍ର୍ୟ ଦେଶ ପକ୍ଷରେ ଏକ ଅଭିଶାପ। ଅଭାବ ଅନଟନ ବ୍ୟକ୍ତିମାନସ ଶାନ୍ତି ଲାଭ କରିପାରେ ନାହିଁ। ଅନବରତ ତା'ର ମାନସ ପଟରେ ମର୍ମରିତ ହୋଇଉଠେ ତା'ର ଅଭାବଗ୍ରସ୍ତ ଜୀବନର ମର୍ମନ୍ତୁଦ କାହାଣୀ। ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଗଣଜୀବନରେ ଦାରିଦ୍ର୍ୟ ଯେପରି ଅପ୍ରତିହତ ପ୍ରଭାବ ପକାଇ ଆସିଛି, ତା'ର ବିଲୋପ ପାଇଁ ଆଜି ସାରା ଭାରତରେ ନୂତନ ଚେତନା ଦେଖାଦେଇଛି। ଦରିଦ୍ରର ମଙ୍ଗଳରେ ଭାରତର ହେବ ମଙ୍ଗଳ। ମହାତ୍ମା ଗାନ୍ଧୀଙ୍କର ଦରିଦ୍ର ଜନତା ପ୍ରତି ସମ୍ବେଦନଶୀଳତା ଭାରତବର୍ଷରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଏକ ନୂତନ ପ୍ରେରଣା ପ୍ରଦାନ କରିଥିଲା। ଗାନ୍ଧୀଙ୍କର ଭିନ୍ନ ଦୃଷ୍ଟିଥିଲା ଗରିବଙ୍କ ପ୍ରତି ଅଲଗା। ସ୍ୱାଧୀନ ଭାରତର ସମ୍ବିଧାନର ପ୍ରଥମ ପ୍ରାଧାନ୍ୟ ଦିଆଗଲା ଦାରିଦ୍ର୍ୟ ବିଲୋପ ପାଇଁ। ଲୋକ ପ୍ରତିନିଧିମାନେ ଦେଶବାସୀଙ୍କର ଅର୍ଥନୀତିକ ଅବସ୍ଥାର ଉନ୍ନତ ପାଇଁ ଯଥାର୍ଥ ଧ୍ୟାନ ଦେବେ। ଭାରତ ସମ୍ବିଧାନର ଏ ବ୍ୟବସ୍ଥା ଏ ଦେଶର ଦରିଦ୍ର ଜନତାଙ୍କ ହୃଦୟରେ କ୍ଷୀଣ ଆଶା ସଞ୍ଚାରିତ କଲା। ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଅର୍ଥନୀତିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା ହେଲା, ମାତ୍ର ଯୋଜନାର ତ୍ରୁଟିହେତୁ ଅର୍ଥନୀତିକ ସାମ୍ୟ ପରିବର୍ତ୍ତେ ବୈଷମ୍ୟ ବିଶେଷ ଭାବରେ ବୃଦ୍ଧି ଲାଭକଲା। ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଯେଉଁ ରାମରାଜ୍ୟର ପରିକଳ୍ପନା କରିଥିଲେ ତାହା ବିଡ଼ମ୍ବିତ ହେଲା। ସେ ଦିନରୁ ଅଦ୍ୟାବଧି ଦୀର୍ଘ ୭୫ ବର୍ଷ ବିଗତ ପରେ ମଧ୍ୟ ଆଜି ଭାରତରେ ୮୬.୮ ମିଲିୟନ ଲୋକ ଦରିଦ୍ରରେ ଗଣତି ହେଉଛନ୍ତି। ଆଜିର ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ଦରିଦ୍ରତା ଏକ ବରଦାନ କାରଣ ସେମାନେ ଦରିଦ୍ର ଜନତାଙ୍କୁ ସେମାନଙ୍କର ଭୋଟବ୍ୟାଙ୍କ ଭାବେ ପରିଗଣିତ କରି ସେମାନଙ୍କୁ ମାଗିଖିଆ କରି ତାଙ୍କ ମାଧ୍ୟମରେ ନିଜର ରାଜନୈତିକ ଫାଇଦା ଉଠାଇବା ସହ ସତ୍ତାରୂଢ଼ ହେଉଛନ୍ତି। ଆଜି ଦେଶ ବେରୋଜଗାରୀ, ଦରବୃଦ୍ଧିର ସାମନା କରୁଛି। ସି.ଏମ୍.ଆଇ.ଇ. ରିପୋର୍ଟ ଅନୁସାରେ ୭ ମିଲିୟନ ଲୋକ ତଥା ଯୁବକ ୨୦୨୦ରୁ ଏ ପର୍ଯ୍ୟନ୍ତ ରୋଜଗାର ହରାଇଛନ୍ତି। ୮.୪ କୋଟି ଭାରତୀୟ ଶିଶୁ ବିଦ୍ୟାଳୟ ବାରଣ୍ଡା ମାଡି ନାହାନ୍ତି। ଆଜି ବି ଲକ୍ଷଲକ୍ଷ ଯୁବକ ପାଠ ସାରି ଚାକିରି ପାଇଁ ଆର୍ତ୍ତଚିତ୍କାର କରୁଛନ୍ତି, ମାତ୍ର ସରକାର କିଂକର୍ତ୍ତବ୍ୟବିମୂଢ଼ ସାଜି କେବଳ ଆଶ୍ୱାସନା ଛଡ଼ା ତାଙ୍କ ପାଖରେ ଆଉ କିଛି ନାହିଁ। ଇଏତ ଗଲା ଆମ ପ୍ରକୃତ ଗରିବ ବା ଦାରିଦ୍ର୍ୟସୀମାରେଖା ତଳେ ଥିବା ଲୋକଙ୍କ କଥା।



ବର୍ତ୍ତମାନ ଆମେ ଟିକେ ମୁହଁ ଫେରାଇବା ଆମ ଦେଶର ଶାସକ, ପ୍ରଶାସକ, ଯନ୍ତ୍ରୀ ଓ ନେତାମାନଙ୍କ ଆଡ଼କୁ। ଏମାନଙ୍କୁ କୁଆଡ଼େ ଯେତେ ମିଳିଲେ ବି ତାଙ୍କୁ ବେନିଅଙ୍ଗୁଳି ନିଅଣ୍ଟ। ତେଣୁ ସେମାନଙ୍କର ଦରମାବୃଦ୍ଧି ପାଇଁ ଦାବି ଉପସ୍ଥାପିତ ହେଉଛି। ବର୍ତ୍ତମାନ ଆମ ଆଇ.ଏ.ଏସ. ଅଧିକାରୀମାନଙ୍କର ମୂଳ ଦରମା ବଢ଼ି ୫୬,୧୦୦ ହେଲାଣି। ଏହାଛଡ଼ା ମହଙ୍ଗାଭତ୍ତା, ଘରଭଡ଼ା, ବାସଗୃହ କିମ୍ବା ବଜାରଦରରେ ଘରଭଡ଼ା, ମାଗଣା ଟେଲିଫୋନ/ମୋବାଇଲ, ପେଟ୍ରୋଲ, ଘରୋଇ ଅର୍ଡର୍ଲି, ବ୍ୟକ୍ତିଗତ ସହାୟକ, ଛୁଟି ଭ୍ରମଣ ଖର୍ଚ୍ଚ ଓ ଅନ୍ୟାନ୍ୟ ଅମାପ ସୁବିଧା ଇତ୍ୟାଦି। ଜଙ୍ଗଲସେବା, ଆଇ.ପି.ଏସ., ଆଇ. ଆର.ଏସ. ଅଧିକାରୀମାନଙ୍କୁ ଯେଉଁସବୁ ସୁବିଧା ମିଳୁଛି ତତ୍ତୁଲ୍ୟ ମୂଲ୍ୟର ଦରମା ସେମାନଙ୍କୁ ମିଳିବା ପାଇଁ ବାରମ୍ବାର ଦାବି ହୋଇଥିଲା ; ଯାହା ବହୁଅଂଶରେ ପୂରଣ ହୋଇଛି। ଏମାନଙ୍କର ବଳିଷ୍ଠ ଯୁକ୍ତିହେଲା ଏମାନଙ୍କୁ ଏପ୍ରକାର ସୁବିଧା ସୁଯୋଗ ନ ଦିଆଗଲେ ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ମନରେ ଘୋର ଅସନ୍ତୋଷ ରହିବ।

ବର୍ତ୍ତମାନ ଏ ଲେଖାର ପ୍ରଥମରେ ବର୍ଣ୍ଣିତ ଦରିଦ୍ର ଲୋକଙ୍କ ସହିତ ଦରିଦ୍ର(!) ରାଜନେତା, ପ୍ରଶାସକମାନଙ୍କର ଚାହିଦାକୁ ତୁଳନା କରାଯାଉ। କିନ୍ତୁ ଏ ତୁଳନା କରିବ କିଏ? ପ୍ରଶାସକମାନଙ୍କର ନିଜ ବିଚାରରେ ସେମାନେ ନିଜକୁ ଏକ ବଞ୍ଚିତ ଗୋଷ୍ଠୀ ବୋଲି ଭାବିବା ସହ ସେହି ଅନୁପାତରେ ପ୍ରାପ୍ୟ ଚାହୁଁଛନ୍ତି। ସେମାନେ ଏହା ଚାହିଁବା ସ୍ୱାଭାବିକ। କାରଣ ଯେଉଁମାନେ ଯେଉଁ ସୁବିଧା ଭୋଗ କରୁଛନ୍ତି, ସେହି ସ୍ତରର ତଳେ ଯେଉଁମାନେ ଅଛନ୍ତି ସେମାନଙ୍କ ଖାଇବା ଥାଳି ଦେଖିବା ଏହି ଉପରବାଲାଙ୍କ କାମ ନୁହେଁ। ତାଙ୍କ ଉପରେ ଯେଉଁମାନେ ଅଛନ୍ତି ସେମାନଙ୍କ ସହିତ ନିଜକୁ ସମକକ୍ଷ କରି ଗଢ଼ିତୋଳିବା ହିଁ ଯଥାର୍ଥ। ତଳେ ପଡ଼ିଥିବା ଦରିଦ୍ର ଜନସାଧାରଣଙ୍କୁ ମାନବୋଚିତ ସାମାଜିକ, ଅର୍ଥନୈତିକ ସ୍ତରକୁ ଉନ୍ନୀତ କରିବା ପାଇଁ ସେମାନେ 'ସାଧାରଣ ସେବକ'ର ମାନ୍ୟତା ଧାରଣ କରିଛନ୍ତି । ମାତ୍ର ଏ ତଳିଆଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥରାଶିକୁ ଆତ୍ମସାତ୍ କରିବାରେ ଏମାନଙ୍କ ମଧ୍ୟରୁ ଅନେକେ ଟିକେହେଲେ ସୁଯୋଗ ହାତଛଡ଼ା କରୁନାହାନ୍ତି। ତେବେ ତଳବାଲାଙ୍କ କଥା ଭାବିବ କିଏ, ତାଙ୍କର ଉନ୍ନତିର ଦାୟିତ୍ୱ ନେବକିଏ ? ସାଧାରଣ ସେବକମାନେ ନିଜର ସେବା କରିବାରେ ଯଦି ରାଷ୍ଟ୍ରର ସମସ୍ତ ସମ୍ବଳ ଓ ପୁଞ୍ଜିବ୍ୟୟ ହୋଇଯାଏ ତେବେ ସାଧାରଣଙ୍କ ପାଇଁ ବଞ୍ଚିବ କ'ଣ ? ଯଦି ସାଧାରଣଙ୍କ ସ୍ୱାର୍ଥ ଓ ସେବାପାଇଁ ସାଧାରଣ ସେବକ ଉଦ୍ଦିଷ୍ଟ ନୁହେଁ ତେବେ ସେପରି ସାଧାରଣ ସେବକର ମୂଲ୍ୟ ଓ ଆବଶ୍ୟକତା କ'ଣ ? ବିଶେଷକରି କେନ୍ଦ୍ର ସରକାରଙ୍କର ଉଦାରବାଦୀ ନା ଉଧାରବାଦୀ ଅର୍ଥନୀତି ପ୍ରବର୍ତ୍ତନ ପରେ ସରକାର ଚଳାଉଥିବା ବାବୁମାନଙ୍କ ସମ୍ପର୍କରେ ଏକ ବ୍ୟାପକ ଆଲୋଚନା ତଥା ବିତର୍କ ଅପରିହାର୍ଯ୍ୟ। କାରଣ ବର୍ତ୍ତମାନ ମନ୍ତ୍ରୀ ତଥା ପ୍ରଶାସନିକକଳର ସାଧାରଣ ଲୋକଙ୍କ ପ୍ରତି ଅବହେଳା, ଅସମ୍ମାନ, ବିତୃଷ୍ଣା, ଉଦାସୀନତା, ପିସି କାରବାର ତଥା ଶୋଷଣର ମାତ୍ରା ଏତେ ବଢ଼ିଯାଇଛି, ଯାହା ଅବର୍ଣ୍ଣନୀୟ। ନିଜନେତା ତଥା ବଡ଼ହାକିମଙ୍କ ମୁହଁ ବୁଡ଼ାଇ ଖାଇବାକୁ ଦେଖି ତଳିଆ ବି ଏହି ସୁଯୋଗର ଫାଇଦା ନେଇ ସେମାନେ ବି ସାଧାରଣଜନତାଙ୍କ ଧନକୁ ଖେପିବାରେ ଲାଗି ପଡ଼ିଛନ୍ତି।

ବର୍ତ୍ତମାନ ଏହିଭଳି କେତେକେତେ ପ୍ରଶାସନିକ ଅଧିକାରୀଙ୍କ ପାଖରୁ ଏତେ ପରିମାଣର ସାଧାରଣଙ୍କୁ ଲୁଟିଥିବା ଧନରାଶି ଜବତ ହେଉଛି, ଯାହା ଦେଖିଲେ ଆଖିଖୋସି ହୋଇଯାଉଛି! ଏଠାରେ ପ୍ରଶ୍ନ ଉଠେ କାହା ସାହସରେ ଏପରି ଅନୈତିକ ଧନରାଶି ସଂଗ୍ରହକରି ଅରବପତି ହୋଇଛନ୍ତି ତାହା ବର୍ତ୍ତମାନ ସାଧାରଣସ୍ତରରେ ବିସ୍ତାରିତ ଭାବରେ ଏକ ବିତର୍କର ଆବଶ୍ୟକତା ରହିଛି। ତେଣୁ ଏହାକୁ ବିଚାରକଲେ ଗରିବରୁ ଗରିବ ହେଉଥିଲାବେଳେ ଆମ ନେତା, ଶାସକ, ପ୍ରଶାସକ ସେମାନଙ୍କ ସ୍ତରରେ ନିଜକୁ ଗରିବ ବୋଲି ଭାବି ଯଦି ଏପରି ଅନୈତିକ କାର୍ଯ୍ୟ କରିବେ ତେବେ ଏ ଦେଶରେ ସ୍ୱଚ୍ଛତା ଆସିବ କିପରି। ତେଣୁ ମୋ ଲେଖାର ଶିରୋନାମା କ'ଣ ଭୁଲ୍?

**ଖୋର୍ଦ୍ଧା, ମୋ:୬୩୭୦୬୭୫୫୬୨**

### ଏଇ ଭାରତରେ

ଲୋକେ କହୁଥିଲେ ପିଏଚ୍‌ଡି କରି ଖତ ବିକ୍ରି କରିବ ? ହେଲେ ଆଜି ମାସକୁ ୩୦ ଟନ୍ ଜିଆଖତ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି ଡ. ଶ୍ରବଣ ଯାଦବ ଓ ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। କୃଷକ ପରିବାରରେ ବଢ଼ିଥିବାରୁ ଜୈବିକ କୃଷିରେ ଏମ.ଏସସି. ଓ ପିଏଚଡି ହାସଲ କଲେ ମଧ୍ୟ ସେ ଚାକିରି ନ କରି ଚାଷ ଓ ଚାଷୀର ଉନ୍ନତି ଲାଗି ବ୍ୟସ୍ତ ରହିଛନ୍ତି। ରାଜସ୍ଥାନ ଜୟପୁରର ସୁନ୍ଦରପୁରା ଗାଁରେ ରହନ୍ତି ଶ୍ରବଣ। ସେଠାରେ ୨୦୨୦ରୁ 'ଡ. ଅର୍ଗାନିକ ଭର୍ମିକମ୍ପୋଷ୍ଟ' ବ୍ରାଣ୍ଡରେ ଖତ ପ୍ରସ୍ତୁତ କରି ସାରା ଭାରତରେ କୃଷକମାନଙ୍କୁ କମ୍ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ୭୦୦ ବେଡ୍‌ରେ ଖତ ପ୍ରସ୍ତୁତ କରି ମାସକୁ ୩୦ ଟନ୍ ପାଖାପାଖି ଖତ ପ୍ରସ୍ତୁତ କରୁଛନ୍ତି। ୨୦୧୨ରେ ଜୈବିକ କୃଷିରେ ଡିଗ୍ରୀ ହାସଲ କରି ପ୍ରଥମେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିଲେ। ପରେ ଚାକିରି ଛାଡ଼ି ଉଦୟପୁର ମହାରାଣା ପ୍ରତାପ ବିଶ୍ୱବିଦ୍ୟାଳୟରୁ ଜୈବିକ କୃଷିରେ ଏମ୍ଏସି ଓ ପିଏଚ୍‌ଡି କରିବା ପରେ ସେହି ବିଶ୍ୱବିଦ୍ୟାଳୟରେ ସିନିୟର ରିସର୍ଚ୍ଚ ଫେଲୋଶିପ ଭାବେ କାର୍ଯ୍ୟ କରିଥିଲେ। ପରେ ତାହା ଛାଡି ଜୈବିକ କୃଷିକୁ ଲୋକାଭିମୁଖୀ କରିବାକୁ ଅଭିଯାନ ଚଳାଇ ଆସୁଛନ୍ତି। ୨୦୨୦ରେ ଲକ୍‌ଡାଉନ ସମୟରେ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ସେ ମଧ୍ୟ 'ଡ. ଅର୍ଗାନିକ ଭର୍ମି କମ୍ପୋଷ୍ଟ' ନାମରେ ଏକ ଚ୍ୟାନେଲ ଚଳାଉଛନ୍ତି। ଏଥିରୁ ଲୋକମାନେ ଖତ ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ପାଇପାରୁଛନ୍ତି। ଶ୍ରବଣ ଲୋକମାନଙ୍କୁ ଜିଆଖତ ୟୁନିଟ୍ କରିବା ଲାଗି ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

**୩୦ ଏପ୍ରିଲ ୧୯୯୭**

- ଦକ୍ଷିଣ ଚୀନର ହୁନ୍‌ଆନ ପ୍ରଦେଶ ଅନ୍ତର୍ଗତ ରୋଙ୍ଗଜିଓ୍ୱାନ୍ ରେଳଷ୍ଟେଶନ ନିକଟରେ ଠିଆ ହୋଇଥିବା ଯାତ୍ରୀବାହୀ ଟ୍ରେନ୍‌କୁ ଅନ୍ୟ ଏକ ଯାତ୍ରୀବାହୀ ଟ୍ରେନ୍ ଧକ୍କା ଦେବା ଫଳରେ ୯୦ ଯାତ୍ରୀଙ୍କ ମୃତ୍ୟୁ।
- ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର ଆର୍ ଏନ୍ ମାଲହୋତ୍ରାଙ୍କର ୭୧ ବର୍ଷ ବୟସରେ ପରଲୋକ।
- ଶିଶୁ ସାହିତ୍ୟିକ ଶରତ କୁମାର ନାୟକ ଜାତୀୟ ଶିଶୁ ସାହିତ୍ୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ।

### ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !
-(ମରଣ ପାଲି)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ନାମ, ସୁନାମ ଓ ବଦନାମ



**ଡ. ମୌସୁମୀ ପରିଡ଼ା**

ନାମ ତ ସମସ୍ତଙ୍କର ଅଛି। ପରିଚୟ ପାଇଁ ଦୋକାନ, ବଜାର, ରାସ୍ତାଘାଟ, ବିଭିନ୍ନ ପ୍ରକାରର ଅନୁଷ୍ଠାନ, ଅଞ୍ଚଳ, ନଦୀ, ସମୁଦ୍ର, ପାହାଡ଼ ପର୍ବତ ସବୁର ନାମ ଦିଆଯାଇଛି। ଅନେକ ସମୟରେ ନାମକୁ ନେଇ ନାନା ତର୍କବିତର୍କ, ଆଲୋଚନା ପର୍ଯ୍ୟାଲୋଚନା। କେବେକେବେ କୌଣସି ସ୍ଥାନର ନାମକୁ ବଦଳାଇ ନୂତନ ଭାବେ ନାମକରଣ କରାଯାଇଛି। ଲୋକେ ତ ଗୃହପାଳିତ ପଶୁପକ୍ଷୀଙ୍କର ବି ନାମକରଣ କରନ୍ତି। ନାମ ଅନୁସାରେ ଭାଗ ଭାଗ ହୋଇଛି ପୃଥିବୀ। ଏମିତିକି ଆକାଶକୁ ମଧ୍ୟ ଭାଗ କରିଦିଆଯାଇଛି। ଯୁଦ୍ଧ ବିମାନ କାହା ଦେଶର ପରିସରକୁ ପଶିଆସିଥିଲେ ତାକୁ ଗୁଳିଗୋଳା ଦ୍ୱାରା ତଳକୁ ଖସାଇ ଦିଆଯାଇଛି। ଗୋଟେ ଜାଗାରୁ ବହିଆସୁଥିବା ନଦୀକୁ ମଧ୍ୟ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ନାମିତ କରାଯାଇଛି। ନାମକୁ ନେଇ କେତେପ୍ରକାରର କାରନାମା!

ମଣିଷକୁ ମନେରଖାଯାଏ ସ୍ୱାର୍ଜିତ ସତ୍‌କର୍ମ ବା ଦୁଷ୍କର୍ମ ଦ୍ୱାରା। ଗୁରୁଜନପ୍ରଦତ୍ତ ନାମ ଦ୍ୱାରା ବ୍ୟକ୍ତିଟିଏ ପରିଚିତି ହାସଲ କରେ ସିନା, ପ୍ରକୃତରେ ସ୍ୱକର୍ମ ଅନୁଯାୟୀ ତା'ର ସୁନାମ ବା ଦୁର୍ନାମ ହୁଏ। ସମାଜ ବା ପରିବାରରେ ସେ ମନେରହେ। ବ୍ୟକ୍ତି ଯଦି ଜୀବନକାଳ ଭିତରେ ସମାଜ ମନେରଖିବା ପରି କିଛି କରିନଥାଏ, ତେବେ ତା' ଅବର୍ତ୍ତମାନରେ ସେ କେବଳ ନାମଟିଏ ହୋଇ ରହିଯାଏ। ତାହା ବି ନିଜ ଜ୍ଞାତିକୁଟୁମ୍ବଙ୍କ ପରିସରରେ। କେବେକେବେ ସୁନାମ ଅର୍ଜିବାକୁ ସାରା ଜୀବନ ଲାଗିଯାଏ ତ ଆଉ କେବେ ମାତ୍ର କିଛି ବର୍ଷ! କାହାର ଜୀବନ ସଂଘର୍ଷ ଲମ୍ବା ତ କାହାର କମ୍। କାହାର ପ୍ରସିଦ୍ଧି ହାସଲ ସହଜ ତ କାହା ପାଇଁ ଦୁଷ୍କର। କିନ୍ତୁ ପ୍ରଚେଷ୍ଟା ଜାରି ରଖିବାର ଧୈର୍ଯ୍ୟ ରଖିବା ଦରକାର।

କେହି କେହି ଅଳ୍ପ ପରିଶ୍ରମରେ ବହୁତ କିଛି ହାସଲ କରୁଥିବାବେଳେ ଆଉ କେହି ରିକ୍ତ ହସ୍ତରେ ଭାଗ୍ୟକୁ ଦୋଷ ଦେଇ ମନମାରି ରହନ୍ତି। କେହି ଯାକୁ କର୍ମଫଳର ନାମ ଦିଅନ୍ତି ତ କେହି ପ୍ରାରବ୍ଧ। କେହି ସମାଜର ବିଧି ବ୍ୟବସ୍ଥାକୁ ଦାୟୀ କରନ୍ତି ତ କେହି ପରିବାର ବା ଆଖପାଖର ପରିବେଶକୁ। ସମସ୍ତଙ୍କ ଜୀବନ କାହାଣୀ ପୃଥକ୍। ସେମାନଙ୍କ ଜୀବନଶୈଳୀ ବି ସମାନ ନୁହେଁ। ତେବେ ବି ମଣିଷ ସ୍ୱପ୍ନ ଦେଖେ, ସେସବୁକୁ ସାକାର କରିବାକୁ ଏଣେତେଣେ ଧାଏଁ, ଅସଫଳ ହେଲେ ଥକିପଡ଼େ। ପୁଣି ନୂଆ ସ୍ୱପ୍ନ ଦେଖେ, ଆଉ ଥରେ ନିଜ ଭଙ୍ଗା ମନକୁ ସଜାଡ଼ି ଧାଁ ଦୌଡ଼ କରେ ଲକ୍ଷ୍ୟ ହାସଲ କରିବାକୁ। ତା'ର ସ୍ୱଭାବ ଅନୁଯାୟୀ ସେ ସଫଳତାର ପିଛା କରେ। ପୁରୁଣା ଭୁଲ୍‌ରୁ ହାସଲ କରିଥିବା ନୂଆ ଶିକ୍ଷାକୁ କାମରେ ଲଗାଏ। କେବେ ଜିତୁ ଜିତୁ ହାରେ ତ କେବେ ହାରୁ ହାରୁ ଜିତେ। ନହେଲେ ଅସଫଳ ହୁଏ।

ଅର୍ଥ ବିନିମୟରେ ସେବା ଯୋଗାଇ ଦେଉଥିବା ଏହି ବ୍ୟକ୍ତିବିଶେଷ ବା ଅନୁଷ୍ଠାନଗୁଡ଼ିକ ସେମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ମାଧ୍ୟମରେ ସୁନାମ ଅର୍ଜନ କରନ୍ତି। ସେବା ପାଇଁ ମଦର ଟେରେସା, ସ୍ୱାଧିକାରର ଲଢ଼େଇରେ ମହାତ୍ମା ଗାନ୍ଧୀ ଓ ନେଲସନ୍ ମଣ୍ଡେଲା ନିଜ ନିଃସ୍ୱାର୍ଥପର ସେବା ପାଇଁ ଅମର ହୋଇ ରହିଗଲେ। ଅଧ୍ୟାତ୍ମ ସ୍ତରରେ ସ୍ୱାମୀ ବିବେକାନନ୍ଦ ତ ମାତ୍ର ଅଣଚାଳିଶ ବର୍ଷ ବୟସ ଓ କିଛି ମାସ ଭିତରେ ନିଜକୁ ଅବିସ୍ମରଣୀୟ କରିଗଲେ। ସେମାନଙ୍କ ସତ୍‌କର୍ମ ପାଇଁ ଯୁଗ ବି ମନେରଖିଛି ସେମାନଙ୍କୁ।

ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ବହୁ ପ୍ରକାରର ଝଡ଼ଝଞ୍ଜାକୁ ଅତିକ୍ରମ କରି ବ୍ୟବସାୟୀମାନେ ନିଜକୁ ପ୍ରମାଣିତ କରିଛନ୍ତି। ଅର୍ଥ ଜରିଆରେ ପ୍ରତିଷ୍ଠିତ ହେବା ମଧ୍ୟ କମ୍ କଥା ନୁହେଁ। ବିଲ୍ ଗେଟ୍ସଙ୍କ ମତରେ– ଯଦି ତୁମେ ଦରିଦ୍ର ହୋଇ ଜନ୍ମ ନିଅ, ତେବେ ସେଥିରେ ତୁମର ଭୁଲ୍ ନାହିଁ, କିନ୍ତୁ ଯଦି ତୁମେ ଦରିଦ୍ର ହୋଇ ମୃତ୍ୟୁବରଣ କର, ତେବେ ତୁମର ଭୁଲ୍। ଧୀରୁଭାଇ ଅମ୍ବାନୀ ଦାରିଦ୍ର୍ୟ ଭିତରେ ଜନ୍ମ ନେଇ ସମସ୍ୟା ସହିତ ଲଢ଼େଇ କରି ବ୍ୟବସାୟ କ୍ଷେତ୍ରରେ ପ୍ରମାଣ ସୃଷ୍ଟି କରି ଚାଲିଗଲେ। କାର୍ଯ୍ୟକ୍ଷେତ୍ରରେ ବାଧାବିଘ୍ନ ଆସିବା ନୂଆ ନୁହେଁ। ନିଷ୍ଠାପର ବ୍ୟକ୍ତି ବିଚଳିତ ହୁଏନା, କାରଣ ପ୍ରକୃତି ନିଜେ ତ ବାଧାବିଘ୍ନ ଖଞ୍ଜିଛି। ଥରେ ଧୀରୁଭାଇ ଅମ୍ବାନୀ କାର୍‌ରେ କୌଣସି ଏକ ଜାଗାକୁ ଯାଉଥିଲେ। କିଛି ମିନିଟ୍ ପରେ ଖୁବ୍ ଜୋର୍‌ରେ ପବନ ବହିବା ଆରମ୍ଭ ହେଲା, ଯାହା କ୍ରମଶଃ ବତାସର ରୂପ ନେଲା। ଡ୍ରାଇଭର ଫେରିଯିବା ପାଇଁ କହିବାରୁ ଧୀରୁଭାଇ କହିଲେ– ପଛକୁ ଫେରିବା ପରିବର୍ତ୍ତେ ଆଗକୁ ଗାଡ଼ି ଚଲାଅ। ଝଡ଼ବର୍ଷାର ପ୍ରକୋପ ବଢୁଥିବାବେଳେ ସାମ୍ନା ରାସ୍ତାକୁ ସ୍ପଷ୍ଟଭାବେ ଦେଖି ନ ପାରି ଡ୍ରାଇଭର ପୁଣି ସତର୍କ କଲା, ସୁବିଧା ଜାଗା ଦେଖି ଅଟକିଯିବାକୁ। ଧୀରୁଭାଇ ନିଜ କଥା ଦୋହରାଇଲେ– ନା ଗାଡ଼ି ଚଲାଅ। କିଛି ବାଟ ଯିବା ପରେ ପାଗ ବଦଳି ଯାଇଥିଲା। ସୂର୍ଯ୍ୟ ଦିଶୁଥିଲେ ଆକାଶରେ। ସେତେବେଳେ ଧୀରୁଭାଇ ଅମ୍ବାନୀ କହିଲେ– ଏଥର ଗାଡ଼ି ରଖ। ଅର୍ଥାତ୍ ଝଡ଼ବାତ୍ୟାର ମୁକାବିଲା କରି ନ ପାରି ଯଦି ଗାଡ଼ି ଫେରିଯାଇଥାନ୍ତା, ତେବେ ସେଦିନର କାମ ହୋଇ ପାରିନଥାନ୍ତା। ଯଦି ବାଟରେ ଅଟକି ଯାଇଥାନ୍ତା, ତେବେ ଝଡ଼ବତାସ ଭିତରେ ସେମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଫସିରହିଥାନ୍ତେ। କୌଣସି ସ୍ଥିତି ଚିରକାଳ ପାଇଁ ନୁହେଁ। ମାଇକେଲ୍ ଜ୍ୟାକ୍‌ସନ୍ ମୃତ୍ୟୁକୁ ଏଡ଼େଇବା ପାଇଁ ଚାରିପଟେ ଡାକ୍ତରମାନଙ୍କୁ ଖଞ୍ଜିଥିଲେ। ହେଲେ ମୃତ୍ୟୁ କ'ଣ ଅଟକିଲା ? ଦୁଃସ୍ଥିତି କିଛି ସମୟ ପରେ ଟଳିଯାଏ। ତେଣୁ ଧୈର୍ଯ୍ୟ ହାରିବା ଅନୁଚିତ୍।

ଏଭଳି ଅସଂଖ୍ୟ ଉଦାହରଣ। ଏମିତି ଉଦାହରଣ ମଧ୍ୟ ଅଛି, ଯେଉଁଥିରେ ଲୋକଟେ ଦୁଷ୍କର୍ମ କରି ଜେଲ୍‌ଦଣ୍ଡ ଭୋଗେ, ହତ୍ୟା ଲୁଟ୍‌ପାଟ ଦ୍ୱାରା ସମାଜକୁ ନଷ୍ଟ କରେ। ମନେରଖିବାକୁ ହେବ, ଚୁମ୍ବକ ନିଜ ସମଧର୍ମୀ ଲୁହାକୁ ହିଁ ଆକର୍ଷିତ କରେ, ପ୍ଲାଷ୍ଟିକ୍ କିମ୍ବା ରସକୁ ନୁହେଁ। ମଣିଷର ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ ସେ କ'ଣ ଗ୍ରହଣ କରିବ! ତା' ଭିତରେ ଯଦି ସଂସ୍କାର ଓ ମାନବିକତା ଅଛି, ତେବେ ମହାମନା ଲୋକଙ୍କ ଜୀବନଶୈଳୀ ତାକୁ ଆକର୍ଷିତ କରିବ। ଯଦି ସେସବୁ ନାହିଁ, ତେବେ ଅମଣିଷମାନଙ୍କ ଦ୍ୱାରା ସମାଜ ପାଇଁ ବିପଦ ସୃଷ୍ଟି କରି ବଦନାମ ହେବ।

ମଣିଷ କେବଳ ନାମରେ ନୁହେଁ, କର୍ମ ଅନୁସାରେ ପରିଚିତ ହୁଏ। ପ୍ରସିଦ୍ଧି ହାସଲ କରି ପ୍ରତିଷ୍ଠିତ ହୁଏ ବା ବଦନାମ ହୁଏ। କଥାଟି ବେଶ୍ ସରଳ। ବାଟ ଦୁଇଟି। କିନ୍ତୁ ଚୟନ କରିବା କାର୍ଯ୍ୟଟି ବ୍ୟକ୍ତିବିଶେଷର। ମଣିଷ ନିଜ ପ୍ରକୃତି ଅନୁଯାୟୀ ବାଟ ଚୟନ କରିବ କିମ୍ବା ଅଭ୍ୟାସ କରି ନିଜର ଖରାପ ପ୍ରକୃତିକୁ ବଦଳାଇପାରିବ, ଏସବୁ ନିର୍ଭର କରେ ମଣିଷର ମାନସିକତା ଉପରେ।

**ମୋ: ୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ବେକାରି ଭତ୍ତା କେତେ ଯୁକ୍ତିଯୁକ୍ତ

ମହାଶୟ,

ନିକଟରେ ଦିଲ୍ଲୀର କେଜରିୱାଲ ସରକାର ଗ୍ରାଜୁଏଶନ ଓ ପୋଷ୍ଟ ଗ୍ରାଜୁଏଶନ ସାରି ଚାକିରି ପାଇ ନ ଥିବା ଯୁବପିଢ଼ିଙ୍କୁ ବେକାରି ଭତ୍ତା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରଶ୍ନ କ'ଣ ପ୍ରକୃତରେ ଆମ ଦେଶରେ ବେକାରି ଭତ୍ତାର ଆବଶ୍ୟକତା ରହିଛି। ବିଗତ କିଛିବର୍ଷର ନିର୍ବାଚନକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ବିଭିନ୍ନ ରାଜ୍ୟ ସରକାର କିଛି ସାମାଜିକ ଲାଭାର୍ଥି ଯୋଜନା ମାଧ୍ୟମରେ ନିଜ ନିଜର ଭୋଟ ବ୍ୟାଙ୍କକୁ ସମୃଦ୍ଧ କରିବାରେ ସଫଳ ହୋଇଛନ୍ତି। ବେକାରି ଭତ୍ତା ମାଧ୍ୟମରେ ଯୁବପିଢ଼ିଙ୍କୁ ଆକୃଷ୍ଟ କରି ଦଳର ଭୋଟ ବ୍ୟାଙ୍କକୁ ବୃଦ୍ଧି କରିବା ପାଇଁ ଏହା ଏକ ପ୍ରଚେଷ୍ଟା ଯାହା ଅନୁମେୟ। ଆଗକୁ ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଦିଲ୍ଲୀ ସରକାରଙ୍କଠାରୁ ଅନୁପ୍ରାଣିତ ହୋଇ, ବିଭିନ୍ନ ରାଜନୈତିକ ଦଳ ନିଜର ନିର୍ବାଚନୀ ଇସ୍ତାହାରରେ ବେକାରି ଭତ୍ତା ପ୍ରଦାନ କରିବାର ଘୋଷଣା କରିପାରନ୍ତି। ତେବେ ଭାରତରେ ଜନସଂଖ୍ୟାକୁ ତାଳ ଦେଇ ବେରୋଜଗାରୀମାନଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବଢ଼ି ଚାଲିଛି। ଏତେ ସଂଖ୍ୟକ ବେରୋଜଗାର ଯୁବକ ଓ ଯୁବତୀମାନଙ୍କୁ ଭତ୍ତା ଦେବା ପାଇଁ ସରକାରଙ୍କ ନିକଟରେ କ'ଣ ଯଥେଷ୍ଟ ସାଧନ ରହିଛି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଉ ପୁଣି ଏହିପରି ଭତ୍ତା ଦିଆଯିବା ଦ୍ୱାରା ଦେଶର ଆର୍ଥିକ ସ୍ଥିତି ବିଗିଡିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହି ସବୁ ଦିଗକୁ ଅନୁଧ୍ୟାନ କଲେ କୁହାଯାଇପାରେ ଯେ, ଏହିପରି ଯୋଜନା କୌଣସି ପ୍ରକାରେ ଦୀର୍ଘସ୍ଥାୟୀ ନୁହେଁ। ତେବେ ଦେଶରେ ବେରୋଜଗାର ଯୁବପିଢ଼ିଙ୍କ ଅବସ୍ଥା ଯେ ଅତ୍ୟନ୍ତ ଶୋଚନୀୟ ସେଥିରେ କୌଣସି ସନ୍ଦେହ ନାହିଁ। ଅତଏବ ସାମ୍ପ୍ରତିକ ପରିସ୍ଥିତିରେ ବେରୋଜଗାରୀମାନଙ୍କୁ ବେକାରି ଭତ୍ତା ପ୍ରଦାନ କେତେ ଯୁକ୍ତିଯୁକ୍ତ ତାହା ବିଚାରସାପେକ୍ଷ ଓ ଏଥିନେଇ ଦେଶରେ ବ୍ୟାପକ ଚର୍ଚ୍ଚା ଓ ଆଲୋଚନାର ଆବଶ୍ୟକତା ରହିଛି।

**–ଋତୁରାଜ ପ୍ରଧାନ, ତମାଣ୍ଡୋ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଅର୍ଥବ୍ୟବସ୍ଥା ସ୍ୱାଭାବିକ ହେବାକୁ ଲାଗିବ ୧୨ ବର୍ଷ**

ନୂଆଦିଲ୍ଲୀ,୨୯।୪: ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ)ର 'କରେନ୍ସି ଆଣ୍ଡ ଫାଇନାନ୍ସ ଫର୍ ଦି ଇୟର ୨୦୨୧-୨୨' ରିପୋର୍ଟରେ କୁହାଯାଇଛି ଯେ, କୋଭିଡ୍ ପ୍ରଭାବିତ ଭାରତୀୟ ଅର୍ଥବ୍ୟବସ୍ଥା ସୁଧୁରିବାକୁ ୧୨ ବର୍ଷ ଲାଗିଯିବ। ମହାମାରୀ ଦେଶର ଅର୍ଥବ୍ୟବସ୍ଥାକୁ ଜୋରଦାର ଝଟ୍‌କା ଦେଇଛି। ତେବେ କେନ୍ଦ୍ର ସରକାର ପକ୍ଷରୁ ପୁଞ୍ଜିଗତ ଖର୍ଚ୍ଚ ଉପରେ ଜୋର୍, ଡିଜିଟାଲାଇଜେସନ ଏବଂ ଇ-କମର୍ସ, ଷ୍ଟାର୍ଟଅପ୍, ଅକ୍ଷୟ ଶକ୍ତି ଭଳି କ୍ଷେତ୍ରଗୁଡ଼ିକରେ ନୂତନ ନିବେଶ ବୃଦ୍ଧି କରାଗଲେ ଭାରତୀୟ ଅର୍ଥବ୍ୟବସ୍ଥା ଧିରେଧିରେ ସ୍ୱାଭାବିକ ହୋଇପାରିବ ବୋଲି ଆର୍‌ବିଆଇ କହିଛି।

# ଏମ୍ଏସ୍ ଅଲ ନ୍ୟୁ ଏକ୍ସଏଲ୍ ୬ର ଅନାବରଣ

ଭୁବନେଶ୍ୱର,୨୯।୪

ମାରୁତି ସୁଜୁକିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହାର ଅଲ ନ୍ୟୁ ଏକ୍ସଏଲ୍ ୬ର ବଜାର ପ୍ରବେଶ ନିକଟରେ ହୋଇଥିଲା। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନାରାୟଣୀ ମୋଟର୍ସ ପ୍ରା.ଲି. ନେକ୍ସା ରାଜଭବନ ରୋଡ୍ ପକ୍ଷରୁ ଶୁକ୍ରବାର ଏହାର ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଏମ୍ ଆନନ୍ଦ ବିକ୍ରମ ଏବଂ ମାରୁତି ସୁଜୁକି ଇଣ୍ଡିଆର ଆର୍‌ଏମ୍ କାର୍ତ୍ତିକ ରାଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେକ୍ସା ନାରାୟଣୀ ମୋଟର୍ସର ସିଇଓ ପ୍ରଣୟ ବୁଦ୍ଧରାଜ ଏବଂ ଶାନ୍ତନୁ କୁମାର ସିଆଁଙ୍କ ସମେତ ନେକ୍ସା ରାଜଭବନର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କମ୍ପାନୀର ଏହି ମଡେଲ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବ। ଏପରିକି ଏହାର ଆକର୍ଷଣୀୟ ଲୁକିଂ ଓ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସବୁ ବର୍ଗର ଗ୍ରାହକଙ୍କ ପସନ୍ଦ ପାଲଟିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଏହାର ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ୩ଟି ପ୍ରମୁଖ ମଡେଲ ଓ ୬ଟି ରଙ୍ଗରେ ଏହା ଉପଲବ୍ଧ ହେଉଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହୋଇଥିବା ବେଳେ ୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହାର ବିଭିନ୍ନ ମଡେଲର ମୂଲ୍ୟ ରହିଛି।



ନେକ୍ସା ରାଜଭବନ ରୋଡ୍ ଶୋ'ରୁମ୍ ପରିସରରେ ଏକ୍ସଏଲ ୬ର ଆନୁଷ୍ଠାନିକ ଉଦ୍‌ଘାଟନ ଅବସରରେ ଅତିଥି ଓ ଶୋ'ରୁମ୍ କର୍ତ୍ତୃପକ୍ଷ।

# ମାର୍ଚ୍ଚରେ କୋର୍ ସେକ୍ଟର ଅଭିବୃଦ୍ଧି ହ୍ରାସ

ନୂଆଦିଲ୍ଲୀ,୨୯।୪

ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ସଦ୍ୟ ପ୍ରକାଶିତ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୧-୨୨ର ଶେଷ ମାସ ଅର୍ଥାତ୍ ମାର୍ଚ୍ଚରେ ଦେଶର ୮ଟି କୋର୍ ସେକ୍ଟର ଯଥା- କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଜୁଳି କ୍ଷେତ୍ରରେ ଅଭିବୃଦ୍ଧି ହ୍ରାସ ପାଇଛି। ଫେବୃୟାରୀରେ କୋର୍ ସେକ୍ଟରଗୁଡ଼ିକର ଅଭିବୃଦ୍ଧି ୬% ରହିଥିବା ବେଳେ ମାର୍ଚ୍ଚରେ ତାହା ୪.୩%କୁ ହ୍ରାସ ଘଟିଛି। ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ସମଗ୍ର ଭିତ୍ତିଭୂମି ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ୧୦.୪% ଥିବା ବେଳେ ୨୦୨୦-୨୧ରେ ତାହା ୬.୪% ରହିଥିଲା। ଶୋଧିତ ତୈଳ ଉତ୍ପାଦନରେ ଦେଖାଦେଇଥିବା ହ୍ରାସ କାରଣରୁ ଭାରତୀୟ ଅର୍ଥବ୍ୟବସ୍ଥାର ଭିତ୍ତିଭୂମି ଭାବରେ ଗଣନା କରାଯାଉଥିବା ଏହି ୮ଟି କୋର୍ ସେକ୍ଟରର ଅଭିବୃଦ୍ଧି ଧିମା ହୋଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ପୂର୍ବବର୍ଷ ଅପେକ୍ଷା ୨୦୨୨ ମାର୍ଚ୍ଚରେ ଅଶୋଧିତ ତୈଳ ଉତ୍ପାଦନରେ ୩.୪% ହ୍ରାସ ଘଟିଛି। ସେହିପରି ପୂର୍ବ ଆର୍ଥିକ ବର୍ଷ ଅପେକ୍ଷା ୨୦୨୧-୨୨ରେ ଅଶୋଧିତ ତୈଳ ଉତ୍ପାଦନରେ ୩.୪% ହ୍ରାସ ଘଟିଛି।

# କାରେଟ୍‌ଲେନ୍ ପକ୍ଷରୁ 'ବୋର୍ଲା'ର ଉନ୍ମୋଚନ




ଭୁବନେଶ୍ୱର,୨୯।୪

**ହୀରା ମୂଲ୍ୟରେ ଫ୍ଲାଟ୍ ୨୦% ରିହାତି**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତନିସ୍କର ସହଯୋଗୀ ଗହଣା ବ୍ରାଣ୍ଡ କାରେଟ୍‌ଲେନ୍ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଆକର୍ଷଣୀୟ ଅଫର ସହ ଅନେକ ଡିଜାଇନର ସମ୍ଭାର ଅଣାଯାଇଛି। ସେହିଭଳି ଅକ୍ଷୟ ତୃତୀୟା ପାଇଁ କାରେଟ୍‌ଲେନ୍‌ର ନୂତନ କଲେକ୍ସନ 'ବୋର୍ଲା'ର ଶୁଭାରମ୍ଭ ମଧ୍ୟ କରାଯାଇଛି। ବିଶେଷ କରି ଏହା ଐତିହାସିକ ଗୌରବରୁ ଉଦ୍ଧୃତ ରାଜସ୍ଥାନର ରାଜକୀୟ କାହାଣୀକୁ ପ୍ରତିପାଦନ କରୁଛି। ଏହା ସହିତ କାରେଟ୍‌ଲେନ୍‌ରେ ଅନେକ ପ୍ରକାର ମନଲୋଭା ଡିଜାଇନ ମଧ୍ୟ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି। ସଭିଙ୍କ ପାଇଁ ଏଠାରେ କିଛି ନା କିଛି ରହିଛି। ଏପରିକି ନିତିଦିନିଆ ବ୍ୟବହାର ପାଇଁ ମଧ୍ୟ ଏକାଧିକ ବିକଳ୍ପ ରହିଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ନୂଆ କଲେକ୍ସନ 'ବୋର୍ଲା'ରେ ରାଜକୀୟ ମଥା ଟିକାକୁ ଅତ୍ୟାଧୁନିକ ଏବଂ ଅତି ସୁନ୍ଦର ଭାବେ ଡିଜାଇନ ମଧ୍ୟ କରାଯାଇଛି। ଏହି କଲେକ୍ସନରେ ଆକର୍ଷଣୀୟ ଡିଜାଇନ୍‌ର ହାର, ବ୍ରେସ୍‌ଲେଟ୍, କାନଫୁଲ ଏବଂ ମୁଦି ଆଦି ରହିଛି।

# ଚିତ୍ତରଞ୍ଜନ ପିଏନ୍‌ବିର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୨୯।୪



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ( ପିଏନ୍‌ବି)ର ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ଚିତ୍ତରଞ୍ଜନ ପୃଷ୍ଟି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ଅହମଦାବାଦସ୍ଥିତ ଅଞ୍ଚଳ କାର୍ଯ୍ୟାଳୟର ଉପ-ଅଞ୍ଚଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ପୃଷ୍ଟି ୧୯୯୫ରେ ଦିଲ୍ଲୀସ୍ଥିତ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର କର୍ପୋରେଟ୍ କାର୍ଯ୍ୟାଳୟରେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଏପରିକି ୨୦୦୬ରୁ ୨୦୧୧ ପର୍ଯ୍ୟନ୍ତ ସେ ଶହୀଦନଗର ଶାଖା ଏବଂ ବ୍ରହ୍ମପୁର ଶାଖାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୃଷ୍ଟି ଭୁବନେଶ୍ୱରର ମଣ୍ଡଳ ମୁଖ୍ୟ ଭାବେ ଗ୍ରାହକ ସେବା,ବ୍ୟବସାୟ ସମ୍ପ୍ରସାରଣ,କାସା ଏବଂ ରିଟେଲ ଆସେଟ୍ ମ୍ୟାନେଜମେଣ୍ଟ ପ୍ରତି ବିଶେଷ ଧ୍ୟାନଦେବା ସହିତ ଏନ୍‌ପିଏ ଆକାଉଣ୍ଟଗୁଡିକର ତୁରନ୍ତ ସମାଧାନ ଉପରେ ଦୃଷ୍ଟି ଦେବେ ବୋଲି ମତବ୍ୟକ୍ତ କରିଛନ୍ତି। ବିଶେଷକରି ଗ୍ରାହକ ସେବାକୁ ପ୍ରାଧାନ୍ୟ ଦେବା ପାଇଁ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ସେ ଆହ୍ୱାନ କରିଛନ୍ତି।

# ସେମିକଣ୍ଡକ୍ଟର ନିର୍ମାଣକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୯।୪

ଦେଶରେ ଖୁବ୍‌ଶୀଘ୍ର ସେମିକଣ୍ଡକ୍ଟର ନିର୍ମାଣ ହେବା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେମିକଣ୍ଡକ୍ଟର ନିର୍ମାଣରେ ପ୍ରସାର କରିବା ପାଇଁ ଆଗାମୀ ୬-୮ ମାସ ମଧ୍ୟରେ ପ୍ରଥମେ ଇଲେକ୍‌ଟ୍ରୋନିକ୍ ଚିପ୍ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହି ସମୟ ମଧ୍ୟରେ ସେମିକଣ୍ଡକ୍ଟରର ଘରୋଇ ନିର୍ମାଣ ପାଇଁ ଅନୁମତି ଦିଆଯିବ ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି। ମନ୍ତ୍ରୀ କହିଛନ୍ତି, ଆମେ ପ୍ରଥମରୁ ଇଲେକ୍‌ଟ୍ରୋନିକ୍ସ ବିନିର୍ମାଣ କ୍ଷେତ୍ରରେ ୭୬ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିଛନ୍ତି। ବର୍ତ୍ତମାନ ଆମେ ୩୦୦ ବିଲିୟନ ଡଲାର ଦିଗରେ ଅଗ୍ରସର ହେଉଛୁ।

# ମାଲାବାର ପକ୍ଷରୁ ନେକ୍‌ଲେସ୍ ମେଳା

ଭୁବନେଶ୍ୱର,୨୯।୪




ରାଜଧାନୀସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଶୁକ୍ରବାର ନେକଲେସ ମେଳାର ଶୁଭାରମ୍ଭ କରାଯାଇଛି। ଏହି ମେଳା ଏପ୍ରିଲ୍ ୨୯ଠାରୁ ଆରମ୍ଭ ହୋଇ ମେ' ୮ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ବ୍ରାଇଡାଲ୍, ପାର୍ଟିୱେର୍ ଏବଂ ନିତିଦିନିଆ ବ୍ୟବହାର ଭଳି କଲେକ୍ସନ ପାଇଁ ହ୍ୟାଣ୍ଡପିକ୍ଡ ଜୁଏଲେରୀ ପ୍ରଦର୍ଶିତ କରାଯାଉଛି। ଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷା ନୟନତାରା ଆଚାର୍ଯ୍ୟ ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଏବଂ ପରିଚାଳନା ଦଳ ଉପସ୍ଥିତ ଥିଲେ। ମେଳାରେ ଉପଲବ୍ଧ ସୁନା ଏବଂ ହୀରା ଷ୍ଟଡ୍‌ରେ ନିର୍ମିତ ଅଳଙ୍କାରର ମେକିଂ ଚାର୍ଜ ୭.୯%ରି ଆରମ୍ଭ ହୋଇଛି। ରାଜଧାନୀର ଅଳଙ୍କାର ପ୍ରେମୀଙ୍କ ପାଇଁ ଏହାକୁ ଏକ ଭିଜିଆଲ୍ ଟ୍ରିଟ୍ ବୋଲି କୁହାଯାଇପାରେ। ଏହି ଶୋ'ରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବିଭିନ୍ନ ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଯଥା ମାଇଁ-ଡାଇମଣ୍ଡ ଜୁଏଲେରୀ, ଏରା-ଅନକଟ୍ ଡାଇମଣ୍ଡ ଜୁଏଲେରୀ, ପ୍ରେସିଆ-ପ୍ରେସିୟସ୍ ଜେମ୍‌ଷ୍ଟୋନ୍ ଜୁଏଲେରୀ, ଏଥନିକ୍ସ- ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରୀ, ଡିଭାଇନ୍-ଇଣ୍ଡିଆନ୍ ହେରିଟେଜ୍ ଜୁଏଲେରୀ, ଏବଂ ଷ୍ଟାର୍‌ଲେଟ୍- କିଡ୍ସ ଜୁଏଲେରୀ ଉପଲବ୍ଧ। ଏହିଅହିତ ପ୍ରଦର୍ଶନୀରେ ଅକ୍ଷୟ ତୃତୀୟା ଅଫର ମଧ୍ୟ ରହିଛି। ମେ'୨ ପୂର୍ବରୁ ଅଗ୍ରୀମ ଜୁଏଲେରୀ ବୁକ୍ କରିଲେ ପ୍ରତ୍ୟେକ କ୍ରୟରେ ମାଗଣା ସିଲ୍‌ଭର ମୁଦ୍ରା ମିଳିବ।

# ଫୋନ୍‌ପେ'ର ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୯।୪

ଭାରତର ଅଗ୍ରଣୀ ଡିଜିଟାଲ ପେମେଣ୍ଟ କମ୍ପାନୀ ଫୋନ୍‌ପେ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ଏହା ଜରିଆରେ ୨୪କ୍ୟାରେଟର ଶୁଦ୍ଧ ସୁନା କିଣିପାରିବେ ଏବଂ ଏକ ବିସ୍ତୃତ ରେଞ୍ଜର ଡିଜାଇନରୁ ସୁନାର କଏନ କିମ୍ବା ବାର୍‌ର ଚୟନ କରିପାରିବେ। ସେମାନେ ଏହି ସମୟ ମଧ୍ୟରେ ସୁନା କ୍ରୟ ଉପରେ ୨୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ମଧ୍ୟ ପାଇପାରିବେ। ସେହିଭଳି ରୁପାର କଏନ କିମ୍ବା ବାର୍ କ୍ରୟ ଉପରେ ୨୫୦ ଟଙ୍କାର କ୍ୟାଶ୍‌ବ୍ୟାକ୍ ସୁବିଧା ରହିଛି। ଏହି ସୀମିତ ଅଫର ଚଳିତ ବର୍ଷ ୩ ମେ ପର୍ଯ୍ୟନ୍ତ ଉପଲବ୍ଧ ହେବ।

# ରାଉରକେଲାରେ ଅରୁନ୍ଧତୀ ଜ୍ୱେଲର୍ସର ଫ୍ଲାଗଶିପ୍ ଶୋ'ରୁମ୍

ରାଉରକେଲା ଅଫିସ,୨୯।୪




ଓଡ଼ିଶାର ପ୍ରମୁଖ ସୁନାଗହଣା ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସର ସପ୍ତମ ଫ୍ଲାଗଶିପ୍ ଶୋ'ରୁମ୍ ଆସନ୍ତା ମେ ୨ରେ ରାଉରକେଲାଠାରେ ଖୋଲିବାକୁ ଯାଉଛି। ଏହାର ଉଦ୍‌ଘାଟନ ସମାରୋହରେ ବଲିଉଡ୍ ଅଭିନେତା ଅଫତାବ ଶିବଦାସାନୀ ଓ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜ୍ୱେଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ଯୋଗଦାନ କରିବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନି ଜରିଆରେ ଅରୁନ୍ଧତୀ ଜ୍ୱେଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ବିସ୍ତୃତ ସୂଚନା ଦେଇଛନ୍ତି। ସେହିପରି ଖୁବଶୀଘ୍ର ରାଉରକେଲା ବିର୍ସା ରୋଡ୍‌ର ହୋଟେଲ ସେଣ୍ଟାଲ ପାର୍କ ସମ୍ମୁଖ ଠାରେ ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନିକ ଫ୍ଲାଗଶିପ୍ ଶୋରୁମ୍‌ର ଉଦଘାଟନ ହେବ। ୬୦୦୦ ବର୍ଗଫୁଟ ପରିମିତ ଜମିରେ ଗଢି ଉଠିଥିବା ଏହି ଶୋରୁମ ମଧ୍ୟରେ ଭାରତର କୋଣ ଅନୁକୋଣରୁ ପ୍ରସ୍ତୁତ କରାଯାଇଥିବା ୧୦୦୦୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଡିଜାଇନ୍ ଓ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନା ଗହଣା, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୂପା ଗହଣା ଓ କଳାକୃତି ସହ ପ୍ରିମିୟମ ସୀଲକ୍ ସାଢିର ସମ୍ଭାର ରଖାଯିବା ସହ ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ରାଜ୍ୟର ସର୍ବପ୍ରଥମ ଗହଣା ବ୍ରାଣ୍ଡ ଭାବରେ "୫ ଷ୍ଟାର ପ୍ରୋମାଇସ" ସେବା ମଧ୍ୟ ଯୋଗାଇ ଦିଆଯିବ।

ଏହି ନୂତନ ଶୋ'ରୁମ୍ ଅକ୍ଷୟ ତ୍ରିତୀୟା ଅବସରରେ ଶୁଭାରମ୍ଭ ସହ ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ଆର୍କଷଣୀୟ ଅଫର ମଧ୍ୟ ସହରବାସୀଙ୍କ ପାଇଁ ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ରେଗୁଲାର ହଲ୍‌ମାର୍କ ସୁନା ଗହଣା ଗଢା ମଜୁରୀ ଉପରେ ଫ୍ଲାଟ ୧୦.୯୯%, ପ୍ରତ୍ୟେକ କ୍ରୟରେ ମାଗଣା ସ୍ୱର୍ଣ୍ଣ ଓ ରୋପ୍ୟମୁଦ୍ରା ସହ ଆକର୍ଷଣୀୟ ଉପହାର, ତଥା ୧୧ଜଣ ଭାଗ୍ୟଶାଳୀ ଲକ୍ଷପତି ବିଜେତା ହେବାର ଘୋଷଣା କରାଯାଇଅଛି।

# ଶେଷ ଦିନରେ ବଜାରରେ ହ୍ରାସ

ମୁମ୍ବାଇ,୨୯।୪

ସପ୍ତାହ ତଥା ଏପ୍ରିଲ ଶେଷ କାରବାର ଦିନ ଅର୍ଥାତ୍ ଶୁକ୍ରବାର ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଶେଷ ଦିନରେ ମଧ୍ୟ ସପ୍ତାହର ହ୍ରାସ ବୃଦ୍ଧି ଟ୍ରେଣ୍ଡ ଜାରି ରହିଥିଲା। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୪୬୦.୧୯ ପଏଣ୍ଟ (୦.୮୦%) ଏବଂ ନିଫ୍ଟିରେ ୧୪୨.୫୦ ଅଙ୍କ (୦.୮୩%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୭,୦୬୦.୮୭ ଏବଂ ୧୭,୧୦୨.୫୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୪୭୨ଟି ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୮୬୨ଟି ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଥିଲା। ଶୁକ୍ରବାରର ଟପ୍ ଗେନର୍ସ ତାଲିକାରେ ଏଚ୍‌ଡିଏଫ୍‌ସି ଲାଇଫ୍, ଟାଟା କଞ୍ଜୁମର ପ୍ରଡକ୍ଟସ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ୍, ସନ୍ ଫାର୍ମା ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଆକ୍ସିସ୍ ବ୍ୟାଙ୍କ୍, କୋଲ୍ ଇଣ୍ଡିଆ, ଆଦାନୀ ପୋର୍ଟ୍ସ, ପାୱାର ଗ୍ରୀଡ୍ ଏବଂ ବଜାଜ ଅଟୋ ରହିଛନ୍ତି।

# କଟକରେ ଫାଷ୍ଟକ୍ରାଏ ଡଟ୍ କମ୍ ଷ୍ଟୋର୍ ଉଦ୍‌ଘାଟିତ

କଟକ,୨୯।୪



ଫାଷ୍ଟକ୍ରାଏ ଡଟ୍ କମ୍ ଏସିଆର ସର୍ବବୃହତ୍ତ ବେବି ଓ କିଡ୍ସ ଷ୍ଟୋର୍ କଟକଠାରେ ଉଦ୍‌ଘାଟନ କରିଛି। କଟକର ବକ୍ସିବାଟୀ ରୋଡ୍‌ସ୍ଥିତ ବିଷ୍ଣୁପ୍ରିୟା କମ୍ପ୍ଲେକ୍ସଠାରେ ଏହି ଷ୍ଟୋର୍ ଖୋଲିଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ପ୍ରତିଭାଶାଳୀ ବାଳିକା ବେବି ଆନ୍‌ଭି ଭି. ଅଗ୍ରୱାଲ୍ (ୱାର୍ଲଡ ବୁକ୍ ଅଫ୍ ରେକର୍ଡ, ଲଣ୍ଡନ) ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଷ୍ଟୋର୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମ୍ପାନୀର ଏରିଆ ବିଜ୍‌ନେସ୍ ମ୍ୟାନେଜର ଦେବୀପ୍ରସନ୍ନ ଦେବାଶିଷ ଦାସ ଉପସ୍ଥିତ ଥିଲେ। ଏହି ଷ୍ଟୋର୍‌ରେ ଗ୍ରାହକଙ୍କ ପାଇଁ ୧୩ଟି ବର୍ଗର ୨୫୦ରୁ ଉର୍ଦ୍ଧ୍ୱ ବ୍ରାଣ୍ଡ ଉପଲବ୍ଧ ହେବ। ଦେଶରେ ଫାଷ୍ଟକ୍ରାଏ ଡଟ୍ କମ୍‌ର ୭୦୦ରୁ ଉର୍ଦ୍ଧ୍ୱ ଷ୍ଟୋର୍ ରହିଛି। କଟକର ଏହି ଷ୍ଟୋର୍‌ର ଫ୍ରାଞ୍ଚାଇଜ୍ ଯୁବଦ୍ୟୋଗୀ ଆଶୀଷ ମହାନ୍ତି ଏବଂ ହିମାନୀ ବିଶ୍ୱାଳ ୨୦୨୧ ମେ'ରେ ଭୁବନେଶ୍ୱରର ଜନପଥରେ ଫାଷ୍ଟକ୍ରାଏ ଡଟ୍ କମ୍ ଷ୍ଟୋର୍ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନ ତାହା ସଫଳତାର ସହିତ ଚାଲୁଛି। ଏହି ଷ୍ଟୋର୍‌ଗୁଡ଼ିକ ସହାୟତାରେ ପିତା-ମାତାମାନେ ନିଜ ପିଲାଙ୍କ ଚାହିଦା ମୁତାବକ ସାମଗ୍ରୀ କ୍ରୟ କରିପାରିବେ ବୋଲି ମହାନ୍ତି କହିଛନ୍ତି।

# ୱାଶ୍‌କୁ ଆର୍ଥିକ ସହାୟତା ଦେବ ଏସଏଲବିସି

**ଭୁବନେଶ୍ୱର,୨୯।୪ :** ରାଜ୍ୟରେ ପ୍ରଥମ ଥର ପାଇଁ ଏକ ରାଜ୍ୟସ୍ତରୀୟ କର୍ମଶାଳା ଷ୍ଟେଟ ଲେଭେଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ସହିତ ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍), ୟୁନିସେଫ୍ ଏବଂ ୱାଟର ଡଟ୍ ଓଆର୍‌ଜି ମିଳିତ ଭାବେ ଆୟୋଜନ କରିଛନ୍ତି। ଏପରିକି ଓଡ଼ିଶାରେ କାର୍ଯ୍ୟ କରୁଥିବା ବ୍ୟାଙ୍କଗୁଡ଼ିକୁ ଜଳ ଏବଂ ପରିମଳ ସୁବିଧା ନ ଥିବା ପରିବାର ପ୍ରତି ଛୋଟ ମୂଲ୍ୟର ଋଣ ଯୋଗାଣ ବୃଦ୍ଧି କରିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୟୁନିସେଫ୍ ଦ୍ୱାରା ଓଡ଼ିଶାରେ ଜଳ ଏବଂ ପରିମଳର ସ୍ଥିତି ବିଷୟରେ ବିସ୍ତୃତ ବିବରଣୀ ଦିଆଯାଇଥିଲା। ସେହିଭଳି ପବ୍ଲିକ ସେକ୍ଟର ବ୍ୟାଙ୍କ୍, ବେସରକାରୀ କ୍ଷେତ୍ର ବ୍ୟାଙ୍କ୍, ଆର୍‌ଆର୍‌ବି, ଏସ୍‌ଏଫ୍‌ବି, ସମବାୟ ବ୍ୟାଙ୍କ୍, ଲିଡ୍ ଜିଲା ପରିଚାଳକ ଏବଂ ଓଏଲ୍‌ଏମ୍ କର୍ମଚାରୀମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳା ଓ ଆୟୋଜିତ ସମାବେଶକୁ ଷ୍ଟେଟ୍ ଲେଭେଲ ବ୍ୟାଙ୍କର୍ସ କମିଟିର କନ୍‌ଭେନର ଅରୂପାନନ୍ଦ ଜେନା ସ୍ୱାଗତ କରିଥିଲେ। ଓଡ଼ିଶା ଜୀବିକା ନିର୍ବାହ ମିଶନର ଅତିରିକ୍ତ ସିଇଓ ଡ. ବବିତା ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କହିଥିଲେ ବ୍ୟାଙ୍କ୍, ଓଏଲ୍‌ଏମ୍, ୟୁନିସେଫ୍ ପରି ହିତାଧିକାରୀଙ୍କ ମଧ୍ୟରେ ପ୍ରକୃତ ସହଯୋଗକୁ ସେ ଆଲୋକପାତ କରିଥିଲେ । ଏହି ସହଯୋଗ ଦ୍ୱାରା ପରିବାରର ଏକକ ପିଟ୍ ଟଏଲେଟ୍ ଦୁଇ ପିଟ୍ ହୋଇ ସୁଚାରୁ ରୂପେ କାର୍ଯ୍ୟ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।




**ମନେ ପଡ଼ନ୍ତି**

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଉଦୟନାଥ ମିଶ୍ର**
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୮୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଲଳିତା ରାଉତରାୟ**
ସ୍ୱାମୀ: ଶଶିଭୂଷଣ ରାଉତରାୟ
ଲାଲବାଗ, ଯାଜପୁର ଟାଉନ
ଆବିର୍ଭାବ: ୨୨।୧୧।୧୯୫୦
ତିରୋଧାନ:୧୧।୦୫।୨୦୨୧
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆଜିବି ଆପଣଙ୍କ ଅନୁପସ୍ଥିତି ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆମକୁ ଶୋକସାଗରରେ ଭସାଇ ପ୍ରଭୁଙ୍କ କୋଳକୁ ବାହୁଡ଼ି ଗଲେ। ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ଶ୍ରୀଜଗନ୍ନାଥ, ମା' ବିରଜାଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ନିଶି, କୁନିବୋଉ, ପରେଶ, ମିନି, ସନ୍ତୋଷ, ଜିତା, ସିଲୁ, ଜଲି, କାଳିଆ, ମିଲି, ଗୁରିଆ, ସଞ୍ଜୁ, ରଞ୍ଜୁ, ବେଞ୍ଜୁ, ଦୀପା, ମଞ୍ଜୁ ଓ ବନ୍ଧୁପରିଜନ।
ଧ-୨୬୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଲକ୍ଷ୍ମିଧର ଜେନା**
ରାଇକିଶୋରପଡ଼ା, (ଅନୁଗୁଳ)
ଆବିର୍ଭାବ: ୦୫।୦୩।୧୯୭୭
ତିରୋଧାନ: ୧୧।୦୫।୨୦୨୧
ଆପଣଙ୍କ ଅସମୟିକ ବିୟୋଗରେ ଆମ୍ଭେ ମର୍ମାହତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଜେନା ପରିବାରବର୍ଗ ।
ଧ-୨୯୨

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ବିଶ୍ୱଜିତ୍ ଦାଶ୍ (ପ୍ରେମ)**
ଗ୍ରାମ: କଣ୍ଟିପୁର, ବିଞ୍ଝାରପୁର, ଯାଜପୁର
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।
-:ଶୁଭେଚ୍ଛା ସହ:-
ଅଜା, ଆଇ, ବଡ଼ବାପା, ବଡ଼ମାଆ, ବାପା, ବୋଉ, ମାମୁ ଓ ପରିବାରବର୍ଗ।
ଧ-୬୭୫୨୨

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଅଂଶୁମାନ୍ ବାରିକ (ବିରାଜ)**
ଗ୍ରାମ: ଅଙ୍ଗାଳୋ, ବିଞ୍ଝାରପୁର, ଯାଜପୁର
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।
ଶୁଭେଚ୍ଛା ସହ: ବାପା, ମାଆ, ବଡ଼ବାପା, ବଡ଼ମାଆ, କେକେମାଆ, ଦୁଇ ଭଉଣୀ: ଲିସା, ବାୟାଣି, ଅଜା, ଆଇ, ମାମୁ ଓ ମାଉସୀ, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୭୫୨୧

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**GLOBAL FINANCE**
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୩୦/୨୦୨୨ Bhubaneswar, Saturday, April 30/ 2022

# ଓଡ଼ିଶା ରୋଲ୍‌ବଲ୍ ଦଳ ଘୋଷିତ


ପୂର୍ବାଞ୍ଚଳ ରୋଲ୍‌ବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୯।୪ (କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧାର କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଶନିବାର ପୂର୍ବାଞ୍ଚଳ ରୋଲବଲ୍ ଚାମ୍ପିୟନଶିପ୍ (୧୧ ବର୍ଷରୁ କମ୍ ବାଳିକା ଓ ବାଳକ) ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଆସାମ, ଛତିଶଗଡ଼, ପଶ୍ଚିବଙ୍ଗ, ମଣିପୁର, ନାଗାଲାଣ୍ଡ ଏବଂ ଆୟୋଜକ ଓଡ଼ିଶା ଅଂଶଗ୍ରହଣ କରୁଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଶୁକ୍ରବାର ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ (ଓଆର୍‌ବିଏ) ପକ୍ଷରୁ ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା ରୋଲ୍‌ବଲ୍ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ଧର୍ମାଦିତ୍ୟ ପଟ୍ଟନାୟକ, ସମ୍ପାଦକ ପାର୍ଥ ସାରଥି ଜେନା, ପ୍ରତିଷ୍ଠାତା ସଦସ୍ୟ ସୌଦାମିନୀ ପାତ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବାଞ୍ଚଳ ରୋଲ୍‌ବଲ୍ ଚାମ୍ପିୟନଶିପ୍**

ଓଡ଼ିଶା ବାଳିକା ଦଳ: ଅଶ୍ଳେଷା ପଣ୍ଡା, ବାଗ୍ମି ପ୍ରଧାନ, ଭବ୍ୟ ଈଶାନ ରାଉତ, ଅନୁସ୍କା ମହାପାତ୍ର, ଗୀତିକା ଗୀତିମୟୀ, ଅନୁସ୍କା ପେକଲ, କମଲ କ୍ରିଷ୍ଣା, ଇଟିନା ଦିବ୍ୟାଞ୍ଜଳି, ସାଇ ଶ୍ରୁତି ସେନାପତି, ଅନୁସ୍କା ପ୍ରିୟଦର୍ଶିନୀ, ବଂଶିକା ଗୁରୁ, ଇମି ଟପ୍ପୋ।
ଓଡ଼ିଶା ବାଳକ ଦଳ: ପ୍ରତୀକ ଅର୍ଣ୍ଣବ ଜେନା, ଶ୍ରୀୟାଂଶ ଶ୍ରେୟାଶ, କିରଟ କୁମାର ନାୟକ, ଅଂଶୁମାନ ପାତ୍ର, ଜଗନୀଶ ସଚ୍ଚିଦାନନ୍ଦମ, ଅର୍ମାନ ସୁବୁଦ୍ଧି, ବୀରେନ ଦାସ, ସୂର୍ଯ୍ୟ ପ୍ରତ୍ୟୁଷ ନାୟକ, କମଲେଶ ସାହୁ, ସାଇ ଶ୍ରେୟାଂଶୁ ରାଉତ, ନିର୍ମଳ ତ୍ରିପାଠୀ।

# ସନ୍ତରଣରେ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ବିଶ୍ୱ ରେକର୍ଡ

**ଗ୍ରିନ୍ସ ବୋରୋ (ଯୁକ୍ତରାଷ୍ଟ୍ର ଆମେରିକା), ୨୯।୪ (ଏପି):** ଆମେରିକାର ହଣ୍ଟର ଆର୍ମଷ୍ଟ୍ରଙ୍ଗ୍ ପୁରୁଷ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ବିଶ୍ୱ ରେକର୍ଡ କରିଛନ୍ତି। ନର୍ଥ କାରୋଲିନା ଅନ୍ତର୍ଗତ ଗ୍ରିନ୍ସବେରୋଠାରେ ଏକ ଅଣ ଅଲିମ୍ପିକ ଇଭେଣ୍ଟ ଇଣ୍ଟରନ୍ୟାଶନାଲ ଟିମ୍ ଟ୍ରାଏଲ୍ସରେ ସେ ୨୩.୭୧ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ଏହି ଗ୍ରୀଷ୍ମଋତୁରେ ହଙ୍ଗେରୀର ବୁଦାପେଷ୍ଟଠାରେ ସୁଇମିଂ ବିଶ୍ୱ ଚାମ୍ପିୟନଶିପ୍ ହେବ।


ହଣ୍ଟର ଆର୍ମଷ୍ଟ୍ରଙ୍ଗ୍

ଏଥିଲାଗି ଆମେରିକା ଦଳ ଚୟନ ପାଇଁ ଏହି ମିଟ୍‌ର ଆୟୋଜନ କରାଯାଇଛି। ଓହିଓ ଷ୍ଟେଟ୍‌ର ୨୧ ବର୍ଷୀୟ ଆର୍ମଷ୍ଟ୍ରଙ୍ଗ୍ ଗତ ବର୍ଷ ଟୋକିଓ ଅଲିମ୍ପିକ୍ସ ୪x୧୦୦ ମିଟର ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏଠାରେ ସେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୁଷିଆର କ୍ଲିମେଣ୍ଟ କୋଲେସ୍ନିକୋଭଙ୍କ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। କ୍ଲିମେଣ୍ଟ ୨୦୨୧ରେ ୨୩.୮୦ ସେକେଣ୍ଡ ଟାଇମିଂରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ।




## ଦକ୍ଷିଣ ଆଫ୍ରିକାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦ ଲିଗ୍

**ଜୋହାନ୍ସବର୍ଗ, ୨୯।୪ (ପି.ଟି.):** ଦକ୍ଷିଣ ଆଫ୍ରିକାରେ ୬ଟି ଦଳକୁ ନେଇ ନୂଆ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦ ଲିଗ୍ ଆସନ୍ତା ବର୍ଷ ଜାନୁୟାରୀରେ ଅନୁଷ୍ଠିତ ହେବ। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଏହି ଲିଗ୍‌ରେ ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇ ଥର ଭେଟିବେ। ଶ୍ରେଷ୍ଠ ତିନୋଟି ଦଳ ପ୍ଲେଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ୩ ରୁ ୪ ସପ୍ତାହ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୩୩ଟି ମ୍ୟାଚ ଖେଳାଯିବ। ଇଣ୍ଡିଆନ ପ୍ରିମିୟର ଲିଗ୍ ଭଳି ଟୁର୍ନାମେଣ୍ଟରେ ପ୍ରତ୍ୟେକ ଦଳ ସେମାନଙ୍କ ଚୂଡ଼ାନ୍ତ ଏକାଦଶରେ ୪ଜଣ ଅନ୍ତର୍ଜାତୀୟ ଖେଳାଳିଙ୍କୁ ନେଇ ପାରିବେ। ଟି୨୦ ଲିଗ୍‌ର କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ।

# ସିନ୍ଧୁ ସେମିଫାଇନାଲରେ

**ମାନିଲା (ଫିଲିପାଇନ୍ସ), ୨୯।୪ (ପି.ଟି.):** ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଚାଇନାର ହି ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ୨୧-୯, ୧୩-୨୧, ୨୧-୧୯ରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧୬ ମିନିଟ ଧରି ଚାଲିଥିଲା। ଏଠାରେ ବିଜୟ ଦ୍ୱାରା ଚତୁର୍ଥ ସିଡ୍ ସିନ୍ଧୁ ଗୋଟିଏ ପଦକ ନିଶ୍ଚିତ କରିଛନ୍ତି। ପୂର୍ବରୁ ସେ ୨୦୧୪ ଜିମ୍‌ଚିଅନ୍ ସଂସ୍କରଣରେ ଏକ ବ୍ରୋଞ୍ଜ ଜିତିପାରିଥିଲେ। ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନ୍‌ରେ ଦୁଇଟି ସୁପର ୩୦୦ ଟାଇଟଲ ଜିତିଥିବା ହାଇଦ୍ରାବାଦର ଏହି ୨୬ ବର୍ଷୀୟା ଖେଳାଳି ସେମିଫାଇନାଲରେ ଟପ୍ ସିଡ୍ ତଥା ଜାପାନର ଆକାନେ ୟାମାଗୁଚିଙ୍କ ସହ ମୁକାବିଲା କରିବେ। ସୂଚନାଯୋଗ୍ୟ, ସିନ୍ଧୁ ଗତଥର ଟୋକିଓ ଅଲିମ୍ପିକ୍ସରେ ବିଙ୍ଗ୍ ଜିଆଓଙ୍କୁ ଭେଟିଥିଲେ। ଜାପାନୀ ଖେଳାଳିଙ୍କୁ ହରାଇ ସେ ବ୍ରୋଞ୍ଜ ଜିତିଥିଲେ।

**ବ୍ୟାଡ୍‌ମିଣ୍ଟନ ଏସିଆନ ଚାମ୍ପିୟନଶିପ୍**

ଶୁକ୍ରବାର ପରେ ଅନୁଷ୍ଠିତ ଏକ ମ୍ୟାଚରେ ୫ମ ସିଡ୍ ଯୋଡ଼ି ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍ ଭାରତର ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରଗ ଶେଟ୍ଟିଙ୍କୁ ୧୨-୨୧, ୨୧-୧୪ରେ ୨୧-୧୬ରେ ହରାଇ ଦେଇଛନ୍ତି।

## ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଧାୱଲ

**ମୁମ୍ବାଇ, ୨୯।୪ (ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସଂଘର୍ଷ ଚଳାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଧାୱଲ କୁଲକର୍ନୀ ଯୋଗ ଦେଇଛନ୍ତି। ଟ୍ରେନିଂ ସେସନରେ ଭଲ କଲେ ଅବଶିଷ୍ଟ ଆଇପିଏଲ୍ ପାଇଁ ତାଙ୍କ ନାମ ବିଚାରକୁ ନିଆଯାଇପାରେ। ଖବର ଅନୁସାରେ ୩୩ ବର୍ଷୀୟ ଡାହାଣ ହାତୀ ପେସ୍ ବୋଲର ଟିମ୍‌ର ବବଲରେ ଯୋଗ ଦେଇଛନ୍ତି। ସେ ଖୁବ୍ ଶୀଘ୍ର ଟ୍ରେନିଂ ଆରମ୍ଭ କରିବେ। ଚାମ୍ପିୟନ ଦଳ ତରଫରୁ ଆପ୍ରୋଚ୍ କରାଯିବା ପୂର୍ବରୁ କୁଲକର୍ନୀ ଅଫିସିଆଲ ବ୍ରଡ୍‌କାଷ୍ଟର କମେଣ୍ଟ୍ରି ଟିମ୍‌ର ଅଂଶବିଶେଷ ଥିଲେ। ମୁମ୍ବାଇ ପେସ୍ ବାହିନୀର ମୁଖ୍ୟ ଯଶପ୍ରୀତ ବୁମ୍‌ରା ୮ଟି ମ୍ୟାଚରେ ୨୨୯ ରନ ଦେଇଛନ୍ତି। ସେ ମାତ୍ର ୫ଟି ଉଇକେଟ ନେଇ ପାରିଛନ୍ତି। ଚଳିତ ସିଜନ ପରେ ଅନ୍ୟ ପେସ୍ ବୋଲରମାନେ ମଧ୍ୟ ସଂଘର୍ଷ ଚଳାଇଛନ୍ତି। ଜୟଦେବ ଉନାଡକଟ୍ (୫ ମ୍ୟାଚରେ ୧୯୦ ରନ ବିନିମୟରେ ୬ ଉଇକେଟ) ଓ ଡାନିଏଲ ସାମ୍ସ (୫ ମ୍ୟାଚରେ ୨୦୯ ରନ ଦେଇ ୬ଉଇକେଟ) ମାମୁଲି ସାବ୍ୟସ୍ତ ହୋଇଛନ୍ତି। ସେହିପରି ପେସ୍ ବୋଲର ଟାଇମଲ ମିଲ୍ସ (୫ ମ୍ୟାଚରେ ୧୯୦ରନ ବିନିମୟରେ ୬ ଉଇକେଟ) ଓ ବାସିଲ ଥାମ୍ପି (୫ ମ୍ୟାଚରେ ୧୫୨ ରନ ବ୍ୟୟରେ ୫ ଉଇକେଟ) ସେଭଳି ଆଖିଦୃଶିଆ ବୋଲିଂ କରିପାରିନାହାନ୍ତି।

# ସାଗରିକା, ରାଜକିଶୋରଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୯।୪ (କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇରେ ଚାଲିଥିବା ୪୨ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ୩୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ବର୍ଗ ହାଇଜମ୍ପରେ ସାଗରିକା ବାଗର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୦୦ ମିଟର ରେସ୍‌ରେ

**ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍**

ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରାଜକିଶୋର ମହନ୍ତ ୬୦ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରି ୨୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୭୫ ବର୍ଷରୁ ଊର୍ଦ୍ଧ୍ୱ ୧୦୦ ମିଟର ରେସ୍‌ରେ ବୃନ୍ଦାବନ ସାହୁ ରୌପ୍ୟ ଏବଂ ଟ୍ରିପଲ ଜମ୍ପରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୭୦ ବର୍ଷରୁ



ସାଗରିକା ବାଗର ଓ ରାଜକିଶୋର ମହନ୍ତ।

ଊର୍ଦ୍ଧ୍ୱ ଜାଭେଲିନ୍ ଥ୍ରୋରେ ସୁରେନ୍ଦ୍ର କୁମାର ପଟ୍ଟନାୟକ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ୫ କିଲୋମିଟର ଚାଲିରେ ଅରୁଣ କୁମାର ପାତ୍ରୋ ବ୍ରୋଞ୍ଜ ପଦକ ଜିତିଥିବାବେଳେ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ମଧ୍ୟ ଛୋଟୁ ସିଂ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ସାହୁ କୃତୀ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଫ୍ରେଣ୍ଡଶିପ୍ ଆରୋହଣ ଅଭିଯାନରେ କୁଶ ଓ ଲିପିକା

**ଭୁବନେଶ୍ୱର, ୨୯।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଯୁବ ପର୍ବତାରୋହୀ କୋରାପୁଟ ଜିଲ୍ଲାର କୁଶ ଅର୍ଲବ ଏବଂ ବରଗଡ଼ ଜିଲ୍ଲାର ଲିପିକା ସେଠ ଶୁକ୍ରବାର ହିମାଚଳସ୍ଥିତ ମାଉଣ୍ଟ ଫ୍ରେଣ୍ଡଶିପ୍ (୫,୨୮୭ମିଟର) ଆରୋହଣ ଅଭିଯାନରେ ବାହାରିଛନ୍ତି। ଉଭୟ ପର୍ବତାରୋହୀଙ୍କୁ ଡ୍ୟୁ ରେସ୍‌ପେକ୍ଟ ଆଡ୍‌ଭେଞ୍ଚର ଟ୍ରଷ୍ଟର ପ୍ରତିଷ୍ଠାତା କମାଣ୍ଡର ଡି.କେ. ମିଶ୍ର (ଅବସରପ୍ରାପ୍ତ) ଏବଂ ବିଜେୱାଇଏମ୍‌ର ପୂର୍ବତନ ସଭାପତି ଦେବାଶିଷ ନାୟକ ଜାତୀୟ ପତାକା ଦେଖାଇ ସେମାନଙ୍କ ଯାତ୍ରାର ଶୁଭାରମ୍ଭ କରିଥିଲେ। ମାଉଣ୍ଟ ଫ୍ରେଣ୍ଡଶିପ୍ ଆରୋହଣ ଅଭିଯାନ ମେ’ ୧ରୁ ଆରମ୍ଭ ହୋଇ ୮ରେ ଶେଷ ହେବ ବୋଲି ଉଭୟ କୁସ ଓ ଲିପିକାଙ୍କ ପ୍ରଶିକ୍ଷକ ନୃସିଂହ ସାହୁ ପ୍ରକାଶ କରିଛନ୍ତି।



ଅଭିଯାନ ପୂର୍ବରୁ କୁଶ ଅର୍ଲବ ଓ ଲିପିକା ସେଠ (ମଝି)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୩୦/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Saturday, April 30/2022 Page 16 ₹ 7.00 | ପୃଷ୍ଠା-୧



**ମୁନାଙ୍କୁ ଅନ୍ତର୍ଜାତୀୟ ସୁଯୋଗ**

ବିଶ୍ୱ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ମୁନା ନାୟକ ମନୋନୀତ ହୋଇଛନ୍ତି।

୦୮

୦୨

**ବହୁତ ଖୁସି ତାପସୀ**

ରାଜକୁମାର ହିରାନୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ଡଙ୍କି'ରେ ଶାହରୁଖଙ୍କ ସହ ଅଭିନୟ କରିବାକୁ ନେଇ ନାୟିକା ତାପସୀ ପନ୍ନୁ ବେଶ୍ ଖୁସି ଅଛନ୍ତି।





ସାରା ରାଜ୍ୟରେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ଇଂଲିଶ ବିଷୟରେ ପରୀକ୍ଷା ଦେଇ ପରୀକ୍ଷାର୍ଥୀମାନେ କଟକ ରେଭେନ୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରୁ ବାହାରୁଛନ୍ତି।

# ବିଦ୍ୟୁତ୍ ସଙ୍କଟ

## କୋଇଲା ଯୋଗାଣ ବୃଦ୍ଧି ଲାଗି ୪୨ ଯାତ୍ରୀବାହୀ ଟ୍ରେନ୍ ବାତିଲ

ନୂଆଦିଲ୍ଲୀ,୨୯।୪

ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଜାରି ରହିଥିବା ବେଳେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଇଛି। ଏଭଳି ସମୟରେ କୋଇଲାର ଉତ୍କଟ ଅଭାବ ଯୋଗୁ ବିଭିନ୍ନ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଫଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ କୋଇଲା ଯୋଗାଣ ତ୍ୱରାନ୍ୱିତ କରିବା ଲାଗି ରେଲୱେ ପକ୍ଷରୁ ୧୬ ମେଲ୍ ଓ ଏକ୍ସପ୍ରେସ୍ ସମେତ ୪୨ଟି ପାସେଞ୍ଜର ଟ୍ରେନ୍‌କୁ ବାତିଲ କରାଯାଇଛି। ମେ' ୨୪ ପର୍ଯ୍ୟନ୍ତ ୬୭୦ ପାସେଞ୍ଜର ଟ୍ରେନ୍ ଟ୍ରିପ୍ ବାତିଲ ହେବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ତାପଜ ବିଦ୍ୟୁତ୍ ପ୍ଲାଣ୍ଟରେ ମାତ୍ର ଅଳ୍ପ କେତେଦିନ ପାଇଁ କୋଇଲା ଗଚ୍ଛିତ ରହିଛି। ତେଣୁ ଥର୍ମାଲ୍ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କୋଇଲା ଯୋଗାଇବା ଲାଗି ରେଲ୍‌ୱେ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସ୍ଥିତିରେ ସୁଧାର ଆସିବା ପରେ ଯାତ୍ରୀବାହୀ ଟ୍ରେନ୍ ସେବା ସ୍ୱାଭାବିକ



ହେବ ବୋଲି ରେଲୱେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୌରବ କ୍ରିଷ୍ଣ ବଂଶଲ କହିଛନ୍ତି।

ବିଭିନ୍ନ ରାଜ୍ୟରେ କୋଇଲା ଅଭାବ ଦେଖାଦେଇଛି। କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ (ସିଇଏ) ସୂଚନା ଅନୁଯାୟୀ ୧୬୫ ତାପଜ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରୁ ୫୬ଟିରେ ୧୦ ପ୍ରତିଶତ କିମ୍ବା ଏହାଠାରୁ କମ୍ କୋଇଲା ଗଚ୍ଛିତ ରହିଛି। ୨୬ଟି ପ୍ଲାଣ୍ଟରେ ଏହି ପରିମାଣ ୫ ପ୍ରତିଶତରୁ କମ୍ ରହିଥିବା ଜଣାପଡ଼ିଛି। ପ୍ଲାଣ୍ଟଗୁଡ଼ିକରେ ଅନ୍ୟୂନ ୨୧ ଦିନ ପାଇଁ କୋଇଲା ଗଚ୍ଛିତ ରହିବା ଆବଶ୍ୟକ। ଦିଲ୍ଲୀର କେତେକ ପ୍ଲାଣ୍ଟରେ ମାତ୍ର ଗୋଟିଏ ଦିନ ପାଇଁ କୋଇଲା ରହିଥିବା ଶକ୍ତିମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି। କୋଇଲା ସଙ୍କଟ ଯୋଗୁ ବିଭିନ୍ନ ଶିଳ୍ପସଂସ୍ଥାର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

## ୯ରୁ ଏସ୍‌ସିବି ଓପିଡି ପାଇଁ ଅନ୍‌ଲାଇନ ଟିକେଟ ବୁକିଂ

**କଟକ ଅଫିସ,୨୯।୪:** ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଏଣିକି ଟିକେଟ ଲାଗି ଆଉ ଲମ୍ବାଧାଡ଼ିରେ ଠିଆ ହେବାକୁ ପଡ଼ିବ ନାହିଁ। ଏଥର ଅନ୍‌ଲାଇନରେ ଟିକେଟ ବୁକିଂ କରିହେବ। ଆସନ୍ତା ମେ ୯ ତାରିଖରୁ ମେଡିକାଲର ବହିର୍ବିଭାଗ (ଓପିଡି) ଲାଗି ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଶହ ଶହ ରୋଗୀ ଏହି ମେଡିକାଲକୁ ଆସିଥାନ୍ତି। ତେବେ କୌଣସି ବିଭାଗରେ ଚିକିତ୍ସା ପୂର୍ବରୁ ଓପିଡିରେ ଟିକେଟ କରିବା ପାଇଁ ରୋଗୀ କିମ୍ବା ରୋଗୀ ସମ୍ପର୍କୀୟଙ୍କୁ ଲମ୍ବାଧାଡ଼ିରେ ଛିଡ଼ା ହେବାକୁ ପଡ଼ିଥାଏ। ବେଳେ ବେଳେ ଘଣ୍ଟାଘଣ୍ଟା ଧରି ମଧ ଟିକେଟ୍ ମିଳି ନ ଥାଏ। ଫଳରେ ରୋଗୀଙ୍କୁ ନିରାଶ ହେବାକୁ ପଡ଼େ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍‌ରେ ଟିକେଟ ସ୍ଲଟ୍ ବୁକିଂ ଲାଗି ପଦକ୍ଷେପ ନିଆଯାଇଛି। ଆସନ୍ତା ମେ ୯ରୁ ଟିକେଟ ସ୍ଲଟ୍ ବୁକିଂର ଶୁଭାରମ୍ଭ ହେବ। ୧୦ ତାରିଖରୁ ରୋଗୀମାନେ ଏହି ଟିକେଟର ପ୍ରିଣ୍ଟ କପି ଡାକ୍ତରଙ୍କୁ ଦେଖାଇ ସେବା ପାଇପାରିବେ। eswasthya.odisha.gov.in ପୋର୍ଟାଲକୁ ଯାଇ ଅନଲାଇନ୍ ମାଧ୍ୟମରେ ଓପିଡି ଟିକେଟ୍ କରାଯାଇପାରିବ। ବିନା ଧାଡ଼ିରେ ଜନସାଧାରଣ ଘରେ ବସି ଯେକୌଣସି ବିଭାଗର ଡାକ୍ତରଙ୍କୁ ଦେଖାଇବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଏସ୍‌ସିବି ଆଡ୍‌ମିନିଷ୍ଟ୍ରେସନ୍ ରେଜିଷ୍ଟ୍ରାର ଡ. ଅବିନାଶ ରାଉତ କହିଛନ୍ତି।

## ଝିଅ ଆଗରେ ବାପାଙ୍କୁ ହାଣିଲେ

ପଦ୍ମପୁର,୨୯।୪ (ଡି.ଏନ.ଏ.)

- **ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ**
- **୩ ଅଭିଯୁକ୍ତ ଗିରଫ**

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଛି ହତ୍ୟାକାଣ୍ଡ। ଝିଅ ଆଗରେ ବାପାଙ୍କୁ ହାଣି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର ଜୋରାଗଡ଼ିଆ ଗ୍ରାମରେ ଗୁରୁବାର ରାତିରେ ଏଭଳି ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ ଗ୍ରାମର କରୁଣାକର ପ୍ରଧାନ। ତାଙ୍କ ଝିଅ ପ୍ରମିଳାଙ୍କ ଅଭିଯୋଗ ଆଧାରରେ ନାୟକାଣିଡିହି ଥାନା ପୋଲିସ ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସୂର୍ଯ୍ୟମଣି ପ୍ରଧାନ, କାର୍ତ୍ତିକ ପ୍ରଧାନ ଓ ବିଜୟ ପ୍ରଧାନ। ଏନେଇ ଥାନାରେ ୨୨ଜଣଙ୍କ ନାଁରେ ମାମଲା (ନଂ.୧୧୧/୨୨) ରୁଜୁ କରାଯାଇଛି।

କରୁଣାକର ଓ ତାଙ୍କ ଭାଇ ନାରାୟଣ ପ୍ରଧାନଙ୍କ ମଧ୍ୟରେ କିଛିଦିନ ତଳେ ଜାଗାବାଡ଼ି ବିବାଦକୁ ନେଇ ଉଭୟ ପକ୍ଷ ନାୟକାଣିଡିହି ଥାନାରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ତିକ୍ତତା ଲାଗିରହିଥିଲା। ଗୁରୁବାର ରାତିରେ କରୁଣାକର ଓ ଝିଅ ପ୍ରମିଳା ଗ୍ରାମରୁ ଭୋଜି ଖାଇ ଫେରୁଥିଲେ। ଏହି ସମୟରେ ନିକଟସ୍ଥ ହନୁମାନ ମନ୍ଦିର ପାଖ କଦଳୀ ବଣରେ ମାରଣାସ୍ତ୍ର ସହ ଲୁଚି ରହିଥିବା ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇଥିଲେ। କରୁଣାକର ଆକ୍ରମଣର ଶିକାର ହୋଇଥିବା ବେଳେ କୌଣସିମତେ ପ୍ରମିଳା ଖସିଯାଇ ଗାଁ ଭିତରକୁ ଦୌଡ଼ି ପଳାଇଥିଲେ। ଅଭିଯୁକ୍ତମାନେ ଖଣ୍ଡା, କତା ଓ ବାଡ଼ିରେ କରୁଣାକରଙ୍କୁ ଆକ୍ରମଣ କରି ଚାଲିଯାଇଥିଲେ। ☞ପୃଷ୍ଠା-୨

## ମୃତ୍ୟୁ ପୂର୍ବରୁ ଲାଗିଛି ଆଘାତ

ବଲାଙ୍ଗୀର ଅଫିସ,୨୯।୪



**ଭୀମ ଭୋଇ ମେଡିକାଲ କଲେଜ ଛାତ୍ର ମୃତ୍ୟୁ ଘଟଣା**

**ବ୍ୟବଚ୍ଛେଦ ରିପୋର୍ଟ ଆସିଲା**

**ପ୍ରଶ୍ନ ଉଠାଇଲେ ପରିବାର**

ଗତ ୨୨ ତାରିଖରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ର ନିଶାନ୍ତ କୁମାର(୧୯)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ହଷ୍ଟେଲ ଛାତରୁ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା କଲେଜ ପକ୍ଷରୁ କୁହାଯାଉଛି। କିନ୍ତୁ ନିଶାନ୍ତଙ୍କ ମୃତ୍ୟୁ ର୍‍ୟାଗିଂ ଯୋଗୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାପରେ ତାଙ୍କର ଏକ ମୋବାଇଲ ଫୋନ୍ ଚାଟିଂ ଭାଇରାଲ ହେବା ପରେ ହଇଚଇ ସୃଷ୍ଟି ହୋଇଛି। ମୃତ୍ୟୁର ୯ ଦିନ ପରେ ଶୁକ୍ରବାର ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଏଥିରେ ଅତ୍ୟଧିକ ଉଚ୍ଚରୁ ଟାଣ ଚଟାଣରେ ପଡ଼ିବାରୁ ଆନ୍ତଃ ଓ ବାହ୍ୟ ଆଘାତ ଲାଗିଥିଲା ଓ ଏହି ଆଘାତ ମୃତ୍ୟୁ ପୂର୍ବରୁ ହୋଇଥିବା ଉଲ୍ଲେଖ କରାଯାଇଛି। ତେବେ ଏପରି ରିପୋର୍ଟକୁ ନେଇ ନିଶାନ୍ତଙ୍କ ପରିବାର ଲୋକେ ପୂର୍ବରୁ ଅଭିଯୋଗ ଉଠାଇଛନ୍ତି। ଯେଉଁ କଲେଜ ବିରୋଧରେ ଛାତ୍ରଙ୍କ ର୍‍ୟାଗିଂଜନିତ ମୃତ୍ୟୁ ଅଭିଯୋଗ ଉଠିଛି ସେହି କଲେଜର ଡାକ୍ତରମାନେ ଯଦି ବ୍ୟବଚ୍ଛେଦ କରନ୍ତି, ତେବେ ଏହା କେତେ ନିରପେକ୍ଷ ହେବ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟ କୌଣସି ହସ୍ପିଟାଲରେ ବ୍ୟବଚ୍ଛେଦ କରାଯିବାର ଆବଶ୍ୟକ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

## ପାଠକଙ୍କ ୨୯.୮୩ ଲକ୍ଷର ସମ୍ପତ୍ତି ଜବତ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ୨୯ ଲକ୍ଷ ୮୩ ହଜାର ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ପ୍ରିଭେନସନ୍ ଅଫ୍ ମନି ଲଣ୍ଡ୍ରି ଆକ୍ଟ (ପିଏମ୍‌ଏଲ୍‌ଏ)-୨୦୦୨ ଆଧାରରେ ପାଠକଙ୍କ ଏହି ଆୟବର୍ହିଭୂତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଇଡି ପକ୍ଷରୁ ଶୁକ୍ରବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା। ୨୦୨୦ ନଭେମ୍ବର ୨୭ରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସେ ଜେଲ ଯାଇ ପରବର୍ତ୍ତୀ ସମୟରେ ଜାମିନ୍‌ରେ ବାହାରିଥିଲେ। ରାଜ୍ୟ ☞ପୃଷ୍ଠା-୨

## ଏନ୍‌ଜିଟିରେ ହାଜର ହେଲେ କେନ୍ଦୁଝର ଜିଲାପାଳ

କେନ୍ଦୁଝର,୨୯।୪(ସ୍ୱ.ପ୍ର.)

ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) କୋଲକାତା ବେଞ୍ଚରେ ଶୁକ୍ରବାର କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଏବଂ ଘଷିପୁରା ତହସିଲଦାର ବାବୁଲି ପେରେଇ ହାଜର ହୋଇ ସେମାନଙ୍କ ପକ୍ଷ ରଖିଛନ୍ତି। ପକ୍ଷ ରଖିବା ସମୟରେ ଧାର୍ଯ୍ୟ ହୋଇଥିବା ୭.୩୦ କୋଟି ଟଙ୍କା ମଧ୍ୟରୁ ୬.୯୪ କୋଟି ଜାତୀୟ ରାଜପଥ ପ୍ରାଧିକରଣଙ୍କଠାରୁ ଆଦାୟ କରିବାକୁ ଧାର୍ଯ୍ୟ କରିଥିବା କହିଛନ୍ତି। ଯେହେତୁ ରାସ୍ତା ନିର୍ମାଣ ପାଇଁ ଠିକା ସଂସ୍ଥା ଉକ୍ତ ସ୍ଥାନରୁ ବେଆଇନ ଖନନ କରି ବ୍ୟବହାର କରିଛନ୍ତି, ଏଣୁ ତାଙ୍କଠାରୁ ଆଦାୟ କରାଯିବ ବୋଲି ଜିଲାପାଳ ପକ୍ଷ ରଖି ଜଣାଇଛନ୍ତି। ଅବଶିଷ୍ଟ ଅର୍ଥ ସ୍ଥାନୀୟ ଲୋକଙ୍କଠାରୁ ଆଦାୟ ହେବ ବୋଲି ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି।

ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲା ଘଷିପୁରା ତହସିଲ ଅଧୀନ ମଦନପୁର ମୌଜାର କାଜୁ ଲାଗିଥିବା ୪୦ ଏକର ପରିମିତ ଜଙ୍ଗଲ ଜମିରେ ଚାଲିଥିବା ବେଆଇନ ମାଙ୍କଡା ପଥର ଓ ମୋରମ ଖଣିକୁ ନେଇ ଫେବୃୟାରୀ ୨୦୧୯ରେ ସ୍ଥାନୀୟ ଅଧିବାସୀ ସୁଧାଂଶୁ ଶେଖର କୁଅଁର ଓ ସମ୍ବିତ କୁମାର କୁଅଁର ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗ ଆଧାରରେ ଏନ୍‌ଜିଟି ତଦନ୍ତ ନିମନ୍ତେ ଏକ ଯୁଗ୍ମ କମିଟି ଗଠନ କରିଥିଲେ। ତଦନ୍ତ କମିଟି ରିପୋର୍ଟ ଆଧାରରେ ୭କୋଟି ୩୦ ଲକ୍ଷ ଟଙ୍କା ପରିବେଶ କ୍ଷତି ଭରଣା କରିବାକୁ ଧାର୍ଯ୍ୟ ହୋଇଥିଲା। ଏହି ବେଆଇନ ଚୋରା ଚାଲାଣରେ ଜଡିତ ଥିବା ମାଫିଆମାନଙ୍କୁ ☞ପୃଷ୍ଠା-୨

# ମାଟ୍ରିକ ପରୀକ୍ଷା ଆରମ୍ଭ

କଟକ ଅଫିସ, ୨୯।୪

- **୨ ବର୍ଷ ପରେ ପୁଣି ପରୀକ୍ଷା କେନ୍ଦ୍ରରେ ବସିଲେ ପିଲା**
- **ଭୁବନେଶ୍ୱର ୟୁନିଟ୍-୧ ବିଦ୍ୟାଳୟରେ ସ୍ଥିତି ଅନୁଧ୍ୟାନ କଲେ ଗଣଶିକ୍ଷା ମନ୍ତ୍ରୀ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ଦ୍ୱିତୀୟ ସମେଟିଭ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କୋଭିଡ୍ କଟକଣା ଭିତରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ଇଂଲିଶ ପରୀକ୍ଷା ସୁରୁଖୁରୁରେ ସରିଛି।

ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୦ଟାରେ ଶେଷ ହୋଇଥିଲା। ପରୀକ୍ଷା ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ଛାତ୍ରୀଛାତ୍ରଙ୍କ ହାତ ସାନିଟାଇଜ କରାଯାଇଥିଲା। ସେହିପରି ମାସ୍କ ପରିଧାନ ବାଧ୍ୟତାମୂଳକ ରହିଥିଲା। ଗ୍ରୀଷ୍ମ ପ୍ରବାହ ଓ କୋଭିଡ୍‌କୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡିକରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। କରୋନା ଯୋଗୁ ଗତ ଦୁଇବର୍ଷ ହେଲା ଅଫ୍‌ଲାଇନ ପରୀକ୍ଷା ବନ୍ଦ ରହିଥିଲା। ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ପିଲାଙ୍କୁ ମାର୍କ ଦିଆଯାଇ ଫଳାଫଳ ପ୍ରକାଶ କରାଯାଇଥିଲା। କିନ୍ତୁ ଏବେ କୋଭିଡ୍ ସଂକ୍ରମଣ କମିଥିବାରୁ ଅଫ୍‌ଲାଇନ୍ ମାଧ୍ୟମରେ ଅର୍ଥାତ ପରୀକ୍ଷା କେନ୍ଦ୍ରରେ ବସି ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି। କପି ରୋକିବା ପାଇଁ ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବୋର୍ଡ, ଜିଲା ଶିକ୍ଷାଧିକାରୀ, ଗଣଶିକ୍ଷା ବିଭାଗ ଏବଂ ଜିଲାପାଳଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରଥମ ଦିନ ରାଜ୍ୟରେ ମୋଟ ୨୩ ଜଣ ଛାତ୍ରୀଛାତ୍ର କପି କରି ଧରାପଡ଼ିଛନ୍ତି। ☞ପୃଷ୍ଠା-୨

## ମା, ପୁଅ ଦେଉଛନ୍ତି ମାଟ୍ରିକ ପରୀକ୍ଷା





ପୁଅ ଆଲୋକ ଏବଂ ମା' ଜ୍ୟୋତ୍ସ୍ନାରାଣୀ।

ଜୟପୁର,୨୯।୪ (ନି.ପ୍ର.)

ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଗୋଟିଏ ବିଦ୍ୟାଳୟରେ ପରୀକ୍ଷା ଦେଲେ ଦଶମ ଶ୍ରେଣୀ ଛାତ୍ରୀଛାତ୍ର । ଜୟପୁରରେ ମା' ଓ ପୁଅ ମାଟ୍ରିକ ପରୀକ୍ଷା ଦେବା ପରି ଖବର ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ☞ପୃଷ୍ଠା-୨

## କପି କରି ଧରାପଡ଼ିଲେ ୨୩ ଛାତ୍ରୀଛାତ୍ର

## ମାଟ୍ରିକ ପରୀକ୍ଷା ଦେଲେ ଫୁଲବାଣୀ ବିଧାୟକ

ଫୁଲବାଣୀ ଅଫିସ, ୨୯।୪

ପାଠ ପଢ଼ିବାର ଇଚ୍ଛା ଥିଲେ ବୟସ କେବେ ବାଧକ ହୁଏନି। ଏହାର ଏକ ଉଦାହରଣ ପାଲଟିଛନ୍ତି କନ୍ଧମାଳ ଜିଲା ଫୁଲବାଣୀ ବିଧାୟକ ଅଙ୍ଗଦ କହଁର। ୫୮ ବର୍ଷରେ ସେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। କେବଳ ବିଧାୟକ ନୁହନ୍ତି, ତାଙ୍କ ସାଙ୍ଗ ତଥା ଲୁଇସିଂ ସରପଞ୍ଚ ସୁଦର୍ଶନ କହଁର ଏବଂ ଗାଡି ଡ୍ରାଇଭର ପୀତବାସ ଦିଗାଲ ମଧ୍ୟ ପରୀକ୍ଷା ଦେଉଛନ୍ତି। ବିଧାୟକ ଏହି ଦୁଇଜଣଙ୍କୁ ପ୍ରବର୍ତ୍ତାଇ ପରୀକ୍ଷା ଦେବାରେ ସହଯୋଗ କରିଛନ୍ତି। ବିଧାୟକଙ୍କୁ ନେଇ ଏବେ ଜିଲାରେ ଚର୍ଚ୍ଚା ଜୋର ଧରିଛି।



ରୁଜାଙ୍ଗି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବିଧାୟକ ଅଙ୍ଗଦ କହଁର।

ଶୁକ୍ରବାରଠାରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ସକାଳେ ଫୁଲବାଣୀସ୍ଥିତ ରୁଜାଙ୍ଗି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ☞ପୃଷ୍ଠା-୨

## ଆଜି ମୁଖ୍ୟମନ୍ତ୍ରୀ-ମୁଖ୍ୟ ବିଚାରପତି ସମ୍ମିଳନୀ

ନୂଆଦିଲ୍ଲୀ,୨୯।୪

**ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ମିଳିତ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଦ୍‌ଘାଟନ କରିବେ। ଏଥିରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଉପସ୍ଥିତ ରହିବେ। ସମ୍ମିଳନୀରେ ଯୋଗଦେବା ଲାଗି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିଲ୍ଲୀରେ ପହଞ୍ଚିଛନ୍ତି। ସେ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଥିବା ଓଡ଼ିଶାର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ସମ୍ମିଳନୀ ଡାକିଥିବାରୁ ସେ ଏଥିରେ ଯୋଗଦେବା ଲାଗି ଆସିଥିବା କହିଛନ୍ତି। ୬ ବର୍ଷ ବ୍ୟବଧାନ ପରେ ଏଭଳି ଏକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ନ୍ୟାୟପାଳିକା ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ସମ୍ପର୍କରେ ଉକ୍ତ ସମ୍ମିଳନୀରେ ଆଲୋଚନା କରାଯିବ। କୋର୍ଟଗୁଡ଼ିକରେ ଭିତ୍ତିଭୂମିର ବିକାଶ ଲାଗି ସିଜେଆଇ ଦେଇଥିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହେବ। ଏହା ବ୍ୟତୀତ କୋର୍ଟଗୁଡ଼ିକରେ ଖାଲି ପଡ଼ିଥିବା ବିଚାରପତି ପଦ, ବିଚାର ଅପେକ୍ଷାରେ ପଡ଼ିରହିଥିବା ମାମଲା ସଂଖ୍ୟା ହ୍ରାସ କରିବା, ନ୍ୟାୟିକ ସହାୟତା ସେବା, ଭବିଷ୍ୟତ କାର୍ଯ୍ୟଯୋଜନା ଏବଂ ଇ-କୋର୍ଟ ତୃତୀୟ ପର୍ଯ୍ୟାୟ ପରିକଳ୍ପନା ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡ଼ିଛି। ଦିବସବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ସିଜେଆଇ ଏବଂ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ଉଦ୍‌ବୋଧନ ଦେବେ।

# ପ୍ରାଣୀଧନ ମାନବ ବିକାଶର ପ୍ରତୀକ



**ମ**ନୁଷ୍ୟ ନିଜର ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଉଦ୍ଭିଦ ଏବଂ ପ୍ରାଣୀଙ୍କ ଉପରେ ନିର୍ଭରଶୀଳ। ପ୍ରାଚୀନ କାଳରେ ଜଣେ ବ୍ୟକ୍ତିଙ୍କ ଧନର ଆକଳନ ସମୟରେ ପ୍ରାଣୀଧନକୁ ବିଚାର ପରିସରଭୁକ୍ତ କରାଯାଉଥିଲା। ସେହିପରି ପ୍ରାଚୀନ କାଳରେ ଯୁଦ୍ଧ ମଧ୍ୟ ପ୍ରାଣୀଧନ ପାଇଁ ହେଉଥିଲା। ତେଣୁ ପ୍ରାଣୀଧନକୁ ହିଁ ମାନବ ବିକାଶର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ପ୍ରାଣୀଙ୍କ ଯତ୍ନ ଏବଂ ଉପଯୁକ୍ତ ଚିକିତ୍ସା ମାନବ ବିକାଶ ପାଇଁ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରାଣୀଧନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ମାସର ଶେଷ ଶନିବାରକୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଏପ୍ରିଲ ୩୦ରେ ପାଳିତ ହେଉଛି। 'ପ୍ରାଣୀ ଚିକିତ୍ସା ବୃତ୍ତି ପାଇଁ ବିଶ୍ୱସ୍ତରୀୟ ନେତୃତ୍ୱ ପ୍ରଦାନ କରିବା ଏବଂ ଏହାର ପ୍ରସାର, ଶିକ୍ଷା ଏବଂ ସହଭାଗିତା ମାଧ୍ୟମରେ ପଶୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ତଥା ଜନସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା' ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହାକୁ ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘ (ଡବ୍ଲ୍ୟୁଭିଏ) ଦ୍ୱାରା ସ୍ଥିର ହୋଇଛି। ୧୮୬୩ରେ ଜର୍ମାନୀର ହାମବର୍ଗରେ, ଇଡିନବର୍ଗର ପ୍ରାଣୀଧନ ମହାବିଦ୍ୟାଳୟର ପ୍ରଫେସର ଜନ ଗାମି ପ୍ରଥମ ଅନ୍ତର୍ଜାତୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ସଭାକୁ ପରିଚାଳନା କରିଥିଲେ। ବୈଠକର ଏଜେଣ୍ଡାରେ ଏପିଜୋଟିକ ରୋଗ, ତାହାର ପ୍ରତିଷେଧକ ବ୍ୟବସ୍ଥା ଏବଂ ୟୁରୋପରେ ଗୋରୁ ବାଣିଜ୍ୟ ପାଇଁ ମାନକ ନିୟମ ପ୍ରଣୟନ କରାଯାଇଥିଲା। ଅଷ୍ଟମ ବିଶ୍ୱ ପ୍ରାଣୀଧନ କଂଗ୍ରେସରେ ଏକ ସାଂଗଠନିକ ଭାବରେ କାର୍ଯ୍ୟ କରିବା ପାଇଁ ଏକ ସ୍ଥାୟୀ କମିଟି ଗଠନ କରାଯାଇଥିଲା । ଷ୍ଟକ୍‌ହୋମରେ ୧୫ତମ କଂଗ୍ରେସ ସମୟରେ ସଦସ୍ୟମାନଙ୍କ ସହିତ ସ୍ଥାୟୀ କମିଟି ଏକ ଅନ୍ତର୍ଜାତୀୟ ସଂଗଠନ ଏବଂ ସମ୍ବିଧାନର ଆବଶ୍ୟକତା ହୃଦୟଙ୍ଗମ କରିଥିଲା। ଏହାର ଫଳ ସ୍ୱରୂପ ୧୯୫୯ରେ,

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ସ୍ପେନର ମାଡ୍ରିଡ୍‌ରେ ଅନୁଷ୍ଠିତ ପରବର୍ତ୍ତୀ ବୈଠକରେ ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘ (ଡବ୍ଲ୍ୟୁଭିଏ)ର ଗଠନ କରାଯାଇଥିଲା। ୨୦୦୧ଠାରୁ ଡବ୍ଲ୍ୟୁଭିଏ ଏପ୍ରିଲ ଶେଷ ଶନିବାରକୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲା। ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘର ପଶୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା। ପଶୁ ସୁରକ୍ଷା, ପରିବେଶ ସମ୍ବନ୍ଧୀୟ ସମସ୍ୟାଗୁଡିକ ବିଲୋପ, ପଶୁପାଳନ ପାଇଁ ଆବଶ୍ୟକ ପ୍ରାକୃତିକ ସମ୍ପଦର ଉପଲବ୍ଧତା, ମହାମାରୀରୁ ପ୍ରାଣୀଧନର ସୁରକ୍ଷା, ଖାଦ୍ୟ ନିରାପତ୍ତା ନେଇ କାର୍ଯ୍ୟ କରିଥାଏ। ଏକ୍ଷେତ୍ରରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।



## ବହୁତ ଖୁସି ତାପସୀ

**ମୁମ୍ବାଇ:** ନିଜ ପ୍ରିୟ କଳାକାର ହୁଅନ୍ତୁ ଅବା ଫିଲ୍ମ ନିର୍ଦ୍ଦେଶକ ସେମାନଙ୍କ ସହ କାମ କରିବାକୁ ପ୍ରତ୍ୟେକ ସିନେକଳାକାରଙ୍କ ଆଗ୍ରହ। ବଲିଉଡ୍ ନାୟିକା ତାପସୀ ପନ୍ନୁଙ୍କ ଏହି ଇଚ୍ଛା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି। ଆଗାମୀ ଫିଲ୍ମରେ ତାପସୀ ଶାହରୁଖ ଖାନ୍‌ଙ୍କ ସହ କରିବାକୁ ଯାଉଥିବାବେଳେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ରାଜକୁମାର ହିରାନୀ। ତେବେ ତାପସୀଙ୍କୁ ହିରାନୀ ଓ ଶାହରୁଖଙ୍କ ସହ କାମ କରିବାର ସୁଯୋଗ ମିଳିଥିବାରୁ ସେ ଖୁସି ଥିବା ଜଣାପଡ଼ିଛି। ଏହାଠାରୁ ଆଉ କୌଣସି ବଡ଼ ଖୁସି ଖବର ନାହିଁ ବୋଲି ତାପସୀ କହିଛନ୍ତି। ଫିଲ୍ମର ଶୁଟିଂ ନିକଟରେ ଆରମ୍ଭ ହୋଇଯାଇଛି। ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶନା ସାଙ୍ଗକୁ ଶାହରୁଖଙ୍କ ସହ କାମ କରିବାର ସୁଯୋଗ ମିଳିଥିବାରୁ ତାପସୀ ବେଶ୍ ଖୁସି ଅଛନ୍ତି। ତାପସୀ ଜଣେ ୱେଲ୍ ଟ୍ରେଣ୍ଡ ଆକ୍ଟ୍ରେସ୍ ହୋଇ ନ ଥିବା ସେ କହିଛନ୍ତି। ତେବେ ରାଜକୁମାର ଏବଂ ଶାହରୁଖଙ୍କ ସହ କାମ କରି ତାଙ୍କୁ ବହୁତ ନୂଆ ଜିନିଷ ଶିଖିବାକୁ ମିଳିବ ବୋଲି ସେ କହିଛନ୍ତି। ଫିଲ୍ମର ନାମ ହଙ୍କି ଥିବାବେଳେ ଆସନ୍ତା ବର୍ଷ ଡିସେମ୍ବର ୨୨ରେ ଏହା ମୁକ୍ତିଲାଭ କରିବା ନେଇ ହିରାନୀ ଆଶା ରଖିଛନ୍ତି।

# ଘର ସହ ପୂର୍ବତନ ସ୍ୱାମୀଙ୍କୁ ବିକ୍ରି ପାଇଁ ବିଜ୍ଞାପନ



**ଫ୍ଲୋରିଡା:** ଫ୍ଲୋରିଡାର ଜଣେ ମହିଳା ଘର ସାଙ୍ଗକୁ ତାଙ୍କ ସ୍ୱାମୀଙ୍କୁ ବିକ୍ରି କରିବା ପାଇଁ ବିଜ୍ଞାପନ ଦେଇଛନ୍ତି। ୪୩ ବର୍ଷୀୟା କ୍ରିଷ୍ଟାନ ବଲ୍ ନିକଟରେ ତାଙ୍କ ସ୍ୱାମୀ ରିଚାର୍ଡ ଚେଲସ୍ (୫୪)ଙ୍କଠାରୁ ଅଲଗା ହୋଇଛନ୍ତି। କ୍ରିଷ୍ଟାଲ ୨୦୧୯ରେ ରିୟଲଇଷ୍ଟେଟ୍ ବ୍ୟବସାୟ ଆରମ୍ଭ କରିଥିଲେ। ଫ୍ଲୋରିଡାର ପାନାମା ସହରରେ କ୍ରିଷ୍ଟାଲ ୩ଟି ଘର କିଣିଥିବାବେଳେ ସେଥିରୁ ଗୋଟିଏ ଘର ସେ ବିକ୍ରି କରିବାକୁ ବାହାରିଛନ୍ତି। ଖାଲି ଘର ନୁହେଁ ଘର ସାଙ୍ଗକୁ ସେ ତାଙ୍କ ପୂର୍ବତନ ସ୍ୱାମୀ ରିଚାର୍ଡଙ୍କୁ ମଧ୍ୟ ବିକ୍ରି କରିବା ପାଇଁ ବିଜ୍ଞପ୍ତି ଦେଇଛନ୍ତି। ତିନିଟି ବେଡ୍‌ରୁମ୍, ଦୁଇଟି ବାଥ୍‌ରୁମ୍, ଗୋଟିଏ ପୁଲ୍ ଏବଂ ବାଥ୍ ଟବ୍‌ର ସୁବିଧା ଉକ୍ତ ଘରେ ରହିଛି। ୭ ବର୍ଷ ଏକାଠି ରହିବା ପରେ ସେମାନଙ୍କ ବିବାହ ବିଚ୍ଛେଦ ଘଟିଛି। ଦୁହେଁ ଏକାଠି ତାଙ୍କ ପୁଅର ଲାଳନ ପାଳନ କରୁଥିବା କ୍ରିଷ୍ଟାଲ କହିଛନ୍ତି। ବିକ୍ରି ହେବାକୁ ଥିବା ଘରର ବଜାରମୂଲ୍ୟ ୬,୯୯,୦୦୦ ଡଲାର ଥିବାବେଳେ କ୍ରେତା ଯଦି ଘର ସହ ରିଚାର୍ଡଙ୍କୁ ପାଖରେ ରଖିବାକୁ ରାଜି ହୁଅନ୍ତି ତେବେ ଏହି ମୂଲ୍ୟରେ ରିହାତି ସୁବିଧା ଉପଲବ୍ଧ କରାଯିବ ବୋଲି କ୍ରିଷ୍ଟାଲ କହିଛନ୍ତି।

## ମେଶିନ୍ ଗନ୍ ଓ ମେଗାନ ପିଇଛନ୍ତି ପରସ୍ପରର ରକ୍ତ

**ୱାଶିଂଟନ:** ଇଂଲିଶ ଫିଲ୍ମ ଅଭିନେତ୍ରୀ ମେଗାନ ଫକ୍ସ ନିଜ ବ୍ୟକ୍ତିଗତ ସମ୍ପର୍କକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରକାଶ କରିଛନ୍ତି। ନିକଟରେ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଯେତେବେଳେ ବୟଫ୍ରେଣ୍ଡ ମେଶିନ୍ ଗନ୍ କେଲି ତାଙ୍କୁ ପ୍ରେମ ନିବେଦନ କରିଥିଲେ ସେ ସମୟରେ ଦୁହେଁ ପରସ୍ପରର ରକ୍ତ ପିଇଥିଲେ। ହୁଏ ତ ଏହା ଶୁଣିବାବେଳକୁ ଲୋକଙ୍କୁ ଅଜବ ଲାଗିପାରେ କିନ୍ତୁ ଏହା ସତ। ଧାର୍ମିକ ପରମ୍ପରା ଦୃଷ୍ଟିରୁ କେଲି ମେଗାନଙ୍କ ୨-୩ ବୁନ୍ଦା ରକ୍ତ ପିଇଥିବାବେଳେ ସେ କେଲିଙ୍କ ରକ୍ତ ପିଇଥିବା କଥା କହିଛନ୍ତି।୨୦୨୦ ମସିହାରେ ପୁଇର୍ତୋ ରିକୋରେ ମିଡନାଇଟ୍ ଫିଲ୍ମ ଶୁଟିଂ ବେଳେ କେଲୀ ମେଗାନଙ୍କ ପ୍ରେମରେ ପଡ଼ିଥିଲେ।

# ୧୮୫୦ କି.ମି. ଚାଲି ସଚେତନତାର ବାର୍ତ୍ତା

ମୁମ୍ବାଇ,୨୯।୪

## ନରଭନ ସମୁଦ୍ର କୂଳରୁ ଆରମ୍ଭ ପୁରୀରେ ଶେଷ



ଦେଶରେ ଜଳ ସଙ୍କଟ, ଚାଷୀ ଆତ୍ମହତ୍ୟା ଭଳି ପ୍ରମୁଖ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ବାହାରିଛନ୍ତି ମହାରାଷ୍ଟ୍ରର ଆଶୁତୋଷ ଜୋଷୀ। ମହାରାଷ୍ଟ୍ରର ରତ୍ନଗିରି ଜିଲାରୁ ଓଡ଼ିଶାର ପୁରୀ ପର୍ଯ୍ୟନ୍ତ ୧୮୫୦ କି.ମି. ଦୂର ଚାଲିଚାଲି ଲୋକଙ୍କୁ ସଚେତନ କରିବା ପାଇଁ ସେ ଏହି ନିଆରା ଅଭିଯାନ ଆରମ୍ଭ କରିଛନ୍ତି। ୨୫ ବର୍ଷ ବୟସରେ ପରିବବେଶ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସେ ସାଜିଛନ୍ତି ବାର୍ତ୍ତାବାହକ। ଏପ୍ରିଲ ୧୦ ତାରିଖ ରାମନବମୀ ଅବସରରେ ଆଶୁତୋଷ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଚିପଲୁନ, କୋୟନା, ପାଟାନ, ଉମବ୍ରାଜ୍, ସୋଲାପୁର ଆଦି ଗ୍ରାମ ଅତିକ୍ରମ କରି ଗୁରୁବାର ସେ ଲାଟୁରରେ ପହଞ୍ଚିଥିଲେ। ସ୍ଥାନେ ସ୍ଥାନେ ଆୟୋଜିତ ଗ୍ରମସଭା ଗୁଡ଼ିକରେ ସାମିଲ ହେବା ସହ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା ଏବଂ ଜଳ ସଙ୍କଟ ଭଳି ପ୍ରମୁଖ ବିଷୟବସ୍ତୁ ବାବଦରେ ଲୋକଙ୍କୁ ସଚେତନ କରୁଛନ୍ତି ଆଶୁତୋଷ। ଚିପଲୁନ ତହସିଲ ସ୍କୁଲରୁ ଆଶୁତୋଷ ସ୍କୁଲ ପାଠ୍ୟକ୍ରମ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ସେ ମୁମ୍ବାଇ ଦାଦର ମଡର୍ନ ପବ୍ଲିକ୍ ସ୍କୁଲ ସମେତ ପୁଣେ ଭାରତୀ ବିଦ୍ୟାପୀଠରେ ସେ ପାଠ ପଢ଼ିଛନ୍ତି। ଲଳିତ କଳା ଶିକ୍ଷା ପାଇଁ ସେ ଇଂଲଣ୍ଡ ଯାଇଥିଲେ। ଚାଲିବା ଓ ପର୍ବତାରୋହଣ କରିବା ତାଙ୍କୁ ପସନ୍ଦ ଥିବା ଆଶୁତୋଷ କହିଛନ୍ତି।

## ରାଜ୍ୟ ଖବର

### ଝିଅ ଆଗରେ...

ପ୍ରଥମ ପୃଷ୍ଠାରୁ...

ଗ୍ରାମବାସୀ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବିଳମ୍ବିତ ରାତିରେ ନାୟକାଣିଡିହି ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନେ ବ୍ୟବହାର କରିଥିବା ମାରଣାସ୍ତ୍ର, ରକ୍ତଭିଜା ପୋଷାକ ଓ ମାଟି ଜବତ କରିଥିଲେ।

### ପାଠକଙ୍କ ୨୯.୮୩ ଲକ୍ଷର...

ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ୨୦୨୧ ମେ'ରେ ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଅଭୟକାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ବେଆଇନ ଭାବେ ଟଙ୍କା କାରବାର ହୋଇଥିବା ତଦନ୍ତବେଳେ ଜଣାପଡିଥିଲା। ଏହାପରେ ବେଆଇନ୍ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ଅଭୟକାନ୍ତ ବ୍ୟାପକ ଦୁର୍ନୀତି କରି ଲକ୍ଷାଧିକ ଟଙ୍କା ହାତେଇଥିଲେ। ଏହିସବୁ ଟଙ୍କା ଓ ସମ୍ପତ୍ତି ସେ ନିଜ ସହ ପରିବାର ଲୋକଙ୍କ ନାମରେ ରଖିଥିଲେ, ଯାହା ତାଙ୍କ ଚାକିରି ଆୟଠାରୁ ବହୁଗୁଣ ଅଧିକ ବୋଲି ଇଡି ଜାଣିବାକୁ ପାଇଛି। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ କରିବା ମାମଲାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ଏଥିସହ ଅଭୟକାନ୍ତ ଓ ତାଙ୍କ ଝିଅ ଜେରାର ସମ୍ମୁଖୀନ ହେବା ସହ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ପରିବାର ସଦସ୍ୟ ମଧ୍ୟ ଏହି ମାମଲାରେ ଛନ୍ଦି ହୋଇପଡିଥିଲେ।

### ଏନ୍‌ଜିଟିରେ ହାଜର...

ଚିହ୍ନଟ କରି ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ପାଇଁ କେନ୍ଦୁଝର ଜିଲାପାଳଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ପରିବେଶଜନିତ କ୍ଷତି ଭରଣା ନିମନ୍ତେ ମାଫିଆଙ୍କଠାରୁ ଜରିମାନା ଆଦାୟ କରି ଏହାର ଭରଣା କରିବାକୁ କହିଥିଲେ। ଏଥିମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଟଙ୍କାଟିଏ ମଧ୍ୟ ମାଫିଆଙ୍କଠାରୁ ଆଦାୟ କରାଯାଇନାହିଁ କିମ୍ବା କୌଣସି ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇନାହିଁ। ଉକ୍ତ ସ୍ଥାନରେ ଦୀର୍ଘ ୨୦ବର୍ଷ ହେଲା ବେଆଇନ ଭାବେ ଖଣି କାରବାର ହୋଇଆସୁଥିଲା। ମାଫିଆଙ୍କ ସହିତ ସ୍ଥାନୀୟ ପ୍ରଶାସନର ସଲାସୁତରାରେ ଏହି ବେଆଇନ ଖନନ ଚାଲିଥିବା ସ୍ପଷ୍ଟ କରାଯାଇଛି। ଏନ୍‌ଜିଟି କୋର୍ଟରେ ଗତ ଫେବୃୟାରୀ ୧୪ରେ ଶୁଣାଣିବେଳେ ଜିଲା ପ୍ରଶାସନର ଏଭଳି ବେପରୁଆ ଏବଂ ଖାମଖିଆଲି ମନୋଭାବ ନୀତିକୁ ନିନ୍ଦା କରାଯାଇଛି। ଘଷିପୁରା ତହସିଲଦାରଙ୍କ ଶିଥିଳତାକୁ ନେଇ ଏନଜିଟି ବିରକ୍ତି ପ୍ରକାଶ କରିବା ସହ, ତାଙ୍କ ବାର୍ଷିକ ଗୁପ୍ତ ପଞ୍ଜିକାରେ (ଅପାରଗ) ରେକର୍ଡ କରିବା ପାଇଁ କେନ୍ଦୁଝର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ମାର୍ଚ୍ଚ ୧୫ରେ ହୋଇଥିବା ଶୁଣାଣିରେ ବିଚାରପତି ଜଷ୍ଟିସ ଅମିତ ଷ୍ଟାଲେକାର ଓ ପରିବେଶ ବିଶେଷଜ୍ଞ ଶୈଳ ଦାସଗୁପ୍ତା କହିଛନ୍ତି ଯେ, ଆସନ୍ତା ଏପ୍ରିଲ ୨୯ ତାରିଖରେ ଶୁଣାଣି ତାରିଖ ଧାର୍ଯ୍ୟ କରି ବ୍ୟକ୍ତିଗତ ଭାବେ କେନ୍ଦୁଝର ଜିଲାପାଳ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜିଲାପାଳ ବ୍ୟକ୍ତିଗତ ଭାବେ ହାଜର ହୋଇ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ନେଇ ନିଜର ପକ୍ଷ ରଖିଥିବା ଜଣାପଡିଛି।



ଭୁବନେଶ୍ୱର ୟୁନିଟ୍-୧ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ମାଟ୍ରିକ ପରୀକ୍ଷା ଆରମ୍ଭ...

ସେମାନଙ୍କ ମଧ୍ୟରୁ ୨୦ ଜଣ ହାଇସ୍କୁଲ ଏବଂ ୩ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ରାଜ୍ୟରେ ସୁରୁଖୁରୁରେ ପ୍ରଥମ ଦିନ ପରୀକ୍ଷା ସରିଥିବାବେଳେ ଅବଶିଷ୍ଟ ପରୀକ୍ଷାଗୁଡ଼ିକ ମଧ୍ୟ ସୁବ୍ୟବସ୍ଥିତ ଢଙ୍ଗରେ ଶେଷ ହେବ ବୋଲି ସଭାପତି ଆଶା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ମାଟ୍ରିକ୍ ପରୀକ୍ଷା ଚାଲିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭୁବନେଶ୍ୱର ୟୁନିଟ୍-୧ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେ କେନ୍ଦ୍ର ବୁଲି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଥିଲେ। ଏହାପରେ ମନ୍ତ୍ରୀ ଦାଶ କହିଛନ୍ତି, ପିଲାଙ୍କ ଲାଗି ସମସ୍ତ ସୁବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ଠିକ୍ ସମୟରେ ଦିଆଯାଇଛି ଓ ଶୃଙ୍ଖଳାର ସହ ପରୀକ୍ଷା ହେଉଛି। ଛାତ୍ରୀଛାତ୍ରମାନେ ଭଲ ଫଳାଫଳ କରିବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ମାଟ୍ରିକ ପରୀକ୍ଷା ଦେଲେ...

ବିଧାୟକ କହଁର ଆଡ୍‌ମିଟ କାର୍ଡ ଧରି ଆସିଥିଲେ। ସବୁ ପିଲାଙ୍କ ପରି ସେ ଧାଡ଼ିରେ ଯାଇ ନିର୍ଦ୍ଧାରିତ ହଲରେ ନିଜ ସିଟ୍‌ରେ ବସିଥିଲେ। ସେଠାରେ ତାଙ୍କୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ଦିଆଯାଇଥିଲା। ବିଧାୟକ ନିର୍ଦ୍ଧାରିତ ସମୟରେ ଉତ୍ତର ଖାତା ପୂରଣ କରି ହଲ୍‌ରୁ ବାହାରିଥିଲେ। ତାଙ୍କ ସାଙ୍ଗ ସୁଦର୍ଶନ ଏବଂ ଡ୍ରାଇଭର ପୀତବାସ ମଧ୍ୟ ଉକ୍ତ କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଜଣେ ବିଧାୟକ ପରୀକ୍ଷା ଦେଉଥିବାରୁ ସବୁ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି। ପାଠ ପଢ଼ାରେ ବୟସ ବାଧକ ହୋଇ ନ ଥାଏ। ସଙ୍କୋଚ ନ କରି ପରୀକ୍ଷା ଦେଉଛି ବୋଲି ବିଧାୟକ କହଁର କହିଛନ୍ତି। ଅନ୍ୟପକ୍ଷରେ ରୁଜାଙ୍ଗି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ଦାସ କହିଛନ୍ତି, ପ୍ରଥମ ଦିନରେ ଇଂଲିଶ ପରୀକ୍ଷା ଥିଲା। ନିୟମ ଅନୁସାରେ ପରୀକ୍ଷା ପରିଚାଳନା ହେଉଛି। ଅନ୍ୟ ଛାତ୍ରୀଛାତ୍ରଙ୍କ ପରି ବିଧାୟକ ଆସି ପରୀକ୍ଷା ଦେଇଥିବା ସେ କହିଛନ୍ତି।

### ମା, ପୁଅ ଦେଉଛନ୍ତି...

ମା' ଜ୍ୟୋତ୍ସ୍ନାରାଣୀ ପାଢ଼ୀ (୩୬) ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିବା ବେଳେ ପୁଅ ଆଲୋକନାଥ ପାତ୍ର ପୂଜାରିପୁଟ ହାଇସ୍କୁଲରେ ପରୀକ୍ଷା ଦେଉଛନ୍ତି । ଜ୍ୟୋତ୍ସ୍ନାଙ୍କ ଘର ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ପଞ୍ଚାୟତର ପୂଜାରିପୁଟ ଗ୍ରାମରେ । ଏନେଇ ଜ୍ୟୋତ୍ସ୍ନା କୁହନ୍ତି, ଆଜିର ପରୀକ୍ଷା ତାଙ୍କର ଭଲ ହୋଇଛି। ରାତିରେ ଘରକାମ ସରିଲା ପରେ ସେ ପାଠ ପଢୁଥିଲେ। ଏଥିପାଇଁ ସ୍ୱାମୀ ତ୍ରିନାଥ ପ୍ରସାଦ ପାତ୍ରଙ୍କ ସହ ପରିବାର ଲୋକେ ସମସ୍ତେ ସହଯୋଗ କରୁଥିଲେ। ପାଠପଢାରେ ବୟସ କେବେ ବାଧକ ହୁଏ ନାହିଁ। ଯେଉଁମାନେ ବିଭିନ୍ନ କାରଣରୁ ମାଟ୍ରିକ ପାସ୍ କରିପାରିନାହାନ୍ତି ସେମାନେ ପରୀକ୍ଷା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

### ମୃତ୍ୟୁ ପୂର୍ବରୁ...

ନିଶାନ୍ତଙ୍କ ପରିବାର ଅଭିଯୋଗ ଉଠାଇଛନ୍ତି ଯେ, ହଷ୍ଟେଲ ଛାତ ଉପରୁ ପଡ଼ିଥିବା କୁହାଯାଉଥିଲେ ମଧ୍ୟ କେଉଁ ପରିସ୍ଥିତିରେ ସେ ପଡ଼ିଲେ ସେନେଇ କଲେଜ ପାଖରେ କୌଣସି ପ୍ରମାଣଗତ ତଥ୍ୟ ନାହିଁ। ନିଶାନ୍ତ ହଷ୍ଟେଲ ଛାତରୁ ଖସିପଡ଼ିବାର କେହି ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। ଏପରି କି ସିସିଟିଭି ଫୁଟେଜ୍ ନ ଥିବାରୁ ଏହା ବିଶ୍ୱାସଜନକ ନୁହେଁ ବୋଲି ସେମାନେ ଗଣମାଧ୍ୟମକୁ କହିଥିଲେ। ଏହାସହିତ କଲେଜରେ ର୍‍ୟାଗିଂ ହେଉଥିବା ବିଷୟ ନିଶାନ୍ତ ପରିବାରବର୍ଗଙ୍କୁ କହିଥିବା ଏବଂ ଏ ନେଇ ମୋବାଇଲ ଚାଟିଂ ରହିଥିବାରୁ ର୍‍ୟାଗିଂ ନେଇ କଲେଜ ପକ୍ଷରୁ କୌଣସି ତଦନ୍ତ କରାଯାଉନାହିଁ। ପୋଲିସ ଏପର୍ଯ୍ୟନ୍ତ ର୍‍ୟାଗିଂକୁ ନେଇ କ'ଣ କରିଛି ତାହା ଜଣାପଡୁନାହିଁ। ଯେଉଁ ଛାତ୍ରମାନେ ସେହି କଲେଜରେ ର୍‍ୟାଗିଂ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା କଥା ବୋଲି ପରିବାର ପକ୍ଷରୁ ଦାବି କରାଯାଇଛି। ର୍‍ୟାଗିଂ ଅଭିଯୋଗକୁ ହାଲୁକା ଭାବେ ନେଲେ ସେହି କଲେଜରେ ଅନ୍ୟ ଛାତ୍ରମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ପରିବାର ପକ୍ଷରୁ କୁହାଯାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ, ଯାହାଫଳରେ ବହୁ କଥା ଲୋକଲୋଚନକୁ ଆସିପାରିବ ବୋଲି ସେମାନେ ଦାବି କରିଛନ୍ତି।

# ଜନଶୁଣାଣିକୁ କ୍ରିୟାଶୀଳ କରାଅ: ମନ୍ତ୍ରୀ

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

ରାଜ୍ୟ ସରକାର ଅନ୍‌ଲାଇନ ମାଧ୍ୟମରେ ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ଫଇସଲା ଦିଗରେ ଗୁରୁତ୍ୱାରୋପ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ଜନଶୁଣାଣି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଜନଶୁଣାଣି କାର୍ଯ୍ୟକ୍ରମର ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି, ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଏହାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ଭାବରେ ପହଞ୍ଚୁଛି କି ନାହିଁ, ସେନେଇ ଜାଣିବାକୁ ଅନ୍‌ଲାଇନ ଜନଶୁଣାଣି ଏକ ପ୍ରକୃଷ୍ଟ ମାଧ୍ୟମ। ଜନଶୁଣାଣିରେ ଜନସାଧାରଣ ସେମାନଙ୍କ ଆପତ୍ତି ଅଭିଯୋଗ ସମ୍ପୃକ୍ତ ବିଭାଗ ନିକଟରେ ଅନ୍‌ଲାଇନ ମାଧ୍ୟମରେ ଜଣାଇପାରିବାର ବ୍ୟବସ୍ଥା ରହିଛି। ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ସମାଧାନ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜନଶୁଣାଣିରେ କରାଯାଉଥିବା ଫଇସଲା ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ଜଣାଇବା ସହିତ ଏହାର ସୁଫଳ ତାଙ୍କ ନିକଟରେ ଠିକ୍ ଭାବରେ ପହଞ୍ଚୁଛି କି ନାହିଁ, ସେନେଇ ଅବଗତ ହେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ଦ୍ୱାରା ଜନଶୁଣାଣି ପ୍ରକ୍ରିୟାକୁ ଅଧିକ ଫଳପ୍ରସୂ ଓ ଲୋକାଭିମୁଖୀ କରିବା ପାଇଁ ମନ୍ତ୍ରୀ କହିଛନ୍ତି। ଜିଲାସ୍ତର ସହିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର ସମସ୍ତ କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଏଥିରେ ଅନ୍ତର୍ଭୁକ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

# ଷ୍ଟେନଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିର ଭବିଷ୍ୟତ ଉଜ୍ଜ୍ୱଳ: ଇସ୍ପାତ ମନ୍ତ୍ରୀ



ଯାଜପୁର ଅଫିସ,୨୯।୪

ଦେଶର ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିର ଭବିଷ୍ୟତ ଉଜ୍ଜ୍ୱଳ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂହ ଶୁକ୍ରବାର ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) କାରଖାନାକୁ ପରିଦର୍ଶନ କରି ଏହା କହିଛନ୍ତି। ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରସିକା ଚୌବେଙ୍କ ସମେତ ବରିଷ୍ଠ ଅଧିକାରୀମାନେ। ଜିନ୍ଦଲ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ମନ୍ତ୍ରୀଙ୍କୁ କାରଖାନାର ଉତ୍ପାଦନ ସୁବିଧା ଓ ବ୍ୟବସ୍ଥାପନା ବୁଲି ଦେଖାଇଥିଲେ। ମନ୍ତ୍ରୀ ସିଂହ କହିଥିଲେ ଯେ, ଘରୋଇ ଏବଂ ଅନ୍ତର୍ଜାତୀୟ ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣାତ୍ମକମାନର ଉତ୍ପାଦ ଯୋଗାଇବା ପାଇଁ ଭାରତୀୟ ଷ୍ଟେନଲେସ ଷ୍ଟିଲ୍ ଉତ୍ପାଦନକାରୀମାନେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଚିତ। ଏଥିନିମନ୍ତେ ଷ୍ଟିଲ୍ ମନ୍ତ୍ରଣାଳୟ ଶିଳ୍ପ ସଂସ୍ଥାଗୁଡ଼ିକୁ ସମର୍ଥନ ଜାରି ରଖିବ ବୋଲି ସେ କହିଥିଲେ। ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଥିଲେ ଯେ ଏହି କାରଖାନାରେ କେନ୍ଦ୍ରମନ୍ତ୍ରୀଙ୍କ ପଦାର୍ପଣ ଏବଂ ସେ ଭାରତୀୟ ଇସ୍ପାତ ଉଦ୍ୟୋଗ ସମ୍ପର୍କରେ ପାରସ୍ପରିକ ବିଚାର ବିମର୍ଶ କରିଥିବାରୁ ତାହା ତାଙ୍କ ପାଇଁ ଗର୍ବର ବିଷୟ। କମ୍ପାନୀର ବରିଷ୍ଠ ଅଧିକାରୀଗଣ ମନ୍ତ୍ରୀଙ୍କ ସହିତ ସମୀକ୍ଷା ବୈଠକରେ ଷ୍ଟେନଲେସ ଷ୍ଟିଲ୍‌ର ମୁଣ୍ଡ ପିଛା ବ୍ୟବହାର, ଦକ୍ଷତା ଏବଂ ଉଦ୍ୟୋଗର ବିକାଶ ପାଇଁ ନୂତନ ଉତ୍ପାଦ ଭଳି ବିଭିନ୍ନ କ୍ଷେତ୍ରରେ କମ୍ପାନୀ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ କମ୍ପାନୀ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡିକ ତର୍ଜମା କରିଥିଲେ ଏବଂ ସବୁଜ ଉତ୍ପାଦନ ଆଡ଼କୁ ଗତି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ଯୁବ ଇଂଜିନିୟରମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଘରୋଇ ଷ୍ଟେନଲେସ୍ ଷ୍ଟିଲ୍ କ୍ଷେତ୍ର ପାଇଁ ତାଙ୍କର ଦୃଷ୍ଟିକୋଣ ସମ୍ପର୍କରେ ଅବଗତ କରାଇଥିଲେ। ସେ ଅକ୍ଷୟ ଶକ୍ତିର ବିକାଶ ଓ ତା'ର ପ୍ରସାର ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଜିନ୍ଦଲ ଷ୍ଟେନଲେସ୍‌ର ସିଏସ୍‌ଆର କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସେ ନିକଟସ୍ଥ ଗ୍ରାମଗୁଡ଼ିକର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ସାକ୍ଷାତ୍ କରି ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଉଦ୍ୟୋଗୀମାନଙ୍କୁ ଦିଆଯାଉଥିବା ସହାୟତା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ପରିଦର୍ଶନ ସମୟରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ବରିଷ୍ଠ ଅଧିକାରୀଗଣ ଜଗମୋହନ ସୁଦ, ବିଜୟ ଶର୍ମା, ଦୀପକ ଅଗ୍ରୱାଲ, ରାଜେଶ ମୋହତା ଏବଂ ଶଶିଭୂଷଣ ଉପାଧ୍ୟାୟ ଉପସ୍ଥିତ ଥିଲେ।

# ୧୪ ହଜାର ପିଲାଙ୍କ ପାଇଁ ୮୮ ପରୀକ୍ଷା କେନ୍ଦ୍ର

**ଜଗତ୍‌ସିଂହପୁର ଅଫିସ, ୨୯।୪**

## ମାଟ୍ରିକ ପରୀକ୍ଷା ଆରମ୍ଭ

■ ୮୮ନୋଡାଲ କେନ୍ଦ୍ର, ୧୩୫୦ କର୍ମଚାରୀ ନିୟୋଜିତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ମେ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ଜଗତ୍‌ସିଂହପୁର ଜିଲାରେ ୮୮ଟି କେନ୍ଦ୍ର କରାଯାଇଛି। ଏସବୁ କେନ୍ଦ୍ରରେ ରେଗୁଲାର, ଏକ୍ସ ରେଗୁଲାର, ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାକୁ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ କେବଳ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥଙ୍କ ପାଇଁ ୭୯ଟି କେନ୍ଦ୍ର କରାଯାଇଛି। ମୋଟ ଉପରେ ୧୪,୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବାର ସୁଯୋଗ ଦିଆଯାଇଛି। ସେଥିମଧ୍ୟରୁ ରେଗୁଲାର ଓ ଏକ୍ସ ଗେରୁଲାର ୧୩,୭୯୩, ମଧ୍ୟମା ୭୨ ଓ ମୁକ୍ତ ବିଦ୍ୟାଳୟର ୪୨୯ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଜିଲାର ବାଲିକୁଦା ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ୧୭୬୦ ଜଣ ଛାତ୍ରୀଛାତ୍ର, ବିରିଡ଼ିର ୬ଟିରେ ୮୭୪, ଏରସମାର ୧୩ଟିରେ ୧୮୭୬, ଜଗତ୍‌ସିଂହପୁରର ୧୪ଟିରେ ୨୧୭୬, କୁଜଙ୍ଗର ୧୬ଟିରେ ୩୦୪୭, ନାଉଗାଁର ୭ଟିରେ ୧୦୩୨, ରଘୁନାଥପୁରର ୭ଟିରେ ୧୨୩୫ ଏବଂ ତିର୍ତ୍ତୋଲ ବ୍ଲକର ୧୪ଟି କେନ୍ଦ୍ରରେ ୨୨୯୪ ଜଣଙ୍କୁ ପରୀକ୍ଷା ସୁଯୋଗ ମିଳିଛି। ସୂଚୀ ଅନୁଯାୟୀ ପ୍ରଥମ ଦିନ ସକାଳ ୮ରୁ ୧୦ଟା ପର୍ଯ୍ୟନ୍ତ ଇଂରାଜୀ ପରୀକ୍ଷା ହୋଇଥିଲା। କିନ୍ତୁ କୌଣସି ସ୍ଥାନରେ କପି କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୮୮ କେନ୍ଦ୍ରରେ ୯୭୪ ଇନ୍‌ଭିଜିଲେଟର, ୨୦୦ ରୋଭର, ୧୭୬ ରିଲିଭରଙ୍କୁ ମିଶାଇ ମୋଟ ୧୩୫୦ ଜଣଙ୍କୁ ପରୀକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେହିପରି ୮୮ ସୁପରିଣ୍ଟେଣ୍ଡେଣ୍ଟ, ୮୮ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ କେନ୍ଦ୍ର ଦାୟିତ୍ୱ ଦିଆଯାଇଛି। ଜିଲାରେ ୮ଟି ନୋଡାଲ କେନ୍ଦ୍ର କରାଯାଇଛି। ସେଗୁଡିକ ହେଲା ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିକୁଦା ହାଇସ୍କୁଲ, ନାଉଗାଁହାଟ ହାଇସ୍କୁଲ, ବିରିଡ଼ି ବ୍ଲକ ଅନ୍ତର୍ଗତ ଚାନ୍ଦପୁରସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ, ତିର୍ତ୍ତୋଲସ୍ଥିତ ଏମ୍‌ଏସ୍ ଏକାଡେମୀ, କୁଜଙ୍ଗସ୍ଥିତ ବି.ବି. ହାଇସ୍କୁଲ, ରଘୁନାଥପୁରସ୍ଥିତ ଶିଶୁ ବିଦ୍ୟାମନ୍ଦିର ଓ ଏରସମା ହାଇସ୍କୁଲ। ଏସବୁ କେନ୍ଦ୍ରରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖାଯାଉଛି। ଏହି ଦାୟିତ୍ୱରେ ୮ଜଣ ରାଜସ୍ୱ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପ୍ରଶ୍ନପତ୍ର ଓ ଖାତା ଆଦି ନେବା ଆଣିବା ପାଇଁ ୨୧ଟି ଡେସପାଚ୍ ଦଳ ଗଠନ ହୋଇଛି। ଏହି ଦଳରେ ପୋଲିସ କର୍ମଚାରୀ ସାମିଲ ଅଛନ୍ତି। ପରୀକ୍ଷାରେ କପି ଧରିବା ନିମନ୍ତେ ୫ ଥାକିଆ ସ୍କ୍ୱାଡ୍‌ର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ବୋର୍ଡର ୨ଟି, ଜିଲା ଶିକ୍ଷା ବିଭାଗର ୨ (ଡିଇଓ, ଏଡିଇଓ), ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟର ଗୋଟିଏ, ଜିଲାପାଳ ଓ ଏସ୍‌ପିଙ୍କ ପକ୍ଷରୁ ଗୋଟିଏ ଲେଖାଏଁ ସ୍କ୍ୱାଡ୍ ରହିଛି। ବିଡିଓ, ତହସିଲଦାର ପ୍ରମୁଖଙ୍କୁ ସ୍ୱତନ୍ତ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷଠାରୁ ପ୍ରତି ବିଷୟରେ ୮୦ ନମ୍ବର ପରୀକ୍ଷା ହେଉଛି । ସେଥିମଧ୍ୟରୁ ଅବଜେକ୍ଟିଭ୍ ୫୦ ଓ ସବ୍‌ଜେକ୍ଟିଭ୍ ୩୦ ନମ୍ବର ରହିଛି। ଏଥିସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ନେବା ବାରଣ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।



ଛାତ୍ରୀମାନେ ମାଟ୍ରିକ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

## ସଂକ୍ଷେପରେ

### ୭ ପରୀକ୍ଷା କେନ୍ଦ୍ରରେ ୯୯୧ ପରୀକ୍ଷାର୍ଥୀ

**ନାଉଗାଁ, ୨୯।୪(ସ୍ୱ.ପ୍ର.):** ନାଉଗାଁ ବ୍ଲକର ୭ ପରୀକ୍ଷା କେନ୍ଦ୍ରରେ ୧୦୨୫ ପରୀକ୍ଷାର୍ଥ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ସେଥିରୁ ୩୪ ଜଣ ଅନୁପସ୍ଥିତ ଥିବାବେଳେ ୯୯୧ ଜଣ ପରୀକ୍ଷା ଦେଇଛନ୍ତି। ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟରେ ୧୭୧, ଗଜାରାଜପୁରର ଆର୍ତ୍ତତ୍ରାଣ ବିଦ୍ୟାପୀଠରେ ୧୧୩, ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୩, କଣ୍ଟୁଣିଆହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୬, ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୧, ତିରୁଣା ଗୋପବନ୍ଧୁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬୧ ଓ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ରେଗୁଲାର ପରୀକ୍ଷାର୍ଥୀ ୯୫ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରୁ ୩୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତ କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ହୋଇଥିବା ନୋଡାଲ କେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀ ନିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

### ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ଗିରଫ

**ବାଲିଆ, ୨୯।୪:** ବିରିଡି ଥାନା ଅନ୍ତର୍ଗତ କୁଳକଇଜଙ୍ଗା ଗ୍ରାମରେ ଶାଶୁକୁ ଆକ୍ରମଣ କରି ଜ୍ୱାଇଁ ଜେଲ ଯାଇଛନ୍ତି। ଅଭିଯୁକ୍ତ ହେଲେ ଏହି ଅଞ୍ଚଳର ଅରୁଣ ସ୍ୱାଇଁ। ଉକ୍ତ ଗ୍ରାମର ପ୍ରତିମା ମହାନ୍ତି(୬୦) ଶୁକ୍ରବାର ବିବାହ କରିଥିବା ଝିଅ ଘରକୁ ଯାଇ ଗ୍ରୁପ ଲୋନ ସମ୍ପର୍କରେ କଥା ହେଉଥିଲେ। ଏହି ସମୟରେ ମୋ ସ୍ତ୍ରୀ ସହ କାହିଁକି କଥା ହେଉଛୁ ବୋଲି କହି ଅଭିଯୁକ୍ତ ସ୍ୱାଇଁ ଶାଶୁଙ୍କୁ ଗାଳିଗୁଲଜ କରିବା ସହ ଏକ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରତିମାଙ୍କ ବାମପଟ କାନ୍ଧ କଟିଯାଇଥିଲା। ଏନେଇ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୬୮/୨୨) ରୁଜୁ କରି ସ୍ୱାଇଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ହାଇୱା ପଛରେ ପିଟିଲା ବାଇକ, ଜଣେ ମୃତ

**କୁଜଙ୍ଗ, ୨୯।୪ (ଡି.ଏନ୍.ଏ.)**

କଟକ- ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା ଅନ୍ତର୍ଗତ ୧୫ନମ୍ବର ଗୋଡାଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ପଛରେ ବାଇକ୍ ପିଟି ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଉଛବାନନ୍ଦପୁର ଡିଆ ଗ୍ରାମର ପିଣ୍ଟୁ ବାରିକ । ଦୁର୍ଘଟଣାରେ ଗୁରୁତର ହୋଇଥିବା ଉକ୍ତ ଗ୍ରାମର ଦିଲୁଆ ନାଥଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଭୟେ ଗୋଟିଏ ବାଇକ୍‌ରେ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଗୋଡାଠାରେ ଆଗରେ ଯାଉଥିବା ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲେ। ଖବରପାଇ ଗୁରୁତର ଅବସ୍ଥାରେ ପିଣ୍ଟୁ ଓ ଦିଲୁଆଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପିଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛି।

# ଅନାଥ ଭାଇ, ଭଉଣୀଙ୍କୁ ସହାୟତା

**ବାଲିଆ, ୨୯।୪**

ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ଶଙ୍ଖାରିସାହି ଗାଁର ରଘୁନାଥ ନାୟକ ଓ ପ୍ରଭାତୀଙ୍କ ପରଲୋକ ପରେ ଅନାଥ ହୋଇଯାଇଥିବା ନାବାଳକ ଝିଅ ଓ ପୁଅଙ୍କ ପାଇଁ କିସ୍ ଫାଉଣ୍ଡେଶନ ଇଣ୍ଡିଆର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ ସହାୟତା କରିଛନ୍ତି। ଅନାଥ ରାକେଶ (୧୧) ଓ ସସ୍ମିତା (୭)ଙ୍କ ପାଠପଢ଼ା ପାଇଁ ୨ ହଜାର ଟଙ୍କା ଲେଖାଏ ଅର୍ଥରାଶି ୫ ବର୍ଷ ପର୍ଯ୍ୟନ୍ତ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଉଭୟ ଭାଇ ଓ ଭଉଣୀଙ୍କୁ ୪ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସାମନ୍ତଙ୍କ ନିର୍ଦ୍ଦେଶରେ ଶୁଭଙ୍କର ଜେନା, ବିଜୟ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ ସୁବାସ ନାୟକ, ସାମାଜିକ କର୍ମୀ କେଦାର ସାହୁ ପ୍ରମୁଖ ପହଞ୍ଚି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଗତ ୭ବର୍ଷ ତଳେ ଏହି ଦୁଇ ପିଲାଙ୍କ ବାପା ରଘୁନାଥଙ୍କ ମୃତ୍ୟୁ ଘଟିଥିଲା। ଗତ ୨୦ ଦିନ ତଳେ ସେମାନଙ୍କ ମା' ପ୍ରଭାତୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଫଳରେ ଉଭୟ ଭାଇ ଓ ଭଉଣୀ ଅନାଥ ହୋଇଯାଇଛନ୍ତି। ଏବେ ସେମାନେ ପିଉସା କାହ୍ନୁ ବେହେରାଙ୍କ ଘରେ ରହିଛନ୍ତି । ଏବିଷୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହାୟତା କରାଯାଇଛି। ଜଗତ୍‌ସିଂହପୁର ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତାମାନେ ଗ୍ରାମରେ ପହଞ୍ଚି ଅନାଥ ପିଲା ଦ୍ୱୟଙ୍କ ସମ୍ପର୍କରେ ବୁଝିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଓକିଲଙ୍କ ପାଇଁ ପେନ୍‌ସନ ଦାବି

**ଜଗତ୍‌ସିଂହପୁର ଅଫିସ, ୨୯।୪**

ଓକିଲମାନେ କାର୍ଯ୍ୟକ୍ଷମ ଥିବା ପର୍ଯ୍ୟନ୍ତ ମହକିଲଙ୍କଠାରୁ ପ୍ରାପ୍ୟ ପାଆନ୍ତି। କିନ୍ତୁ ଅବସର କିମ୍ବା ଅକ୍ଷମ ଆଦି ହୋଇଗଲେ ସେମାନଙ୍କ ରୋଜଗାର ମାଧ୍ୟମ ଏକପ୍ରକାର ବନ୍ଦ ହୋଇଯାଏ। ତେଣୁ ଓକିଲମାନଙ୍କ ପାଇଁ ସରକାର ପେନ୍‌ସନ ବ୍ୟବସ୍ଥା ଲାଗୁ କରନ୍ତୁ। ଜଗତ୍‌ସିଂହପୁର ଜଲା ଅଧିବକ୍ତା ପରିଷଦ ପକ୍ଷରୁ ମଧୁ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଉଟି ଅଦାଲତର ଅଧକ୍ଷ ପ୍ରଭାସ କୁମାର ପାଢୀ ଏଭଳି ଦାବି କରିଛନ୍ତି। ପରିଷଦ ସଭାପତି ସୁବାସ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ନଳିନୀ ରଞ୍ଜନ ମହାପାତ୍ର, ଖାଉଟି ଅଦାଲତ ସଭ୍ୟ ମଧୁସ୍ମିତା ସ୍ୱାଇଁ, ଜିଲା ଓକିଲ ସଂଘ ପ୍ରାକ୍ତନ ସଭାପତି ଗଗନ ଦାଶ, ରାଜକିଶୋର ବେହେରା, ଯୁଧିଷ୍ଠିର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସମୟରେ ପରିଷଦ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଯଥା ବିବେକାନନ୍ଦ ନାୟକ, ଦେବପ୍ରୀତ ଦାସ, ରଞ୍ଜିତ କୁମାର ବେହେରା, ପର୍ଶୁରାମ ରାଉତ, ପ୍ରଦୀପ୍ତ କୁମାର ବିହାରୀ, ସତ୍ୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ସଭାରେ ସାରଦା ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଶେଷରେ ପରିଷଦ ସମ୍ପାଦକ ସଂଗ୍ରାମ କିଶୋର ନାୟକ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଆଇନଜୀବୀ ଓ ଅନ୍ୟମାନେ।



## ସଂକ୍ଷେପରେ

### ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଆଳି,୨୯।୪(ଡି.ଏନ.ଏ.):** ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହି ଗ୍ରୀଷ୍ମପ୍ରବାହ ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମହୁ ଗାଁର ଶ୍ରୀଧର ସାହୁ ନାମକ ଜଣେ ବ୍ୟକ୍ତିଙ୍କର ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପୁଅ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ସାହୁ ସକାଳ ୬ଟାରୁ ବିଲକୁ ମୁଗ ଓପାଡ଼ିବାକୁ ଯାଇଥିଲେ। ବିଲରୁ ସେ ଘରକୁ ନ ଫେରିବାରୁ ପୁଅ ମୋହନ ବିଲକୁ ଯିବାବେଳେ ବାପା ବିଲରେ ଚେତା ହରାଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଲୋକଙ୍କୁ ଡାକି ବାପାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅଂଶୁଘାତରେ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିବା ନେଇ ମୋହନ ଆଳି ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ କ୍ଷତିପୂରଣ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ରାଜକନିକାରେ ୨୦୧୬ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଲେ

**ରାଜକନିକା,୨୯।୪ (ଡି.ଏନ.ଏ.):** ରାଜକନିକା ବ୍ଲକରେ ଶୁକ୍ରବାର ୧୧ଟି ପରୀକ୍ଷା କେନ୍ଦ୍ରରେ ୨୧୪୪ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବାବେଳେ ୧୨୮ ଜଣ ଅନୁପସ୍ଥିତ ଥିବାରୁ ୨୦୧୬ଜଣ ପରୀକ୍ଷା ଦେଇଛନ୍ତି। ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୦ଟାରେ ସରିଛି। ତେବେ ପରୀକ୍ଷାର୍ଥୀମାନେ ୭ଟାରେ କେନ୍ଦ୍ରଗୁଡ଼ିକରେ ପ୍ରବେଶ କରିଥିଲେ। ସବୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଯାଇଛି। ପ୍ରଶ୍ନପତ୍ରଗୁଡ଼ିକ ସାଢ଼େ ୬ ଟାରେ ସବୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଥିଲା। ୪ ଥାକିଆ ସ୍କ୍ୱାର୍ଡ ଗଠିତ ହୋଇଛି। ରାଜକନିକା ଆର.ଏନ. ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୪ ଜଣ, ରାଜକନିକା ବାଳିକା ବିଦ୍ୟାଳୟରେ ୧୨୩, ଓଳାଭର ହାଇସ୍କୁଲରେ ୨୫୨, ପେଗରପଡା ହାଇସ୍କୁଲରେ ୧୩୬, ଦେଉଳତରା ଲକ୍ଷ୍ମୀ ନାରାୟଣ ହାଇସ୍କୁଲରେ ୧୭୧, କଣ୍ଡିଆହାଟ ହାଇସ୍କୁଲରେ ୧୩୭, ହାଟସାହି ହାଇସ୍କୁଲରେ ୧୧୫ , ଭାରିଗଦା ପଞ୍ଚାୟତ ହାଇସ୍କୁଲରେ ୧୯୫ ଓ ଜୟନଗର ହାଇସ୍କୁଲରେ ୨୮୨, ଆୟତନ କନିକା ହାଇସ୍କୁଲ କରାକ୍ଷା କେନ୍ଦ୍ରରେ ୧୮୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

### ୯ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ୧୫୧୧ ଛାତ୍ରୀଛାତ୍ର

**ମାର୍ଶାଘାଇ, ୨୯।୪ (ଡି.ଏନ.ଏ.):** ମାର୍ଶାଘାଇ ବ୍ଲକରେ ମାଟ୍ରିକ ପରୀକ୍ଷା ୯ଗୋଟି କେନ୍ଦ୍ରରେ ଶୁକ୍ରବାର ଆରମ୍ଭ ହୋଇଛି। ୧୫୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳ ୭୫ ଜଣ ଅନୁପସ୍ଥିତ ଥିଲେ। ୧୫୧୧ଜଣ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ଜଙ୍ଗଲ ଭିତରେ ଚାଲିଛି ଜଙ୍ଗଲରାଜ

- ଖାରିପାଣି ମାଛ ଚାଷ ନାମରେ ବଢୁଛି ଚିଙ୍ଗୁଡ଼ି ଘେରି
- ବିଷ ବଳୟରେ ମଣିଷ ସହ ବନ୍ୟ, ସାମୁଦ୍ରିକ ଜୀବ
- ଉଚ୍ଛେଦ ନିର୍ଦ୍ଦେଶକୁ ନେଇ ଉଠିଲାଣି ପ୍ରଶ୍ନ

**କେନ୍ଦ୍ରାପଡ଼ା ଅଫିସ, ୨୯।୪**

ଭଦ୍ରକର ଧାମରାଠାରୁ ଜଗତ୍‌ସିଂହପୁରର ପାରାଦୀପ ବନ୍ଦର ମଧ୍ୟରେ ଥିବା ସାମୁଦ୍ରିକ ଉପକୂଳ ଏବେ ଚିଙ୍ଗୁଡ଼ି ଘେରିରେ ଭରିଗଲାଣି। ପ୍ରତ୍ୟେକ ଦିନ ଏହି ତଟାଞ୍ଚଳରେ ଅନ୍ୟୁନ ୧୦ରୁ ଅଧିକ ଘେରି ପ୍ରସ୍ତୁତ ହେଉଛି ବୋଲି ଏକ ତଥ୍ୟରୁ ଜଣାପଡ଼ିଛି। ଏଥିରେ କେନ୍ଦ୍ରାପଡ଼ା ଜିଲାର ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟ ବାଦ ପଡ଼ିନାହିଁ। ଚିଙ୍ଗୁଡ଼ି ଘେରିରୁ ଉତ୍ପନ୍ନ ବିପଜ୍ଜନକ ରାସାୟନିକ ଦ୍ରବ୍ୟ ଓ ଗ୍ୟାସ ଏକ ବିଷ ବଳୟ ସୃଷ୍ଟି କରିଛି। ଏଥିରେ ମଣିଷ ସହ ବନ୍ୟ ଓ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। ଖାରିପାଣି ମାଛ ଚାଷ ନାମରେ ଚିଙ୍ଗୁଡ଼ି ଘେରି ବଢୁଥିବା ବେଳେ ହାଇକୋର୍ଟଙ୍କ ଆଦେଶକୁ ଅମାନ୍ୟ କରାଯାଉଛି। ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଆଉ ହେଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଦୋଳଗୋବିନ୍ଦ ଜେନା, ପ୍ରତାପ କୁମାର ପାଢ଼ୀ, ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ ପ୍ରମୁଖ କହିଛନ୍ତି, ରାଜ୍ୟ



ବଡଟୁବିରେ ଥିବା ଚିଙ୍ଗୁଡ଼ି ଘେରି।

ସରକାର ଖାରିପାଣି ମାଛ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଜିଲା ପ୍ରଶାସନର ଏହି ତତ୍ପରତା ଭିତରକନିକାର ଜୈବବିବିଧତା ଉପରେ ପ୍ରଭାବ ପକାଇଛି। ଏପରି କି ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଚିଙ୍ଗୁଡ଼ି ଘେରି ମାଲିକଙ୍କ ଜଙ୍ଗଲରାଜ ଚାଲିଛି। ଜଙ୍ଗଲ ମଧ୍ୟରେ ବହୁ ତଟାଞ୍ଚଳ ଏବେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଇଛି। ପ୍ରତ୍ୟେକ ଦିନ ନୂଆକରି ୧୦ରୁ ୨୦ଟି ଘେରି ପ୍ରସ୍ତୁତ ହେଉଛି। ସେମାନେ କହିଛନ୍ତି, ଏହି ଚାଷ ପାଇଁ ଏରିଏଟର ଓ ପାଣି ପମ୍ପ ଚାଳନା ଆବଶ୍ୟକ। ଏହି ଦୁଇ ଯନ୍ତ୍ରରୁ ଉତ୍ପନ୍ନ ଶବ୍ଦ ବନ୍ୟ ପ୍ରାଣୀଙ୍କୁ ବିଚଳିତ କରୁଛି। ସେହିପରି ଘେରି ପାଇଁ ଜଙ୍ଗଲ କାଟିବା ଏଠାରେ ସ୍ୱାଭାବିକ ଘଟଣା ହୋଇଯାଇଛି। ଚିଙ୍ଗୁଡ଼ି ଘେରି ପାଇଁ ବ୍ୟବହାର ହେଉଥିବା ରାସାୟନିକ ଦ୍ରବ୍ୟ ଓ ଔଷଧ ବନ୍ୟ ଏବଂ ସାମୁଦ୍ରିକ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ହୋଇଛି। ପ୍ରାୟ ୧୪ ପ୍ରକାର ନିଷିଦ୍ଧ ଔଷଧ ଚିଙ୍ଗୁଡ଼ିର ଶାରୀରିକ ଓ ବଂଶ ବୃଦ୍ଧି ପାଇଁ ବ୍ୟବହାର ହେଉଛି। ଘେରିରୁ ଜଳ ନିଷ୍କାସିତ ହୋଇ ନିକଟସ୍ଥ ନାଳ ମଧ୍ୟ ଦେଇ ସମୁଦ୍ରରେ ମିଶୁଛି। ଏବେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୨୬୩ ପ୍ରକାର ମାଛଙ୍କ ପ୍ରଜନନ ସମୟ। ତେବେ ଚିଙ୍ଗୁଡ଼ି ଘେରିର ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ମାଛ ବଂଶ ବୃଦ୍ଧିକୁ ରୋକୁଛି। ଫଳରେ ଖାରିପାଣିକୁ ନାଳ ମଧ୍ୟରେ ଘେରିକୁ ଆଣିବା ସମୟରେ ସ୍ଥାନୀୟ ଚାଷ ଜମି ଲୁଣି ପାଲଟୁଛି। ଫଳରେ ପ୍ରତ୍ୟହ ଚାଷକୁ ନେଇ ଚାଷୀ ଓ ଚିଙ୍ଗୁଡ଼ି ଘେରି ମାଲିକଙ୍କ ମଧ୍ୟରେ କଳିଗୋଳ ହେଉଛି। ହାଇକୋର୍ଟ ପକ୍ଷରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ହୋଇଥିଲା। ଏଥିପାଇଁ ହାଇକୋର୍ଟ ପକ୍ଷରୁ ବାରମ୍ବାର ଜିଲା ପ୍ରଶାସନକୁ ତାଗିଦ୍ ହେଉଛି। ଏହାସତ୍ତ୍ୱେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଏକ ପ୍ରକାର ବନ୍ଦ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଖାରିପାଣି ମାଛ ଚାଷ ପାଇଁ କେତେଜଣ ଚାଷୀଙ୍କୁ ଅନୁମତି ଦିଆଯାଇଛି। ଚାଷ ପାଇଁ ଅନୁମତି ନେଇ ନ ଥିବା ଚାଷୀଙ୍କ ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରାଯାଉଛି ବୋଲି ସେ କହିଛନ୍ତି।

### ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

**ରସୁଲପୁର,୨୯।୪(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୋରକୋରା ଗ୍ରାମର ମାଧ ସାହୁ ନାମକ ଜଣେ ବୃଦ୍ଧାଙ୍କୁ ତାଙ୍କ ପଡ଼ୋଶୀ ଜମିଜମା ବିବାଦକୁ ନେଇ ମାଡ ମାରି ଲହୁଲୁହାଣ କରିଥିଲେ। ଏ ନେଇ ବୃଦ୍ଧାଙ୍କ ବୋହୂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବିଦ୍ୟାଧର ସାହୁଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରିନାହିଁ। ଫଳରେ ଅଭିଯୁକ୍ତ ଖୋଲାମେଲା ବୁଲିବା ସହ ଅଭିଯୋଗକାରିଣୀ ସସ୍ମିତାଙ୍କୁ ଗାଳି ଗୁଲଜ କରୁଛନ୍ତି। ଏପରି କି ତାଙ୍କ ଘରକୁ ଅଭିଯୁକ୍ତ ଭଙ୍ଗାରୁଜା କରିଛନ୍ତି। ଏଥିସହ ଅଭିଯୁକ୍ତ ସେମାନଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରିଣୀ ସସ୍ମିତା ଶୁକ୍ରବାର ପୁଣିଥରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ଆସିଥିଲେ। ତେବେ ଉକ୍ତ ଘଟଣାକୁ ନେଇ ଥାନାରେ ନଂ.୧୪୭/୨୨ରେ ଏକ ମାମଲା ରୁଜୁ ହୋଇଥିବାରୁ ସମାନ ଘଟଣାକୁ ନେଇ ଏକାଧିକ ଅଭିଯୋଗର ଆବଶ୍ୟକତା ନାହିଁ ବୋଲି ତାଙ୍କୁ ଥାନା ପକ୍ଷରୁ କୁହାଯାଇଛି। ମାତ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ସୂଚନା ମିଳିଛି।

# ପାନୀୟ ଜଳ ସମସ୍ୟା ଉତ୍କଟ

- ଗରଦପୁର ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ
- ଅଙ୍ଗନୱାଡି କେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣ

**ପାଟକୁରା,୨୯।୪ (ଡି.ଏନ୍.ଏ.)**

ଗରଦପୁର ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ ସମିତିର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲା, ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ଏଲିଜା ସ୍ୱାଇଁ, ଡଲି ଶତପଥୀ, ଏବିଡିଓ ପ୍ରଶାନ୍ତ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ଚିନାରା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଖଗେଶ୍ୱର ସେଠୀ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିରଞ୍ଜନ କରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

ବ୍ଲକର ବେଡ଼ାରୀ ଓ ପଦ୍ମପୁର ଜଳକ୍ଲିଷ୍ଟ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ଆକାର ଧାରଣ କରିଥିବା ବେଡାରୀ ସମିତି ସଭ୍ୟ ଦିଲୀପ କୁମାର ସାହୁ ଅଭିଯୋଗ କରିଥିଲେ। ଏଠାରେ ଅଧିକାଂଶ ନଳକୂପ ଅଚଳ ହୋଇପଡ଼ିଛି।



ବୈଠକରେ ବ୍ଲକ ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀମାନେ।

ପାନୀୟ ଜଳ ପ୍ରକଳ୍ପରୁ ପାଇପ ଯୋଗେ ଯୋଗାଣ ହୋଇ ନ ଥିବା କହିଥିଲେ। ପାଟକୁରା ପଞ୍ଚାୟତ ସମେତ ବ୍ଲକର ଅନ୍ୟ ପଞ୍ଚାୟତରେ ମଧ୍ୟ ଏହି ସମସ୍ୟା ଉତ୍କଟ ଆକାର ଧାରଣ କରିଥିବା ସମିତି ସଭ୍ୟ ରାକେଶ ମହାପାତ୍ର କହିଥିଲେ। ଟ୍ୟାଙ୍କର ଯୋଗେ ତୁରନ୍ତ ପାନୀୟ ଜଳ ଯୋଗାଇଦେବାକୁ ଦାବି କରିଥିଲେ। ସଭ୍ୟ ସତ୍ୟାନନ୍ଦ ରାଉତ, ସରପଞ୍ଚ ରଞ୍ଜନ ନାୟକ, ସମିତିସଭ୍ୟ ସତ୍ୟବ୍ରତ ସାହୁଙ୍କ ସମେତ ଅନ୍ୟମାନେ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏ ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସହକାରୀ ଯନ୍ତ୍ରୀ କହିଥିଲେ। ଗରଦପୁର ବ୍ଲକର ୧୭୪ ଗୋଟି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଓ ମହିଳାମାନଙ୍କୁ ନିମ୍ନମାନର ଛତୁଆ ଖାଇବାକୁ ଦିଆଯାଉଛି ବୋଲି ପାଖଡ଼ ସରପଞ୍ଚ ବନଲତା ସ୍ୱାଇଁ ଓ ସମିତିସଭ୍ୟା ସୁମିତ୍ରା ସାହୁ ଅଭିଯୋଗ କରିଥିଲେ। ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀକୁ ଛତୁଆ ଯୋଗାଇବାକୁ କାହିଁକି ନିର୍ଦ୍ଦେଶ ଦିଆଯାଇଛି ବୋଲି ଅନ୍ୟମାନେ ଅଭିଯୋଗ କରିଥିଲେ। ଛତୁଆର ମାନ ପରୀକ୍ଷା କରିବାକୁ ପ୍ରତିନିଧିମାନେ ଦାବି କରିଥିଲେ। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଡାକ୍ତର ରହିବାକୁ ଥିବା ସ୍ଥଳେ ମାତ୍ର ୩ ଜଣ ଡାକ୍ତର ଥିବାରୁ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି ବୋଲି ସଭ୍ୟ ରାକେଶ ମହାପାତ୍ର ଅଭିଯୋଗ କରିଥିଲେ। ଅଧିକାଂଶ ସ୍ତ୍ରୀ ଓ ପ୍ରସୂତି ରୋଗୀଙ୍କୁ ଏଠାରେ ଚିକିତ୍ସା କରା ନ ଯାଇ ଅନ୍ୟତ୍ର ପଠାଇ ଦିଆଯାଉଛି। ଏଣୁ ଆନୁଷଙ୍ଗିକ ଡାକ୍ତରୀ ସରଞ୍ଜାମ ରଖିବାକୁ ସେ ଦାବି କରିଥିଲେ। ୧୭୫ ସେଚ ପଏଣ୍ଟରୁ ୯୧ଟି ଅଚଳ ଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସରପଞ୍ଚ ଓ ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ। ସେହିପରି କୃଷି ବିଭାଗକୁ ମିଳୁଥିବା ବିଭିନ୍ନ ବିହନ ନିମ୍ନମାନର ଓ ବଣ୍ଟନ ଠିକ୍ ଭାବେ ହେଉ ନ ଥିବା ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ସମସ୍ତ ଅଚଳ ନଳକୂପ ତୁରନ୍ତ ମରାମତି କରିବାକୁ ଅଧ୍ୟକ୍ଷ ମହାରାଜ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟରେ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସମ୍ପୃକ୍ତ କରାଇବାକୁ ସେ ପରାମର୍ଶ ଦେଇଥିଲେ। ପାନୀୟଜଳ, ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟିକାଙ୍କ ପ୍ରତିନିଧି ଅଗ୍ରୱାଲା ପ୍ରତିଶ୍ରୁତି ଦେଇଥିଲେ।

# ପରିବା ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ମେଘାନନ୍ଦ





ଚାଷୀ ମେଘାନନ୍ଦ ବେହେରା ପରିବାର ସଦସ୍ୟଙ୍କ ସହ ବିକ୍ରି ପାଇଁ ପରିବାକୁ ପ୍ରସ୍ତୁତ କରୁଛନ୍ତି। ଚାଷ ଜମିରେ ପୋଇ ଗଛକୁ କାଟୁଛନ୍ତି।

**ଆଳି,୨୯।୪(ଡି.ଏନ.ଏ. )**

ରାଜ୍ୟ ସରକାର ଚାଷ ଓ ଚାଷୀର ଉନ୍ନତି ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନ ହୋଇ ନିଜସ୍ୱ ଉଦ୍ୟମରେ ସେ ନିଜ ଜମିରେ ଫଳାଇଛନ୍ତି ବିଭିନ୍ନ ପ୍ରକାର ପନିପରିବା। ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଇବା ସହ ପିଲାଙ୍କୁ ପାଠ ପଢାଇ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ପରିଚୟ ସୃଷ୍ଟି କରିଛନ୍ତି। ସରକାରଙ୍କ ଯୋଜନା କିନ୍ତୁ ତାଙ୍କ ପାଇଁ ଅପହଞ୍ଚ ପାଲଟିଛି। ସେ ହେଉଛନ୍ତି, ଆଳି ବ୍ଲକ ଦେମାଳ ପଞ୍ଚାୟତ ମୁଲସାହି ଗାଁର ମେଘାନନ୍ଦ ବେହେରା। ମେଘାନନ୍ଦ କୁହନ୍ତି, ଖରସ୍ରୋତା ନଦୀ କୂଳରେ ତାଙ୍କର ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ରହିଛି। ତାଙ୍କ ପରିବାର ଲୋକ ପୂର୍ବରୁ ସେହି ଜମିରେ ବିଭିନ୍ନ ପ୍ରକାର ଫସଲ କରୁଥିଲେ। ସେ ରେଙ୍ଗାଲି ଡ୍ୟାମରେ ୧୯୮୬ ରୁ କାର୍ଯ୍ୟରତ ଥିବା ବେଳେ ଦରମା କମ ଥିବାରୁ ସେଠାରୁ ପଳାଇ ଆସି ବ୍ୟବସାୟ ଆରମ୍ଭ କରିଥିଲେ। ତାଙ୍କ ନିଜର ଟ୍ରାକ୍ଟର ଥିବାରୁ ସେ ବିଭିନ୍ନ କାର୍ଯ୍ୟ କରୁଥିଲେ। କିନ୍ତୁ ଗତ ୩ ବର୍ଷ ହେବ ସବୁ କାମ ଛାଡି ନିଜର ସମସ୍ତ ଜମିରେ ହେଉଥିବା ଫସଲର ପରିମାଣ ବୃଦ୍ଧି କରିଥିଲେ। ଖରାସ୍ରୋତା ନଦୀକୂଳରେ ନିଜ ଜମି ଥିବାରୁ ଜଳସେଚନର ସୁବିଧା ହେଉଛି। ଫଳରେ ସେ ନିଜ ଜମିରେ ବାଇଗଣ, ଟମାଟୋ, ଭେଣ୍ଡି, ପୋଟଳ, ଜହ୍ନି, ଛଚିନ୍ଦ୍ରା, ଲଙ୍କା, ଫୁଲକୋବି, ବନ୍ଧାକୋବି, ପୋଇ, କଖାରୁ, ମକା ସହ ସୂର୍ଯ୍ୟମୁଖି ଚାଷ ମଧ୍ୟ କରୁଛନ୍ତି। ନିଜ ଜମିରୁ ଉତ୍ପାଦିତ ଫସଲଗୁଡ଼ିକୁ ସେ ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା, ସିଂହପୁର ଅଞ୍ଚଳର ପରିବା ବ୍ୟବସାୟୀମାନଙ୍କୁ ବିକ୍ରି କରିଥାନ୍ତି। ସେ କୁହନ୍ତି, ତାଙ୍କ ଭାଇ, ପୁଅମାନେ ସମସ୍ତେ ମିଶି ସକାଳ ୫ ଟାରୁ ଜମିକୁ ଆସି ପନିପରିବାଗୁଡ଼ିକ ତୋଳି ସେଗୁଡ଼ିକୁ ବଜାରକୁ ବିକ୍ରି ନିମନ୍ତେ ପଠାଇଥାନ୍ତି। ବ୍ୟବସାୟୀମାନଙ୍କୁ ପରିବା ବିକ୍ରି ପରେ ଆରମ୍ଭ ହୋଇଯାଏ କ୍ଷେତ ପ୍ରସ୍ତୁତି କାର୍ଯ୍ୟ। ଯେହେତୁ ଜମିରେ ସିଜିନ ଅନୁଯାୟୀ ବିଭିନ୍ନ ପ୍ରକାର ପରିବା ଚାଷ କରାଯାଏ ତେଣୁ ଏଥିନିମନ୍ତେ ସବୁ ସମୟରେ ଜମିରେ ରହି ଗଛରେ ପାଣି ଦେବା ସହ ପୋକ ମାରିବା, ଜମି ହଳ କରି ସମତୁଲ କରିବା, ବିଭିନ୍ନ ପରିବା ଚାରା ପ୍ରସ୍ତୁତ କରିବାଠୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ପରିବାରର ସମସ୍ତ ସଦସ୍ୟ ତାଙ୍କୁ ସହଯୋଗ କରିଥାନ୍ତି। ଏହି ପରିବା ଚାଷରୁ ଯାହା ରୋଜଗାର ହୁଏ ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ହେବା ସହ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ରୋଜଗାର ଦେଇଛନ୍ତି। ଫଳରେ ସେ ବହୁତ ଖୁସି। କିନ୍ତୁ ରାଜ୍ୟ ସରକାର ଜିଲା କିମ୍ବା ବ୍ଲକରେ ଶୀତଳଭଣ୍ଡାରଟିଏ ନିର୍ମାଣ କରୁ ନ ଥିବାରୁ ଅନେକ ସମୟରେ ତାଙ୍କ କ୍ଷେତରୁ ଉତ୍ପାଦିତ ପରିବା ନଷ୍ଟ ହୋଇଯାଉଛି। କିଛି ଦିନ ତଳେ ଟମାଟୋର ବଜାର ଦର ହ୍ରାସ ପାଇବା ଯୋଗୁ ପ୍ରାୟ ୨୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନଷ୍ଟ ହୋଇ ଯାଇଥିଲା। ଶୀତଳଭଣ୍ଡାର ଥିଲେ ଏହି କ୍ଷତି ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି।

# ୫୪ ମାଟ୍ରିକ୍ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଡେରାବିଶ,୨୯।୪(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଞ୍ଚଳର ୯ଟି ପରୀକ୍ଷା କେନ୍ଦ୍ରରେ ୧୮୮୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯୋଗ୍ୟ ହୋଇଥିଲେ। ଶୁକ୍ରବାର ପ୍ରଥମଦିନରେ ୧୮୨୯ ଜଣ ପରୀକ୍ଷା ଦେଇଛନ୍ତି। ୫୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଚଳିତ ମଧ୍ୟମା ପାଇଁ ବିଭିନ୍ନ କେନ୍ଦ୍ରରେ ମୋଟ ୪୧ଜଣ ପରୀକ୍ଷା ଦେବାକୁ ଥିଲା। ପ୍ରଥମଦିନରେ ୩୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୯ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଗୁଡ଼ିକ ହେଲା ଭଗବତୀ ସରକାରୀ ହାଇସ୍କୁଲରେ ୨୩୫ ପରୀକ୍ଷାର୍ଥୀ, ରାମଚନ୍ଦ୍ର ନୋଡାଲ ହାଇସ୍କୁଲରେ ୧୯୧, ବି.ବି. ମଡେଲ ହାଇସ୍କୁଲରେ ୨୩୦, ଶାରଦା ଏକାଡେମୀରେ ୨୧୬, ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ୨୪୪, ସୁଦର୍ଶନ ସରକାରୀ ହାଇସ୍କୁଲରେ ୨୬୨, ମଲ୍ଲିକେଶ୍ୱର ସରକାରୀ ହାଇସ୍କୁଲରେ ୧୬୦, ଲାଲ୍ ବାହାଦୁର ଶାସ୍ତ୍ରୀ ସରକାରୀ ହାଇସ୍କୁଲରେ ୧୮୪, ଡେରାବିଶ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ଭଗବତୀ ସରକାରୀ ହାଇସ୍କୁଲ କେନ୍ଦ୍ରରେ ମଧ୍ୟମା ପରୀକ୍ଷା ୧୮ଜଣ, ମଲ୍ଲିକେଶ୍ୱର ସରକାରୀ ହାଇସ୍କୁଲ କେନ୍ଦ୍ରରେ ୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ନେଇ ଶିକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି। ବାଲିଆସ୍ଥିତ ସରକାରୀ ହାଇସ୍କୁଲକୁ ପ୍ରଶ୍ନପତ୍ର ନୋଡାଲ ହବ୍ କରାଯାଇଥିବା ବିଇଓ ଶ୍ରୀକାନ୍ତ ବେହେରା କହିଛନ୍ତି।



ଭଗବତୀ ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷାର୍ଥୀ।

# ଡାକବଙ୍ଗଳା ଶୂନ୍ୟ ପଟ୍ଟାମୁଣ୍ଡାଇ

- ପରିତ୍ୟକ୍ତ ଅବସ୍ଥାରେ ଅଳଭା 'ଓ' ବଙ୍ଗଳା
- ଅର୍ଦ୍ଧନିର୍ମିତ ଖଡିଅଣ୍ଟା ଡାକବଙ୍ଗଳା ପାଲଟିଛି

**ପଟ୍ଟାମୁଣ୍ଡାଇ, ୨୯।୪(ସ୍ୱ.ପ୍ର.)**

ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସୁଥିବା ପଟ୍ଟାମୁଣ୍ଡାଇକୁ ଚକ୍ରାନ୍ତ କରି ନିର୍ବାଚନମଣ୍ଡଳୀକୁ ଉଚ୍ଛେଦ କରି ଦିଆଯାଇଛି। ଏବେ ଡାକବଙ୍ଗଳାଶୂନ୍ୟ ହୋଇଛି ପଟ୍ଟାମୁଣ୍ଡାଇ। କେନ୍ଦ୍ରାପଡ଼ା ଜିଲାର ୨ୟ ବୃହତ୍ତମ ସହର ପଟ୍ଟାମୁଣ୍ଡାଇରେ ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ପୂର୍ତ୍ତ, ଗୃହ ନିର୍ମାଣ, ଜଳସମ୍ପଦ, ଉଠା ଜଳସେଚନ, ଟେଲିକମ୍, ପୋଲିସ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗର ସବ୍‌ଡିଭିଜନ ସହ କୃଷି ବିଭାଗର ଜିଲା କାର୍ଯ୍ୟାଳୟ ରହିଛି। ଏହାଛଡା ଜେଏମ୍‌ଏଫ୍‌ସି, ସବ୍‌ଜଜ୍ କୋର୍ଟ, ଜାତୀୟକରଣ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଛି। ବହୁ ସରକାରୀ ଅଫିସ ଭଡାଘରେ ଚାଲିଛି। ଅଧିକାଂଶ କର୍ମଚାରୀ ଓ ପଦାଧିକାରୀଙ୍କ ନିମନ୍ତେ ସରକାରୀ କ୍ୱାର୍ଟର୍ସ ନାହିଁ। ଅନେକ ସମୟରେ ବିଭିନ୍ନ ଅଫିସକୁ ପରିଦର୍ଶନ ଓ ତଦନ୍ତ ପାଇଁ ଆସୁଥିବା ଉଚ୍ଚ ପଦାଧିକାରୀଙ୍କ ରହଣି ପାଇଁ ସରକାରୀ ଅତିଥି ଭବନ ନାହିଁ। ଫଳରେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ କାର୍ଯ୍ୟନିର୍ବାହ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ଖଡିଅଣ୍ଟ ଡାକବଙ୍ଗଳା।

ରାଜ୍ୟ ସରକାରଙ୍କ ଅତିଥି ବିଶେଷକରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ପଟ୍ଟାମୁଣ୍ଡାଇ ଗସ୍ତରେ ଆସିଲେ ସାମୟିକ ବିଶ୍ରାମ ନେବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଡାକବଙ୍ଗଳା ନିର୍ମାଣ କରାଯାଇଥିଲା। ତେବେ ଏହି ଡାକବଙ୍ଗଳା ନିକଟରେ ତତ୍କାଳୀନ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବର୍ତ୍ତମାନର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ରୋଗୀସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡାକବଙ୍ଗଳା ଓ ଏହାର ସଂଲଗ୍ନ ଜାଗାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରାଯାଇଛି। ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଭାଙ୍ଗି ନୂତନ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ବିଭିନ୍ନ ଅଫିସ କାମରେ ଆସୁଥିବା ପଦାଧିକାରୀଙ୍କ ରାତ୍ରିଯାପନ ପାଇଁ ଏହି ଡାକବଙ୍ଗଳାଟି ମୁଖ୍ୟ ଉତ୍ସ ଥିଲା। ଅନ୍ୟପକ୍ଷରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ମଧ୍ୟ ଏହା ବ୍ୟବହୃତ ହେଉଥିଲା। ଡାକବଙ୍ଗଳାଟି ସମ୍ପୂର୍ଣ୍ଣ ଉଚ୍ଛେଦ ହେଲାପରେ ଏହିସବୁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସରକାରୀ ନିଷ୍ପତ୍ତି ଅନୁଯାୟୀ, ପୂର୍ତ୍ତ ବିଭାଗ ପକ୍ଷରୁ ଚୂନଡିଅଠାରେ ନୂତନ ଡାକବଙ୍ଗଳା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ପ୍ରସ୍ତାବିତ ଡାକବଙ୍ଗଳା ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ।

ଏହାଛଡ଼ା ଅଳଭା 'ଓ' ବଙ୍ଗଳା ଉତିକଣ ଜମିଦାର ଅମଳରୁ ନିର୍ମାଣ କରାଯାଇଥିଲା। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ବଙ୍ଗଳା ବସ୍ତୁତଃ ଧ୍ୱଂସସ୍ତୂପରେ ପରିଣତ ହେବାକୁ ବସିଛି। ୧୯୯୩ରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ଡାକବଙ୍ଗଳାର ପୁନରୁଦ୍ଧାର କରାଯାଇଥିଲା। ୨୦୦୩ରେ ଏହାର ନବୀକରଣ ହୋଇଥିଲା। ଚତୁଃପାର୍ଶ୍ୱରେ ପାଚେରି ସହ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଳସମ୍ପଦ ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ କରା ନ ଯିବା, ଦାୟିତ୍ୱରେ ଥିବା ରାତ୍ର ଜଗୁଆଳି ଠିକ୍ ଭାବେ ତଦାରଖ କରି ନ ଥିଲେ। ଫଳରେ ଜନବସତିଠାରୁ ଦୂରରେ ନିର୍ମିତ ଏହି ଡାକବଙ୍ଗଳାର ମୂଲ୍ୟବାନ କବାଟ, ଝରକା ସହ ଅନ୍ୟ ଆସବାବପତ୍ରକୁ ଦୁର୍ବୃତ୍ତ ତାଡ଼ିନେଇଯାଇଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ବଙ୍ଗଳାର କୋଠାଘର କାନ୍ଥରେ ଗଛ ଉଠିବା ସହ ମରାମତି ଅଭାବରୁ ଛାତରୁ ସିମେଣ୍ଟ ଖସିବାରେ ଲାଗିଛି। ଏହାର ଚାରିପାଖ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ୨ ବଖରାବିଶିଷ୍ଟ କୋଠାଘର, ରୋଷେଇଶାଳ, ଜଗୁଆଳି ଗୃହ, ଡାକବଙ୍ଗଳା ପ୍ରକୋଷ୍ଠର ଚଉଡ଼ା ବାରଣ୍ଡା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି।

ସେହିପରି ଉତିକଣ ଅଞ୍ଚଳକୁ ସରକାରୀ ଗସ୍ତରେ ଯାଉଥିବା ଉଚ୍ଚପଦସ୍ଥ ପଦାଧିକାରୀ ଓ ରାଜ୍ୟ ସରକାରଙ୍କ ଅତିଥିଙ୍କ ସାମୟିକ ବିଶ୍ରାମ ପାଇଁ ପଟ୍ଟାମୁଣ୍ଡାଇ-ବଡ଼ପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଖଡିଅଣ୍ଟାଠାରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ୧୯୯୮ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଡାକବଙ୍ଗଳା ନିର୍ମାଣ ଆରମ୍ଭ ହୋଇଥିଲା। ଏହି ଡାକବଙ୍ଗଳାଟି ଛାତ ପତନ ଅବସ୍ଥାରେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଡାକବଙ୍ଗଳା କାମ ଶେଷ ପାଇଁ କୌଣସିସ୍ତରରେ ଉଦ୍ୟମ କରାଯାଉନାହିଁ। ରାଜ୍ୟ ସରକାର ପୁନର୍ବାର ପଟ୍ଟାମୁଣ୍ଡାଇର ନିର୍ଦ୍ଧାରିତ ସ୍ଥାନରେ ଡାକବଙ୍ଗଳା ନିର୍ମାଣ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଧୂଳିର ବାସ୍ନା ସବୁଠି ସମାନ

ଚିରଶ୍ରୀ ଇନ୍ଦ୍ରସିଂ

**(ଅନୁଭବରେ ଗାଳ୍ପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତି)**

୨୦୧୮ ମାର୍ଚ୍ଚ ୧୧ ତାରିଖରେ ବୀଣାଅପାଙ୍କ ଘରକୁ ଯାଇଥିଲି ମୁଁ ଜାଣି ନ ଥିଲି ସେଇ ଶେଷଦେଖା ହେବ। ଅସୁସ୍ଥ ଥିଲେ, ୨ ଘଣ୍ଟା ଧରି ତାଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲି। ଅତିବଡ଼ୀ ପୁରସ୍କାର ଘୋଷଣା ହୋଇସାରିଥିଲା ଏବଂ ସେ ବି ଭାରି ଖୁସିଥିଲେ ତା'ର ପ୍ରାପକ ହୋଇ। ସେଦିନର ସେଇ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ, ଅସୁସ୍ଥତା ସତ୍ତ୍ୱେ ସେ ବଡ଼ ଆଗ୍ରହରେ ମୋ' ସହିତ ଗପ ଲମ୍ବାଇ ଦେଇଥିଲେ। କଥାବାର୍ତ୍ତାରେ ତାଙ୍କର ଲୋଭନୀୟ ଏବଂ ଈର୍ଷଣୀୟ ଚତୁଳ ରସିକତା ସହିତ ଶାଣିତ ବ୍ୟଙ୍ଗୋକ୍ତିକୁ ପରାଜିତ କରିପାରି ନ ଥିଲା ତାଙ୍କର ବୟସଜନିତ ଅସୁସ୍ଥତା ଓ ଅସହାୟତା। ସ୍ୱାଧୀନ ଭାବେ ଚଳପ୍ରଚଳ ହେବାର କ୍ଷମତା ପ୍ରାୟ ହରାଇ ବସିଥିଲେ ବି ସେ ବ୍ରହ୍ମାଣ୍ଡ ବୁଲି ପାରୁଥିଲେ ତାଙ୍କ କଥାର ଉଡ଼ାଣରେ। ଡେରି ହେଉଛି ମୋ' ଫେରିବାକୁ କହି ସେ ବ୍ୟସ୍ତ ବି ହେଉଥିଲେ ଆଉ କଟାଳ ବି କରୁଥିଲେ ଆଉ ଟିକିଏ ରହିଯିବାକୁ। ବହୁତ ହସୁଥିଲେ ସେଦିନ, ବହୁତ। ଆଜି ତାଙ୍କର ଅବର୍ତ୍ତମାନରେ ସେଇ ଦିନଟିର କଥା ଜଳଜଳ ହୋଇ ଦିଶିଯାଉଛି। ବିଶ୍ୱାସ କରିବାକୁ କଷ୍ଟ ହେଉଛି ଯେ, ସେ ଆଉ ନାହାନ୍ତି। ବୟସ ହୋଇଥିଲା, ବ୍ୟାଧି ବି କଷ୍ଟ ଦେଉଥିଲା... ସେ ଚାଲିଯିବାଟା ଚମକାଇ ଦେବା ପରି ଖବର ହେବା କଥା ନୁହେଁ, କିନ୍ତୁ ଭଲପାଇବା ଯୁକ୍ତି ବୁଝେନା!

ବୀଣାଅପା ଆମ ସମସ୍ତଙ୍କର ଆଦରର ବୀଣାଅପା। ସବୁଠୁ ବେଶୀ ସ୍ନେହୀ, ବେଶୀ ସହଜ, ବେଶୀ ବୟସର ଅପା ଆମର- ଆମର ବଡ଼ଭଉଣୀ, ଦିଗବାରେଣୀ। ବଡ଼ଦେଇ ପାଟଦେଇ। ତାଙ୍କ ଗଳ୍ପ ସବୁ ଅନ୍ଧାରରେ ଚମକୁଥିବା ଟିକିମିକି ତାରା- କେବେ ଶ୍ୱେତ, କେବେ ଲୋହିତ, କେବେ ଗଙ୍ଗଶିଉଳି ଫୁଲ ତ କେବେ ଚିରୁଡ଼ାଏ ନିଆଁଝୁଲ। ଆଜି ସେ ଆମ ବାଟକଡ଼ର ଠାକୁରାଣୀ ହେଇଗଲେ। ବୀଣାଅପା କହନ୍ତି, ନିର୍ଦ୍ଦିଷ୍ଟ ଭାବେ କିଛି କହିବାର ନ ଥିଲେ ସେ ଗପ ଲେଖନ୍ତିନି। ତାଙ୍କ ସର୍ଜନାର ଭାବଭୂମିଟି ବଡ଼ ବିସ୍ତାରିତ- ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀ... ସବୁକ୍ଷେତ୍ରରେ ତାଙ୍କର ଦକ୍ଷତା। ସେହି ଦକ୍ଷତା ଅର୍ଜନ କରିବା ପାଇଁ ସେ ନିଜକୁ ନିଜର ଚରିତ୍ରମାନଙ୍କ ସହ ମିଶାଇ ଦେବାକୁ କଠୋର ସାଧନା କରିଛନ୍ତି। ବନ୍ଦ ଘର ଭିତରେ ସଂଳାପ କହିଛନ୍ତି ତାଙ୍କ ନାୟିକାର, ଚକାଭଉଁରି ଖେଳିଛନ୍ତି ଚିହ୍ନା ଦରଚିହ୍ନା ମଣିଷମାନଙ୍କ ସହିତ; ଦଉଡ଼ିଛନ୍ତି, ଝୁଣ୍ଟିଛନ୍ତି, ସମବେଦନାରେ ଜୁଡୁବୁଡୁ ହୋଇ ବାହୁନିଛନ୍ତି କାହାର ଆର୍ତ୍ତିରେ ଆତୁର ହୋଇ, ମୁଣ୍ଡ କୋଡ଼ିଛନ୍ତି କାହା ଶୋଇବା ଘରର ଏରୁଣ୍ଡିବନ୍ଧରେ; ଘୂରି ବୁଲିଛନ୍ତି ଗାଁଗଣ୍ଡା ସହର ବଜାର ଦିନର ଆଲୁଅରେ, ଅନ୍ଧାରର ଆଡୁଆଳରେ।



୧୯୩୪-୨୦୨୨

କବିତା ତାଙ୍କର ପ୍ରେମ, ଗଳ୍ପ ହେଉଛି ପରକୀୟା। ପ୍ରଥମ କବିତାଟି ହଜେଇ ଦେଇଥିଲେ ବି ସେ କବିତାରେ ଯେ ବର୍ଷା, ଆକାଶ ଓ ଜହ୍ନ ତାରାମାନେ ଥିଲେ, ସେ କଥା ଭୁଲିହୁଏନା। ୧୯୫୮ରୁ ୧୯୬୫ ଭିତରେ ଦୁଇ ଶହରୁ ଅଧିକ କବିତା ଲେଖିଥିବା ବୀଣାଅପା ଯଦିଓ ଗପ ଲେଖିବା ପାଇଁ କବିତାକୁ ଛାଡ଼ିଲେ, କବିତା କିନ୍ତୁ ତାଙ୍କ ଅନ୍ତରରେ ସବୁବେଳେ ରହିଥିଲା। କଥାକାରିତାରେ ସେ କେବେ ଚାତୁର୍ଯ୍ୟ ଦେଖାଇନାହାନ୍ତି। ସମାଜ ବାସ୍ତବତାକୁ ନେଇ ତାଙ୍କର କାରବାର। କେତୋଟି ଧାଡ଼ି ମାତ୍ର ଥୋଉଛି ଏଠି, ତାଙ୍କ ଶରଧାର ଧାଡ଼ିସବୁ। ''ଏବେ ନାଉ ବଜାରରୁ କିଣା ହୋଇ ଆସେ। ନାଉ କାଟିଲାବେଳେ ମୋର ମନେହୁଏ ବୋଉର ସବୁ ରକ୍ତ ସତେ ଯେମିତି ନାଉରେ ଜମାଟ ବାନ୍ଧି ବରଫ ପରି ଧଳା ହୋଇଯାଇଛି।'' କିମ୍ବା ''କମଳି ଠେଙ୍ଗାଟା ଉଠାଇ ଆଣି ଗର୍ଜି ଉଠିଲା- ଯାଉଛୁ ନା ଏ ଠେଙ୍ଗାରେ ତୋ ମୁଣ୍ଡ ଛେଚି ଥୋଇଦେବି। ମୁଁ ଭଦରନୋକର ମାଇପ ନୁହେଁ ଯେ, ଗେରସ୍ତ ଧମକରେ ବିଷ ଖାଇ ମରିବି ପଛେ ପାଟି ଫିଟେଇବିନି।'' ତାଙ୍କ ଗଳ୍ପର ସାମଗ୍ରିକତା ଓ ସାମାଜିକ ପ୍ରତିବଦ୍ଧତା ପରିଷ୍କାର ଦିଶିଯାଏ। କହିବାକୁ ଗଲେ ଏକ ନୀରବ ପରିପୂର୍ଣ୍ଣତା ଓ ଗୀତିମୟ ପ୍ରାଣୋଚ୍ଛଳତା ତାଙ୍କର ଗଳ୍ପ ସବୁକୁ ଆବୋରି ବସିଥାଏ। ହୃଦୟକୁ ସିଧାସଳଖ ଛୁଇଁଯାଉଥିବା ତାଙ୍କ ଗଳ୍ପରେ ଅଛି ଦାମ୍ଭିକତା, ଦକ୍ଷତା ଏବଂ ଦୁଃସହ ଦାମିନୀ-ଦ୍ୟୁତି। ନାରୀ ମନୋବିଶ୍ଳେଷଣ, ଫିଟାଇ କରି କହିଲେ ପରିବର୍ତ୍ତନର ପ୍ରଭାବ କେତେ ନାରୀ ଉପରେ ଏବଂ ନାରୀ ନିଜେ କେତେ, କିପରି ଓ କେଉଁ ମାତ୍ରାରେ ପରିବର୍ତ୍ତନର ନିୟାମକ- ଏହି ପ୍ରସଙ୍ଗରେ ତାଙ୍କର ଦାୟିତ୍ୱସମ୍ପନ୍ନ ଓ ଦରଦୀ ବିଚାର ତଥା ଦୃଷ୍ଟିଭଙ୍ଗୀ ତାଙ୍କ ଗଳ୍ପକୁ ପ୍ରାଣମୟ କରିଛି।

ବିତିଯାଇଥିବା ଦିନ ତାଙ୍କର ଆତ୍ମଜୀବନୀ। ଯୁଗ ବଦଳିଯାଇଛି। ଇଣ୍ଟରନେଟ୍ ଓ ନାନା ରକମର ଆପ୍‌ରେ ଏବର ଓ ଆଗାମୀ ଦିନର ମଣିଷ ବଞ୍ଚିବେ। ଏହି ଆତ୍ମଜୀବନୀରେ ଜଣେ କୁଣ୍ଠିତ ଓ ତ୍ରସ୍ତ କିଶୋରୀର ସାହିତ୍ୟ ସାଧନାକୁ ଦେଖି ସେମାନେ ବିସ୍ମିତ ହେବେ, ବିଭୋର ହେବେ। ବୀଣାଅପା ତାଙ୍କ ପାଟଦେଇ ଗଳ୍ପରେ କହିଛନ୍ତି ଯେ, ''ମଣିଷକୁ ଭଲପାଇବାର ଯେଉଁ ନିଶା, ତାହା ପୃଥିବୀର ସବୁଠୁ ଉତ୍କଟ ନିଶା, ସେ ନିଶାରେ ଥରେ ଘାରି ହେଇଗଲେ ଆଗାମୀ ପୃଥିବୀ ନିଶ୍ଚୟ ସୁନ୍ଦର।'' ଅଗଣିତ ପାଠିକପାଠକଙ୍କ ହୃଦୟରେ ଅମଳିନ ଦୀପ୍ତିରେ ବିରାଜିତା ପଦ୍ମଶ୍ରୀ ବୀଣାଅପାଙ୍କର ନମ୍ରତାର ଔଜ୍ଜ୍ୱଲ୍ୟ ବି କେମିତି ଦେଖନ୍ତୁ- ''ଏତେ ଟିକିଏ ଜୀବନ ଭିତରେ, ଏତେ ଟିକିଏ ମୋର ଅନୁଭୂତି- ଯାହାର ମିନାର ଗଢ଼ିଉଠିଛି ବିଶ୍ୱବ୍ୟାପୀ ଜୀବନର ଅଲିଖିତ, ଅକୁହା ବେଦନାର ଭିତ୍ତି ଉପରେ। ତାକୁ ମୁଁ ବାଦ୍‌ଦେଇ କୋଉ ସ୍ୱପ୍ନରେ ବିଭୋର ହୋଇ ବଞ୍ଚିବି?'' (ମୁଁ ସେଇ ବୁଲ୍‌ବୁଲ୍- ଲାଲ୍ କରୁଛି ଗୋଲାପକୁ ବୁକୁର ରକ୍ତରେ)।

ବୀଣାପାଣି ଲେଖିକା ସଂସଦ ଗଢ଼ିଥିଲେ, ଲେଖିକାମାନଙ୍କର ସବୁଲେଖା ସୁବିଧାରେ ପ୍ରକାଶିତ ହେଉ ବୋଲି ନୁହେଁ, ତାଙ୍କର ଉଦ୍ଦେଶ୍ୟ ଥିଲା ଲେଖିକାମାନେ ବହୁତ ପଢ଼ନ୍ତୁ, ବହୁତ ଜାଣନ୍ତୁ, ନୂଆନୂଆ ବିଷୟବସ୍ତୁକୁ ଗଳ୍ପରେ ରୂପ ଦେଇ ପାରିବାର ଦକ୍ଷତା ଅର୍ଜନ କରନ୍ତୁ, ନିଜ ଲେଖାର ମାନ ବଢ଼ାନ୍ତୁ- ଏଥିପାଇଁ। ଯେମିତି ତାଙ୍କର ମାଆ କୁମୁଦିନୀ ମହାନ୍ତିଙ୍କର ପ୍ରେରଣା ତାଙ୍କୁ ସାହିତ୍ୟ ଜଗତକୁ ବାଟ କଢ଼େଇ ଆଣିଥିଲା ସେ ବି ସେମିତି ମାତୃରୂପା ହୋଇ ଲେଖିକାମାନଙ୍କୁ ଭଲପାଇବାର ହାତ ବଢ଼େଇ ଦେଇଥିଲେ। ଆଜି ସେଇ ଆଲୋକବର୍ତ୍ତିକା ସମା ବରାଭୟଦାୟିନୀ ଆତ୍ମୀୟା ଚାଲିଗଲେ। ତେବେ ଜଣେ ଲେଖକର ଆୟୁଷ ଗଣନାକୁ ମୃତ୍ୟୁର ଗଣିତ ବିଗାଡ଼ି ଦେଇପାରେ ନାହିଁ! ସେ ବଞ୍ଚି ରହିବେ... ସବୁଦିନ!

ତାଙ୍କର ପଦିଏ କଥା ମନେପକାଇ ଦେଉଛି- ''ମୁଁ ଏତେ ସହଜରେ ମୃତ୍ୟୁକୁ ସ୍ୱୀକାର କରିନେବାକୁ ପ୍ରସ୍ତୁତ ନୁହେଁ, ଯେହେତୁ ଜନ୍ମର ଶେଷକଥା ମୃତ୍ୟୁ ନୁହେଁ। ମୁଁ ନିଜେ ଚମକିଲେ ବି ପାଠକମାନଙ୍କୁ ନ ଚମକେଇ ସେମାନଙ୍କୁ ଚିନ୍ତା କରିବାକୁ, ସମାଧାନର ମାର୍ଗ ଖୋଜିବାକୁ ମୋର ରକ୍ତ ନିଗାଡ଼ି ଦେଇଛି।''

ଆମ ପାଟଦେଇ କହିଥିଲେ- 'ଧୂଳିର ବାସ୍ନା ସବୁଠି ସମାନ।' ଧୂଳି ଉପରେ ବୀଣାପାଣି ମହାନ୍ତି ରକ୍ତଝରା ପାଦଚିହ୍ନ ରଖିଦେଇ ଯାଇଛନ୍ତି।

ଆଭୂମ ପ୍ରଣାମ ଜଣାଉଛି ସେ ପାଦଚିହ୍ନକୁ।

- ପ୍ରାଧ୍ୟାପିକା, ରାଜନୀତି ବିଜ୍ଞାନ
ୟୁ.ଏନ୍. କଲେଜ, ଅଡ଼ଶପୁର, କଟକ
ମୋ: ୮୦୧୮୪୨୦୫୧୭

ପ୍ରଦକ୍ଷିଣ

# ସରିନି ନାଟକ, ନଇଁଗଲା ଯବନିକା

ଡକ୍ଟର ହୃଷୀକେଶ ମଲ୍ଲିକ

କେହି କହୁନାହିଁ, ଯିଏ ଜନ୍ମିଥିଲା ସିଏ ଜିଇଥା'ନ୍ତା ଯେତେକାଳ ଥାଆନ୍ତେ ଆକାଶରେ ଚନ୍ଦ୍ରସୂର୍ଯ୍ୟ। ଜନ୍ମ ନେଲେ ଅବଶ୍ୟ ମୃତ୍ୟୁ ଅଛି। କିନ୍ତୁ ଅବାକ୍ ଲାଗେ, ଯଦି ସବୁ କାମଦାମ ତୁଟାଇବା ଆଗରୁ ହଠାତ୍ ଉଡ଼ିଯାଏ ଜୀବନହଂସ। ନାଟ୍ୟକାର ରବୀନ୍ଦ୍ରନାଥ ଦାସଙ୍କ କ୍ଷେତ୍ରରେ ଠିକ୍ ସେଇୟା ହିଁ ହେଲା। ତାଙ୍କୁ ବୟସ ୭୯ ହୋଇଥିଲା। କିଛି କମ୍ ନୁହେଁ। ତେବେ ପତଳା ଚେହେରାର ଏହି ଉଗଡଗ ଚାଲୁଥିବା ଲୋକଟିକୁ ଯିଏ ତାଙ୍କ ଯୌବନରେ ଦେଖିଛି, ସିଏ କେବେ ଭାବି ପାରିବ ନାହିଁ ଯେ ସେ ମାତ୍ର ୭୯ବର୍ଷ ବୟସରେ ଏ ମାଟି ଛାଡ଼ି ତାଙ୍କ ଅନନ୍ତ ନିବାସ ଆଡ଼େ ଉଡ଼ିଯିବେ। ସେ କାୟମନୋବାକ୍ୟରେ କେବଳ ସାହିତ୍ୟିକ ନ ଥିଲେ, ସବୁ ମାନବୀୟ ଗୁଣରେ ଥିଲେ ଭରପୂର ଜଣେ ମଣିଷ।

ସ୍ମୃତିରେ ନାଟ୍ୟକାର ରବୀନ୍ଦ୍ରନାଥ ଦାସ



୧୯୪୨-୨୦୨୨

ରବୀନ୍ଦ୍ରନାଥ ଦାସଙ୍କୁ ମୁଁ ଓ ମୋ' ପରି ଅନେକ ସମକାଳର ଲେଖକମାନେ ରବିଭାଇ ବୋଲି ଡାକୁଥିଲୁ। ସେ ଗୀତ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ସବୁ ଲେଖୁଥିଲେ ବି ନାଟ୍ୟକାର ଭାବରେ ଓଡ଼ିଆ ସାହିତ୍ୟରେ ତାଙ୍କର ସୁଖ୍ୟାତି ଥିଲା। ନାଟ୍ୟକାର ମନୋରଞ୍ଜନ ଦାସଙ୍କର ଠିକ୍ ପରେ ପରେ ଓଡ଼ିଆ ନାଟକରେ ଯେଉଁ ସରଳ, ଭାବଗର୍ଭୀ ନାଟକର ଯୁଗଟିଏ ଆରମ୍ଭ ହୋଇଥିଲା, ସେ ଥିଲେ ତା'ର ଅନ୍ୟତମ ନିର୍ମାତା। ମଞ୍ଚ ଓ ଦର୍ଶକଙ୍କ ମଧ୍ୟରେ ଥିବା ବ୍ୟବଧାନକୁ କମାଇ ଆଣିବାରେ ସେ ପ୍ରମୁଖ ଭୂମିକା ତୁଲାଇଥିଲେ। ତାଙ୍କ ରଚିତ ନାଟକ 'ଯୋଦ୍ଧା', 'ଧ୍ରୁବ', 'ଦେବୀ', 'ଚିତ୍ରସେନ', 'ଯଯାତି ଯନ୍ତ୍ରଣା' ଓ 'ଅଙ୍ଗାର' ଆଦି ତାଙ୍କୁ ଯଶସ୍ୱୀ କରିଥିଲା। ହେଲେ, 'ବିଷଣ୍ଣ ପୃଥିବୀ' ନାଟକ ପାଲଟିଥିଲା ଓଡ଼ିଆ ସାହିତ୍ୟରେ ତାଙ୍କର ପ୍ରଥମ ପରିଚୟ। ରବୀନ୍ଦ୍ରମଣ୍ଡପରେ ଏହାର ମଞ୍ଚାୟନ ହୋଇଥିଲା ଓ ଏଇ ଲେଖକର ସୌଭାଗ୍ୟ ଯେ, ନାଟକଟିକୁ ଦେଖିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା। ନାଟକଟି ଦେଖିବା ପରେ ଏହି ଲେଖକଙ୍କ ଦ୍ୱାରା ପ୍ରସ୍ତୁତ ସମୀକ୍ଷାଟି 'ଧରିତ୍ରୀ'ର ରବିବାସରୀୟ ସଂଖ୍ୟାରେ ପ୍ରକାଶ ପାଇଥିଲା। ରବିଭାଇ ଅନେକଥର ଅନେକଙ୍କ ଆଗରେ ସ୍ୱୀକାର କରିଛନ୍ତି ଯେ 'ଧରିତ୍ରୀ'ର ଏହି ସମୀକ୍ଷାଟି ତାଙ୍କ ନାଟକ ସମ୍ପର୍କରେ ସର୍ବଶ୍ରେଷ୍ଠ ସମୀକ୍ଷା ଥିଲା। ଯୋଗକୁ ୧୯୭୫ରେ 'ବିଷଣ୍ଣ ପୃଥିବୀ' ନାଟକ ପାଇଁ ସେ 'ଓଡ଼ିଶା ସଂଗୀତ ନାଟକ ଏକାଡେମୀ' ଓ ୧୯୮୩ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଲାଭ କରିଥିଲେ। ୨୦୦୬ରେ ଅନୁଷ୍ଠିତ 'ଇଣ୍ଟରନ୍ୟାଶନାଲ ଥିଏଟର ଫେଷ୍ଟିଭାଲ'ରେ ତାଙ୍କୁ ମିଳିଥିଲା 'ନାଟ୍ୟଭୂଷଣ' ଉପାଧି।

ରବିଭାଇଙ୍କ ରଚିତ ଗଳ୍ପଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା 'ଅନେକ ଯନ୍ତ୍ରଣା', 'ମୁଖବନ୍ଧ', 'ନିଃସଙ୍ଗ ଅଶ୍ୱାରୋହୀ' ଓ 'ନିର୍ବାସିତ ସମ୍ରାଟ୍' ଇତ୍ୟାଦି। ଉପନ୍ୟାସ 'ଘର', 'ବାପା', 'ବୋଉ', 'ମାୟା', 'ଉମା', 'ହୃଦୟେଶ୍ୱରୀ' ଓ 'ନିଃସଙ୍ଗ ଆକାଶ'କୁ ମିଳିଥିଲା ଅକୁଣ୍ଠିତ ପାଠକୀୟ ସ୍ୱୀକୃତି। ଗଳ୍ପ 'ମୁଖବନ୍ଧ' ହିନ୍ଦୀ ଚଳଚ୍ଚିତ୍ରର ରୂପ ପରିଗ୍ରହ କରିଥିଲା 'ଆଭାସ' ଶୀର୍ଷକରେ। ଏହି ଚଳଚ୍ଚିତ୍ରକୁ ମିଳିଥିଲା ଆନ୍ତର୍ଜାତିକ ସ୍ୱୀକୃତି। ଗଳ୍ପ ଓ ଉପନ୍ୟାସକୁ ବାଦ୍‌ଦେଲେ ଜଣେ ଆଗଧାଡ଼ିର ଗୀତିକାର ଭାବେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲେ ଓଡ଼ିଆ ପାଠକ ମହଲରେ। ସେ ଥିଲେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର। ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ ତାଙ୍କୁ ମଧ୍ୟ ମିଳିଥିଲା ସଙ୍ଗୀତନାଟକ ଏକାଡେମୀ ଓ ପ୍ରଜାତନ୍ତ୍ରର ବିଷୁବ ପୁରସ୍କାର। ୨୦୦୬-୦୭ ବର୍ଷ ପାଇଁ ସେ ଥିଲେ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସଚିବ। ରେଭେନ୍ସାରୁ ଉଚ୍ଚ ଶିକ୍ଷା ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ ଓ ବୃତ୍ତିର ଶେଷ ପର୍ଯ୍ୟନ୍ତ ନିଜକୁ ଜଣେ ଦକ୍ଷ ପ୍ରଶାସକ ଭାବେ ପ୍ରମାଣ କରିପାରିଥିଲେ।

ଏସବୁ ବାହାରେ ସେ ଥିଲେ ଜଣେ ଖୁବ୍ ପରୋପକାରୀ ମଣିଷ। ତାଙ୍କ ପତ୍ନୀ ଇନ୍ଦିରା ଦାସ (ଯାହାଙ୍କୁ ଆମେ ଡଲିଅପା ବୋଲି ଡାକୁ) ପ୍ରକୃତରେ ଥିଲେ ଇନ୍ଦିରା (ଲକ୍ଷ୍ମୀ)। ତାଙ୍କ ସ୍ନେହର ଡୋରରେ ବାନ୍ଧି ହୋଇଥିଲେ ଓଡ଼ିଶାର ବହୁ ନବୋଦିତ ପ୍ରତିଭା। ରବିଭାଇଙ୍କ ସରକାରୀ ବାସଭବନ କଳ୍ପନା ଫ୍ଲାଟ୍ ଓ ନ' ନମ୍ବର ଘରକୁ ଯିଏ ଯାଉଥିଲେ ମୁହଁ ନ ଧୋଇ ଫେରୁ ନ ଥିଲେ। ତାଙ୍କ ଘରେ ବହୁ ନାଟକର ଆଖଡ଼ା ହେଉଥିଲା। ତାଙ୍କ ଝିଅ ପିକୁ (ଲିପିକା), ପୁଅ ପୁପୁନ୍ (ଆକାଶ) ଓ ବୁଲୁ (ପୁତ୍ରପ୍ରତିମ ମନୋରଞ୍ଜନ, ଯିଏ ପରେ ତାଙ୍କ ଜ୍ୱାଇଁ ହେଲେ) ମୋ' ପରି ଅନେକଙ୍କର ଖୁବ୍ ପ୍ରିୟ ଥିଲେ। ଅନ୍ୟ ଯାହା ପାଇଁ ରବିଭାଇ ଯାହା ହୁଅନ୍ତୁନା କାହିଁକି, ମୋ' ପାଇଁ ସେ ଥିଲେ ମାଆପେଟର ଭାଇ ପରି। ମୋର ବହୁ ସଂକଟ-ମୁହୂର୍ତ୍ତରେ ସେ ଥିଲେ ଗଭୀର ଆଶ୍ୱାସନା। ରାଜଧାନୀ କଲେଜରେ ଥିଲାବେଳେ ଏକ ଦୁର୍ଘଟଣାରେ ମୋ' ଗୋଡ଼ ଭାଙ୍ଗିଗଲା। ତାଙ୍କରି ଅଫିସ ଜିପ୍‌ରେ ମୁଁ ଛ' ନମ୍ବର ଡାକ୍ତରଖାନା ଯାଇଥିଲି। କାଳୁପଡ଼ା ଯାଇଥିଲି ତାଙ୍କ ଗାଡ଼ିରେ ଆୟୁର୍ବେଦିକ ସେକ ଚିକିତ୍ସା ପାଇଁ। ସେ ଥିଲେ ଅତ୍ୟନ୍ତ ଗୁଣଗ୍ରାହୀ। ତାଙ୍କ ଘର ଥିଲା ମୋ' ନିଜ ଘର। ଜୀବନଯାତ୍ରାରେ ଥକି ଗଲାବେଳେ ତାଙ୍କରି ଡ୍ରଇଂ ରୁମ୍‌ର ସୋଫା ଥିଲା ମୋ' ପାଇଁ ବିଶ୍ରାମ ନେବାର ବୈକୁଣ୍ଠପୁରୀ, କେବେକେବେ। ଡଲିଅପା କୋଉ ଜନ୍ମରେ ମୋ' ଭଉଣୀ ଥିଲେ କେଜାଣି, ତାଙ୍କ ସ୍ନେହ ମୁଁ ବହୁ ଜନ୍ମରେ ବି ଶୁଝି ପାରିବି ନାହିଁ। ବୁଲୁ ଓ ପିକୁ ମୋ' ନିଜର ପୁତୁରା ଝିଆରୀ ପରି ଥିଲେ। ବୁଲୁ ଭଲ ଲେଖେ, ମେଧାଶକ୍ତିରେ ଭରା। ପିକୁ ନିରୀହ, ଧୀର। ସବୁବେଳେ ପିଲାଟିଏ ପରି ଲାଗେ। ରବିଭାଇଙ୍କ ସହ ମୋର ଶେଷ ସାକ୍ଷାତ୍ ହୋଇଥିଲା ତାଙ୍କ ଘରେ ଠିକ୍ ମୋ'ର ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଭାବେ ନିଯୁକ୍ତି ହେବାର ଅବ୍ୟବହିତ ପୂର୍ବରୁ। ମୁଁ ସଭାପତି ହେବା ପରେ ସେ ଓ ଡଲିଅପା ଖୁସିରେ ଫାଟି ପଡ଼ୁଥିଲେ। ଦେଖନ୍ତୁ ଭାଗ୍ୟର ବିଡ଼ମ୍ବନା, ସେଇ ଏକାଡେମୀରେ ପୁଣି ତାଙ୍କରି ଶବକୁ ପୁଷ୍ପାର୍ଘ୍ୟ ଦେବାର ଦାରୁଣ ଯୋଗଟିଏ ମୋ' ପାଇଁ ଲେଖା ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ତାଙ୍କ କୀର୍ତ୍ତି ଅମର ରହୁ।

ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

## ଚୁପ୍‌ଚାପ୍ ଚତୁର୍ଥଧାଡ଼ିରେ



**କବି:** ତ୍ରିନାଥ ସିଂହ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୩୯/-

ମୋଟ ୩୬ଟି କବିତା ସାଙ୍ଗକୁ ବହିଟିରେ ରହିଛି ଓଡ଼ିଆ କବିତାର ପ୍ରବହମାନତାକୁ ନେଇ କବି ଲେଖିଥିବା ଏକ ନାତିଦୀର୍ଘ 'ପୃଷ୍ଠବନ୍ଧ'। ପ୍ରକାଶକ ବହିର ପଛ ମଲାଟରେ ଲେଖିଛନ୍ତି: ''ତାଙ୍କ କବିତା (ଅର୍ଥାତ୍ କବିଙ୍କ ଲିଖିତ କବିତା)ର ଭାବବଳୟରେ ଜୀବନାନ୍ୱେଷଣର ବିସ୍ମୟାନୁଭବ ସହ ତା'ର ସୂକ୍ଷ୍ମ ପ୍ରବାହକୁ ପ୍ରତ୍ୟକ୍ଷ କରେ ପାଠକ। xx 'ଚୁପ୍‌ଚାପ୍ ଚତୁର୍ଥଧାଡ଼ିରେ' xx ମାଆ, ମାଟି ଓ ମଣିଷର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୀତିକ ଅଭାବବୋଧ ଓ ଅବକ୍ଷୟର ମର୍ମଭେଦୀ ଚିତ୍ର ବେଶ୍ ସ୍ପଷ୍ଟ।'' ତ୍ରିନାଥଙ୍କ କବିତାରେ ମାନବଜୀବନ ଓ ସମାଜର ରୂପଚିତ୍ର କେବଳ ସାମ୍ପ୍ରତିକ ନୁହେଁ, ସେ ସାମ୍ପ୍ରତିକତା ଖୁବ୍ ନିକଟତମ ସମକାଳର ବି। କୋଭିଡ୍ ପୀଡ଼ିତ ସ୍ୱକାଳର ରୂପକୁ ସେ ତୋଳିଧରନ୍ତି ଏହିପରି ତାଙ୍କ କବିତାରେ: ''ସବୁଠି ଟାଟି ଓ କବାଟ ବନ୍ଦ/ ବନ୍ଦ ରାସ୍ତାଘାଟ, ବନ୍ଦ ଆକାଶ ବି ସମୁଦ୍ର ବି/ ପେଟପାଟଣାକୁ ଯାଇଥିବା ଶ୍ରମିକ ଫେରୁଛନ୍ତି ଘରକୁ/ ଲୁଚି ଲୁଚେଇ/ ରେଳଧାରଣା କଡ଼ ଧରି, ଜଙ୍ଗଲ ଝାଡ଼ ଦେଇ/ ଯେ, ମଣିଷକୁ ବି ବିଚିତ୍ର ଆଖିରେ ଦେଖୁଛି ମଣିଷ...'' ('ଏ ରାତି ଟିକିଏ ଦୀର୍ଘ', ପୃ: ୫୭) କବିତାଗୁଡ଼ିକର ଭାଷା ସୂକ୍ଷ୍ମ, ସଂଯତ ଓ ସମ୍ବେଦନାରେ ଭରା। ଅଭିବ୍ୟକ୍ତିରେ ଥାଏ ଅପୂର୍ବ ପ୍ରତିକାତ୍ମକତା ଓ କବିତାର ଭାଷାକୁ ନିଜ ବାଗରେ ଗଢ଼ିବାର ନିରଭିମାନୀ ଅଭିଳାଷ। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## ରାଗ ଦରବାରୀ



**ଗାଳ୍ପିକ:** ନିତ୍ୟାନନ୍ଦ ମିଶ୍ର
**ପ୍ରକାଶକ:** କଟକ ଲେଖକ ସହଯୋଗ ସମିତି, କଟକ
**ଦ୍ୱିତୀୟ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/-

ମୋଟ ୧୫ଟି ଗଳ୍ପ ୧୨୦ ପୃଷ୍ଠାର କଳେବର ନେଇ ଆତ୍ମପ୍ରକାଶ କରିଛି 'ରାଗ ଦରବାରୀ' ନାଁରେ। ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଗ୍ରାମ୍ୟ ଜନତା ରାଜନୈତିକ କର୍ମୀର ପରିଚୟ ଭିତରେ କିପରି ନିମ୍ନଗ ହୋଇଉଠିଛନ୍ତି ଆଚାର ଓ ଆଚରଣରେ ତା'ରି ବିଶ୍ୱସ୍ତ ଚିତ୍ର ପ୍ରକାଶ ପାଇଛି 'ରାଗ ଦରବାରୀ' ଗଳ୍ପରେ। ଗଳ୍ପର ମୁଖ୍ୟ ଚରିତ୍ର ହରମୋହନ ମନ୍ତ୍ରୀଙ୍କ ଉପଭୋଗ ପାଇଁ ଯୋଗାଉଛନ୍ତି ସୁନ୍ଦରୀ ଝିଅ ଓ ବିନିମୟରେ ନିଜର ସ୍ୱାର୍ଥ ହାସଲ କରୁଛନ୍ତି। ସମୟ ଆସିଛି ଯେତେବେଳେ ତାଙ୍କ ନିଜର କିଶୋରୀ ଝିଅ ମନ୍ତ୍ରୀଙ୍କ ପାଶବିକ ଲାଳସାର ଶିକାର ହୋଇଛି, ସେତେବେଳେ ସେ ପ୍ରତିକାରହୀନ, କାରଣ ରାଜନୀତିର ପଶାପାଲିରେ ସେ ଉପାୟହୀନ ଗୋଟି। ମନ୍ତ୍ରୀଙ୍କ ବନ୍ଦ କୋଠରିରେ କିଶୋରୀ ଝିଅର କାନ୍ଦ ଓ ପ୍ରତିବାଦ ନିରର୍ଥକ ହୋଇଯାଇଛି। ବାହାରେ ତା'ର ବାପା, ଆଖିରେ ଯାହାର ଉପରକୁ ଉଠିବାର ନିଶା। ନିତ୍ୟାନନ୍ଦ ଲେଖୁଛନ୍ତି: ''ଗରିବ ଛେଉଣ୍ଡ ପିଲାଟିଏ ପରି ସେ କାନ୍ଦିଉଠି ଡାକବଙ୍ଗଳାର ବାରଣ୍ଡାରେ ଲଥ୍‌କିନା ବସିପଡ଼ିଲେ ମୁଣ୍ଡରେ ହାତଦେଇ। ଅନେକ ନିର୍ବାକ୍ ଅତ୍ୟାଚାରିତ ଲୋକଙ୍କର ଲୁହ ମିଳିତ ହୋଇ ଯେମିତି ତାଙ୍କର ଦୁଇ ଆଖିରୁ ବୋହି ଆସିଲା।'' (ପୃ:୬୬)। ବହିଟିର ପ୍ରତିଟି ଗଳ୍ପ ସମାଜ ଓ ମଣିଷକୁ ଉଚିତ ମାର୍ଗରେ ବାଟକଢ଼େଇ ନେବାର ଗୋଟିଏ ଗୋଟିଏ ସଚେତନ ପ୍ରଚେଷ୍ଟା। ଆଶା କରାଯାଏ, ବହିଟି ହାତରୁ ହାତକୁ ହେଇ ବହୁ ଲୋକଙ୍କ ପାଖରେ ପହଞ୍ଚିବାର ସୌଭାଗ୍ୟ ଲାଭ କରିବ।

## ଚାବି

ସଂଗ୍ରହ- ନିରୁପମା ଆଚାର୍ଯ୍ୟ

କ୍ଷୁଦ୍ର ଗଳ୍ପ

ଜୁଲିଆ ଡିକ୍‌ସନ୍ ବାହାରକୁ ଚାଲିଆସି କବାଟଟାକୁ ଟାଣି ଦେଇଛନ୍ତି। କବାଟ ବନ୍ଦ ହୋଇଗଲା। ହେଲେ ଜାଣିଲେ ଯେ ଘର ଚାବି ଭିତରେ ରହିଯାଇଛି। ସେ ଆଣିବାକୁ ଭୁଲି ଯାଇଛନ୍ତି। କ'ଣ କରିବେ? ଠିକ୍ ଏତିକିବେଳେ ଡାକବାଲା ଆସି ତାଙ୍କ ସାମ୍ନାରେ ପହଞ୍ଚିଲା। ତାଙ୍କୁ ଚାହିଁ ପଚାରିଲା- ''କ'ଣ ହୋଇଛି ମିସେସ୍ ଡିକ୍‌ସନ୍! ଆପଣ ଏମିତି ବିଚଳିତ ଦିଶୁଛନ୍ତି?''

ସେ ଡରିଯାଇଥିଲେ। ହାତ ମଳି ମଳି କହିଲେ- ''ମୁଁ ଜାଣିନି ଏଇଲେ କ'ଣ କରିବି! ମୋର ଚାବି ତ ଘର ଭିତରେ ରହିଗଲା। ଡୁପ୍ଲିକେଟ୍ ଚାବିଟା ପଡ଼ୋଶୀଙ୍କ ଘରେ ଥାଏ। ହେଲେ ସେମାନେ ତ ଏବେ କେତେଦିନ ପାଇଁ ସହର ବାହାରକୁ ଯାଇଛନ୍ତି। ମୋ' ସ୍ୱାମୀଙ୍କ ପାଖରେ ଗୋଟେ ଚାବି ଅଛି ହଁ, କିନ୍ତୁ ସେ ଏଇଲେ ଗୋଟେ କନ୍‌ଫରେନ୍ସରେ ଥିବେ ସହରର ଶେଷ ମୁଣ୍ଡରେ। ସେ କନ୍‌ଫରେନ୍ସ ଦିନସାରା ଚାଲିବ। ମୋର ସନ୍ଦେହ ମୁଁ ଚେଷ୍ଟା କଲେ ମଧ୍ୟ ତାଙ୍କ ପାଖରେ ପହଞ୍ଚି ପାରିବି ନାହିଁ। ମୁଁ ଏଥିରେ କେମିତି ଘର ଭିତରକୁ ଯିବି? ପିଲାଙ୍କ ସ୍କୁଲ୍‌ରୁ ଫେରିବା ବେଳ ହୋଇ ଆସିବ।''



ଡାକବାଲା ତାଙ୍କୁ ଥୟ ହେବାକୁ କହିଲା। ଆଉ ଉପାୟ ବତାଇଲା- ତାଲା ଖୋଲିବାବାଲାଙ୍କୁ ଡାକିବାକୁ ହବ। ସେମାନେ ଆସିଲେ ଖୋଲିଦେବେ। ଜୁଲିଆ କହିଲେ, ''ମୁଁ ସେ କଥା ଜାଣିଛି, ହେଲେ ସେମାନେ ଆସିଲେ ଏତେ ଟଙ୍କା ମାଗିବେ ଯେ ଏଇଲେ ମୋ' ପାଖରେ ସେତେ ଟଙ୍କା ନାହିଁ।''

ଡାକବାଲା କହିଲା- ''ହଁ, ସେ କଥା ସତ। ହଉ ଯୋଉକଥା ମତେ ଜଣା ଆପଣଙ୍କୁ କହିଲି। ଏଥର ମତେ ବିଦାୟ ଦିଅନ୍ତୁ। ଆପଣଙ୍କର ଯାହାସବୁ ଚିଠି ଅଛି ନିଅନ୍ତୁ। କିଏ ଜାଣେ ଏ ସବୁ ଭିତରେ କ'ଣ ସବୁ ଭଲ କଥା ଥିବ, ଯାହା ଆପଣଙ୍କୁ ଖୁସି କରିଦବ।'' ଏମିତି କହି ସେ ଚାଲିଗଲା।

ଜୁଲିଆ ସେ ଲଫାପାଗୁଡ଼ିକୁ ଚାହିଁଲେ, ତା' ଭିତରୁ ଗୋଟେ ଚିଠି ତାଙ୍କ ଭାଇ ଜୟାଥନ୍‌ଙ୍କ ପାଖରୁ ଆସିଚି। ଆର ସପ୍ତାହରେ ସେ ତାଙ୍କ ଘରକୁ ଆସିଥିଲେ ଓ ଏଠି ଚାରିଦିନ ରହିଥିଲେ। ତେବେ କାହିଁକି ପୁଣି ଚିଠି ଲେଖିଛନ୍ତି? ଏ କଥା ଭାବି ସେ ସେଇ ଲଫାପାଟିକୁ ଆଗ ଖୋଲିଲେ। ଫଟ୍ କରି ଗୋଟିଏ ଚାବି ତାଙ୍କ ହାତ ଉପରେ ପଡ଼ିଗଲା। ଚିଠିଟିଏ ଅଛି- ''ସ୍ନେହର ଜୁଲିଆ, ଗଲା ସପ୍ତାହରେ ଯେତେବେଳେ ମୁଁ ତୋ' ଘରେ ଥିଲି, ସେଦିନ ତୁ' ବଜାର ଯାଇଥିଲୁ। ମୁଁ ଅଜାଣତରେ ପଦାରେ ରହି କବାଟ ଟାଣିକରି ବନ୍ଦ କରି ଦେଇଥିଲି। ଚାବି ତ ଭିତରେ ରହିଯାଇଥିଲା, ତୋ' ପଡ଼ିଶା ଘରୁ ଡୁପ୍ଲିକେଟ୍ ଚାବିଟା ମାଗି ଆଣି ଘର ଖୋଲିଥିଲି। କିନ୍ତୁ ତାଙ୍କୁ ସେଇଟା ଫେରାଇବାକୁ ମନେନାହିଁ। ନେଇ ଆସିଚି। ତେଣୁ ଏଇଲେ ପଠେଇଦେଲି ଚିଠି ସାଙ୍ଗରେ।''

ଜୁଲିଆଙ୍କ ଆଖି ଏଥର ଭିତରକୁ ଖୋଲିଗଲା। କେତେ ବଡ଼ ସମସ୍ୟାର ସମାଧାନ କେତେ ପାଖରେ ଏଇ ଟିକକ ଆଗରୁ କ'ଣ ଜାଣିଥିଲା ସେ! ଈଶ୍ୱରଙ୍କ ପ୍ରତି କୃତଜ୍ଞତାବୋଧରେ ମନ ତାଙ୍କର ଛଳଛଳ ହେଇ ଉଠିଲା।

ମୋ: ୯୭୭୬୯୯୫୭୫୭

## କାଳକାଳକୁ

**''ବିଜୟ ପରି ପରାଜୟ ବି ଆମ୍ଭାକୁ ଚହଲେଇ ତମ ମହତପଣକୁ ସାମ୍ନାକୁ ଆଣେ।''**
**- ଏଡ୍‌ଉଇନ୍ ମାର୍କହାମ୍**



ଏଡ୍‌ଉଇନ୍ ମାର୍କହାମ୍‌ଙ୍କ ଜନ୍ମ ୨୩ ଏପ୍ରିଲ ୧୮୫୨ରେ ଓ ପରଲୋକ ୭ ମାର୍ଚ୍ଚ ୧୯୪୦ରେ ଆମେରିକାରେ। ଏହି କବିଙ୍କର ପ୍ରସିଦ୍ଧତମ କବିତାଟି ହେଉଛି: "The man with the Hoe" (କୋଦାଳ ହାତରେ ମଣିଷ)। ଆମେରିକାର ଯେଉଁ ଘରଟିରେ ଏଡ୍‌ଉଇନ୍ ଏହି କବିତାଟି ଲେଖିଥିଲେ, ସେଇ ଘରଟି ଏବେ ପୃଥିବୀର ଏକ ଖ୍ୟାତନାମା କବିତା-କେନ୍ଦ୍ର। ଜାଁ ଫ୍ରାଙ୍କୋଇସ୍ ମିଲେଟ୍‌ଙ୍କର ଏକ ପେଣ୍ଟିଂ ଆଧାରରେ କବି ଏହି କବିତାଟି ରଚନା କରିଥିଲେ। ୧୮୯୮ ଇଂରାଜୀ ନବବର୍ଷ ସନ୍ଧ୍ୟାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ କବି ଏହି କବିତାଟି ପାଠ କରିଥିଲେ ଓ ୧୮୯୯ରେ "San Francisco Examiner"ରେ ଏହା ପ୍ରକାଶ ପାଇଥିଲା। ବଂଚିତ ଶ୍ରମିକର ସପକ୍ଷରେ ଏହା ଥିଲା ଏକ ପ୍ରତିବାଦର କବିତା। ମାର୍କହାମ୍ କହନ୍ତି: ''ମଣିଷ ଜୀବନର ସବୁଠୁଁ ମହତ୍ତର କାମ ହେଉଛି ଶୋଷିତର ପକ୍ଷନେବା।''

# ବିଷଫୁଲ

ଚିନ୍ମୟୀ ପଣ୍ଡା

ଲଘୁ ଗଳ୍ପ

ମଞ୍ଜିରୁ ଗଛ ହେଲା। ଛନଛନ ହେଇ ବଢ଼ିଚାଲିଲା। କଢ଼ ଆସିଲା, ଫୁଲ ଫୁଟିଲା। ବାସ୍ନା ଚହଟିଗଲା। ଭଅଁର ଆସିଲେ, ଆହୁରି ଆସିଲେ ମହୁମାଛି ଓ ଅନେକ ପ୍ରକାର ମହୁଖିଆ କୀଟପତଙ୍ଗ। ବଗିଚା ମଧ୍ୟରେ ସେ ଗଛଟିର ପ୍ରଶଂସକ ଅନେକ। ତା' ଫୁଲପାଇଁ ତା' ଆଦର ବି ବହୁତ। ମାଳୀ କହେ ସେ ଗଛ ଏକ ନୂତନ ପ୍ରଜାତିର ଗଛ। ମାଳୀ କେବେ ନା ଏଭଳି ଗଛ ଦେଖିଛି ନା ଜାଣିଛି। ତା'ହେଲେ ଏ ଗଛ ଆସିଲା କୋଉଠୁ? ମଣିଷଠାରୁ କୀଟପତଙ୍ଗ ଯାଏଁ ସମସ୍ତେ ଏହି ଫୁଲର ସୌନ୍ଦର୍ଯ୍ୟ ଓ ବାସ୍ନାରେ ମତୁଆଲା ହେଲେ। ବଗିଚାକୁ ଯିଏ ବି ଆସିଲେ ସେହି ଗଛ ପାଖେ ଫଟୋ ଉଠେଇଲେ। ବିଭିନ୍ନ ପୋଜ ଦେଇ ଫଟୋ ଉଠେଇଲେ। ଭଅଁର, ପୋକ, ମାଛି ସେହି ଗଛ ପାଖେ ପରସ୍ପର ସାଥିରେ କଳିଗୋଳ କରି କାମୁଡ଼ାକାମୁଡ଼ି ହେଲେ। କ୍ରମଶଃ ଫୁଲର ସୌନ୍ଦର୍ଯ୍ୟ ଆହୁରି ବଢ଼ିଲା। ବାସ ତାହାର ଚତୁର୍ଦ୍ଦିଗ ବ୍ୟାପିଲା। ମଣିଷମାନେ ମଧ୍ୟ ଜଣେ ଆଉ ଜଣଙ୍କୁ କହି କାନରୁ କାନକୁ ଯାଇ ତୁଣ୍ଡ ବାଇଦ ସହସ୍ର କୋଶ ହେଲା। ବଗିଚାକୁ ଯାଇ ସେହି ଫୁଲ ସାଥିରେ ସେଲ୍‌ଫି ଉଠାଇବା ଏକ ଷ୍ଟାଇଲ୍ ବୋଲି ଧରାଗଲା। କ୍ରମେ ଲୋକଙ୍କ ଭିଡ଼ ଜମିଲା।

ଗଛ ତା' ବଂଶ ବିସ୍ତାର କଲା। ତା' ଭଳି ଅନେକ ଫୁଲ ସୃଷ୍ଟି ହେଲେ। ପାର୍କରେ ଅସଂଖ୍ୟ ଭିଡ଼ ହେଲା। ଯେତେ ଗହଳି ବଢ଼ିଲା, ଫୁଲମାନଙ୍କ ଭିତରେ ଉତ୍ସାହ ବଢ଼ିଲା। ଆହୁରି ଛନ୍ନଛନ୍ନ କନକପ ହେଲେ। ଭ୍ରମର ଦଳ ନିଶାଖୋର ଭଳି ହେଲେ। କିଏ ଫୁଲକୁ ଦେଖିଦେଖି କବିତା ଲେଖିଲା, କେହି ତା' ଫୁଲକୁ ଛୁଇଁଲା ତ ଆଉ କିଏ ଫୁଲର ସୌନ୍ଦର୍ଯ୍ୟରେ ସେ ଆତ୍ମହରା ହେଲା।

ବର୍ଷବର୍ଷ ଧରି ନିଜ ସୌନ୍ଦର୍ଯ୍ୟ ଓ ସୁଗନ୍ଧରେ ଆକର୍ଷିତ କରିଥିବା ଫୁଲମାନେ କ୍ରମେ ନିର୍ଜନରେ ପଡ଼ିରହିଲେ। କିନ୍ତୁ ଧୈର୍ଯ୍ୟହରା ନ ହୋଇ ସେମାନେ ନିଜ ପ୍ରତିଭା ବଢ଼ାଇ ଚାଲିଥିଲେ। କ୍ରମେ ସହରରେ ଏକ ବ୍ୟାଧି ବ୍ୟାପିଲା। ଡାକ୍ତର ଚିକିତ୍ସା କରି କରି ନୟାନ୍ତ ହେଲେ। ରୋଗର କାରଣ ବୁଝିବା ପାଇଁ ସରକାର କମିଟି ଗଢ଼ିଲେ। ଖୋଳତାଡ଼ରୁ ଜଣାଗଲା ସେହି ଫୁଲର ପ୍ରେମୀମାନେ ଉକ୍ତ ରୋଗର ବାହକ ହୋଇ ସହରରେ ରୋଗ ବଢ଼ାଇବାରେ ଲାଗିଛନ୍ତି।

ଫୁଲ ସଂସ୍ପର୍ଶରେ ଆସିଥିବା କୀଟପତଙ୍ଗ ବି ସେହି ବିଷରୁ ବର୍ତ୍ତିନାହାନ୍ତି। ସହର ବିଷାକ୍ତ। ହାହାକର ଚାରିଆଡ଼େ। ଅନେକ ରାସାୟନିକ ପ୍ରକ୍ରିୟାରେ ନୂତନ ଔଷଧ ନିର୍ମାଣ କରିବାରେ ବ୍ୟସ୍ତ ରହିଲେ କମ୍ପାନୀ ସବୁ। ତତ୍କାଳ ବ୍ୟବହାର ପାଇଁ ବିନା ପ୍ରୟୋଗରେ ଔଷଧ ସବୁ ସେହି ଦୁରାରୋଗ୍ୟ ପୀଡ଼ିତଙ୍କୁ ଦିଆଗଲା। ଅନେକଙ୍କ ମୃତ୍ୟୁ ଘଟିଲା। ଅନେକ ଅକର୍ମଣ୍ୟ ହୋଇ ପଡ଼ି ରହିଲେ। ଫୁଲର ପ୍ରେମୀମାନେ ଫୁଲକୁ ଅଭିଶାପ ଦେବାକୁ ଲାଗିଲେ। ପାର୍କଟି ବର୍ତ୍ତମାନ ବିଷାକ୍ତ ବୋଲି ପ୍ରଘଟ ହୋଇଯିବାରୁ ତା' ମଧ୍ୟକୁ ମଣିଷ କ'ଣ ପକ୍ଷୀ, କୁକୁର, ପୋକଜୋକ ମଧ୍ୟ ଯିବାକୁ ଡରିଲେ ଓ ପରିତ୍ୟକ୍ତ ଭାବେ ସେ ପାର୍କଟି ପଡ଼ିରହିଲା। ଅନେକ ଚେଷ୍ଟା ଦ୍ୱାରା ସେହି ଫୁଲଗଛର ବଂଶ ନିପାତ କରାଗଲା। ତୀବ୍ର ବିଷ ଦ୍ୱାରା ତା' ସମୂଳ ନାଶ ସମ୍ଭବ ହେଲା। କାରଣ ବିଷକୁ ବିଷ ହିଁ କାଟେ। ଏହି ପ୍ରକ୍ରିୟାରେ ଅନେକ ସମୟ, ଅର୍ଥ ଓ ଶକ୍ତି ବିନିଯୋଗ ହେଲା। ଇତିମଧ୍ୟରେ ପାର୍କରେ ଥିବା ଅନ୍ୟ ଫୁଲମାନେ ପାଣି ନ ପାଇ ମରିଗଲେ। ଦିନେ ଖବରକାଗଜରେ ସେହି ମାରାତ୍ମକ ଫୁଲର ଫଟୋ ବାହାରିଲା। ସୋସିଆଲ ମିଡିଆରେ ସେହି ଫୁଲ ଭାଇରାଲ ହେଲା। କ୍ରମେ ସେହି ସହର ସାରା ପୃଥିବୀରେ ବିଖ୍ୟାତ ହେଲା ଭୟଙ୍କର ରୋଗ ପାଇଁ ଓ ସେହି ସହର ତା' ଗରିମା ହରାଇଲା। ଲୋକେ ଫୁଲକୁ ଦେଖି ଡରିଲେ। ଅନେକ ନୀରିହ ଫୁଲ ଅକାଳମୃତ୍ୟୁକୁ ବରିନେଲେ।

ଫୋନ୍ ସ୍କ୍ରିନ୍‌ରେ ସେହି ଫୁଲର ଫଟୋକୁ ଦେଖି ପିଲାଟିଏ ଭୟରେ ଚିତ୍କାର କଲା 'ବିଷଫୁଲ'।

ବହୁ ବର୍ଷ ତଳର କଥା ଏହା। କିନ୍ତୁ ଆଜିକାଲି ମଧ୍ୟ କେଉଁଠି ଏଭଳି 'ବିଷଫୁଲ'ର ଆବିର୍ଭାବ ଘଟୁଛି ଓ ତାହାର ପ୍ରେମୀ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ଆଜି ମଧ୍ୟ 'ବିଷଫୁଲ' ପାଇଁ ସମସ୍ତ ନିଷ୍ପାପ ଫୁଲଙ୍କୁ ନିଜ ସମ୍ମାନ ହରାଇବାକୁ ପଡ଼ୁଛି।

ମୋ: ୯୮୬୧୧୯୧୯୬୯



# ବସ୍ତରରୁ ଭୁବନେଶ୍ୱର

## ଆଇଡବ୍ଲ୍ୟୁଏଲ୍‌ରେ ଛତିଶଗଡ଼ ଆଶ୍ରମ ବାଳିକାଙ୍କ ଚମକ

**ଭୁବନେଶ୍ୱର, ୨୯।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱରରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ୨୦୨୧-୨୨ରେ ଏକାଧିକ ନୂଆ ଦଳ ଅଂଶଗ୍ରହଣର ସୁଯୋଗ ପାଇଛନ୍ତି। ସେଗୁଡ଼ିକ ମଧ୍ୟରେ ଏଥର ଏପରି ଏକ ଦଳ ଖେଳୁଛି ଯାହାର ମତ ହେଲା 'ଆମେ ପାରିବୁ ଏବଂ ନିଶ୍ଚିତ'। ଏମାନେ ଭାରତୀୟ ଫୁଟବଲ ପାଇଁ ଉଦାହରଣ ସାଜିଛନ୍ତି। ଛତିଶଗଡ଼ ବସ୍ତର ଜିଲାର ଏକ ଆଶ୍ରମରୁ ଆସିଥିବା ଏହି ଦଳର ନାମ ହେଲା ମାତା ରୁକ୍ମିଣୀ ଫୁଟବଲ କ୍ଲବ। ଏହି କ୍ଲବ ପ୍ରଥମଥର ପାଇଁ ଆଇଡବ୍ଲ୍ୟୁଏଲ୍‌ରେ ଭାଗ ନେଇଥିଲେ ହେଁ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛି। ଫୁଟବଲ ପରି ଏକ ସୁନ୍ଦର କ୍ରୀଡ଼ା ପାଇଁ ପ୍ରତିଭା ଖୋଜି ସେମାନଙ୍କୁ ପ୍ରମୋଟ କରିବା ଏହି କ୍ଲବର ମୁଖ୍ୟ ଉଦ୍ଦେଶ୍ୟ। ମାତା ରୁକ୍ମିଣୀ ଫୁଟବଲ କ୍ଲବ ୨୦୨୦ ଓ ୨୦୨୨ରେ ୨ଥର ଛତିଶଗଡ଼ ଲିଗ୍ ଟାଇଟଲ ଜିତିବା ପରେ ଆଇଡବ୍ଲ୍ୟୁଏଲ୍ ଟିକେଟ ପାଇଛି। ଏହି ଦଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ୧୫ରୁ ୨୦ ବର୍ଷର ପିଲା ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ୨୦୧୯ରେ କଲ୍ୟାଣୀଠାରେ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଖେଳିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଧରମପାଲ ସଇନି ୧୯୭୬ରେ ମାତା ରୁକ୍ମିଣୀ ଦେବୀ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଝିଅଙ୍କୁ ଶିକ୍ଷିତ କରିବା ସମୟ ଓ ଅର୍ଥର ବରବାଦ ବୋଲି ଗ୍ରାମାଞ୍ଚଳର ଲୋକଙ୍କ ମନରେ ଧାରଣା ଥିବାବେଳେ ସେ ଝିଅମାନଙ୍କୁ ପଢ଼ାଇବା କାର୍ଯ୍ୟରେ ଆଶ୍ରମକୁ ଉତ୍ସର୍ଗ କରିଥିଲେ। ପ୍ରଥମେ ଏହାକୁ ଏକ ଚ୍ୟାଲେଞ୍ଜଭାବେ ଗ୍ରହଣ କରି ସେ ମାତ୍ର ୮ ଜଣ ବାଳିକାଙ୍କୁ ନେଇ ଆଶ୍ରମ ଆରମ୍ଭ କରିଥିଲେ। ମାତ୍ର ସେଠାରେ ଏବେ ୩୦୦୦ରୁ ଊର୍ଦ୍ଧ୍ୱ ବାଳିକା ରହିଛନ୍ତି। ପିଲାମାନଙ୍କୁ ଶିକ୍ଷିତ କରାଇବା ବ୍ୟତୀତ ଏକାଧିକ କ୍ରୀଡ଼ାରେ ପାରଦର୍ଶୀ କରାଇବା ଆଶ୍ରମର ଅନ୍ୟତମ କାର୍ଯ୍ୟ ହୋଇଥିଲା। ତା ମଧ୍ୟରୁ ଫୁଟବଲ ଅନ୍ୟତମ। ତାଉଜି ନାମରେ ବିଶେଷ ପରିଚିତ ଧରମପାଲ ଯୁବାବସ୍ଥାରେ ଜଣେ ଆଥ୍‌ଲେଟ ଥିଲେ। ଆଶ୍ରମ ବାଳିକାଙ୍କ ମଧ୍ୟରେ ସହନଶକ୍ତିକୁ ଦେଖି ପ୍ରଥମେ ସେ ଯୋଗ ଶିଖାଇବା ଆରମ୍ଭ କଲେ। ପରେ କବାଡ଼ି, ମାରାଥନ ରନିଂ, ଆର୍ଚେରୀ, ଫୁଟବଲ ଆଦି କ୍ରୀଡ଼ାରେ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ। ଆଶ୍ରମ ଅନ୍ତେବାସୀମାନେ ଶିକ୍ଷାରେ ଭଲ କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ପାରଦର୍ଶୀ ହୋଇପାରିବେ ବୋଲି ତାଙ୍କ ମନରେ ବିଶ୍ୱାସ ଥିଲା। ତେଣୁ ଯିଏ ଯେଉଁ କ୍ରୀଡ଼ା ପ୍ରତି ଆଗ୍ରହୀ ତାଙ୍କୁ ସେହି କ୍ରୀଡ଼ାରେ ସାମିଲ କଲେ। ଫଳସ୍ୱରୂପ ଛତିଶଗଡ଼ ରାଜ୍ୟ ପକ୍ଷରୁ ଏକ ଫୁଟବଲ ଦଳ ଆଇଡବ୍ଲ୍ୟୁଏଲରେ ଭାଗନେବା ସମ୍ଭବ ହୋଇପାରିଛି। ପ୍ରଥମେ ପିଲାମାନଙ୍କ ପାଇଁ କୋଚ୍ ନ ଥିଲେ। ଟିଭିରେ ମେସି ଓ ରୋନାଲ୍ଡୋ ଆଦିଙ୍କ ଖେଳ ଦେଖି ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା। ମାତ୍ର ପିଲାମାନେ ଭଲ ପ୍ରଦର୍ଶନ କରିବା ପରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଚ୍ ବ୍ୟବସ୍ଥା କରାଯାଇଥିଲା। ଫଳରେ ସେମାନଙ୍କ ପ୍ରଦର୍ଶନ ଅଧିକ ମାର୍ଜିତ ହୋଇପାରିଲା। ସାମ୍ପ୍ରତିକ ସମୟରେ ଝିଅମାନେ ଶିକ୍ଷିତ ହେବା ଅତ୍ୟନ୍ତ ଜରୁରୀ, ଏହା ଦେଶକୁ ଅଧିକ ସୁଦୃଢ଼ କରିବ ବୋଲି ଅନୁଭବ କରୁଛନ୍ତି ସଇନି। ଶିକ୍ଷିତ ହେଲେ ପିଲାମାନଙ୍କ ମାନସିକତା ଏବଂ ବ୍ୟବହାରରେ ପରିବର୍ତ୍ତନ ନିଶ୍ଚିତ ହେବ ବୋଲି ତାଙ୍କର ବିଶ୍ୱାସ। କୌଣସି ବଡ଼ ସହରର ହୋଇ ନ ଥିଲେ ହେଁ ଏବଂ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ହେଁ ମାତା ରୁକ୍ମିଣୀ ଫୁଟବଲ କ୍ଲବ ଜାତୀୟ ଲିଗ୍‌ରେ ପ୍ରତିନିଧିତ୍ୱ କରିବାର ଗୌରବ ଅର୍ଜନ କରିଛି। ଆଶ୍ରମ ପରିସରରେ ସେମାନଙ୍କୁ ଅଭ୍ୟାସ ପାଇଁ ଭଲ ଟ୍ରେନିଂ ଗ୍ରାଉଣ୍ଡ ନାହିଁ। ସେମାନଙ୍କ ନିକଟରେ ଆବଶ୍ୟକ ବୁଟ୍, ଖାଦ୍ୟପେୟ ଏବଂ କିଟ୍ ନ ଥିଲେ ହେଁ ଫୁଟବଲ ପ୍ରତି ଭଲ ପାଇବା ସେମାନଙ୍କ ପଥରୋଧ କରି ପାରିନାହିଁ। ''ଆମେ ଫୁଟବଲକୁ ଭଲପାଉ। ପିଲାମାନେ ଏହି ଗେମ୍ ଖେଳିବାକୁ ଭଲ ପାଆନ୍ତି ଏବଂ ଆମେ ଏପରି ବଡ଼ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଆଗ୍ରହର ସହ ଅପେକ୍ଷା କରିଥିଲୁ। ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ସମୃଦ୍ଧ ଇଣ୍ଡିଆନ ଆରୋଜ, ଗୋକୁଲମ୍ କେରଳ ଏବଂ ସେଥୁ ଏଫ୍‌ସି ପରି ବଡ଼ ଦଳ ବିପକ୍ଷରେ ଖେଳି ଆମେ ନିଜର ସ୍ଥିତି ଜାଣିବାକୁ ମଧ୍ୟ ବ୍ୟଗ୍ର ଥିଲୁ'' ବୋଲି ମୁଖ୍ୟ କୋଚ୍ ସନ୍ଦୀପ ସିଂ ପ୍ରକାଶ କରିଛନ୍ତି। ଦେଶର ଶ୍ରେଷ୍ଠ ଖେଳାଳିଙ୍କ ସହ ଭାବ ବିନିମୟ ଏବଂ ସେମାନଙ୍କ ବିପକ୍ଷରେ ଖେଳି ଯେଉଁ ଅଭିଜ୍ଞତା ଆହରଣ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ଆଶ୍ରମର ଅନ୍ତେବାସୀ ବାଳିକାଙ୍କର ଜୀବନ ବୋଲି କିଛି ନ ଥିଲା। ସେମାନେ ପାଣି ସଂଗ୍ରହ ପାଇଁ ଦୈନିକ ୭ରୁ ୮ କିଲୋମିଟର ଚାଲିଚାଲି ଯାଉଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରୀ ଚାକିରି ମିଳିଛି ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ମାତା ରୁକ୍ମିଣୀ ଏଫ୍‌ସି ଇତିମଧ୍ୟରେ ୪ଟି ମ୍ୟାଚ ଖେଳି ସାରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହଂସ ଓମେନ ଏଫ୍‌ସିଂ ବିପକ୍ଷରେ ବିଜୟ ହାସଲ କରି ସେମାନେ ପୂରା ୩ ପଏଣ୍ଟ ହାସଲ କରିଛନ୍ତି। ଶୃଙ୍ଖଳିତଭାବେ ଟୁର୍ନାମେଣ୍ଟ ଆୟୋଜନ ହେଉଥିବାରୁ ଏବଂ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବାରୁ କୋଚ୍ ସନ୍ଦୀପ ଓଡ଼ିଶା ସରକାର ଏବଂ ସର୍ବଭାରତୀୟ ଫୁଟବଲ ଫେଡେରେଶନକୁ ଧନ୍ୟବାଦ ଜଣାଇଛନ୍ତି।



ଭୁବନେଶ୍ୱରରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଭାଗ ନେଇଥିବା ମାତା ରୁକ୍ମିଣୀ ଫୁଟବଲ କ୍ଲବ ଦଳ।

## ବିଶ୍ୱ ଜୁନିୟର ଭାରୋତ୍ତୋଳନରେ ମୁନା ଭାଗନେବେ



**ଭୁବନେଶ୍ୱର, ୨୯।୪ (କ୍ରୀଡ଼ା ପ୍ରତିନିଧି):** ଗ୍ରୀସ୍‌ର ହେରାକ୍ଲିଅନଠାରେ ବିଶ୍ୱ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ମେ' ୨ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ମୁନା ନାୟକ ମନୋନୀତ ହୋଇଛନ୍ତି। ମୁନା ପୂର୍ବରୁ ବ୍ରହ୍ମପୁର ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ ଥିଲେ। ଚଳିତ ବର୍ଷ ସେ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିଲେ। ଗଞ୍ଜାମ ନରସିଂହପୁରର ମୁନା ୨୦୨୦ରେ ଉଜବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ଏସିଆନ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର କ୍ଲିନ୍ ଆଣ୍ଡ ଜର୍କରେ ୧୩୦ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୬ରେ ଭାରୋତ୍ତୋଳନକୁ କ୍ୟାରିୟର କରିଥିବା ମୁନା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଧଡଜନେରୁ ଅଧିକ ପଦକ ହାସଲ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି।

# ଲକ୍ଷ୍ନୌ ୨୦ ରନରେ ବିଜୟୀ

**ପୁଣେ, ୨୯।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦେଇଛି। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୮ ଉଇକେଟରେ ୧୫୩ ରନ କରିଥିଲା। ପଞ୍ଜାବ ପୂରା ୨୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ଜନି ବେୟାରଷ୍ଟୋ ଦଳ ପକ୍ଷରୁ ସର୍ବାଧିକ ୩୨ ଓ ଅଧିନାୟକ ମୟଙ୍କ ଅଗ୍ରୱାଲ ୨୫ ରନ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ମହସିନ ଖାଁ ୩ଟି, କୃନାଲ ପାଣ୍ଡ୍ୟା ଓ ଦୁଷ୍ମନ୍ତ ଚାମିରା ୨ଟି ଲେଖାଏ ଓ ରବି ବିଷ୍ଣୋଇ ଗୋଟିଏ ଉଇକେଟ ନେଇଥିଲେ। ୯ ମ୍ୟାଚରୁ ୬ଷ୍ଠ ବିଜୟ ସହ ଲକ୍ଷ୍ନୌ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ପଞ୍ଜାବ ୯ ମ୍ୟାଚରୁ ୫ମ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ମୀ ଫର୍ମରେ ଥିବା ଅଧିନାୟକ ଲୋକେଶ ରାହୁଲଙ୍କ ଉଇକେଟ ଶୀଘ୍ର ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରାହୁଲ ମାତ୍ର ୬ ରନ କରି କାଗିଶୋ ରାବାଡ଼ାଙ୍କ ବଲ୍‌ରେ ଜୀତେଶ ଶର୍ମାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। କ୍ୱିଣ୍ଟନ ଡି'କକ୍ ଓ ଦୀପକ ହୁଡା ଦ୍ୱିତୀୟ ଉଇକେଟରେ ୫୯ ବଲ୍‌ରୁ ୮୫ ରନ ସଂଗ୍ରହ କରିଥିଲେ ହେଁ ଏହି ଯୋଡ଼ି ଭାଙ୍ଗିବାପରେ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଡି'କକ୍ ସର୍ବାଧିକ ୪୬ (୩୭ ବଲ, ୪ ଚୌକା, ୨ ଛକା) ଓ ହୁଡା ୩୪ (୨୮ ବଲ, ୧ ଚୌକା, ୨ ଛକା) ରନ କରିଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ କାଗିଶୋ ରାବାଡ଼ା ୩୮ ରନ ବିନିମୟରେ ସର୍ବାଧିକ ୪ଟି, ରାହୁଲ ଚହର ୨ଟି ଓ ସନ୍ଦିପ ଶର୍ମା ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ପଞ୍ଜାବ କିଙ୍ଗ୍ସର କାଗିଶୋ ରାବାଡ଼ାଙ୍କ ପ୍ରତିକ୍ରିୟା।

| ଆଇପିଏଲ୍-୧୫ |
| --- |
| **ଆଜିର ମ୍ୟାଚ** |
| ଗୁଜରାଟ ଟାଇଟାନ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର |
| ସ୍ଥାନ: ମୁମ୍ବାଇ |
| ସମୟ: ଅପରାହ୍ନ ୩ଟା ୩୦ |
| ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ |
| ସ୍ଥାନ: ମୁମ୍ବାଇ |
| ସମୟ: ରାତି ୭ଟା ୩୦ |
| ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ |

### ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୫୩/୮ (କ୍ୱିଣ୍ଟନ ଡି'କକ୍-୪୬, ଦୀପକ ହୁଡା-୩୪, କାଗିଶୋ ରାବାଡ଼ା-୪/୩୮, ରାହୁଲ ଚହର-୨/୩୦, ସନ୍ଦିପ ଶର୍ମା-୧/୧୮)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୩୩/୮ (ଜନି ବେୟାରଷ୍ଟୋ-୩୨, ମୟଙ୍କ ଅଗ୍ରୱାଲ-୨୫, ରିଷି ଧାୱନ-୨୧*, ମହସିନ ଖାଁ-୩/୨୪, କୃନାଲ ପାଣ୍ଡ୍ୟା-୨/୧୧, ଦୁଷ୍ମନ୍ତ ଚାମିରା-୨/୧୭, ରବି ବିଷ୍ଣୋଇ-୧/୪୧।




# ବୋରିସ୍ ବେକରଙ୍କୁ ଅଢ଼େଇବର୍ଷ ଜେଲ

**ଲଣ୍ଡନ, ୨୯।୪**

ପୂର୍ବତନ ୱିମ୍ବଲଡନ ଚାମ୍ପିୟନ ଜର୍ମାନୀର ବୋରିସ ବେକରଙ୍କୁ ଅଢ଼େଇ ବର୍ଷ ଜେଲ ଦଣ୍ଡ ହୋଇଛି। କରଜ ଶୁଝିବାକୁ ଏଡାଇଯିବା ଉଦ୍ଦେଶ୍ୟରେ ସେ ୨.୫ ନିୟୁତ ପାଉଣ୍ଡର ସମ୍ପତ୍ତି ଓ ଋଣକୁ ଲୁଚାଇଥିଲେ। ୨୦୧୭ରେ ଦେବାଳିଆ ଘୋଷିତ ହେବା ପରେ ସେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ର ଦେବାଳିଆ ଆଇନକୁ ଉଲ୍ଲଂଘନ କରି ନ ଥିବା କହିଥିଲେ। ଋଣଦାତାଙ୍କ ନିକଟରେ ତାଙ୍କର ୫୦ ନିୟୁତ ପାଉଣ୍ଡ ବାକି ରହିଥିଲା। ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଚଳିତ ମାସ ପ୍ରାରମ୍ଭରେ ଦେବାଳିଆ ଆଇନ ଅନୁସାରେ ୪ଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଫଳରେ ସେ ସର୍ବାଧିକ ୭ବର୍ଷ ଜେଲ ଦଣ୍ଡର ସମ୍ମୁଖୀନ ହୋଇଥିଲେ। ବିଚାରପତି ଡେବୋରା ଟେଲର ଉଭୟ ପ୍ରୋସିକ୍ୟୁଟର ଓ ବେକରଙ୍କ ଆର୍ଟର୍ଣ୍ଣିଙ୍କ ଯୁକ୍ତି ଶୁଣିବା ପରେ ଦଣ୍ଡବିଧାନ ଘୋଷଣା କରିଥିଲେ। ୫୪ ବର୍ଷୀୟ ବେକର ୨୦୧୭ରେ ଦେବାଳିଆ ଘୋଷିତ ହେବା ପରେ ତାଙ୍କର ବିପୁଳ ପରିମାଣରେ ଅର୍ଥ ବିଜନେସ ଆକାଉଣ୍ଟ ଓ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ତନ୍ମଧ୍ୟରେ ପୂର୍ବତନ ସ୍ତ୍ରୀ ବାର୍‌ବାରା ଏବଂ ତାଙ୍କଠାରୁ ଅଲଗା ହୋଇ ଯାଇଥିବା ସ୍ତ୍ରୀ ସାର୍ଲେଲି ବେକରଙ୍କ ଆକାଉଣ୍ଟ ମଧ୍ୟ ସାମିଲ। ବେକର ଆହୁରି ମଧ୍ୟ ଜର୍ମାନୀରେ ରହିଥିବା ତାଙ୍କର ଏକ ସମ୍ପତ୍ତି ସମ୍ପର୍କରେ ସୂଚନା ଦେଇ ନ ଥିଲେ। ଏକ ଟେକ୍ ଫାର୍ମରେ ସେ ଖଟାଇଥିବା ପୁଞ୍ଜି ଏବଂ ୮୨୫,୦୦୦ ୟୁରୋ (୮୭୧,୦୦୦ ଆମେରିକୀୟ ଡଲାର)ର ବ୍ୟାଙ୍କ ଋଣ ସମ୍ପର୍କିତ ତଥ୍ୟକୁ ଲୁଚାଇଥିଲେ। ଲଣ୍ଡନସ୍ଥିତ ସାଉଥ୍‌ୱାର୍କ କ୍ରାଉନ୍ କୋର୍ଟ ଅନ୍ୟ ୨୦ଟି ଅଭିଯୋଗରୁ ବେକରଙ୍କୁ ଦୋଷମୁକ୍ତ କରିଛନ୍ତି। ଦେବାଳିଆ ଘୋଷଣା ପୂର୍ବରୁ ପୂର୍ବତନ ଟେନିସ ଚାମ୍ପିୟନଙ୍କୁ ତାଙ୍କର ଦୁଇଟି ୱିମ୍ବଲଡନ ଟ୍ରଫି ଓ ଏକ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ସମେତ ଅନେକ ପୁରସ୍କାର ହସ୍ତାନ୍ତର କରିବା ଲାଗି କୁହାଯାଇଥିଲା। ମାତ୍ର ସେ ତାହା ଦାଖଲ କରି ନ ଥିଲେ। ଏହି ଅଭିଯୋଗ ତନ୍ମଧ୍ୟରେ ଅନ୍ୟତମ ଥିଲା। ଶୁକ୍ରବାର ଦଣ୍ଡ ଶୁଣାଣି ବେଳେ ପ୍ରୋସିକ୍ୟୁଟର ରେବିକା ଚାକ୍‌ଲେ କହିଥିଲେ ବେକର ନିଜ ଦୋଷ ଲୁଚାଇବା ଲାଗି ଛଳନା କରୁଛନ୍ତି। ଏବେ ମଧ୍ୟ ସେ ଅନ୍ୟମାନଙ୍କୁ ଦୋଷାରୋପ କରୁଛନ୍ତି। ପ୍ରତିବାଦୀ ଆର୍ଟର୍ନି ଜୋନାଥନ ଲେଡ୍‌ଲ ଯୁକ୍ତି ଉପସ୍ଥାପନ କରି କହିଥିଲେ ତାଙ୍କ କ୍ଲାଏଣ୍ଟ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁ ନ ଥିଲେ। ବରଂ ଶିଶୁଙ୍କୁ ସାହାଯ୍ୟ, ଭଡ଼ା ଓ ଆଇନଗତ ଏବଂ ବ୍ୟବସାୟଗତ କାର୍ଯ୍ୟରେ ବ୍ୟୟ କରୁଥିଲେ।



## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
| --- | --- | --- | --- | --- | --- |
| ଗୁଜରାଟ ଟାଇଟାନ୍ସ | ୮ | ୭ | ୧ | ୧୪ | +୦.୩୭୧ |
| ରାଜସ୍ଥାନ ରୟାଲ୍ସ | ୮ | ୬ | ୨ | ୧୨ | +୦.୫୬୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୯ | ୬ | ୩ | ୧୨ | +୦.୪୦୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୬୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୫୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୪ | ୪ | ୮ | +୦.୬୯୫ |
| ପଞ୍ଜାବ କିଙ୍ଗ୍ସ | ୯ | ୪ | ୫ | ୮ | -୦.୪୭୦ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୦୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୦.୫୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |

# ଫାଇନାଲ ରାଉଣ୍ଡରେ ହାରିଗଲେ ପ୍ରଜ୍ଞାନନ୍ଦ

**ଓସ୍‌ଲୋ, ୨୯।୪ (ପି.ଟି.):** ଭାରତର ସ୍ୱଳ୍ପ ବୟସ୍କ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଓସ୍‌ଲୋ ଏସ୍‌ସ୍ପୋର୍ଟ୍ସ କପ୍ ଅନ୍‌ଲାଇନ୍ ରାପିଡ୍ ଚେସ୍ ଟୁର୍ନାମେଣ୍ଟର ୭ମ ରାଉଣ୍ଡରେ ଡଚ୍ ଖେଳାଳି ଆନିଶ ଗିରିଙ୍କଠାରୁ ୦.୫-୨.୫ରେ ପରାସ୍ତ ହୋଇ ପ୍ରତିଯୋଗିତାରେ ଚତୁର୍ଥ ହୋଇଛନ୍ତି। ୧୬ ବର୍ଷୀୟ ଭାରତୀୟ ୫ମ ରାଉଣ୍ଡ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିଲେ। ମାତ୍ର ସେ ଫାଇନାଲ ରାଉଣ୍ଡରେ ଗିରିଙ୍କୁ ଅତିକ୍ରମ କରିପାରି ନ ଥିଲେ। ୬ଷ୍ଠ ରାଉଣ୍ଡରେ ସେ ପୋଲାଣ୍ଡର ଜାନ୍ କ୍ରାଇଜଫ୍ ଡୁଡାଙ୍କଠାରୁ ୦.୫-୨.୫ରେ ହାରିଯାଇଥିଲେ, ଯିଏକି ଶେଷରେ ଟୁର୍ନାମେଣ୍ଟ ଜିତିଥିଲେ। ପ୍ରଜ୍ଞାନନ୍ଦା ୧୨ ପଏଣ୍ଟ ସହ ଯଥାକ୍ରମେ ଡୁଡା (୧୪ ପଏଣ୍ଟ), ଭିଏତନାମ୍‌ର ଲିମ୍ କ୍ୱାଙ୍ଗ୍ ଲି' (୧୩) ଏବଂ ବିଶ୍ୱର ନମ୍ବର ୱାନ ନରୱେର ମାଗ୍ନସ କାର୍ଲସେନ୍‌ଙ୍କ ପଛକୁ ଚତୁର୍ଥ ହୋଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ଗିରଫ

ବାଲିଆ,୨୯।୪: ବିରିଡି ଥାନା ଅନ୍ତର୍ଗତ କୁଳକଇଜଙ୍ଗା ଗ୍ରାମରେ ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ଜେଲ ଯାଇଛନ୍ତି। ଅଭିଯୁକ୍ତ ହେଲେ ଏହି ଅଞ୍ଚଳର ଅରୁଣ ସ୍ୱାଇଁ। ଉକ୍ତ ଗ୍ରାମର ପ୍ରତିମା ମହାନ୍ତି(୬୦) ଶୁକ୍ରବାର ବିବାହ କରିଥିବା ଝିଅ ଘରକୁ ଯାଇ ଗ୍ରୁପ ଲୋନ ସମ୍ପର୍କରେ କଥା ହେଉଥିଲେ। ଏହି ସମୟରେ ମୋ ସ୍ତ୍ରୀ ସହ କାହିଁକି କଥା ହେଉଛୁ ବୋଲି କହି ଅଭିଯୁକ୍ତ ସ୍ୱାଇଁ ଶାଶୁଙ୍କୁ ଗାଳିଗୁଲଜ କରିବା ସହ ଏକ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରତିମାଙ୍କ ବାମପଟ କାନ୍ଧ କଟିଯାଇଥିଲା। ଏନେଇ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୬୮/୨୨) ରୁଜୁ କରି ସ୍ୱାଇଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# କ୍ରୋମାଇଟ୍ ପରିବହନ ଠପ୍

**ଟ୍ରକ୍ ମାଲିକ ସଂଘର ଅସହଯୋଗ ଆନ୍ଦୋଳନ**

- ଶିଳ୍ପ କାରଖାନାରେ ଅଚଳାବସ୍ଥା
- ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଶିଳ୍ପ ମୁଖ୍ୟ

ଯାଜପୁର ଅଫିସ,୨୯।୪


ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିବା ଟ୍ରକ୍ ମାଲିକମାନେ।

ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳରେ ଏକ ସପ୍ତାହ ହେବ କ୍ରୋମାଇଟ୍ ପରିବହନ ହେଉ ନ ଥିବାରୁ ଶିଳ୍ପ କାରଖାନାଗୁଡିକରେ ଅଚଳାବସ୍ଥା ଦେଖାଦେଇଛି। ଏଥିଯୋଗୁ ଫେରୋକ୍ରୋମ୍ କାରଖାନାଗୁଡ଼ିକ ସେମାନଙ୍କ ୟୁନିଟ୍ ବନ୍ଦ କରିବାକୁ ବାଧ ହୋଇଛନ୍ତି ବୋଲି ଶିଳ୍ପ ମୁଖ୍ୟମାନେ ପ୍ରକାଶ କରିଛନ୍ତି। ଓଡ଼ିଶା ଖଣି ନିଗମ(ଓଏମ୍‌ସି), ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍, ଫେକର, ବାଲେଶ୍ୱର ଆଲୋଏଜ ମାସକୁ ପ୍ରାୟ ୪ ଲକ୍ଷ ଟନ କ୍ରୋମ ଖଣି ବିକ୍ରି କରିଥାନ୍ତି। କିନ୍ତୁ ଟ୍ରକ ମାଲିକ ସଂଘର ଦରବୃଦ୍ଧି ଦାବି ନେଇ କରୁଥିବା ଅସହଯୋଗ ଆନ୍ଦୋଳନ କାରଣରୁ ଗତ ୨୧ ତାରିଖରୁ କୋମାଇଟ ପରିବହନ ଅଟକି ଯାଇଛି। ଏହା ଫେରୋ ଆଲୋଏଜ ଇଣ୍ଡଷ୍ଟ୍ରିଜ ଏବଂ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍‌ର ଉତ୍ପାଦନ କାର୍ଯ୍ୟକୁ ବିପଦରେ ପକାଇଛି। ଏଭଳି ଘଟଣା ଯଦି ଆଗକୁ ବନ୍ଦ ନ ହେବ ତେବେ ରାଜ୍ୟର ଅନେକ ଶିଳ୍ପ କାରଖାନା ବନ୍ଦ ହୋଇଯାଇପାରେ ବୋଲି ଶ୍ରମିକ ଓ କର୍ମଚାରୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏଥିପ୍ରତି ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ପଦକ୍ଷେପ ଗ୍ରହଣ ନ ହେବା ଦୁଃଖଦାୟକ ବୋଲି ଶିଳ୍ପପତିମାନେ ଦର୍ଶାଇଛନ୍ତି। କ୍ରୋମାଇଟ୍ ପରିବହନ ବନ୍ଦ ହେତୁ ଶିଳ୍ପସଂସ୍ଥାଗୁଡ଼ିକ କ୍ଷତିରେ ଚାଲିଛି। ଏହାସହ ରାଜ୍ୟ ସରକାର ମଧ ବହୁ ପରିମାଣରେ ରାଜସ୍ୱ ହରାଉଥିବା ମତପ୍ରକାଶ ପାଇଛି। କାଳିଆପାଣିଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ୩୫ କିଲୋମିଟର ଦୂରତା ପାଇଁ ଲୋଡିଂ ସମେତ ମାଲ୍ ପରିବହନ ହାର ଟନ ପିଛା ୮୦୦ ଟଙ୍କାରୁ ଅଧିକ ପ୍ରଦାନ କରାଯାଉଛି। କିନ୍ତୁ ଓଡ଼ିଶା ଗେଜେଟ ବିଜ୍ଞପ୍ତି ସଂଖ୍ୟା ୬୭୬୨/୬।୭।୨୦୨୧ ଅନୁଯାୟୀ ଟନ ପିଛା ୬୩୦.୫୦ଟଙ୍କା ରହିବା ଉଚିତ। ବିଜ୍ଞପ୍ତି ତୁଳନାରେ ଶିଳ୍ପ କମ୍ପାନୀ ୪୦% ଅଧିକ ଦେୟ ପ୍ରଦାନ କରୁଛନ୍ତି। ଏଭଳିସ୍ଥିତିରେ ଟ୍ରକ ମାଲିକ ସଂଘ ପୁଣି ୨୦% ଦର ବୃଦ୍ଧି ଦାବି କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ ମନେହୁଏ ବୋଲି କଳିଙ୍ଗନଗରରେ ଅବସ୍ଥିତ ଶିଳ୍ପ ମୁଖ୍ୟମାନେ କହିଛନ୍ତି। ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସଙ୍କଟ ଦୂର କରିବାକୁ ରାଜ୍ୟ ଶିଳ୍ପୋଦ୍ୟୋଗୀମାନେ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ବାଲିଚନ୍ଦ୍ରପୁର,୨୯।୪(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର କଲେଜ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ଏକ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କଲେଜ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରି ଛାତ୍ରୀଙ୍କୁ ଆତ୍ମରକ୍ଷା ପାଇଁ ଶାରୀରିକ ସାମର୍ଥ ବୃଦ୍ଧି ସହ ଦୃଢ ମାନସିକତା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସମାଜ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ସରୋଜ ରଞ୍ଜନ ଜେନା ଯୋଗଦେଇ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ଧୈର୍ଯ୍ୟ ଦ୍ୱାରା ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରତାପ କୁମାର ସାହୁ, ମିଳନ କୁମାର ଜେନା, ଅଧ୍ୟାପିକା ହିରଣ୍ମୟୀ ସାମଲ, ଲୋପାମୁଦ୍ରା ପଟ୍ଟନାୟକ ଓ ନିରୁପମା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ ବିଶ୍ୱାଳ ଓ ପ୍ରତାପ ବୀରବର ଶ୍ରୀଚନ୍ଦନ ପୃଷ୍ଟି ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ଶିବିରର ମୁଖ୍ୟ ସଂଯୋଜକ ଅଧ୍ୟାପକ ନିଶିଥ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ମାଟ୍ରିକ ପରୀକ୍ଷା ଆରମ୍ଭ, ଧର୍ମଶାଳାରେ ୨୨୨ ଅନୁପସ୍ଥିତ

ଧର୍ମଶାଳା,୨୯।୪(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଧର୍ମଶାଳା ବ୍ଲକର ୨୩ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ଇଂଲିଶ ଭାଷାରେ ୩୧୩୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଫଳରେ ୨୨୨ଜଣ ଅନୁପସ୍ଥିତ ରହିଛନ୍ତି। ରେଗୁଲାର ପରୀକ୍ଷାରେ ୧୮କେନ୍ଦ୍ରରେ ୨୯୪୧ ଜଣଙ୍କ ମଧ୍ୟରୁ ୧୭୧ଜଣ ଅନୁପସ୍ଥିତ ରହିବାରୁ ୨୭୭୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେହିପରି ୪ଟି ମଧ୍ୟମା ପରୀକ୍ଷା କେନ୍ଦ୍ରରେ ୧୫୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୪ଜଣ ଅନୁପସ୍ଥିତ ରହିବାରୁ ୧୧୨ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ରରେ ୩୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ଅନୁପସ୍ଥିତ ରହିବାରୁ ୩୨ଜଣ ପରୀକ୍ଷା ଦେଇଛନ୍ତି। ଅଣ୍ଟିଆସ୍ଥିତ ହିଙ୍ଗୁଳା ପଞ୍ଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୨୮ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାବେଳେ ୟୁଜିପିଏଲଏନ୍ ନହଙ୍ଗାପାଟଣା ପରୀକ୍ଷାକେନ୍ଦ୍ରରେ ସର୍ବନିମ୍ନ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଧର୍ମଶାଳା ବାଣୀପୀଠ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏଠାରେ ପ୍ରଶ୍ନପତ୍ର ରଖାଯାଇ ପରୀକ୍ଷା କେନ୍ଦ୍ରକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ବ୍ଲକରେ ଇଂଲିଶ ପରୀକ୍ଷା ଶାନ୍ତିଶୃଙ୍ଖଳାରେ ସମାପ୍ତ ହୋଇଛି ବୋଲି ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ସୂଚନା ଦେଇଛନ୍ତି।

# ବନ୍ଧରେ ଓଲଟିଲା ବାଲି ବୋଝେଇ ହାଇୱା

**ବନ୍ଧ ସୁରକ୍ଷା ଓ ଯାତାୟାତ ନେଇ ଗ୍ରାମବାସୀଙ୍କ ରାସ୍ତା ଅବରୋଧ**

ପାଣିକୋଇଲି,୨୯।୪(ଡି.ଏନ.ଏ.)


ବାଲି ବୋଇେଝ ହାଇୱା ଓଲଟି ପଡ଼ିଛି।


ଗାଡ଼ି ଓଲଟିବାକୁ ନେଇ ରାସ୍ତା ଅବରୋଧ କରାଯାଇଛି।

କୋରେଇ ବ୍ଲକ ତଥା ବ୍ୟାସନଗର ତହସିଲ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଧନତ୍ରୀ ଘାଟରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ଗୁରୁବାର ରାତିରେ ବନ୍ଧ ରାସ୍ତାରେ ଓଲଟି ପଡ଼ିଥିଲା। ଏହାକୁ ନେଇ ଶୁକ୍ରବାର ସକାଳେ ଲୋକେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ବନ୍ଧର ସୁରକ୍ଷା ଓ ଯାତାୟାତରେ ବାଧା ନେଇ ବରପଦା ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ବାଲିଗାଡ଼ିଗୁଡ଼ିକ ଅଟକି ରହିଥିଲା। ଅନ୍ୟପକ୍ଷରେ ଗାଡ଼ି ବନ୍ଦ ହେବା ପରେ ବ୍ରଜନଗର ଗ୍ରାମବାସୀ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ପାଣିକୋଇଲି ପୋଲିସ ପହଞ୍ଚି ଉଭୟ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଅଟକଥିବା ଗାଡ଼ିଗୁଡିକୁ ଛଡ଼ାଯାଇଥିଲା। ତେବେ ତହସିଲଦାର ଭାରିଯାନକୁ ବନ୍ଧଉପରେ ଚଳାଚଳ କରିବାକୁ ଅନୁମତି ଦେଇ ନ ଥିବା ବେଳେ କିପରି ଭାରିଯାନ ବନ୍ଧ ଉପରେ ଚାଲୁଛି ବୋଲି ପ୍ରଶ୍ନ କରାଯାଇଥିଲା। ଉଭୟ ଧନତ୍ରୀ ଓ ବରପଦା ବାଲିଘାଟକୁ ପୋଲିସ ପକ୍ଷରୁ ବନ୍ଦ କରାଯାଇ ତହସିଲଦାରଙ୍କ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଗ୍ରାମବାସୀଙ୍କୁ କୁହାଯାଇଛି। ବାଲିଘାଟ ବନ୍ଦ ସହ ପରିସ୍ଥିତି ଆୟତ୍ତ ହୋଇଥିଲା। ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଛି। ପ୍ରକାଶଯୋଗ୍ୟ, ଧନତ୍ରୀ ବାଲିଘାଟ ଅଳ୍ପ କେତେଦିନ ହେବ ଚାଲିଥିବା ବେଳେ ବନ୍ଧ ଉପରେ ବାଲିଗାଡି ଯିବାକୁ ଅନୁମତି ମିଳିଛି। କିନ୍ତୁ ଭାରିଯାନ ଚଳାଚଳକୁ ରାଜସ୍ୱ ଓ ଜଳସେଚନ ବିଭାଗ ବନ୍ଦ କରିଛି। ଏହାସତ୍ତ୍ୱେ ଭାରିଯାନ ଚଳାଚଳ କରୁଥିଲା। ତେବେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ବରପଦାବାସୀ ଜିଦ ଧରିବାରୁ ବରପଦା ଘାଟରୁ ବନ୍ଧ ତଳେ ଆସୁଥିବା ଭାରିଯାନଗୁଡ଼ିକ ବନ୍ଦ କରିବାକୁ ବ୍ରଜନଗର ଗ୍ରାମବାସୀ ଦାବି କରିଥିଲେ। ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ହୋଇଥିଲା।



## ସଂକ୍ଷେପରେ

### କାର୍ ଧକ୍କାରେ ସ୍କୁଟି ଚାଳକ ମୃତ

**ଛତିଆ,୨୯।୪(ଡି.ଏନ.ଏ.):** ୧୬ନଂ. ଜାତୀୟ ରାଜପଥର ଛତିଆ ଇଷ୍ଟର୍ନ ରାଇସ ମିଲ୍ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ସମସରପୁର ଗ୍ରାମର ଅକ୍ଷୟ କୁମାର ଶତପଥୀ। ସେ ତାଙ୍କର ଏକ ଘର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଭୁବନେଶ୍ୱରରୁ ଆସିଥିଲେ। କାମ ସାରି ସ୍କୁଟିରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପଛପଟୁ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଛତିଆ ବିଟ୍ ହାଉସ ଅଧିକାରୀ ଗୋବର୍ଦ୍ଧନ ନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା କାରଟି ଫେରାର ହୋଇଯାଇଛି।

### ତାତିରୁ ମିଳୁନି ନିସ୍ତାର, ଜନଜୀବନ ଅସ୍ତବ୍ୟସ୍ତ

**ଧର୍ମଶାଳା,୨୯।୪(ଡି.ଏନ.ଏ.):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବା ବେଳେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏକ ସପ୍ତାହ ହେବ ଉକ୍ତ ବ୍ଲକରେ ତାତି ୪୦ ଡିଗ୍ରୀ ଉପରେ ରହୁଛି। ଗତ ୨୦ ବର୍ଷର ରେକର୍ଡ ଭାଙ୍ଗିଛି ଏହି ତାତି। ଫଳରେ ସକାଳ ୯ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଗରିବ ଓ ଦୀନ ମଜୁରିଆଙ୍କ ପକ୍ଷେ କାମକୁ ଯିବା ଅସମ୍ଭବ ହୋଇପଡିଛି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ସେହିପରି ଖରା ଯୋଗୁ ଚାଷୀ ବିଲକୁ ଯିବାକୁ ସାହସ କରୁନାହାନ୍ତି। ଅକ୍ଷୟ ତୃତୀୟା ପୂର୍ବରୁ ଚାଷୀମାନେ ବିଲକୁ ପ୍ରସ୍ତୁତ କରି ରଖିଥାନ୍ତି। ହେଲେ ପ୍ରଚଣ୍ଡ ଖରା ଯୋଗୁ ଚାଷୀ ବିଲକୁ ପ୍ରସ୍ତୁତ କରିପାରି ନାହାନ୍ତି। ଅନ୍ୟପଟେ ଟାଣ ଖରା ଲାଗିରହିବାରୁ ବ୍ଲକର ବିଭିନ୍ନ ସ୍ଥାନରେ ଜଳସ୍ତର ହ୍ରାସ ପାଉଛି। ଫଳରେ ଅନେକ ନଳକୂପ ଅଚଳ ହୋଇପଡିଛି। ପାଣି ମୁନ୍ଦାଏ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ସେହିପରି ବୋଝଉପରେ ନଳିତାବିଡା ସଦୃଶ ପ୍ରଚଣ୍ଡ ଖରାରେ ବାରମ୍ବାର ବିଜୁଳି କାଟ ଯୋଗୁ ଲୋକେ ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ତେବେ ଖରାରେ ବାହାରକୁ ନ ଯିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କ କରାଇଛି। ଅନ୍ୟପକ୍ଷରେ ଖରାରେ ବାହାରକୁ ବାହାରିଲେ ଚର୍ମରୋଗ ବ୍ୟାପିବ ବୋଲି ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଖରାରେ ଅଂଶୁଘାତ ହେବାର ସମ୍ଭାବନାକୁ ଆଖିଆଗରେ ରଖି ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ୱାର୍ଡ ଖୋଲିବାକୁ ସାଧାରଣରେ ଦାବି ହୋଇଛି।

### ଆନ୍ତଃପରିବହନ ଚାଳକଙ୍କ ଦରମା ବୃଦ୍ଧି ପାଇଁ ସହମତି

**ପାରାଦୀପ ୨୯।୪(ସ୍ୱ.ପ୍ର.):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଆନ୍ତଃପରିବହନ କାର୍ଯ୍ୟରେ ନିୟୋଜିତ ୧୨ ଶହରୁ ଅଧିକ ଚାଳକ ଓ ଖଲାସୀଙ୍କ ଦରମା ବୃଦ୍ଧି ପାଇଁ ସହମତି ହୋଇଛି। ଏ ନେଇ ଗୁରୁବାର ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ, ଷ୍ଟିଭେଡର୍ସ ସଂଘ ଓ ଡମ୍ଫର ମାଲିକସଂଘ ପ୍ରତିନିଧିଙ୍କ ମଧ୍ୟରେ ବୈଠକ ହୋଇଯାଇଛି।

## ହାଜତରେ ୩ ଆଦିବାସୀଙ୍କୁ ନିର୍ଯ୍ୟାତନା

# ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

- ୪ ସପ୍ତାହରେ ଡିଜିପିଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ବିବାଦ ଘେରରେ ସୁକିନ୍ଦା ଥାନା ପୋଲିସ




**ଯାଜପୁର ଅଫିସ/ସୁକିନ୍ଦା(ଡି.ଏନ.ଏ.),୨୯।୪**

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ଜେମାଦେଇପୁରର ୩ ଜଣ ଆଦିବାସୀ ଯୁବକଙ୍କୁ ଥାନା ହାଜତରେ ଶାରୀରିକଙ୍କୁ ନିର୍ଯ୍ୟାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ପ୍ରାୟ ୮ ମାସ ପରେ ପୀଡ଼ିତଙ୍କ ମଧ୍ୟରୁ ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ହେବାପରେ ଜାତୀୟ ମାନବାଧିକାର କମିଶନରେ ୨୩।୧୨।୨୦୨୧ରେ ମାମଲା ରୁଜୁ ହୋଇଥିଲା। ଏହି ସମ୍ବେଦନଶୀଳ ମାମଲାକୁ କମିଶନ ଗୁରୁତ୍ୱ ଦେଇ ଗତ ୨୬ ତାରିଖରେ ଓଡ଼ିଶା ଡିଜିପିଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୫।୨।୨୦୧୯ରେ ଜେମାଦେଇପୁରର ବୃଦ୍ଧା ସୁବୁନି ବାଙ୍କିରା (୭୦)ଙ୍କୁ ତାଙ୍କ ଘରଠାରୁ ପ୍ରାୟ ୩୦୦ ମିଟର ଦୂର ଏକ ଖୋଲା ପଡ଼ିଆରେ ଗୁଣିଗାରେଡି ସନ୍ଦେହରେ କେତେଜଣ ବ୍ୟକ୍ତି ହତ୍ୟା କରିଥିଲେ। ଏନେଇ ବୃଦ୍ଧାଙ୍କ ପରିବାର ଲୋକେ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ଘଟଣା ଦିନ ସନ୍ଧ୍ୟାରେ ଜୟସିଂ ବାଙ୍କିରା, ସିଦ୍ଧେଶ୍ୱର ବାଙ୍କିରା ଓ କରୁଣାକର ବାଙ୍କିରାଙ୍କୁ ପୋଲିସ ଉଠାଇ ନେଇ ହାଜତରେ ପୂରାଇଥିଲା। ସେଠାରେ ୫ ଦିନ ଧରି ପୋଲିସ ସେମାନଙ୍କୁ ପ୍ରବଳ ମାଡ଼ ମାରିଥିଲା। ସେହି ନିର୍ଯ୍ୟାତନା ଏତେ ବର୍ବର ଥିଲା ଯେ ସିଦ୍ଧେଶ୍ୱର ବାଙ୍କିରାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଏହାପରେ ୯।୧୦।୨୦୨୦ରେ ସିଦ୍ଧେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ଗୋଟିଏ ନାବାଳକ ପୁଅ ଏବଂ ଗୋଟିଏ ନାବାଳିକା ଝିଅ ଅଛନ୍ତି। ସେମାନେ ବର୍ତ୍ତମାନ ଉପଯୁକ୍ତ ଖାଦ୍ୟ, ପୋଷାକ ଏବଂ ଆଶ୍ରୟ ନ ପାଇ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସିଦ୍ଧେଶ୍ୱରଙ୍କ ସ୍ତ୍ରୀ ନନ୍ଦିନୀ (୪୫)ଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେମାନେ ବର୍ତ୍ତମାନ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ସେହିପରି ହାଜତ ନିର୍ଯାତନାର ଅନ୍ୟତମ ପୀଡ଼ିତ ଜୟସିଂହ ବାଙ୍କିରାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଖରାପ ହୋଇଚାଲିଛି। ତେଣୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ପୀଡ଼ିତ ଜୟସିଂହ ବ୍ୟାଙ୍କିରାଙ୍କୁ ୩୦ଲକ୍ଷ, ସିଦ୍ଧେଶ୍ୱରଙ୍କ ପରିବାରବର୍ଗଙ୍କୁ ୫୦ଲକ୍ଷ ଏବଂ କରୁଣାକର ବାଙ୍କିରାଙ୍କୁ ୧୦ ଲକ୍ଷ କ୍ଷତିପୂରଣ ଦେବା ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏନ୍‌ଏଚ୍‌ଆର୍‌ସିରେ ଦାବି ହୋଇଛି। ଏହି ମର୍ମରେ ଭଜମନ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ଏନ୍‌ଏଚ୍‌ଆରସିରେ ୧୭।୪।୨୦୨୨ରେ ୯୬୨/୧୮/୨୪/୨୦୨୨ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା।

### ଯୁବତୀଙ୍କୁ ଅପହରଣ ବେଳେ ଧରାପଡ଼ିଲେ ୪ ଯୁବକ

**ପାଣିକୋଇଲି,୨୯।୪(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଜଣେ ଯୁବତୀଙ୍କୁ ୪ ଜଣ ଯୁବକ ଅପହରଣ କରୁଥିବାବେଳେ ଧରା ପଡ଼ିଛନ୍ତି। ରାସ୍ତା ଭୁଲି ସେମାନେ ବଡ଼ବରୁଣାଇପଦା ଗ୍ରାମକୁ ପଶିଯାଇଥିଲେ। ଏହି ସମୟରେ ଯୁବତୀ ଜଣକ କାଚ ବାଡ଼େଇ ଚିତ୍କାର କରିବାରୁ ଗ୍ରାମବାସୀ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ପରେ ଯୁବତୀ ଓ ଗାଡ଼ିରେ ଥିବା ୪ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ କରୁଛି। ଅଭିଯୁକ୍ତମାନେ ଭଦ୍ରକ ଅଞ୍ଚଳର ବୋଲି ଜଣାପଡିଛି। ଯୁବତୀ ଜଣଙ୍କ ଘରୁ ଟିଉସନ କରିବାକୁ ଆସିଥିବା ବେଳେ ରାସ୍ତାରୁ ତାଙ୍କୁ ଅପହରଣ କରାଯାଇଥିବା କୁହାଯାଉଛି। ତେବେ କ'ଣ ପାଇଁ ଅପହରଣ କରାଯାଉଥିଲା ସେ ସମ୍ପର୍କରେ କୌଣସି ସୂଚନା ମିଳି ପାରିନାହିଁ।

# ଗୋପବନ୍ଧୁ ଚୌଧୁରୀ ଥିଲେ ଅନ୍ୟତମ ପ୍ରତିଭା

**ବରୀ,୨୯।୪(ଡି.ଏନ.ଏ.)**

ତ୍ୟାଗ, ନିଷ୍ଠା ଓ ଆଦର୍ଶ ପାଇଁ ଗୋପବନ୍ଧୁ ଚୌଧୁରୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଓଡ଼ିଶା ମାଟିକୁ ଯେଉଁମାନେ ନୂତନ ଭାବେ ଗଢ଼ି ତୋଳିବାର ପ୍ରୟାସ କରିଥିଲେ ସେମାନଙ୍କ ମଧ୍ୟରେ ଗୋପବନ୍ଧୁ ଚୌଧୁରୀ ଥିଲେ ଅନ୍ୟତମ ପ୍ରତିଭା। ଶୁକ୍ରବାର ତାଙ୍କ ୬୪ତମ ଶ୍ରାଦ୍ଧ ଦିବସରେ ବରୀ ରାମଚନ୍ଦ୍ରପୁରଠାରେ ଥିବା ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଉପରୋକ୍ତ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଉପାଧ୍ୟକ୍ଷ ପ୍ରବୋଧ ସାମଲ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ବରୀ ଅଞ୍ଚଳ ପ୍ରତି ମୋର କାହିଁକି ଯେ ଏତେ ଆନ୍ତରିକତା ତାହା ପ୍ରଭୁ ଜଗନ୍ନାଥଙ୍କୁ ଜଣା ବୋଲି କହିଥିଲେ।


ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଓ ବିକଶିତ ବରୀ ଗଠନ କ୍ଷେତ୍ରରେ ରାଜ୍ୟସ୍ତରରେ ସମସ୍ତ ସହଯୋଗ ମିଳୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହିତ ବରୀ ମୋର ଜନ୍ମ ଓ କର୍ମମାଟି। ଏହି ମାଟିର ଦାୟାଦ ହିସାବରେ କେବେ ବି ଅଞ୍ଚଳର ସମ୍ମାନ ଉପରେ ଆଞ୍ଚ ଆଣିବାକୁ ପ୍ରସୟ ଦେବେନି ବୋଲି କହିଥିଲେ।

ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାସ ବେନୁହର, ଅନ୍ୟତମ ବକ୍ତା ଭାଗବତ ଶୁକ୍ଳ ଓ ପ୍ରହ୍ଲାଦ ସିଂ ଯୋଗଦେଇ ଗୋପବନ୍ଧୁ ଚୌଧୁରୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଉପାଧ୍ୟକ୍ଷ ସାମଲଙ୍କ ରଚନା ଓ ସ୍ୱର ସଂଯୋଜନାରେ ଛାତ୍ରୀଛାତ୍ର ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବରୀ ଅଞ୍ଚଳର ବରିଷ୍ଠ ଖବରଦାତା ହୃଷୀକେଶ ଜେନା, ବରିଷ୍ଠ ଶିଳ୍ପୀ ଅକ୍ଷୟ ବେଉରିଆ, ସେବାଘର ଦାୟିତ୍ୱରେ ଥିବା ଭାରତୀ ଘୋଷ ଓ ଆଶୁକବି ପ୍ରମୋଦ ସାମଲଙ୍କୁ ଅତିଥିମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟ ପରିସରରେ ବିଦ୍ୟୁତ୍ ସମସ୍ୟା ଥିବାରୁ ଏଠାରେ ଏକ ଟ୍ରାନ୍ସଫରମର ଲଗାଯିବା ପାଇଁ କଲେଜ ଅଧ୍ୟକ୍ଷ ବିଧାୟିକାଙ୍କୁ ଅନୁରୋଧ କରିଥିଲେ। ତେବେ ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ ପାଇଁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଅଜୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

**ରସୁଲପୁର,୨୯।୪(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୋରକୋରା ଗ୍ରାମର ମାଧ ସାହୁ ନାମକ ଜଣେ ବୃଦ୍ଧାଙ୍କୁ ତାଙ୍କ ପଡ଼ୋଶୀ ଜମିଜମା ବିବାଦକୁ ନେଇ ମାଡ ମାରି ଲହୁଲୁହାଣ କରିଥିଲେ। ଏ ନେଇ ବୃଦ୍ଧାଙ୍କ ବୋହୂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବିଦ୍ୟାଧର ସାହୁଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରିନାହିଁ। ଫଳରେ ଅଭିଯୁକ୍ତ ଖୋଲାମେଲା ବୁଲିବା ସହ ଅଭିଯୋଗକାରିଣୀ ସସ୍ମିତାଙ୍କୁ ଗାଳି ଗୁଲଜ କରୁଛନ୍ତି। ଏପରି କି ତାଙ୍କ ଘରକୁ ଅଭିଯୁକ୍ତ ଭଙ୍ଗାରୁଜା କରିଛନ୍ତି। ଏଥିସହ ଅଭିଯୁକ୍ତ ସେମାନଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରିଣୀ ସସ୍ମିତା ଶୁକ୍ରବାର ପୁଣିଥରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ଆସିଥିଲେ। ତେବେ ଉକ୍ତ ଘଟଣାକୁ ନେଇ ଥାନାରେ ନଂ.୧୪୭/୨୨ରେ ଏକ ମାମଲା ରୁଜୁ ହୋଇଥିବାରୁ ସମାନ ଘଟଣାକୁ ନେଇ ଏକାଧିକ ଅଭିଯୋଗର ଆବଶ୍ୟକତା ନାହିଁ ବୋଲି ତାଙ୍କୁ ଥାନା ପକ୍ଷରୁ କୁହାଯାଇଛି। ମାତ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି ବୋଲି ସୂଚନା ମିଳିଛି।

## ଟାଟାଷ୍ଟିଲ୍ ମାଇନିଂକୁ ସିଏସ୍‌ଆର୍ ଲିଡରଶିପ୍-୨୦୨୨ ପୁରସ୍କାର

**କାଳିଆପାଣି,୨୯।୪(ଡି.ଏନ.ଏ.)**


ଟାଟାଷ୍ଟିଲ୍ ସହକାରୀ ମହାପ୍ରବନ୍ଧକ ଅମିତ କୁମାର ଚୋବେ ପୁରସ୍କାର ଗ୍ରହଣ କରୁଛନ୍ତି।

ପାରିପାର୍ଶ୍ୱିକ ଉନ୍ନୟନ ଓ ସାମାଜିକ ପ୍ରତିବଦ୍ଧତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁକିନ୍ଦା ଟାଟା ଷ୍ଟିଲ ମାଇନିଂକୁ ଚଳିତ ବର୍ଷ ସିଏସ୍‌ଆର୍ (ପାରିପାର୍ଶ୍ୱିକ ଉନ୍ନୟନ) ଲିଡରଶିପ୍-୨୦୨୨ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ବିଜନେସ୍ ଲିଡର ଅଫ୍ ଦି ଇୟର ସଂସ୍ଥା ଦ୍ୱାରା ସିଏସ୍‌ଆର ଲିଡରଶିପ ଆୱାର୍ଡ ଚତୁର୍ଥ ସଂସ୍କରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଶ୍ୱସ୍ଥିରତା କଂଗ୍ରେସର ପ୍ରତିଷ୍ଠାତା ଆର୍.ଏଲ. ଭାଟିଆଙ୍କଠାରୁ ଟାଟାଷ୍ଟିଲ୍‌ର ସହକାରୀ ମହାପ୍ରବନ୍ଧକ ଅମିତ କୁମାର ଚୋବେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଟାଟାଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଏହି ପୁରସ୍କାର ଆମ ପାଇଁ ପ୍ରେରଣା ଓ ଉତ୍ସାହ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ।

# ଇ-ମାର୍ଗରେ ପଞ୍ଜୀକରଣ ନୈରାଶ୍ୟଜନକ

## ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜବାବ ତଲବ

**ଯାଜପୁର ଅଫିସ,୨୯।୪**

ଇ-ମାର୍ଗ (ଇଲେକ୍ଟ୍ରୋନିକ୍ସ ମେଣ୍ଟେନାନ୍ସ ଅଫ୍ ରୁରାଲ ରୋଡ୍) ପୋର୍ଟାଲରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା(ପିଏମଜିଏସୱାଇ)ରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ପଞ୍ଜୀକରଣ କ୍ଷେତ୍ରରେ ଗ୍ରାମ୍ୟ ନିର୍ମାଣ ବିଭାଗର ଯାଜପୁର-୧ ଡିଭିଜନ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଏହି ମର୍ମରେ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପିଏମ୍‌ଜିଏସ୍‌ୱାଇର ଚିଫ୍ ଇଞ୍ଜିନିୟର ଶୁକ୍ରବାର ସରକାରୀ କାର୍ଯ୍ୟରେ ଅବହେଳା ହୋଇଥିବା ଦର୍ଶାଇ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ନୋଟିସ ଜାରି ହେବାର ୭ ଦିନ ମଧ୍ୟରେ କାହିଁକି ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ଜବାବ ରଖିବାକୁ ନିର୍ଦ୍ଦେଶ ହୋଇଛି। ଉକ୍ତ ନୋଟିସରେ ଆହୁରି ଦର୍ଶାଯାଇଛି ଯେ, ଇ-ମାର୍ଗରେ ସମ୍ପୂର୍ଣ୍ଣ ପିଏମଜିଏସ୍‌ୱାଇ ରାସ୍ତାର ତଥ୍ୟ ପଞ୍ଜୀକରଣ କରିବାକୁ ବିଭାଗ ପକ୍ଷରୁ ଏକାଧିକ ଥର ପତ୍ର ଦିଆଯାଇଛି। ଗତ ୨୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ, ପିଏମ୍‌ଜିଏସ୍‌ୱାଇ ରାସ୍ତାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଲକ୍ଷ୍ୟ ନେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଇ-ମାର୍ଗ ପ୍ରଣିତ ହୋଇଛି। ନ୍ୟାଶନାଲ ଇନଫରମେଶନ ସେଣ୍ଟର(ଏନ୍‌ଆଇସି) ଦ୍ୱାରା ଏହି ପୋର୍ଟାଲ କାର୍ଯ୍ୟକାରୀ କରାଯାଇଛି।

### ବିଲରେ ପଡ଼ିଛି ମୃତଦେହ

**ବାଲିଆ,୨୯।୪:** କଟକ-ପାରାଦୀପ ରାସ୍ତାର ଗଡମାବଜାର ଠାରୁ ୫୦୦ ମିଟର ଦୂରରେ ଏକ ମୁଗ ବିଲର ଏକ ଅଜଣା ଯୁବକଙ୍କ ମୃତଦେହ ମିଳିଛି। ମୃତଦେହ ପଚିଶଢ଼ି ମୁହଁ ବିକୃତ ହୋଇଯାଇଥିବାରୁ ପରିଚୟ ମିଳିପାରିନାହିଁ। ଘଟଣାଟି କିଶୋରନଗର ଥାନା ଅଧୀନ ମାଣପୁର ଅଞ୍ଚଳରେ ଘଟିଛି। ପୋଲିସ ସେଠାରେ ପହଞ୍ଚି ପାରି ନାହିଁ। ମୃତକ କଳା ସାର୍ଟ ଏବଂ ପ୍ୟାଣ୍ଟ ପିନ୍ଧି ଥିବା ବେଳେ ବେକରେ ଗାମୁଛା ଗୁରେଇ ହୋଇଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଉକ୍ତ ମୃତଦେହ ସେଠାରେ ପଡ଼ିଲା ତାହା ଅସ୍ପଷ୍ଟ ରହିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ତାଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଛି।

# ଚଣ୍ଡିଖୋଲ କୋର୍ଟରେ ଆଇନଜୀବୀ ଦିବସ

**ଚଣ୍ଡିଖୋଲ,୨୯।୪(ଡି.ଏନ.ଏ.)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ଚଣ୍ଡିଖୋଲ କୋର୍ଟ ପରିସରରେ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ପାଳିତ ହୋଇଯାଇଛି। କୋର୍ଟ ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସର୍ବଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି, ଜେଏମ୍‌ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟି ଓ ଜେଏମ୍‌ଏଫ୍‌ସି ତସଲିମା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ଶ୍ରୀକାନ୍ତ କୁମାର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଶରତ କୁମାର ଷଡ଼ଙ୍ଗୀ, ରେଣୁବାଳା ମହାନ୍ତି, ନଳିନୀକାନ୍ତ ମିଶ୍ର, ପ୍ରତାପ କୁମାର ଦାସ, ପବିତ୍ର କୁମାର କର, ବିନୋଦ କୁମାର ରଥ, ଉଦୟନାଥ ସାହୁ, ନିରଞ୍ଜନ ସାମଲ, ଶ୍ୟାମପ୍ରସାଦ ଦାଶ, କିଶୋର ନାୟକ, ହେମନ୍ତ କୁମାର ମାହାଲା, ପରମାନନ୍ଦ ସାହୁ, ଆଶିଷ କୁମାର ମହାପାତ୍ର, ଫାଲ୍‌ଗୁନୀ ବିଶ୍ୱାଳ, ସସ୍ମିତ ମହାପାତ୍ର, କୁମର ପ୍ରସାଦ ବେହେରା, ଜାଗୃତି ବାରିକ, ରୋଜାଲିନ୍ ସାହୁ, ଲକ୍ଷ୍ମୀପ୍ରିୟା କର ଓ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଚିନ୍ମୟ କୁମାର ପ୍ରତାପ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ କୋର୍ଟ ପରିସରରେ ଥିବା ମଧୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଆଇନଜୀବୀ।

# 'ସେବା ହେଉଛି ପୋଲିସର କର୍ତ୍ତବ୍ୟ'


ଦିକ୍ଷାନ୍ତ ସମାରୋହରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ।


ପ୍ରଶିକ୍ଷାର୍ଥୀ ପରେଡ୍‌ରେ ଅଂଶଗ୍ରହଣ କରିଛନ୍ତି।

## ବୈରୀ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଦିକ୍ଷାନ୍ତ ସମାରୋହ

**ଚଣ୍ଡିଖୋଲ,୨୯।୪(ଡି.ଏନ.ଏ.)**

ସେବା ହେଉଛି ପୋଲିସର କର୍ତ୍ତବ୍ୟ। ଏହାକୁ ଚାକିରି ବୋଲି ନ ଭାବି ଯେଉଁଭଳି ପରିବାରର ସେବା କରୁଛେ ସେହି ଭଳି ଜନସାଧାରଣଙ୍କ ସେବା କରିବା ଆମ ଦାୟିତ୍ୱ। ପୋଲିସ ଚାକିରି କଲେ ଲୋକଙ୍କ ପ୍ରତି ଭାଷା ବ୍ୟବହାରରେ ସଂଯମତା ଆଣିବା ଆବଶ୍ୟକ। କାହାକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ଉଚିତ ନୁହେଁ। ସେଥିପ୍ରତି ସମସ୍ତେ ସଜାଗ ରହିବା ଆବଶ୍ୟକ। ଲୋକଙ୍କ ପ୍ରତି ଉତ୍ସର୍ଗୀକୃତ ସେବା ହେଉଛି ପୋଲିସର ଧର୍ମ। ରାସ୍ତାରେ ଯାଉଥିବା ପଥିକଟିଏ ହେଉ ବା କୌଣସି ଦୁର୍ଘଟଣାର ଶିକାର ହୋଇଥିବା ମହିଳାଟିଏ ହେଉ ସଙ୍ଗେସଙ୍ଗେ ତାଙ୍କୁ ସେବା ଯୋଗାଇ ଦେବା ଆମର କର୍ତ୍ତବ୍ୟ। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଶୁକ୍ରବାର ବୈରୀ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ଦିକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକଥା କହିଛନ୍ତି। ୧୪୭ଜଣ କନଷ୍ଟେବଲ ନିଜର ପ୍ରଶିକ୍ଷଣ ଶେଷ କରିଥିବାରୁ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ତଥା ଏସ୍‌ପି ପ୍ରମିଳା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥିଭାବେ ଆଇଜି ଏସ୍. ସାଇନି ଯୋଗଦେଇ ଦେଶ ସେବା ପାଇଁ ପୋଲିସ ଚାକିରି କରିଥିବାରୁ ଏବଂ ଯେଉଁ ପିତାମାତା ତାଙ୍କ ପିଲାମାନଙ୍କୁ ଏଥିରେ ନିୟୋଜିତ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମାଜକୁ ନ୍ୟାୟ ଦେବାପାଇଁ ଅଧର୍ମକୁ ବିଲୋପ କରିବାକୁ ପଡ଼ିଥାଏ। ଯେଭଳି ପ୍ରତ୍ୟେକ ନାଗରିକ ନ୍ୟାୟ ପାଇବେ ସେଥି ପ୍ରତି ନିଜ ଚାକିରି ସମୟରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ସମସ୍ତ ପ୍ରଶିକ୍ଷାର୍ଥୀ ପରେଡ୍‌ରେ ଅଂଶଗ୍ରହଣ କରି ଶପଥ ପାଠ କରିଥିଲେ। ଦୀର୍ଘ ୩ମାସର ପ୍ରଶିକ୍ଷଣ ସମୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନଷ୍ଟେବଲ ପ୍ରୀତିସ୍ମିତା ନାୟକଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ବେଷ୍ଟ ବନ୍ଧୁକ ଚାଳକ ଭାବେ ରାଜଶ୍ରୀ ବେହେରା, ଆଶୀର୍ବାଦ ବିଶ୍ୱାଳ ଓ ରଞ୍ଜନ ବନସ୍ଥଟିଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଲକ୍ଷ୍ମୀ ପ୍ରଧାନ, ଶୁଭ୍ରାଂଶୁ ଶେଖର ନାୟକ, ମାମାଲି ସାହୁ, ଆଶୀର୍ବାଦ ବିଶ୍ୱାଳ ଓ ସତ୍ୟଜିତ୍ ସିଂହଙ୍କୁ ଅତିରିକ୍ତ ମହାନିର୍ଦ୍ଦେଶକ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ।

# ରାସ୍ତାକୁ ଓହ୍ଲାଇଲେ ୧୫ ନଂ. ୱାର୍ଡବାସୀ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଯାଜପୁର ଟାଉନ,୨୯।୪(ଡି.ଏନ.ଏ.)

ଯାଜପୁର ପୌରାଞ୍ଚଳ ଅଧୀନ ୧୫ ନଂ. ୱାର୍ଡର ହଜାରହଜାର ଲୋକେ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ହେଲେ ସେମାନଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଲୋକେ ଯାଜପୁର–କେନ୍ଦ୍ରାପଡ଼ାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଯୋଡିକୁଅଛକଠାରେ ଅବରୋଧ କରିଥିଲେ। ଫଳରେ ହଜାରହଜାର ଗାଡ଼ି ମୋଟର ଅଟକି ରହିଥିଲା। ଜିଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ଆଗାମୀ ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

୧୫ ଦିନ ହେବ ଏହି ୱାର୍ଡରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି। ୨୪ ଘଣ୍ଟାରୁ ମାତ୍ର ୪/୫ ଘଣ୍ଟା ବିଦ୍ୟୁତ୍ ରହୁଛି। ଏଥିପାଇଁ ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଏବଂ ଜେଇଙ୍କ ସହ ଯୋଗାଯୋଗ କରୁଥିଲେ ମଧ୍ୟ ସେମାନେ ଅଞ୍ଚଳବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏପରି କି ବିଭାଗୀୟ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ଫୋନ୍ ମଧ୍ୟ ଉଠାଉ ନାହାନ୍ତି। ସେହିପରି

**ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ସମାଧାନ ହେଉନି**

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଇ ଦିଆଯାଉଥିବାବେଳେ ୧୫ଦିନ ହେବ ଏହି ଅଞ୍ଚଳରେ ଗୋଳିଆପାଣି ଆସୁଛି। ଅନ୍ୟପକ୍ଷରେ ମାତ୍ର ଗୋଟିଏ ବାଲ୍‌ଟି ପାଣି ଭର୍ତ୍ତି ହେବା ପାଇଁ ୧ ଘଣ୍ଟା ଲାଗୁଛି। ଏ ସମ୍ପର୍କରେ ଅଞ୍ଚଳବାସୀ କନିଷ୍ଠଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ ଏହାକୁ ଭୃକ୍ଷେପ ନ କରି ଥଟ୍ଟା କରୁଥିବାରୁ ଜନସାଧାରଣ ଅତିଷ୍ଠ ହୋଇ ରାସ୍ତାକୁ ଓହ୍ଲାଇଥିଲେ ବୋଲି କହିଛନ୍ତି।

## ହାଇୱା ପଛରେ ପିଟିଲା ବାଇକ୍: ଜଣେ ମୃତ

**କୁଜଙ୍ଗ, ୨୯।୪ (ଡି.ଏନ୍.ଏ.):** କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା ଅନ୍ତର୍ଗତ ୧୫ନମ୍ବର ଗୋଡାଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ପଛରେ ବାଇକ୍ ପିଟି ହୋଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଉଛବାନନ୍ଦପୁର ଡିଆ ଗ୍ରାମର ପିଣ୍ଟୁ ବାରିକ। ଦୁର୍ଘଟଣାରେ ଗୁରୁତର ହୋଇଥିବା ଉକ୍ତ ଗ୍ରାମର ଦିଲୁଆ ନାଥଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଭୟେ ଗୋଟିଏ ବାଇକ୍‌ରେ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଗୋଡାଠାରେ ଆଗରେ ଯାଉଥିବା ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲେ। ଖବରପାଇ ଗୁରୁତର ଅବସ୍ଥାରେ ପିଣ୍ଟୁ ଓ ଦିଲୁଆଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପିଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛି।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ଆଳି,୨୯।୪(ଡି.ଏନ.ଏ.)

ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହି ଗ୍ରୀଷ୍ମପ୍ରବାହ ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମହୁ ଗାଁର ଶ୍ରୀଧର ସାହୁ ନାମକ ଜଣେ ବ୍ୟକ୍ତିଙ୍କର ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପୁଅ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ସାହୁ ସକାଳ ୬ଟାରୁ ବିଲକୁ ମୁଗ ଓପାଡ଼ିବାକୁ ଯାଇଥିଲେ। ବିଲରୁ ସେ ଘରକୁ ନ ଫେରିବାରୁ ପୁଅ ମୋହନ ବିଲକୁ ଯିବାବେଳେ ବାପା ବିଲରେ ଚେତା ହରାଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଲୋକଙ୍କୁ ଡାକି ବାପାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅଂଶୁଘାତରେ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିବା ନେଇ ମୋହନ ଆଳି ଥାନାରେ ଅଭିଯୋଗ କରିଛନ୍ତି।

## ଅନାଥ ଭଉଣୀ, ଭାଇଙ୍କୁ ସହାୟତା

ବାଲିଆ,୨୯।୪

ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ଶଙ୍ଖାରିସାହି ଗାଁର ରଘୁନାଥ ନାୟକ ଓ ପ୍ରଭାତିଙ୍କ ପରଲୋକ ପରେ ଅନାଥ ହୋଇଯାଇଥିବା ନାବାଳକ ଝିଅ ଓ ପୁଅଙ୍କ ପାଇଁ କିସ୍ ଫାଉଣ୍ଡେସନ ଇଣ୍ଡିଆର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ ସହାୟତା କରିଛନ୍ତି। ଅନାଥ ରାକେଶ (୧୧) ଓ ସସ୍ମିତା (୭)ଙ୍କ ପାଠପଢ଼ା ପାଇଁ ୨ ହଜାର ଟଙ୍କା ଲେଖାଏ ଅର୍ଥରାଶି ୫ ବର୍ଷ ପର୍ଯ୍ୟନ୍ତ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଉଭୟ ଭାଇ ଓ ଭଉଣୀଙ୍କୁ ୪ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସାମନ୍ତଙ୍କ ନିର୍ଦ୍ଦେଶରେ ଶୁଭଙ୍କର ଜେନା, ବିଜୟ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ, ପୂର୍ବତନ ସରପଞ୍ଚ ସୁବାସ ନାୟକ, ସାମାଜିକ କର୍ମୀ କେଦାର ସାହୁ ପ୍ରମୁଖ ପହଞ୍ଚି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଗତ ୭ବର୍ଷ ତଳେ ଏହି ଦୁଇ ପିଲାଙ୍କ ବାପା ରଘୁନାଥଙ୍କ ମୃତ୍ୟୁ ଘଟିଥିଲା। ଗତ ୨୦ ଦିନ ତଳେ ସେମାନଙ୍କ ମା' ପ୍ରଭାତିଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଫଳରେ ଉଭୟ ଭାଇ ଓ ଭଉଣୀ ଅନାଥ ହୋଇଯାଇଛନ୍ତି। ଏବେ ସେମାନେ ପିଉସା କାହ୍ନୁ ବେହେରାଙ୍କ ଘରେ ରହିଛନ୍ତି । ଏବିଷୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହାୟତା କରାଯାଇଛି। ଜଗତ୍‌ସିଂହପୁର ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତାମାନେ ଗ୍ରାମରେ ପହଞ୍ଚି ଅନାଥ ପିଲା ଦ୍ୱୟଙ୍କ ସମ୍ପର୍କରେ ବୁଝିଥିଲେ ।

## ସବୁବର୍ଗଙ୍କ ପାଇଁ ଚିନ୍ତା କରୁଥିଲେ ଆମ୍ବେଡକର

ଚଢ଼େଇଧରା,୨୯।୪(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତର ରଗଡ଼ିପଶିଠାରେ ଡ. ଆମ୍ବେଡକର ସ୍ୱାଭିମାନ ସମିତି ପକ୍ଷରୁ ଆମ୍ବେଡକରଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୂଚନା ପ୍ରଯୁକ୍ତି ବିଜ୍ଞାନ କେନ୍ଦ୍ରୀୟ ନିର୍ଦ୍ଦେଶକ ରବି ନାରାୟଣ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରି କହିଥିଲେ, ବାବା ସାହେବ ସମ୍ବିଧାନରେ ଅନଗ୍ରସର ଲୋକଙ୍କୁ ଉଚିତ ସ୍ଥାନ ଦେବା ସହିତ ସେମାନେ କିପରି ଆଗକୁ ବଢି ପାରିବେ ସେଥି ପ୍ରତି ଯତ୍ନବାନ ଥିଲେ। କେବଳ ସେତିକି ନୁହେଁ ସେ ଦଳିତଙ୍କ ପାଇଁ ଯେତିକି ଚିନ୍ତା କରିଥିଲେ ତା'ଠାରୁ ଯଥେଷ୍ଟ ଅଧିକ ସମାଜରେ ବାସ କରୁଥିବା ବିଭିନ୍ନ ବର୍ଗ ଲୋକଙ୍କ ପାଇଁ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାଏ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାବା ସାହେବ ସବୁ ବର୍ଗ ପାଇଁ ଚିନ୍ତିତ ଥିଲେ ବୋଲି କହିଥିଲେ। ବେଣୁଧର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ ବାବା ସାହେବଙ୍କ ଅନେକ ସ୍ୱପ୍ନ ଏବେ ସାକାର ରୂପ ନେବାକୁ ଯାଉଥିବା ବେଳେ ଦଳିତମାନେ ଐକ୍ୟ ବଧ ହୋଇ ସୁସଙ୍ଗଠିତ ହେବା ଉଚିତ ବୋଲି ମତ ରଖିଥିଲେ। ଆନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ମଲିକ, ଯତୀନ୍ଦ୍ର ଜେନା, ଦୁଷ୍ମନ୍ତ ଜେନା, ଗଙ୍ଗାଧର ବେହେରା, କୃଷ୍ଣଚନ୍ଦ୍ର ମଲିକ, ୧୨ ନଂ. ଜୋନ ଆବାହାକ ଅର୍ତ୍ତତ୍ରାଣ ମଲିକ ପ୍ରମୁଖ ଯୋଗଦେଇ ନିଜ ମତପ୍ରକାଶ କରିଥିଲେ। ଦୀପକ ଗୋଚ୍ଛାୟତ, ସତ୍ୟାନନ୍ଦ ମଲିକ, ହୃଷୀକେଶ ବେହେରା, ଅର୍ଜ୍ଜୁନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭିମନ୍ୟୁ ମଲିକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସୟଦପୁର ପଞ୍ଚାୟତ ପକ୍ଷରୁ ଇଫ୍‌ତାର ପାର୍ଟି



ଇଫ୍‌ତରେ ପାର୍ଟି ଆୟୋଜନ କରାଯାଇଛି।

ବିଞ୍ଝାରପୁର,୨୯।୪(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ସୟଦପୁର ପଞ୍ଚାୟତ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ୨୬ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷା ସେକ ଇର୍ସାଦ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ମହାନ୍ତି, ୨୫ ନଂ. ଜୋନ ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ୨୭ ନଂ. ଜିଲା ପରିଷଦ ସଭ୍ୟା ସୁନିତା ନାଏକ, ୨୮ ନଂ. ଜିଲାପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ଶାସନ୍ଦା ସରପଞ୍ଚ କାମଦେବ ଧଳ, କଏଣା ରାଘୁନାଥପୁର ସରପଞ୍ଚ ନିଶିପ୍ରଭା ଜେନା, ବ୍ଲକ ଛାତ୍ର ବିଜେଡି ସଭାପତି ଲେନିନ ଦାସ, ବିଞ୍ଝାରପୁର ସରପଞ୍ଚଙ୍କ ପ୍ରତିନିଧି ଅଶୋକ କୁମାର ସାହୁ, ରବୀନ୍ଦ୍ର ପରିଡ଼ା, କୃଷକ ସେଲ ସଭାପତି ନିତ୍ୟାନନ୍ଦ ରାଉତ, ବ୍ଲକ ସଭାପତି ମୁରଲୀ ବେହେରା, ବିଜେଡିର ବରିଷ୍ଠନେତା ଗଣିନାଥ ନାୟକ, ଯୁବ ନେତା ଖ୍ୱୋଦ ଏକବାଲ, ସୁଖରଞ୍ଜନ ପରିଡା, ଅରୁଣ କୁମର ସାହୁ ପ୍ରମୁଖ ଯୋଗଦେଇ ରମଜାନ ମାସ ସମ୍ପର୍କରେ ଅଭିମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ସୟଦପୁର ସରପଞ୍ଚ ଏମ୍‌ଡି ସବୀରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବାସତ ଅଲି ଖାନ, ସଲାମ ଅଲି ଖାନ, ଟୁକୁଲୁ ଖାନ, ନୁରୁଲ ଖାନ, ସାଦିକ ଖାନ, ସାଜିଦ ଖାନ, ଅବଦୁଲ ରଜାକ ଖାନ, ଜହୀଦ ଖାନ, ବିଟୁ ଖାନ, ରାଜୁ ଖାନ୍ ଓ ଯବିର ଖାନ ପ୍ରମୁଖ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର/ଇଏନ୍‌ଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି ନିମ୍ନ ଅନୁଯାୟୀ ହେବ:** (୧); ସିକେପି-ସେଣ୍ଟ୍ରାଲ-୨୨-୨୩-୦୨; ଇଣ୍ଟର କଲେଜ/ଚକ୍ରଧରପୁର (ହିନ୍ଦୀ ମାଧ୍ୟମ)ରେ ବିବିଧ ମରାମତି କାର୍ଯ୍ୟ ଯଥା- ଛାତ ଲିକେଜ୍, କବାଟ/ଝରକା, ଶୌଚାଳୟ, ଫଲସ ସିଲିଂ, ପାର୍କିଂ ଶେଲ୍ଟର, ଫ୍ଲୋରିଂ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ; ₹୧,୪୧,୫୭,୬୩୭.୧୫; ₹୨,୨୦,୮୦୦.୦୦ । (୨); ସିକେପି-ୱେଷ୍ଟ-୨୨-୨୩-୦୧; ଚକ୍ରଧରପୁର ଡିଭିଜନର ସିନିୟର ଡିଇଏନ୍(ୱେଷ୍ଟ)/ସିକେପି ଅଧୀନରେ ଅନୁମୋଦିତ ଉପକରଣ କିନ୍ତୁ ବିନା ଶ୍ରମ ଓ ପେଟ୍ରୋଲରେ କମ୍ପ୍ରେସ୍‌ଡ ଏୟାର୍ ପେଟ୍ରୋଲ/ଏଲ୍‌ପିଜି, ଥ୍ରୀ ପିସ୍ ମୋଲ୍ଡ ତଥା ଅଟୋମାଟିକ୍ ଟାପିଙ୍ଗ ଥିମ୍ବଲ୍ସ ବ୍ୟବହାର କରି ୱେଲ୍ଡିଂ କାର୍ଯ୍ୟର ତତ୍ତ୍ୱାବଧାନ ସହିତ ୭୯୧୭ ଗୋଟି ଆର୍‌ଡିଏସ୍‌ଓ ଅନୁମୋଦିତ ଏଟି ୱେଲ୍ଡ ଅଂଶର ଯୋଗାଣ ଦ୍ୱାରା ବିଭିନ୍ନ ଟ୍ରାକ୍ କାର୍ଯ୍ୟ ନିମନ୍ତେ ୬୦ କିଗ୍ରା/୯୦ ୟୁଟିଏସ୍/୬୦ କିଗ୍ରା.ଇ୧, ଆର୍-୨୬୦ ଗ୍ରେଡ୍ ରେଲ୍ ଜଏଣ୍ଟଗୁଡ଼ିକ ନିମନ୍ତେ ଏଟି ୱେଲ୍ଡ କାର୍ଯ୍ୟ ନିର୍ବାହ (ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ପ୍ରକ୍ରିୟା ଦ୍ୱାରା); ₹୧,୩୧,୨୩,୮୮୯.୪୩; ₹୨,୧୫,୬୦୦.୦୦ । (୩); ସିକେପି-ୱେଷ୍ଟ-୨୨-୨୩-୦୨; ଆର୍‌ପିଏଫ୍/ପୋଷ୍ଟ/ଆର୍‌ଓୟୁ, ବିଏନ୍‌ଡିଏମ୍, କେଏସ୍‌ଜି ଏବଂ ଏଡିଟିପିଠାରେ ମହିଳା ଆର୍‌ପିଏଫ୍ କର୍ମଚାରୀଙ୍କ ଲାଗି ଚେଞ୍ଜିଂ ରୁମ୍ ଏବଂ ଲାଭାଟୋରୀ ନିର୍ମାଣ; ₹୪୦,୬୧,୯୪୧.୬୧; ₹୮୧,୨୦୦.୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦.୦୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୪।୦୫।୨୦୨୨ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । PR-75

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଏନ୍‌ଟି-ପିଆର୍‌ଓଜେ-କେଜିପି-ବିଟିକ୍ୟୁ-ବିଜିୱାଇ-ଏଲ୍‌ସି-୩, ତାରିଖ:** ୨୯।୦୪।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ (ପ୍ରୋଜେକ୍ଟ)/ଖଡ଼ଗପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି:- **କାର୍ଯ୍ୟର ନାମର ସଂକ୍ଷିପ୍ତ ବିବରଣୀ ଓ ତାହାର ଅବସ୍ଥିତି:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନରେ **ବେଟନଟୀ** (ବିଟିକ୍ୟୁ) ଏବଂ **ବାଙ୍ଗିରିପୋଷୀ** (ବିଜିୱାଇ) ଷ୍ଟେଶନଠାରେ ସର୍ଭିସ୍ ବିଲ୍ଡିଂର ନିର୍ମାଣ ଓ ବିଦ୍ୟୁତୀକରଣ ସହିତ ଆଭ୍ୟନ୍ତରୀଣ ଓ ବାହ୍ୟ ସିଗ୍‌ନାଲିଂ ଓ ଟେଲିକମ୍ କାର୍ଯ୍ୟ ସହ ପ୍ୟାନେଲ୍ ଇଣ୍ଟରଲକିଂ ସମେତ ରୁପସା-ବାଙ୍ଗିରିପୋଷୀ ସେକ୍ସନରେ ୨ ଗୋଟି ମିଡ୍ ସେକ୍ସନ ଏଲ୍‌ସି ଗେଟ୍‌ର ଇଣ୍ଟରଲକିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୬,୪୦,୨୬,୨୨୨.୨୮ (ଛଅ କୋଟି ଚାଳିଶ ଲକ୍ଷ ଛବିଶ ହଜାର ଦୁଇଶହ ବାଇଶ ଟଙ୍କା ଅଠେଇଶ ପଇସା ମାତ୍ର)। **ଅମାନତ ରାଶି:** ₹୪,୭୦,୧୦୦/- (ଚାରି ଲକ୍ଷ ସତୁରି ହଜାର ଶହେ ଟଙ୍କା ମାତ୍ର) । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୫।୨୦୨୨ରିଖ ୧୧.୩୦ ଘଟିକାରେ । **ୱେବ୍‌ସାଇଟ୍ ବିବରଣୀ:** www.ireps.gov.in PR-77

**MCL** ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5099

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/PJ/O/SU/025- RC for supply of 25KVA, 11/0.23KV BIS-II Distribution Transformer.**
2. **TPWODL/AK/O/SER/027- RC for Metering reading, Spot billing and Bill distributions.**

Interested bidders to submit Tender Participation Fee and Authorization Letter through email on or before **7th May 2022, 15:00Hrs**, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDH, UNIT-V, BHUBANESWAR**
No. B-107 E-mail ID: cebuildings_orissa@yahoo.co.in
Tel.: (0674) 2391523, Fax: (0674) 2395245
File No. B-IV-H (H&D) 21/22 Ltr. No. 16612 Dt.26th Apr. 2022
**1st Corrigendum to Bid Identification No. CE (B) - 02/2022-23**
Name of the Work: Engagement of Programme Management Consultant for various Health Infrastructure Projects in Odisha.
1. "Last dt. of submission of hardcopy" may be read as "Last dt. of Online submission".
2. The Critical Dates have been modified as follows.

| Description of Activity | Scheduled Date | Extended Date |
|---|---|---|
| Availability of Bid documents in the website | From Dt.26.04.2022 | From Dt.04.05.2022 |
| Deadline for submission of Pre-Proposal/pre-Bid Queries | Dt.07.05.2022 upto 11.00 A.M. | Dt.13.05.2022 |
| Issue of Pre-proposal clarifications | NIL | Dt.18.05.2022 |
| Last Dt. of Submission of hardcopy | Dt.17.05.2022 upto 5.30 P.M. | NIL |
| Last Dt. of Online Submission | NIL | Dt.26.05.2022 upto 5.30 P.M. |
| Date of Opening of Bid | Dt.18.05.2022 at 11.30 A.M. | Dt.27.05.2022 at 11.30 A.M. |

3. All other terms and conditions remain unchanged.
**Chief Engineer (Buildings), Odisha**
OIPR-34117/11/0010/2223

Director of
**Sch. Castes & Sch. Tribes Research and Training Institute (SCSTRTI)**
CRPF Square, Bhubaneswar- 751003
(Telephone No. 0674-2563649 / Fax No. 0674-2561635, Email Id- scstrti@yahoo.co.in)
**Quotation Call Notice for provide different type of Vehicles**
No.1530/S & S-4/22 Date: 28.04.2022
No.V-15:- Sealed quotations are hereby invited from interested agencies / firms for "providing different type of Vehicles". The bid must be addressed to Advisor-cum-Director & Spl. Secy. to Govt., SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is 10.05.2022 at 01.00 P.M. The interested agency / firms can log onto the Govt. websites (www.odisha.gov.in & www.sestrti.in) for detail.
**Sd./- Advisor-cum-Director & Spl. Secy. to Govt. SCSTRTI, Bhubaneswar**
OIPR-26002/11/0001/2223

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7 CDA, CUTTACK, ODISHA.
O.A. No. 274/2021
**Union Bank of India, Baracks Branch, Berhampur ...Applicant**
Versus
**M/s. Modern Beauty Trend & Others ...Defendant(s)**
To,
**D. No. 2 - Keshab Sahu**, S/o-Late Gobinda Sahu, residing at-Balaji Pentha Street, P.S.-Bada Bazar, Berhampur, Ganjam
**D. No. 3 - Bhagyalata Sahu**, W/o-Keshab Sahu, residing at-Balaji Pentha Street, P.S.-Bada Bazar, Berhampur, Dist-Ganjam, Odisha
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 274/2021** in the court of the Debts of Recovery Tribunal, Cuttack for recovery of **Rs.3895828.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **14/06/2022 at 10.30 a.m.** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 29th day of April 2022.
Sd/- (M.K. Patnaik)
**REGISTRAR**

See Career Appointment on every **Wednesday & Saturday**

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At : Ichhapur, Post : Shree Baladevjew, Email: eerwsskendrapara@gmail.com
Identification No.RWS/ 04 /2022-23
Letter No. 3103 / Dated. 20.04.2022
**1st Corrigendum**
No.O-138:- This corrigendum has been made for the NIT-04 invited online vide this office letter No. 2851 / Dated. 07.04.2022 with date for selling, closing, clarification and opening which was on dt. 22.04.2022 (selling date), 11.05.2022 (closing date), 25.04.2022 (clarification date), 12.05.2022 (opening date) has been amended and to be read as 07.05.2022, 23.05.2022, 09.05.2022 and 24.05.2022 respectively as follows.

| Sl. No. | Name of work | Estimated cost (Approx.) Rs. In Lakhs | EMD to be deposited online | Class of bidder | Cost of tender paper | Period of completion |
|---|---|---|---|---|---|---|
| 1 | Execution of 40 LPCD Retrofitting RPWS Scheme to Chandol under Derabish Block in the District of Kendrapara. (JJM Funds) | 494.48 | Nil | 'A' and 'Special' | 10000 | 360 days |

OIPR-25004/11/0022/2223 Sd./- (Er. B.K. Nayak), Executive Engineer, RWS&S Division, Kendrapara

**OFFICE OF THE EXECUTIVE ENGINEER, GANJAM (R&B) DIVISION NO. I, BERHAMPUR**
E-mail ID: eernb1_bam@yahoo.com, Tel.: 0680-2233683
File No. 3840 GOVERNMENT OF ODISHA Dtd.25.04.2022
**NOTICE INVITING QUOTATION CALL NOTICE**
**BUDGETARY QUOTATION CALL NOTICE No. 01 Dt.25.04.2022**
No. B-105: In pursuance of decision to revise the Schedule of Rates - 2014, sealed budgetary quotations are invited from the Quarry Owners/Crusher Owners/Manufacturers/Suppliers/Dealers and other Stakeholders in their letter head as applicable and authorized for respective items having valid GSTIN of materials **(available in the Office of the Executive Engineer Ganjam (R&B) Division No.1 Berhampur as well as in the website of Works Department)** confirming to relevant IS specifications for inclusion in the revised Scheduled of Rates in Government of Odisha to be used in different Civil Construction/Infrastructure works and repair works. The interested party i.e. the bidder shall quote his price in the following format.
**BASIC RATE OF MATERIALS FOR 2022 (FOR GANJAM UN-DIVIDED DISTRICT)**

| Sl. No. | Name of Items | Unit | Price excluding Royalty and GST in Rs. | |
|---|---|---|---|---|
| | | | 4 | |
| 1 | 2 | 3 | Rate in figures | Rate in words |
| | | | | |
| | | | | |

The name of items of material and the unit for which rate to be quoted will be available in the official website of works Department, Government of Odisha w.e.f. 02.05.2022.
The sealed quotations with all supporting documents complete in all respects will be **received from 10.00 A.M. of Dt.02.05.2022 to 5.00 P.M. of Dt.11.05.2022** in the quotation box available in the office of the Executive Engineer, Ganjam (R&B) Division No. 1, Berhampur and will be **opened on Dt.12.05.2022 at 12.30 P.M.** in presence of the quotationers or their authorized representatives who desire to be present. This quotation is invited to ascertain and assess the rate of materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of the firm mentioning GSTIN No. failing which quotation shall be rejected.
The undersigned reserves the right to accept or reject/cancel any or all quotations without assigning any reason thereof.
**Sd./- Executive Engineer, Ganjam (R&B), Division No. I, Berhampur**
OIPR-34109/11/0003/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
No. O-122 **e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of Bridge under Biju Setu Yojana for the year 2021-22 |
| 2. | No. of work | : | 10 (Ten) Bridge Works |
| 3. | Time for Completion varies from | : | 12 Calendar months to 18 Calendar months |
| 4. | Approxmiate estimated cost varies from | : | Rs.216.40 lakhs to Rs.555.50 lakhs |
| 5. | Mode of Submission of Tender | : | Tender should be submitted online in www.tendersodisha.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online - 04/2022-23 | 02.05.2022 at 11.00 A.M. | 17.05.2022 upto 5.00 P.M. | 13.05.2022 upto 1.00 P.M. | 18.05.2022 at 9.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in.**
- Any Corrigendum/Addendum will be displayed in the above e-tender website only.

OIPR-25118/11/0005/2223 **Sd./- D.K. Seth, Chief Construction Engineer, R.W. Circle, Bolangir**

**BHUBANESWAR DEVELOPMENT AUTHORITY**
Advt. No. 412/EM Date: 28.04.2022
**REQUEST FOR PROPOSAL FOR SELECTION OF AGENCY FOR OPERATION & MAINTENANCE OF PARKS IN BHUBANESWAR**
No. CAD-351: Bhubaneswar Development Authority invites **"Request for Proposal for Selection of Agency/ Contractor for Operation & Maintenance of Parks in Bhubaneswar"**. The RFP Documents will be available from **30.04.2022 to 12.05.2022 in the BDA website http://bda.gov.in** and **https://tendersodisha.gov.in**. The RFP documents can be downloaded from the **BDA website http://bda.gov.in** and **https://tendersodisha.gov.in** (for Total - 05 Packages). The last date of submission of bids is **17.05.2022 by 5.00 P.M. through Registered Post/ Speed Post only & will be opened on 18.05.2022 in presence of bidders/their representatives at 11.30 A.M.** Please refer the RFP document for further details available at **BDA website http://bda.gov.in** and **https://tendersodisha.gov.in**.
**Sd./- Engineer Member BDA, Bhubaneswar**
OIPR-13033/11/0046/2223

## ସଂକ୍ଷେପରେ

### ଏଲଇଡି ଲାଇଟ୍ ଚୋରି, ୱାର୍ଡବାସୀ ଅନ୍ଧାରରେ



**ଖଣ୍ଡପଡା,୨୯।୪(ସ୍ୱ.ପ୍ର.):** ଖଣ୍ଡପଡା ସହରରେ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଫେଲ ମାରିଛି। ସମସ୍ତ ବିଦ୍ୟୁତ ଖୁଣ୍ଟରେ ଏଲଇଡି ଲାଇଟ ଲଗାଯାଇଥିଲେ ହେଁ କେତେକ ଖୁଣ୍ଟରେ ଏଲଇଡି ଲାଇଟ ଆଦୌ ଜଳୁ ନ ଥିବାରୁ ମୁଖ୍ୟ ରାସ୍ତା ପାର୍ଶ୍ୱ ଗଳିକନ୍ଦି ଅନ୍ଧାରରେ ରହୁଛି। ୱାର୍ଡବାସୀ ଏ ନେଇ ଅସନ୍ତୋଷ ବ୍ୟକ୍ତ କରୁଥିଲେ ହେଁ ଏଥିପ୍ରତି ଏନ୍ଏସି କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ପରି ମନେ ହେଉଛି। ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ କୁସୁମୀ ସେତୁଠାରୁ ନିକଟସ୍ଥ ମା' ପାଟଚଣ୍ଡୀ ମନ୍ଦିରକୁ ସଂଯୋଗ କରୁଥିବା ମାଳବନ୍ଧ ରାସ୍ତା ପାର୍ଶ୍ୱରେ ଏଲଇଡି ଲାଇଟ୍ର ବ୍ୟବସ୍ଥା କରାଯାଇଥିଲା। ମାତ୍ର କିଛିଦିନର ବ୍ୟବଧାନ ପରେ ଦୁର୍ବୃତ୍ତମାନେ ବିଦ୍ୟୁତ୍ ଖୁଣ୍ଟରୁ ଲାଇଟଗୁଡିକ ଚୋରି କରି ନେଇଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ଖୁଣ୍ଟରୁ ଲକ୍ଷାଧିକ ଟଙ୍କାର ଏଲଇଡି ଲାଇଟ ଚୋରି ସତ୍ତ୍ୱେ ଏନ୍ଏସି କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଖଣ୍ଡପଡା ସହରାଞ୍ଚଳରେ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ମଞ୍ଜୁର କରିଥିବା ଅନୁଦାନ ଅର୍ଥ ପାଣିରେ ପଡିବା ସାର ହୋଇଛି। ପୌର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂତନ ପରିଷଦ ଗଠିତ ହୋଇଛି। ଖଣ୍ଡପଡ଼ା ସହରାଞ୍ଚଳ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥାରେ ଦେଖା ଦେଇଥିବା ଅବ୍ୟବସ୍ଥାରେ ସୁଧାର ଆଣିବା ସହ, ବିଦ୍ୟୁତ ଖୁଣ୍ଟରୁ ଚୋରି ହୋଇଥିବା ଏଲଇଡି ବଲବ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ଏ ସମ୍ପର୍କରେ ପଚାରିବାରେ ସେଥିପ୍ରତି ସେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ରେଞ୍ଜରଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କଲେ ଡିଏଫ୍ଓ

**ନୂଆଗାଁ,୨୯।୪ (ଡି.ଏନ.ଏ.)**

ଚାରା ଉତ୍ପାଦନ ଏବଂ ବନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳ ସଂପଡାଠାରେ ପ୍ରତିଷ୍ଠା କରାଯାଇଥିବା ମେଗା ନର୍ସରୀ। ଏହାର ପରିସର ମଧ୍ୟରେ ବୁଧବାର ସନ୍ଧ୍ୟାରେ ରାଜନୈତିକ ସଭାକୁ ନେଇ ଉପୁଜିଥିବା ବିବାଦରେ ହସ୍ତକ୍ଷେପ କରିଛନ୍ତି ନୟାଗଡ଼ ଡିଏଫ୍ଓ କ୍ଷମା ଷଡଙ୍ଗୀ। କାହା ଅନୁମତିରେ ନର୍ସରି ପରିସରରେ ସଭା ସହ ଭୋଜିଭାତର ଆୟୋଜନ କରାଯାଇଥିଲା ସେ ନେଇ ମହୀପୁର ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ମେଗା ନର୍ସରୀରେ ବିଭିନ୍ନ ପ୍ରକାରର ଚାରା ଉତ୍ପାଦନ କରି ନୂତନ ଜଙ୍ଗଲ ସୃଷ୍ଟି କରିବା, ବନ ବିଭାଗର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରିବା ଲକ୍ଷ୍ୟ ରଖାଯାଇଛି। ପୂର୍ବତନ ଡିଏଫ୍ଓ ଧନରାଜ ଏଚ.ଡି ଉକ୍ତ ମେଗା ନର୍ସରିକୁ ନିଜ ତତ୍ତ୍ୱାବଧାନରେ ପରିଚାଳନା କରିବା ସହ ନର୍ସରି ଭିତରେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଅନୁମତି ଦେଉ ନ ଥିଲେ। ହେଲେ ବୁଧବାର ସନ୍ଧ୍ୟା ସମୟରୁ ରାତି ଯାଏ ନୂଆଗାଁ ବ୍ଲକର ଶତାଧିକ କର୍ମୀମାନଙ୍କୁ ନେଇ ଏକ ସଭା ସହ ଭୋଜିଭାତର ଆୟୋଜନ କରାଯାଇଥିଲା। ଏପରି କି ସେଠାରେ ଗଦା ଗଦା ପ୍ଲାଷ୍ଟିକ ପାଣି ବୋତଲ, ଜରି ଏବଂ କୁଢ କୁଢ ଅଇଁଠା ଖଳି ପଡିଥିବା ଦେଖିବାକୁ ମିଳିଥିଲା।



ସଭା ଓ ଭୋଜିଭାତ ପରେ ନର୍ସରିରେ ପଡ଼ିଛି ବୋତଲ, ଅଇଁଠା ଖଳି।

### ମେଗା ନର୍ସରିରେ ରାଜନୈତିକ ସଭାକୁ ନେଇ ବିବାଦ ଘଟଣା

ସଭା ପାଇଁ ଅନୁମତି ବିଷୟରେ ମହୀପୁର ଫରେଷ୍ଟର ବବୁଲ ସାହୁଙ୍କୁ ପଚାରିବାରେ କଥାକୁ ଏଡାଇ ଯାଇଥିଲେ। ମହୀପୁର ରେଞ୍ଜର ଦାୟିତ୍ୱରେ ଥିବା ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ମଧ୍ୟ ବୈଠକ ବିଷୟରେ ଜାଣି ନ ଥିବା କହିଥିଲେ। ନୟାଗଡ ଡିଏଫଓ କାହାରିକୁ ଅନୁମତି ଦେଇ ନ ଥିବା ବେଳେ କାହା ଅନୁମତି ନେଇ ନର୍ସରୀ ପରିସରରେ ରାଜନୈତିକ ସଭା ସହ ଭୋଜି ଭାତର ଆୟୋଜନ କରି ଆବର୍ଜନା କରାଯାଇଛି ସେ ନେଇ ମହୀପୁର ରେଞ୍ଜର ଦାୟିତ୍ୱରେ ଥିବା ଅଧିକାରୀ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଡିଏଫ୍ଓ ଷଡଙ୍ଗୀ କହିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ୫ ବର୍ଷ ବଳାତ୍କାର**

**ନୟାଗଡ଼ ଅଫିସ,୨୯।୪**

ବିବାହର ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ଜଣେ ଯୁବତୀଙ୍କୁ ବଳାତ୍କାର ଘଟଣାର ରାୟ ନୟାଗଡ଼ ଜିଲା ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ସାକ୍ଷୀ ଓ ତଦନ୍ତକାରୀ ଅଧିକାରୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ଆଇନଜୀବୀଙ୍କ ଯୁକ୍ତିକୁ ବିଚାରକୁ ନେଇ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ଗୁଆନ୍ଦ ଗାଁର ରଞ୍ଜନ ନାୟକ(୨୬)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଅନ୍ୟପକ୍ଷେ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ପୀଡ଼ିତାଙ୍କୁ ୩ ଲକ୍ଷ କ୍ଷତିପୂରଣ ଦେବାକୁ ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅମିୟ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ଓଡଗାଁ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗୁଆନ୍ଦ ଗାଁର ରଞ୍ଜନ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ବିବାହ ନ କରି ସମୟ ଗଡ଼ାଇ ଚାଲିଥିଲେ। ଏ ନେଇ ଯୁବତୀ ପ୍ରତିବାଦ କରିବାରୁ ରଞ୍ଜନ ଆମ୍ବତୋଟାରେ ବଳାତ୍କାର କରି ମାଡ଼ ମାରି ଚୁପ୍ ରହିବାକୁ ଧମକ ଦେଲେ। ମୁହଁ ଖୋଲିଲେ ଜୀବନରେ ମାରିଦେବାକୁ ଅନୁରୂପ ଧମକ ଦେଲେ। ଏପରି କି ବିବାହକୁ ଭୁଲିଯିବାକୁ ପରାମର୍ଶ ଦେଇଥିଲେ। ଏ ନେଇ ପୀଡ଼ିତା ୨୦୨୦ ଫେବୃୟାରୀ ୮ରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୨/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ରଞ୍ଜନ ଜେଲ୍ରେ ଥିଲେ। ପରେ ଜାମିନ ପାଇଥିଲେ। ମହିଳା କୋର୍ଟରେ ଏହି ମାମଲା ବିଚାରାଧୀନ ଥିଲା। ଘଟଣାର ଗୁରୁତ୍ୱ ଓ ତ୍ୱରିତ ନ୍ୟାୟ ପାଇଁ ମାମଲା ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

# କ୍ଷତିପୂରଣ ଦାବିରେ ସୁନାଖଳା ମିଲ୍ ଆଗରେ ଧାରଣା

**ଟ୍ରକ୍ ହେଲ୍ପରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ**

**ନୟାଗଡ଼ ଅଫିସ/ରଣପୁର, ୨୯।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିସାହି ଚାଉଳ ଗୋଦାମ ନିକଟସ୍ଥ ଏକ ପୋଖରୀରେ ବୁଡି ଜଣେ ଟ୍ରକ୍ ହେଲପରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆଲୋକ ପ୍ରଧାନ(୧୯)। ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବେଲପଦର ଗାଁରେ। ଆଲୋକ ନୟାଗଡ଼ ଜିଲା ରଣପୁର ବ୍ଲକର ସୁନାଖଳା ଶୁଭଲକ୍ଷ୍ମୀ ସେଲର ମିଲରେ ଟ୍ରକ ହେଲପର ଭାବେ କାମ କରନ୍ତି। ସେ ଚାଉଳ ଟ୍ରକ୍ରେ ଗୁରୁବାର ଗୋଡିସାହି ଚାଉଳ ଗୋଦାମକୁ ଯାଇଥିଲେ।

ସେଠାରେ ଥିବା ପୋଖରୀରେ ଗାଧୋଉ ଥିବାବେଳେ ପ୍ରାଣ ହରାଇଥିଲେ। ଏ ନେଇ ଅଭିଯୋଗ ପରେ ଶରଣକୁଳ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷେ ଆଲୋକଙ୍କ ମୃତଦେହ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରାଯାଇଛି। ତେବେ ପରିବାର ଲୋକ ମୃତଦେହକୁ ଗାଁକୁ ନ ନେଇ ସୁନାଖଳା ଶୁଭଲକ୍ଷ୍ମୀ ସେଲର ମିଲ ମୁଖ୍ୟ ଗେଟରେ ରଖି ଧାରଣା ଦେଇଛନ୍ତି। କ୍ଷତିପୂରଣ ନ ମିଳିଲେ ଧାରଣା ହଟିବେ ନାହିଁ ବୋଲି ମୃତକଙ୍କ ମା' ସଚଳା ପ୍ରଧାନ କହିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଛି।



କ୍ଷତିପୂରଣ ଦାବିରେ ପରିବାର ଲୋକେ ମିଲ୍ ଆଗରେ ମୃତଦେହ ରଖି ଧାରଣା ଦେଇଛନ୍ତି।

# କୃଷକ ସମ୍ପର୍କ ମେଳା, କୃଷି ଯନ୍ତ୍ରପାତି ପ୍ରଦର୍ଶିତ

**ଖଣ୍ଡପଡ଼ା,୨୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ସରପୋଖରୀ ଗ୍ରାମଠାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ କୃଷକ ସମ୍ପର୍କ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ଗବେଷଣା ପ୍ରକଳ୍ପ, କୃଷି ବିଭାଗ ଓ ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ମହିତୋଷ ଗିରି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅନୀଲ କୁମାର ସ୍ୱାଇଁ, କୃଷି ଯନ୍ତ୍ରୀ ବିଶ୍ୱଜିତ ପାଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଉନ୍ନତ ମାନର ଯନ୍ତ୍ରପାତି ବ୍ୟବହାର କରିବା ସହ କୃଷି ବିଭାଗର କର୍ମକର୍ତ୍ତାମାନଙ୍କଠାରୁ ଆବଶ୍ୟକ ପରାମର୍ଶ ନେଇ ଚାଷ କାର୍ଯ୍ୟ କଲେ ଚାଷୀମାନେ କିଭଳି ଲାଭବାନ ହୋଇ ପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା।

କୃଷି କ୍ଷେତ୍ରରେ କିଭଳି ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରାଯିବ ସେ ସମ୍ପର୍କରେ କୃଷକମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଚାଷଜମି ମାଟିରେ ଉର୍ବରତା ବଜାୟ ରଖିବା ନିମନ୍ତେ ସଦାସର୍ବଦା ଗୋବର ଖତ ବ୍ୟବହାର କରିବାକୁ ବିଭାଗୀୟ ଅଧିକାରୀମାନେ ସମ୍ପର୍କ ମେଳାରେ ଯୋଗ ଦେଇଥିବା ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିବାରୁ ସମସ୍ତ ଚାଷୀ କ୍ରୟ କରି ଚାଷ ଜମିରେ ବ୍ୟବହାର କରିବାକୁ ପ୍ରଶାସନିକ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏଥିରେ ଶତାଧିକ ଚାଷୀ କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ରହି ସବିଶେଷ ଜ୍ଞାନ ଆହରଣ କରିଥିଲେ।

Reliance
Growth is Life



Reliance Jewels
BE THE MOMENT

ରନ୍ ଅଫ୍ କଚ୍ ଦ୍ୱାରା ଅନୁପ୍ରେରିତ
ଏକ ଅନନ୍ୟ ଅକ୍ଷୟ ତୃତୀୟା କଲେକଶନ୍

ଅକ୍ଷୟ ତୃତୀୟା ଅଫର୍
25% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀ ମେକିଂ ଚାର୍ଜେସ୍ ଉପରେ ଏବଂ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ
ସୀମିତ ଅବଧି ଅଫର୍ | *ସର୍ତ୍ତ ଓ ନିୟମାବଳୀ ଲାଗୁ

KANN KANN MEIN KARIGARI

SETAT22CZ I ROGAN

କଲେକଶନ୍ ଏକ୍ସପ୍ଲୋର୍ କରିବା ପାଇଁ ସ୍କାନ୍ କରନ୍ତୁ ଏବଂ ପ୍ରକୃତରେ ଜ୍ୱେଲରୀ ଟ୍ରାୟ-ଅନ୍ କରନ୍ତୁ
ଏବେ www.reliancejewels.com ରେ ବି ଉପଲବ୍ଧ

5% EXTRA CASHBACK# SBI card
#Min. Trxn.: ₹25,000; Max. Cashback: ₹2,500 per card account.
Validity: 22 Apr - 03 May 2022. T&C Apply.

ଅନଗୁଳ: ଫୋନ୍: 8249389498, 06764-231280 | ବ୍ରହ୍ମପୁର (ଓଡିଶା): ଫୋନ୍: 7008995399/0680-2250017/18 | କଟକ: ଫୋନ୍: 7682848136, 0671-2520011 | ଭୁବନେଶ୍ୱର: ଜନପଥ, ଫୋନ୍: 7894455828, 0674-2570035/64 | ଚନ୍ଦ୍ରଶେଖରପୁର, ଫୋନ୍: 7894455782, 9861207889, 0674-2303541 | ଯାଜପୁର: ଫୋନ୍: 9078084953 | ରାଉରକେଲା: ଫୋନ୍: 8120007888/6372909946/0661-2520775/7 ସମ୍ବଲପୁର ଫୋନ୍: 9692975398 | ଝାରସୁଗୁଡ଼ା: ଫୋନ୍: 06645-291740 | ଭଦ୍ରକରେ: ଫୋନ୍: 9078000357
ଆମକୁ ଅନୁସରଣ କରନ୍ତୁ:

## ସଂକ୍ଷେପରେ

### କୁନି ବିଜ୍ଞାନୀ ଛାତ୍ରୀଙ୍କୁ ଅଧ୍ୟକ୍ଷାଙ୍କ ସମ୍ବର୍ଦ୍ଧନା


ରୂପାଲିନଙ୍କୁ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରୁଛନ୍ତି।

**ନୂଆଗାଁ ୨୯।୪(ଡି.ଏନ.ଏ): ** ନୟାଗଡ ଜିଲାରେ ଅନୁଷ୍ଠିତ ହୋଇଥିବା ଜିଲା ସ୍ତରୀୟ ବିଜ୍ଞାନ ମେଳାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା କୁନି ବିଜ୍ଞାନୀଙ୍କ ଘରକୁ ଯାଇ ଛାତ୍ରୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା। ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ରୂପାଲିନ ନାୟକ ମ୍ୟାଥ ଇନ ବ୍ରିଜ ଉପରେ ଏକ ପ୍ରକଳ୍ପ ପ୍ରଦର୍ଶନ କରି କୃତିତ୍ୱ ହାସଲ କରିବା ପରେ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ନୟାଗଡ଼ ଜିଲା ସ୍ତରରେ ଆୟୋଜିତ ହୋଇଥିବା ବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇଥିବା ୮୦ ଗୋଟି ପ୍ରକଳ୍ପ ମଧ୍ୟରୁ ୫ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ସେଥି ମଧ୍ୟରେ ରୂପାଲିନଙ୍କ ନାମ ରହିଛି। ଏ ଖବର ପାଇ ଅଧ୍ୟକ୍ଷା ବେହେରା ଓ ତାଙ୍କ ସ୍ୱାମୀ ଶଙ୍କର୍ଷଣ ବେହେରା ରୂପାଲିନଙ୍କ ଘରେ ପହଞ୍ଚି ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଅନେକ ଉପାଦେୟ ପୁସ୍ତକ ପ୍ରଦାନ କରିଛନ୍ତି। ତେବେ ରୂପାଲିନ ନିଜର କୃତିତ୍ୱ ପାଇଁ ବାପା ପ୍ରହ୍ଲାଦ ସାହୁ ଓ ସ୍କୁଲର ବିଜ୍ଞାନ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

### ହାଇୱା ପଛରେ ପିଟିଲା ବାଇକ: ଜଣେ ମୃତ

**କୁଜଙ୍ଗ, ୨୯।୪ (ଡି.ଏନ୍.ଏ.): ** କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା ଅନ୍ତର୍ଗତ ୧୫ନମ୍ବର ଗୋଡାଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ପଛରେ ବାଇକ୍ ପିଟି ହୋଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଉଛବାନନ୍ଦପୁର ଡିଆ ଗ୍ରାମର ପିଣ୍ଟୁ ବାରିକ । ଦୁର୍ଘଟଣାରେ ଗୁରୁତର ହୋଇଥିବା ଉକ୍ତ ଗ୍ରାମର ଦିଲୁଆ ନାଥଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଭୟେ ଗୋଟିଏ ବାଇକ୍‌ରେ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଗୋଡାଠାରେ ଆଗରେ ଯାଉଥିବା ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲେ। ଖବରପାଇ ଗୁରୁତର ଅବସ୍ଥାରେ ପିଣ୍ଟୁ ଓ ଦିଲୁଆଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପିଣ୍ଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛି।

# ୩ ବର୍ଷରେ ଗଲାଣି ୨୨୯ ଜୀବନ

ନୟାଗଡ଼ ଅଫିସ,୨୯।୪



**ନୟାଗଡ଼ ଜିଲା**
- ପରୀକ୍ଷଣ ୬,୧୫,୬୦୮ରୁ ୨୮,୩୯୩ ପଜିଟିଭ
- ମୃତକଙ୍କ ତଥ୍ୟ ଦେବାକୁ ପ୍ରଶାସନ କୁଣ୍ଠକୁଣ୍ଠ

ନୟାଗଡ଼ ଜିଲାରେ ଘାତକ ସାଜିଛି କରୋନା। ୩ ବର୍ଷରେ ନେଇଛି ୨୨୯ଜଣଙ୍କର ଜୀବନ। ପୁଣି ୬,୧୫,୬୦୮ ଜଣଙ୍କର ପରୀକ୍ଷଣ ହୋଇଥିବାବେଳେ ଏଥିରୁ ୨୮,୩୯୩ ଜଣଙ୍କର ପଜିଟିଭ୍ ବାହାରିଛି। କରୋନାରେ ୩ ବର୍ଷରେ ୧୩ କୋଟି ୬୦ଲକ୍ଷ ୮୬ହଜାର ୫୨ ଟଙ୍କା ଖର୍ଚ୍ଚ ହୋଇଛି। ତେବେ କରୋନାରେ ମୃତକଙ୍କ ସଂଖ୍ୟା ଦେବାରେ ପ୍ରଶାସନ ସବୁବେଳେ କୁଣ୍ଠ କୁଣ୍ଠ ହୋଇଛି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଯେଉଁ ତଥ୍ୟ ବିଭିନ୍ନ ସମୟରେ ମିଳିଥିଲା ସେଥିରେ ତାଳମେଳ ନ ଥିଲା। ସରକାରଙ୍କ ରିପୋର୍ଟ, ସିଡିଏମ୍‌ଓଙ୍କ ରିପୋର୍ଟ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ରିପୋର୍ଟରୁ ଭିନ୍ନ ଭିନ୍ନ ମୃତ୍ୟୁ ତଥ୍ୟ ଗଣମାଧ୍ୟମରେ ପ୍ରକାଶନ ପରେ ପ୍ରଶାସନ ନାକେଦମ ହେବା ସହ ହଡବଡେଇ ଯାଇଥିଲା। ଏପରି କି କରୋନାରେ ମୃତକଙ୍କ ତଥ୍ୟକୁ ସବୁବେଳେ ଲୁଚାଇ ଆସିଥିଲା। ତେବେ ଶୁକ୍ରବାର ଜିଲା ପରିଷଦ ବୈଠକରେ ମୃତକଙ୍କ ତଥ୍ୟକୁ ସ୍ୱାସ୍ଥ୍ୟ ବିଭାଗ ଉପସ୍ଥାପନ କରିଛି।

ଜିଲା ପରିଷଦ ବୈଠକରୁ ମିଳିଥିବା ସୂଚନା ଅନୁସାରେ, ୨୦୧୯-୨୦ ଆର୍ଥିକ ବର୍ଷରେ ୮ ଲକ୍ଷ ୪୪,୨୪୭ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଆର୍ଥିକ ବର୍ଷରେ କୋଭିଡ୍ ପରୀକ୍ଷଣ ୯ ଜଣଙ୍କର ହୋଇଥିବାବେଳେ ପଜିଟିଭ ଆଦୌ ବାହାରିନି। କେହି ପୁଣି ମୃତାହତ ହୋଇନାହାନ୍ତି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ୨୨, ୭୨୦ ଜଣଙ୍କର କରୋନା ପରୀକ୍ଷଣ ହୋଇଥିଲା। ଏଥିରୁ ୬,୫୦୧ ଜଣଙ୍କର ପଜିଟିଭ ବାହାରିଥିଲା। ଏହିବର୍ଷ ୪୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଆର୍ଥିକ ବର୍ଷରେ ୮ କୋଟି ୨୪ ଲକ୍ଷ ୯୭ ହଜାର ୧୯୯ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହାର ଭୟାବହତା ଅଧିକ ଦେଖିବାକୁ ମିଳିଛି। ଏହି ଆର୍ଥିକ ବର୍ଷରେ ୧୮୨ଜଣଙ୍କ ମୃତ୍ୟୁ କରୋନାରେ ହୋଇଛି। ତେବେ କରୋନା ପରୀକ୍ଷଣ ୫ ଲକ୍ଷ ୯୨ ହଜାର ୮୭୯ଜଣଙ୍କର ହୋଇଥିବାବେଳେ ୨୧, ୮୯୨ଜଣଙ୍କର ପଜିଟିଭ ବାହାରିଥିଲା।

ଏହି ଆର୍ଥିକ ବର୍ଷରେ ୫ କୋଟି ୨୭ ଲକ୍ଷ ୪୪ ହଜାର ୬୦୬ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି। ତେବେ ଜିଲାରେ କରୋନାରେ ୨୨୯ ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟ କହୁଥିବାବେଳେ ବେସରକାରୀ ଭାବେ ଏହାର ସଂଖ୍ୟା ଢେର ଅଧିକ ରହିଛି। କିନ୍ତୁ ବେସରକାରୀ ରିପୋର୍ଟକୁ ପ୍ରଶାସନ ମାନିବାକୁ ପ୍ରସ୍ତୁତ ନୁହେଁ। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, କରୋନାରେ ମୃତକଙ୍କ ସଂଖ୍ୟା ନେଇ ପ୍ରଶାସନ ଠିକ୍ ତଥ୍ୟ ଦେଉନି। ବିଭିନ୍ନ ସମୟରେ ପ୍ରଶାସନ ଏ ନେଇ ହଟହଟା ହୋଇଛି। ଏବେ ଯେଉଁ ତଥ୍ୟ ଜିଲା ପରିଷଦ ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପସ୍ଥାପନ କରାଯାଇଛି ସେଥିରେ କେତେ ସତ୍ୟତା ଅଛି ତାହା କହି ହେବନାହିଁ। ପ୍ରଶାସନ ପକ୍ଷରୁ କରୋନାରେ ମୃତକଙ୍କ ସଂଖ୍ୟା, କେତେ ଖର୍ଚ୍ଚ ହୋଇଛି ତା'ର ହିସାବ ଖବରଦାତା ସମ୍ମିଳନୀ କରି ପ୍ରକାଶ କଲେ ଏଥିରେ ସ୍ୱଚ୍ଛତା ରୁହନ୍ତା। କିନ୍ତୁ ପ୍ରଶାସନ ପକ୍ଷରୁ ସେପରି କିଛି କରାଯାଉ ନ ଥିବାରୁ କରୋନା ତଥ୍ୟ ଉପରେ ସ୍ୱଚ୍ଛତା ରହୁନି ବୋଲି ଅଭିଯୋଗ କରିଛନ୍ତି। ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କୁହନ୍ତି, କରୋନାରେ କେତେ ପ୍ରାଣ ହରାଇଲେ, କେତେ ସହାୟତା ରାଶି ପାଇଲେ ସେନେଇ ପ୍ରଶାସନ ପକ୍ଷରୁ ଗଣମାଧ୍ୟମରେ ପ୍ରକାଶ କଲେ ଜିଲାବାସୀ ଅବଗତ ହୋଇପାରନ୍ତେ। ହେଲେ ପ୍ରଶାସନ ପକ୍ଷରୁ କରୋନା ଖର୍ଚ୍ଚ ନେଇ ତଥ୍ୟ ଲୁଚା ଚାଲିଛି। ଏଣୁ ଜିଲାବାସୀଙ୍କ ସନ୍ଦେହ ବଢ଼ି ଚାଲିଛି। ଗଣିଆର ସୀତା ନାୟକ, ରଣପୁରର ଭଗବାନ ସ୍ୱାଇଁ, ନୟାଗଡ଼ର ସୀତାରାମ ମହାରଣା କୁହନ୍ତି, କରୋନାରେ ମୃତକ ସଂଖ୍ୟା ଓ ଏଥିପାଇଁ ହେଉଥିବା ଖର୍ଚ୍ଚ ଉପରେ ପ୍ରଶାସନ ତଥ୍ୟ ଲୁଚାଇ ଆସିଛି। ପ୍ରଶାସନର କାର୍ଯ୍ୟକଳାପକୁ ଅନୁଧ୍ୟାନ କଲେ କିଛି ନା କିଛି ଏପଟସେପଟ ଏଥିରେ କରାଯାଇଛି, ଯାହାକି ପ୍ରଶାସନ ପ୍ରକୃତ ତଥ୍ୟ ଲୁଚାଇ ଆସୁଛି। ଯଦି ଜିଲା ପରିଷଦ ବୈଠକରେ ତଥ୍ୟ ଦେଇ ପାରିଲା ତେବେ ସାଧାରଣ ଲୋକ ଜାଣିବାରେ ଅସୁବିଧା ନାହିଁ। ପ୍ରଶାସନ ପକ୍ଷରୁ ଏ ଦିଗରେ ସ୍ୱଚ୍ଛତା ପରିପ୍ରକାଶ କରା ନ ଗଲେ ଲୋକଙ୍କ ସନ୍ଦେହ ବଢ଼ି ଚାଲିଥିବ ବୋଲି ସେ କହିଛନ୍ତି।

## ମାଟ୍ରିକ ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ

ନୟାଗଡ଼ ଅଫିସ,୨୯।୪

ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସର ଇଂରାଜି ବିଷୟରେ ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି। ପରୀକ୍ଷାର୍ଥୀମାନଙ୍କର ପ୍ରତିକ୍ରିୟାରୁ ଜଣାପଡ଼ିଛି ସେମାନଙ୍କର ପ୍ରସ୍ତୁତି ଅନୁଯାୟୀ ଭଲ ପ୍ରଶ୍ନ ପଡିଛି। ଭଲ ମାର୍କ ମଧ୍ୟ ଆସିବ। ତେବେ ପ୍ରଶ୍ନସଂଖ୍ୟା ୨, ୩ ଓ ୪ ରେ ରହିବା କଥା ନୁହେଁ। କାରଣ ସିଲାବସ୍ ଅନୁସାରେ ପାଠ୍ୟ ପୁସ୍ତକ 'skills of communicative English' ପୁସ୍ତକର ବିଷୟ 'skills of communicative English' ଆଧାରରୁ ଏହି ୩ଟି ଯାକ ପ୍ରଶ୍ନ ପ୍ରସ୍ତୁତ ହୋଇଛି। ପାଠ୍ୟ ପୁସ୍ତକରେ ଏହି ବିଷୟଟିର ଶେଷରେ box column ରେ ଉଲ୍ଲେଖ ଅଛି ଯେ, "Questions not to be set in the examinations from this topic."ପାଠ୍ୟ ପୁସ୍ତକରେ ନିର୍ଦ୍ଦିଷ୍ଟ ଭାବେ ବାରଣ ଥାଇ ଏପରି ଉଲ୍ଲେଖ ରହିଥିବା ବେଳେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ପ୍ରଶ୍ନକର୍ତ୍ତା ପରିକ୍ଷାରେ ଏପରି ପ୍ରଶ୍ନ ପକାଇଛନ୍ତି। ଏଭଳିସ୍ଥଳେ ପରୀକ୍ଷାର୍ଥୀ ଇଂରାଜି ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ୨, ୩ ଓ ୪ ସମ୍ପର୍କରେ ଚଳିତ ପରୀକ୍ଷାରେ ଉତ୍ତର ଦେବାକୁ ପ୍ରୟାସ କରିଛନ୍ତି। ସେମାନଙ୍କ ଉତ୍ତର ଭୁଲ ବା ଠିକ୍ ହେଉ। ପୂରା ମାର୍କ ଦେବାକୁ ବୋର୍ଡ କର୍ତ୍ତୃପକ୍ଷ ଘୋଷଣା କରନ୍ତୁ ବୋଲି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ଆସ୍ତିକ ମିଶ୍ର ଅନୁରୋଧ କରିଛନ୍ତି। ଏଠାରେ ପ୍ରଶ୍ନ ଉଠିଛି ପାଠ୍ୟପୁସ୍ତକରେ ବାରଣ ଥିବା ସତ୍ତ୍ୱେ ପ୍ରଶ୍ନପତ୍ରରେ ଏଭଳିଆ ପ୍ରଶ୍ନ ରହିବ କିପରି। ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ମୂଲ୍ୟାୟନ ଓ ଅନ୍ୟ ପରୀକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ସମ୍ପର୍କରେ ରାଜ୍ୟ ଗଣଶିକ୍ଷା ବିଭାଗର ଖାମଖିଆଲ ମନୋଭାବ ସମ୍ପର୍କରେ ପ୍ରତିବର୍ଷ ଅଙ୍ଗୁଳି ଉଠୁଛି। ଏଥର ପ୍ରଶ୍ନପତ୍ରରେ ତ୍ରୁଟିର ଅନିୟମିତତା ଜଣାପଡ଼ିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ନୟାଗଡ଼ ଅଫିସ,୨୯।୪

**ବାପା, ୨ ପୁଅ ମିଶି ନେଲେ ପ୍ରତିଶୋଧ**

ନୟାଗଡ଼ ଜିଲା ଇଟାମାଟି ଥାନା ଟିପୁରା ଗାଁରେ ପୂର୍ବ ଶତ୍ରୁତାକୁ ନେଇ ଗୁରୁବାର ରାତିରେ ଜଗବନ୍ଧୁ ଜେନା (୪୬)ଙ୍କୁ ହତ୍ୟା କରାଯାଇଛି। ବାପା, ୨ ପୁଅ ମିଳିତ ଭାବେ ଜଗବନ୍ଧୁଙ୍କୁ ହତ୍ୟାକରି ପ୍ରତିଶୋଧ ନେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ନଂ. ୮୮/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଭିଯୋଗ ଅନୁସାରେ, ଜଗବନ୍ଧୁ ଗାଁ ଦୋକାନରୁ ସଉଦା ଆଣିବାକୁ ଗୁରୁବାର ସନ୍ଧ୍ୟାରେ ଯାଇଥିଲେ। ସେ ଘରକୁ ଫେରୁଥିବାବେଳେ ତାଙ୍କର କେତେଜଣ ସମ୍ପର୍କୀୟ ପୂର୍ବ ବିବାଦକୁ ନେଇ ଜଗବନ୍ଧୁଙ୍କ ସହ ଝଗଡ଼ା କରିଥିଲେ। ପରବର୍ତ୍ତୀ ସମୟରେ ସମ୍ପର୍କୀୟ ସ୍ୱପ୍ନେଶ୍ୱର ଜେନା, ତାଙ୍କ ଦୁଇ ପୁଅ କେଦାର ଓ ମୁକେଶ ମିଳିତ ହୋଇ ମାରପିଟ୍ କରିଥିଲେ। ପରେ ଡ୍ରେନ୍ ଭିତରକୁ ଜଗବନ୍ଧୁଙ୍କୁ ଠେଲିଦେଇ ଫେରାର ହୋଇଯାଇଥିଲେ। ଖବର ପାଇ ଗାଁ ଲୋକ ଜଗବନ୍ଧୁଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା କର୍ମଚାରୀମାନେ।

ଖଣ୍ଡପଡ଼ା,୨୯।୪ (ସ୍ୱ.ପ୍ର.)

ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ପରିସରରେ ଗତ ୧୦ ଦିନ ଧରି ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ କାର୍ଯ୍ୟରତ ୯୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଶିବିରରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ଭାବେ ଯୋଗେନ୍ଦ୍ର ନାୟକ, ବିବେକ ବିଷ୍ଣୁ ମହାନ୍ତି, ବରିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ହୋତା, ପ୍ରତାପ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆଧୁନିକ ଜ୍ଞାନକୌଶଳ, ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ନୂତନ ଯନ୍ତ୍ରପାତିର ବ୍ୟବହାର ସହ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ଗିରଫ

ବାଲିଆ,୨୯।୪

ବିରିଡି ଥାନା ଅନ୍ତର୍ଗତ କୁଳକଇଜଙ୍ଗା ଗ୍ରାମରେ ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ଜେଲ ଯାଇଛନ୍ତି। ଅଭିଯୁକ୍ତ ହେଲେ ଏହି ଅଞ୍ଚଳର ଅରୁଣ ସ୍ୱାଇଁ। ଉକ୍ତ ଗ୍ରାମର ପ୍ରତିମା ମହାନ୍ତି(୬୦) ଶୁକ୍ରବାର ବିବାହ କରିଥିବା ଝିଅ ଘରକୁ ଯାଇ ଗ୍ରୁପ ଲୋନ ସମ୍ପର୍କରେ କଥା ହେଉଥିଲେ। ଏହି ସମୟରେ ମୋ ସ୍ତ୍ରୀ ସହ କାହିଁକି କଥା ହେଉଛୁ ବୋଲି କହି ଅଭିଯୁକ୍ତ ସ୍ୱାଇଁ ଶାଶୁଙ୍କୁ ଗାଳିଗୁଲଜ କରିବା ସହ ଏକ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରତିମାଙ୍କ ବାମପଟ କାନ୍ଧ କଟିଯାଇଥିଲା। ଏନେଇ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୬୮/୨୨) ରୁଜୁ କରି ସ୍ୱାଇଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ମାଟ୍ରିକ ପରୀକ୍ଷାର୍ଥୀଙ୍କ ଶୁଭ ମନାସିଲେ ବ୍ଲକ ଅଧ୍ୟକ୍ଷା

ନୂଆଗାଁ ୨୯।୪ (ଡି.ଏନ.ଏ)

ନୟାଗଡ ଜିଲା ନୂଆଗାଁ ବ୍ଲକରେ ମାଟ୍ରିକ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରି ଶୁଭ ମନାସିଛନ୍ତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା। ଅଧ୍ୟକ୍ଷା ବେହେରା ନୂଆଗାଁ ହାଇସ୍କୁଲରେ ପରୀକ୍ଷା ଦେବାକୁ ଆସିଥିବା ୨୪୦ ଛାତ୍ରୀଛାତ୍ରଙ୍କୁ ପେନ, ମାସ୍କ ଦେବା ସହ ମନ ଦେଇ ସମସ୍ତ ପ୍ରଶ୍ନକୁ ଭଲ ଭାବେ ପଢି ଠିକ୍ ଉତ୍ତର ଲେଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ପ୍ରବଳ ଖରା ଯୋଗୁ ଯେପରି ପରୀକ୍ଷାର୍ଥୀଙ୍କର କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ସହ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିବାକୁ ସ୍କୁଲ କର୍ତ୍ତୁପକ୍ଷଙ୍କୁ ପରାମର୍ଶ ଦେଇଥିଲେ।


ପରୀକ୍ଷାର୍ଥୀଙ୍କୁ ଅଧ୍ୟକ୍ଷା ପେନ ଓ ମାସ୍କ ଦେଉଛନ୍ତି।

## ୩ କେନ୍ଦ୍ରରେ ପରୀକ୍ଷା ଦେଲେ ୪୯୮ ଛାତ୍ରୀଛାତ୍ର

ଗଣିଆ ୨୯।୪ (ଡି.ଏନ.ଏ.)

ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଯାଇଛି। ଗଣିଆ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୪୯୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଦେବାକୁ ୫୨୩ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ କୌଣସି କାରଣ ବଶତଃ ୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିବା ଜଣାପଡିଛି। ଗଣିଆସ୍ଥିତ କିଶୋର ଚନ୍ଦ୍ର ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୯୮ଜଣ ପରୀକ୍ଷା ଦେଇଥିବା ବେଳେ ୧୩ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ସେହିପରି ରାସଙ୍ଗସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟପୀଠ ପରୀକ୍ଷା କେନ୍ଦ୍ରରେ ୧୬୪ଜଣ ପରୀକ୍ଷା ଦେଇଥିବା ବେଳେ ୯ଜଣ ଅନୁପସ୍ଥିତ ଥିଲାବେଳେ ଆଡକଟାସ୍ଥିତ ପଦ୍ମନାଭ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୩୬ଜଣ ପରୀକ୍ଷା ଦେଇଥିବା ବେଳେ ୩ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଆରମ୍ଭର ପ୍ରଥମ ଦିବସରେ ଇଂରାଜି ପରୀକ୍ଷା ଶାନ୍ତିଶୃଙ୍ଖଳାର ଶେଷ ହୋଇଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ମାଟ୍ରିକ ପରୀକ୍ଷା ଆରମ୍ଭ, ୯୮ ଛାତ୍ରୀଛାତ୍ର ଅନୁପସ୍ଥିତ

ଖଣ୍ଡପଡା,୨୯।୪(ସ୍ୱ.ପ୍ର)

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ୧୧ ଟି ପରୀକ୍ଷା କେନ୍ଦ୍ର ରହିଛି। ନୋଡାଲ ପରୀକ୍ଷା କେନ୍ଦ୍ର ସମେତ ୧୧ଟି କେନ୍ଦ୍ରରେ ସର୍ବମୋଟ ୧୭୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ଇଂରାଜି ବିଷୟରେ ୯୮ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ନୋଡାଲ କେନ୍ଦ୍ରର ମୁଖ୍ୟ ତଥା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କଠାରୁ ପ୍ରକାଶ। ବନମାଳୀପୁର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୨୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ ପରୀକ୍ଷା କେନ୍ଦ୍ରରେ ୧୨ଜଣ, ଶିଖରପୁର ଉଚ୍ଚ ବିଦ୍ୟାଳୟରେ ୧୩ ଜଣ, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ନଟବରପୁର ଶାସନ କେନ୍ଦ୍ରରେ ୧୨ ଜଣ, ବଳଦିଆ ନୂଆଗାଁ ହାଇସ୍କୁଲରେ ୯ଜଣ, ଆଞ୍ଚଳିକ ହାଇସ୍କୁଲ କୋସକାରେ ୮ଜଣ, ଲିଙ୍ଗରାଜ ହାଇସ୍କୁଲରେ ୭ଜଣ, ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋ ଓ ବାଇଗୁଣିଆ ହାଇସ୍କୁଲରେ ୪ଜଣ ଲେଖାଏ ଏବଂ କୁଞ୍ଜ ବିହାରୀ ବାଳିକା ହାଇସ୍କୁଲ କଣ୍ଟିଲୋ ଓ ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ସିଧାମୂଳା ହାଇସ୍କୁଲରେ ୨ଜଣ ଲେଖାଏ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ସୂଚନା ମିଳିଛି। ସମସ୍ତ ୧୧ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିବସରେ ୧୬୬୨ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।


ମାଟ୍ରିକ ପରୀକ୍ଷା ଦେଇ ଛାତ୍ରୀଛାତ୍ରମାନେ କେନ୍ଦ୍ରରୁ ବାହାରୁଛନ୍ତି।

# ଜିଲାସ୍ତରୀୟ ଅଧିକାରୀଙ୍କୁ ହଁ, ସହଯୋଗୀଙ୍କୁ ନା

ନୟାଗଡ ଅଫିସ,୨୯।୪


ଜିଲା ପରିଷଦ ବୈଠକ ପରେ ଏକତ୍ରିତ ହୋଇଥିବା ସଦସ୍ୟ ଓ ଅନ୍ୟମାନେ।

**ନୟାଗଡ଼ ଜିଲା ପରିଷଦର ପ୍ରଥମ ବୈଠକ**
- ଶିକ୍ଷା ବିଭାଗ ତଥ୍ୟ ଦେଇ ନ ପାରିବାରୁ ଅସନ୍ତୋଷ
- ଡାକ୍ତର ପଦବୀ ଖାଲିକୁ ନେଇ ଉଦ୍‌ବେଗ
- ସୋଲାରରେ ଚାଳିତ ପାନୀୟଜଳ ପ୍ରକଳ୍ପ ଫେଲ୍

ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭା ଗୃହ ସୃଜନଠାରେ ଶୁକ୍ରବାର ଜିଲା ପରିଷଦର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷି ଓ କୃଷକ ସଶକ୍ତି କରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ପୋମା ଟୁଡୁ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଜିଲାପରିଷଦ ସଭ୍ୟ, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ଜିଲା ସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ୨୦୨୦ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ପଞ୍ଚାୟତ ପ୍ରତିନିଧିମାନଙ୍କର ଏହା ପ୍ରଥମ ବୈଠକ ହୋଇଥିବାରୁ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନ ପକ୍ଷରୁ ଜିଲାପରିଷଦ ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଅନ୍ୟପକ୍ଷେ ଜିଲା ପରିଷଦର ବୈଠକକୁ କେବଳ ଜିଲାସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗର ସମସ୍ତ ତଥ୍ୟ ନେଇ ଆସିବେ। ଆଉ ବୈଠକକୁ ସହଯୋଗୀ ଆସିବେ ନାହିଁ। ସେହିପରି ଶୁକ୍ରବାରର ବୈଠକକୁ ଶିକ୍ଷା ବିଭାଗ ପକ୍ଷରୁ କାମଚଳା ତଥ୍ୟ ପ୍ରଦାନ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ମିଶ୍ରଣ ଲିଷ୍ଟ ପରି ଅନେକ ତଥ୍ୟ ଶିକ୍ଷା ବିଭାଗ ଗୃହରେ ଉପସ୍ଥାପନ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପରବର୍ତ୍ତୀ ବୈଠକରେ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ସ୍ୱାସ୍ଥ୍ୟସେବା ଠିକରେ ମିଳୁ ନ ଥିବା ଗୃହରେ ଉଠିଥିଲା। ସେହିପରି ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଫେଲ ହୋଇଥିବାରୁ ପାନୀୟଜଳ ସମସ୍ୟା ଉତ୍କଟ ହେଉଥିବା ଅଭିଯୋଗ ଉଠିଛି। ସୋଲାର ସ୍ଥାନରେ ମେଗା ୱାଟର ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେବାକୁ ସଭ୍ୟମାନେ ପ୍ରସ୍ତାବ ରଖିଥିଲେ। ଅନ୍ୟପକ୍ଷେ ଜିଲା ପରିଷଦ ଅଧ୍ୟକ୍ଷଙ୍କ ଦ୍ୱାରା ମୁଦ୍ରିତ ନୟାଗଡ଼ ଜିଲାର ନିର୍ବାଚିତ ଜନ ପ୍ରତିନିଧି ଏବଂ ଅଧିକାରୀମାନଙ୍କର ଏକ ଟେଲିଫୋନ ଡାଇରୀ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମନ୍ତ୍ରୀ ସାହୁ କହିଥିଲେ, ଗୃହରେ ଜିଲା ପରିଷଦ ସଦସ୍ୟମାନଙ୍କର କ୍ଷମତା ଯଥେଷ୍ଟ ଅଧିକ। ଲୋକମାନଙ୍କର ସେବା କରିବାକୁ ହେଲେ ବିଭିନ୍ନ କ୍ଷେତ୍ରକୁ ଯାଇ ପ୍ରକୃତ ଅସୁବିଧାକୁ ବୁଝି ଗୃହରେ ଉପସ୍ଥାପନ କରି ଅସୁବିଧା ଦୂର କରିପାରିବେ। ଗୃହକୁ କେବଳ ଜିଲାସ୍ତରୀୟ ଅଧିକାରୀମାନେ ଆସନ୍ତୁ। ନିଜ ନିଜ ବିଭାଗର ସମସ୍ତ ତଥ୍ୟ ଧରି ଉପସ୍ଥିତ ହୁଅନ୍ତୁ। ପରବର୍ତ୍ତୀ ବୈଠକରେ କୌଣସି ସହକାରୀ ଅଧିକାରୀ, କର୍ମଚାରୀ ନ ଆସିବାକୁ କହିଥିଲେ। ନବନିର୍ବାଚିତ ଜିଲା ପରିଷଦର ସଭ୍ୟମାନଙ୍କୁ ଗୃହରେ ପ୍ରଶ୍ନୋତ୍ତର ନିମନ୍ତେ ସ୍ୱତନ୍ତ୍ର ତାଲିମ ଦେବା ନିମନ୍ତେ ଏକ ତାଲିମ ଶିବିର କରିବାକୁ ରଣପୁର ବିଧାୟକ ପ୍ରସ୍ତାବ ରଖିଥିଲେ। ଅନ୍ୟପକ୍ଷେ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ୧୦୦ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦିଆଯାଇଛି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ଠିକ୍‌ରେ ମିଳୁ ନ ଥିବାରୁ ରୋଗୀ ଓ ସେମାନଙ୍କର ସମ୍ପର୍କୀୟ ହଇରାଣ ହେଉଛନ୍ତି। ପୁଣି ଜିଲାରେ ଡାକ୍ତର ପଦବୀ ଖାଲି ପଡିଥିଲେ ମଧ୍ୟ ଏହାକୁ ପୂରଣ କରାଯାଉନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକମରେ ଜିଲାପରିଷଦ ସଭ୍ୟଙ୍କୁ ଅବଗତ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆଲୋଚନାରେ ସଭ୍ୟ ରାମେଶ୍ୱର ଶତପଥୀ, ଚିନ୍ମୟୀ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାପତି ୭ଟି ବିଭିନ୍ନ ସ୍ଥାୟୀ କମିଟି ଗଠନ ସମ୍ବନ୍ଧରେ ଗୃହର ସହଯୋଗ କାମନା କରିଥିଲେ। କିନ୍ତୁ ଗୃହ କମିଟି ଗଠନର ସମସ୍ତ ଦାୟିତ୍ୱ ସଭାପତିଙ୍କ ଉପରେ ନ୍ୟସ୍ତ କରିଥିଲା।

